# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୧୦/୨୦୨୬ (୧୬ ପୃଷ୍ଠା) Bhubaneswar, Tuesday, March 10/2026 Page 16 ₹ 7.00

୫୨ଶ ଭାଗ ୧୦୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 104 ମୂଲ୍ୟ ₹୭/-



**ଆଜିର ସମ୍ପାଦକୀୟ** ନେପାଳରେ ଯୁବ ନେତୃତ୍ୱ




ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ମାଲୁଦ ପଞ୍ଚଦୋଳ ଅବସରରେ ସୋମବାର ଠାକୁରଙ୍କ ବିମାନକୁ ଚିଲିକା ଦେଇ ମେଳଣ ପଡ଼ିଆ ଅଭିମୁଖେ ଅଣାଯାଉଛି। **(ଫଟୋ: କୈଳାସ ଚନ୍ଦ୍ର ପଟ୍ଟନାୟକ)**

# ରାଜ୍ୟରେ ଶିଶୁ ମୃତ୍ୟୁହାର ଅଧିକ

## ଆଦିବାସୀବହୁଳ ୬ ଜିଲା ପ୍ରଭାବିତ

ଭୁବନେଶ୍ୱର,୯।୩(ରବିନାରାୟଣ ଜେନା)

ଜାତୀୟସ୍ତରରେ ଶିଶୁ ମୃତ୍ୟୁହାର (ଆଇଏମ୍ଆର୍) ଉଲ୍ଲେଖନୀୟ ଭାବେ ହ୍ରାସ ପାଉଛି। ୨୦୨୩ ରିପୋର୍ଟ ଅନୁଯାୟୀ, ପ୍ରତି ୧୦୦୦ ଶିଶୁଙ୍କ କ୍ଷେତ୍ରରେ ୨୫ଜଣଙ୍କ ମୃତ୍ୟୁ ହେଉଛି। ୨୦୨୨ରେ ଏହି ହାର ୨୬ ରହିଥିବାବେଳେ ୨୦୧୫ରେ ୩୭ ଥିଲା। ତେବେ ଏହି ପରିପ୍ରେକ୍ଷୀରେ ରାଜ୍ୟର ଆଦିବାସୀ ବହୁଳ ୬ଟି ଜିଲାରେ ଶିଶୁ ମୃତ୍ୟୁହାର ଜାତୀୟ ହାରଠାରୁ ଅଧିକ ରହିଛି ବୋଲି ବିଧାନସଭା ତଥ୍ୟରୁ ଜଣାଯାଇଛି।

କଂଗ୍ରେସ ସଦସ୍ୟ ରାମଚନ୍ଦ୍ର କାଡାମଙ୍କ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଗୃହକୁ ଦେଇଥିବା ତଥ୍ୟ ଅନୁଯାୟୀ, ୨୦୨୪-୨୫ରେ କଳାହାଣ୍ଡିରେ ଆଇଏମ୍ଆର୍ ହାର ୩୪ ରହିଥିବାବେଳେ କନ୍ଧମାଳରେ ୩୧, କୋରାପୁଟରେ ୨୯, ମାଲକାନଗିରିରେ ୩୬, ନବରଙ୍ଗପୁରରେ ୩୪ ଓ ରାୟଗଡ଼ାରେ ୩୬ ରହିଛି। ମାତ୍ର ଗଜପତିରେ ଜାତୀୟ ହାର ସହିତ ସମାନ ଅର୍ଥାତ୍ ୨୫ ରହିଥିବାବେଳେ ବାଲେଶ୍ୱରରେ ୧୧, କେନ୍ଦୁଝରରେ ୧୮, ମୟୂରଭଞ୍ଜରେ ୨୩, ସମ୍ବଲପୁରରେ ୧୧ ଏବଂ ସୁନ୍ଦରଗଡ଼ରେ ୧୪ ରହିଛି।

ଅନ୍ୟପକ୍ଷରେ କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତିଙ୍କ ତାରକା ପ୍ରଶ୍ନ ସଂଖ୍ୟା-୧୦୯ର ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ, ଏସ୍ଆର୍ଏସ୍ ସର୍ଭେ ଅନୁଯାୟୀ, ଜାତୀୟ ଶିଶୁ ମୃତ୍ୟୁ ହାର ୨୫ଥିବା ହେବଳେ ଓଡ଼ିଶାର ଶିଶୁ ମୃତ୍ୟୁହାର ୩୦ ରହିଛି। ବିଗତ ୧୦ ବର୍ଷରେ ଜାତୀୟସ୍ତରରେ ଏହା ୧୫ ୟୁନିଟ୍ ହ୍ରାସ


☞ **ପୃଷ୍ଠା-୪**



SIKSHA 'O' ANUSANDHAN

**SAAT-2026**

Empowering students for a brighter future

B.TECH PROGRAMMES IN CORE COMPUTING
- Computer Science and Engineering
- Computer Science and Information Technology

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in



7001/39/2526



**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ



**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ରବି ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜୀକରଣ**

**ଧାନ ସଂଗ୍ରହ ବର୍ଷ ୨୦୨୫-୨୦୨୬**

**ଚଳିତ ରବି ଋତୁ (୨୦୨୫-୨୬) ପାଇଁ ରାଜ୍ୟ ସରକାର ପୂର୍ବ ବର୍ଷ ପରି ଚାଷୀମାନଙ୍କଠାରୁ ଧାନ କ୍ରୟ କରିବେ। ଏଥିପାଇଁ ଚାଷୀମାନେ ସେମାନଙ୍କ ଅଧିକୃତ ପ୍ରାଥମିକ କୃଷି ସମବାୟ ସମିତି (PACS /LAMPCS) ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କିମ୍ବା ପାଣି ପଞ୍ଚାୟତରେ ଆଗୁଆ ପଞ୍ଜୀକରଣ କରନ୍ତୁ।**

- **ନୂତନ/ନବୀକରଣ ଫର୍ମ ଉପଲବ୍ଧ ତାରିଖ: ୧୦-୨୦ ମାର୍ଚ୍ଚ ୨୦୨୬**
- **ଆବେଦନ ଦାଖଲ: ୧୦-୨୫ ମାର୍ଚ୍ଚ ୨୦୨୬**
- **ଧାନ ସଂଗ୍ରହ: ମେ ୧- ୩୦ ଜୁନ ୨୦୨୬**

**ପୂର୍ବରୁ ପଞ୍ଜୀକୃତ ଚାଷୀଙ୍କ ନବୀକରଣ:**

- ଗତ ରବି ଋତୁରେ ପଞ୍ଜୀକୃତ ଚାଷୀମାନେ ନବୀକରଣ କରି ଚଳିତ ରବି ଋତୁ ପାଇଁ **ପୁନଃ ପଞ୍ଜୀକୃତ** ହେବେ।
- ନବୀକରଣ ପାଇଁ ଚାଷୀମାନଙ୍କୁ ସେମାନଙ୍କ ସମିତି ତରଫରୁ ନବୀକରଣ ଫର୍ମ ଉପଲବ୍ଧ କରାଯିବ।
- ଗତ ରବିଋତୁରେ ଚାଷୀମାନେ ଚାଷ କରିଥିବା କେବଳ ଜଳସେଚିତ ଜମିର ତଥ୍ୟ ଉକ୍ତ ଫର୍ମର ଦ୍ୱିତୀୟ ଭାଗରେ ଖାତା ଓ ପ୍ଲଟ୍‌ୱାରୀ ପ୍ରଦାନ କରନ୍ତୁ ।
- ଯଦି ରବି ଋତୁ ପାଇଁ ଉପରୋକ୍ତ ଜମି ବାବଦ ତଥ୍ୟାବଳୀରେ ଚାଷୀ କୌଣସି ପରିବର୍ତ୍ତନ କରିବାକୁ ଚାହୁଁନଥାନ୍ତି, ତେବେ ସମ୍ପୃକ୍ତ ଚାଷୀ ଉକ୍ତ ଫର୍ମର ତୃତୀୟ ଭାଗରେ ଏହି ବାବଦରେ ଏକ ଘୋଷଣାନାମା ମାଧ୍ୟମରେ ସମିତିକୁ ଜଣାଇବେ।
- ଯଦି ଚାଷୀ ଜମି ବାବଦରେ ପରିବର୍ତ୍ତିତ ତଥ୍ୟ ଦେବାକୁ ଚାହୁଁଥାନ୍ତି, ତାହା ଉକ୍ତ ନବୀକରଣ ଫର୍ମର **ଚତୁର୍ଥ ଭାଗରେ** ପ୍ରଦାନ କରିପାରିବେ।

**ନୂତନ ଚାଷୀଙ୍କ ପଞ୍ଜୀକରଣ:**

- ଯେଉଁ ଚାଷୀମାନେ ଗତ ରବି ଋତୁରେ ପଞ୍ଜୀକରଣ କରିନଥିବେ, ସେମାନେ ସେମାନଙ୍କର ସମିତିରୁ ଗୋଟିଏ ନୂତନ ପଞ୍ଜୀକରଣ ଫର୍ମ ନେଇ ଆବେଦନ କରନ୍ତୁ। ଏହା ବିଭାଗର **ୱେବସାଇଟ୍ www.foododisha.in** ରେ ମଧ୍ୟ ଉପଲବ୍ଧ।
- ନୂଆ ଫର୍ମରେ ସମସ୍ତ ବ୍ୟକ୍ତିଗତ ତଥ୍ୟ ସହ ଜଳସେଚିତ ଜମି ସଂକ୍ରାନ୍ତୀୟ ଖାତା ଓ ପ୍ଲଟର ବିଶଦ ବିବରଣୀ ପ୍ରଦାନ କରିବେ।

**ଚାଷୀମାନଙ୍କ ପାଇଁ ସୂଚନା**

- ସମସ୍ତ ଚାଷୀଙ୍କୁ ପଞ୍ଜୀକରଣ/ ନବୀକରଣ ପାଇଁ ନିଜ ନିଜ ସମିତିରେ ସମ୍ପର୍କ କରିବାକୁ ଅନୁରୋଧ।
- ନୂତନ ପଞ୍ଜୀକରଣ ଫର୍ମ ସହିତ **ଆଧାର କାର୍ଡ଼ର ନକଲ, ବ୍ୟାଙ୍କ ପାସ ବୁକର ପ୍ରଥମ ପୃଷ୍ଠାର ନକଲ**, ଦାଖଲ ହୋଇଥିବା ନୂତନ ଜମି ବିବରଣୀର **RoR ନକଲ** ଏବଂ ଯଦି ଭାଗଚାଷୀ ହୋଇଥାନ୍ତି, ତେବେ ସମ୍ପୃକ୍ତ ଜମି ମାଲିକଙ୍କ **ସହମତି ପତ୍ର/ ଆଧାର /ମୋବାଇଲ ନମ୍ବର** ପ୍ରଦାନ କରିବେ। **ଜମି ମାଲିକଙ୍କ ସହମତି ପତ୍ର** ହସ୍ତଗତ ନହେଲେ ଭାଗ ଚାଷୀ ପଞ୍ଜୀକରଣ ସଫଳ ହେବ ନାହିଁ।
- ନିର୍ଦ୍ଧାରିତ ସମୟକୁ ଅପେକ୍ଷା ନ କରି ଯଥେଷ୍ଟ ପୂର୍ବରୁ ଚାଷୀମାନେ ପୂରଣ କରାଯାଇଥିବା ଫର୍ମ ସମିତିରେ ଦାଖଲ କରିବାକୁ ଅନୁରୋଧ।
- ରବି ଚାଷ କରାଯାଇଥିବା ପ୍ଲଟୱାରୀ ଜମି ବିବରଣୀ ବାବଦରେ ସଠିକ ତଥ୍ୟ ପ୍ରଦାନ କରିବେ, ଅନ୍ୟଥା ଏହା ଗ୍ରହଣୀୟ ହେବ ନାହିଁ।

ଫର୍ମ ପାଇଁ ସ୍କାନ କରନ୍ତୁ

ଅଧିକ ବିବରଣୀ ପାଇଁ, ଦେୟମୁକ୍ତ **ହେଲ୍ପଲାଇନ ନମ୍ବର ୧୯୬୭** ରେ ଯୋଗାଯୋଗ କରନ୍ତୁ।

OIPR-7001/7002/2/25-26/0008

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଓଡ଼ିଶା ସରକାର** Foododisha | Food Odisha | Foododishagov | www.Foododisha.gov.in

**ପାକିସ୍ତାନରେ ତୈଳ ସଙ୍କଟ: ସ୍କୁଲ ବନ୍ଦ** ଇସ୍‌ଲାମାବାଦ,୯।୩: ମଧ୍ୟପ୍ରାଚ୍ୟ ଉତ୍ତେଜନାରୁ ପାକିସ୍ତାନରେ ତୈଳ ସଙ୍କଟ ଉତ୍କଟ ରୂପ ନେବା ଆଶଙ୍କା କରାଯାଉଛି। ତେଲ ବ୍ୟବହାର କମାଇବା ପାଇଁ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ କେତେଗୁଡ଼ିଏ ପଦକ୍ଷେପ ନେଇଛନ୍ତି। ଦେଶର ସ୍କୁଲଗୁଡ଼ିକ ସାମୟିକ ଭାବେ ୨ ସପ୍ତାହ ବନ୍ଦ ରଖାଯିବା ସହ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକରେ ଅନ୍‌ଲାଇନ ଶିକ୍ଷାଦାନ ନିର୍ଦ୍ଦେଶ ଦିଆଯାଇଛି। ସରକାରୀ ଇନ୍ଧନ ଭତ୍ତା ହ୍ରାସ କରାଯାଇଛି। ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ୪ ଦିନିଆ କାର୍ଯ୍ୟ ସପ୍ତାହ ପ୍ରଚଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ସଂକ୍ଷେପରେ

### ମଧ୍ୟପ୍ରାଚ୍ୟ ଉତ୍ତେଜନା ଦିଲ୍ଲୀ-ମାଞ୍ଚେଷ୍ଟର ଇଣ୍ଡିଗୋ ବିମାନ ଅଧାବାଟରୁ ଫେରିଲା

ନୂଆଦିଲ୍ଲୀ,୯।୩

ଇରାନ ଯୁଦ୍ଧକୁ ନେଇ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଜାରି ରହିଥିଲାବେଳେ ଦିଲ୍ଲୀରୁ ମାଞ୍ଚେଷ୍ଟର ଅଭିମୁଖେ ଯାଉଥିବା ଇଣ୍ଡିଗୋ ଏୟାରଲାଇନ୍ସର ଏକ ବିମାନ ଅଧାବାଟରୁ ଫେରିଆସିଛି। ଉତ୍ତେଜନାକୁ ନେଇ ଶେଷ ମୁହୂର୍ତ୍ତରେ ହଠାତ୍ ବାୟୁସୀମା କଟକଣା ଜାରି ଯୋଗୁ ବିମାନଟି ଦିଲ୍ଲୀ ଫେରିଆସିଥିବା ରବିବାର ଏୟାରଲାଇନ୍ସ ପକ୍ଷରୁ କୁହାଯାଇଛି। ଫ୍ଲାଇଟ୍ ୬ଇ୦୩୩ ଦିଲ୍ଲୀ ଛାଡ଼ିବାର କିଛି ସମୟ ପରେ ଆଗକୁ ଉଡ଼ାଣ ଜାରି ରଖିବାରେ ବିଫଳ ହୋଇ ଫେରିବାକୁ ବାଧ୍ୟ ହୋଇଥିଲା। ମଧ୍ୟପ୍ରାଚ୍ୟରେ ପରିବର୍ତ୍ତିତ ସ୍ଥିତି ଯୋଗୁ କେତେକ ବିମାନକୁ ଭିନ୍ନ ରୁଟ୍‌ରେ କିମ୍ବା ଦୀର୍ଘ ଦୂରତା ଅତିକ୍ରମ କରିବାକୁ ପଡ଼ିପାରେ ବୋଲି ଇଣ୍ଡିଗୋ କହିଛି।

## ଦିଲ୍ଲୀରେ ଆଜି



ନୂଆଦିଲ୍ଲୀସ୍ଥିତ ଏଆଇସିସି ମୁଖ୍ୟାଳୟରେ ସୋମବାର କଂଗ୍ରେସର ଆସାମ ସଭାପତି ଗୌରବ ଗୋଗୋଇ, କର୍ଣାଟକ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର ଏବଂ ଆସାମ କଂଗ୍ରେସ ପ୍ରଭାରୀ ଭଁଓର ଜିତେନ୍ଦ୍ର ସିଂଙ୍କ ଉପସ୍ଥିତିରେ ଆସାମ ଗଣ ପରିଷଦ (ଏଜିପି)ର ଅର୍ଥ ସମ୍ପାଦକ ଜୟନ୍ତ ଖଉଣ୍ଡ ଓ ଅନ୍ୟମାନେ କଂଗ୍ରେସରେ ଯୋଗ ଦେଉଛନ୍ତି। (ଫଟୋ- ଚମନ ଗୌତମ)

# ନିୟନ୍ତ୍ରଣ ବାହାରକୁ ଚାଲିଯିବ ଅର୍ଥନୀତି

### ଜାତିସଂଘ ମହାସଚିବଙ୍କ ସତର୍କତା

ନ୍ୟୁୟର୍କ,୯।୩

ଇରାନ-ଆମେରିକା ଯୁଦ୍ଧକୁ ନେଇ ସୃଷ୍ଟି ହୋଇଥିବା ସ୍ଥିତି ଆଗକୁ ବୈଶ୍ୱିକ ଅର୍ଥନୀତି ପାଇଁ ଘୋର ବିପଦ ସୃଷ୍ଟି କରିବାକୁ ଯାଉଛି ବୋଲି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ସୋମବାର ସତର୍କ କରାଇ ଦେଇଛନ୍ତି। ଇରାନ ସମେତ ଆମେରିକା ଏବଂ ଇସ୍ରାଏଲ ନୀତିହୀନ ଭାବେ ଯେଭଳି ଲଢ଼େଇ କରୁଛନ୍ତି ତାହା କେବଳ ମଧ୍ୟପ୍ରାଚ୍ୟ ନୁହେଁ, ସାରା ବିଶ୍ୱସମାଜ ପାଇଁ ମହାବିପଦର କାରଣ ହେବାକୁ ଯାଉଛି। ଉଭୟ ପକ୍ଷ ଯୁଦ୍ଧ ବନ୍ଦ କରି ସମସ୍ୟାର ସମାଧାନ ଲାଗି ଆଲୋଚନାକୁ ନ ଓହ୍ଲାଇଲେ ବୈଶ୍ୱିକ ଅର୍ଥନୀତି ନିୟନ୍ତ୍ରଣ ବାହାରକୁ ଚାଲିଯିବ ବୋଲି ଗୁଟେରସ୍ ସତର୍କ କରାଇଦେଇଛନ୍ତି। କିନ୍ତୁ ଗୁଟେରସ୍‌ଙ୍କ ଏହି ସତର୍କବାଣୀକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଖାତିର କରିନାହାନ୍ତି। ଇରାନ ବିପକ୍ଷ ଯୁଦ୍ଧକୁ ସମର୍ଥନ କରି ଟ୍ରମ୍ପ୍ କହିଛନ୍ତି, ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବାକୁ ହେଲେ କିଛି ପରିମାଣରେ ମୂଲ୍ୟ ଦେବାକୁ ପଡ଼ିବ। ଯେଉଁମାନେ ଏହାର ବିପରିତ କଥା ଭାବନ୍ତି, ସେମାନଙ୍କୁ ବୋକା ବ୍ୟତୀତ ଆଉ କିଛି କୁହାଯାଇପାରିବ ନାହିଁ ବୋଲି ଟ୍ରମ୍ପ୍ କହିଛନ୍ତି।

# ଆହୁରି ସଙ୍ଗିନ୍ ହୋଇପାରେ ଯୁଦ୍ଧ ସ୍ଥିତି

## ମୋଜ୍‌ତାବାଙ୍କ ହାତରେ ଇରାନ ନେତୃତ୍ୱ

ତେହରାନ୍,୯।୩

ଇରାନ୍-ଆମେରିକା ଯୁଦ୍ଧ ସୋମବାର ସୁଦ୍ଧା ୧୦ ଦିନ ଅତିକ୍ରମ କରିଛି। ପଛକୁ ହଟିବାକୁ କୌଣସି ପକ୍ଷ ରାଜି ନଥିବାରୁ ଦିନକୁ ଦିନ ଯୁଦ୍ଧ ପ୍ରକୋପ ବଢ଼ି ଚାଲିଛି। ଏହାମଧ୍ୟରେ ଇରାନ୍ ନେତୃତ୍ୱ ମୋଜ୍‌ତାବା ହୋସେନି ଖାମେନେଇଙ୍କ ହାତକୁ ଯାଇଛି। ଇରାନ୍‌ର ୨୮ ସଦସ୍ୟ ବିଶିଷ୍ଟ ଧର୍ମୀୟ ନେତାଙ୍କ ଆସେମ୍ବ୍ଲି କମିଟି ମୋଜ୍‌ତାବାଙ୍କୁ ସୁପ୍ରିମ ଲିଡର୍ ଭାବେ ନିଯୁକ୍ତ କରିଥିଲାବେଳେ ଦେଶବାସୀଙ୍କ ପକ୍ଷରୁ ମଧ୍ୟ ତାଙ୍କୁ ଭରପୂର ସମର୍ଥନ ମିଳିଛି। ତେବେ ସାମ୍ପ୍ରତିକ ସ୍ଥିତିରେ ମୋଜ୍‌ତାବାଙ୍କ ଆଭିମୁଖ୍ୟ କ'ଣ ହେବ ତାହା ଉପରେ ସମସ୍ତଙ୍କ ଦୃଷ୍ଟି ନିବଦ୍ଧ ରହିଛି। ସେ ଶାନ୍ତିର ପଥ ଆପଣେଇ ଆମେରିକା ସହ ସାଲିସ କରିବେ ନା ପ୍ରତିଶୋଧ ପରାୟଣ ହୋଇପଡ଼ିବେ ତାହା ଏବେ ଚର୍ଚ୍ଚାର ବିଷୟ ହୋଇଛି। ତେବେ ପିତା ଆୟାତୋଲ୍ଲା ଖାମେନେଇଙ୍କ ସମୟରେ ମୋଜ୍‌ତାବାଙ୍କ ପୃଷ୍ଠଭୂମି ଯାହା ରହିଥିଲା, ତାହା କଦାଚିତ୍ ମୋଜତାବାଙ୍କୁ ସାଲିସ କରିବାକୁ ପ୍ରେରିତ କରିବ ନାହିଁ ବୋଲି ସାମରିକ ବିଶେଷଜ୍ଞମାନେ ମତ ଦେଇଛନ୍ତି। ବିଶେଷକରି ଫେବୃଆରୀ ୨୮ରେ ଇସ୍ରାଏଲ ଆକ୍ରମଣରେ ପିତା ଆୟାତୋଲ୍ଲା ଖାମେନେଇଙ୍କ ସମେତ ମାଆ, ସ୍ତ୍ରୀ, ପିଲା ଏବଂ ପରିବାରର





ଅନ୍ୟ ସଦସ୍ୟଙ୍କୁ ହରାଇଥିବା ମୋଜ୍‌ତାବା ଆମେରିକା ସହ ସାଲିସ କରିବା ପରିବର୍ତ୍ତେ ଅଧିକ ପ୍ରତିଶୋଧ ପରାୟଣ ହେବେ ବୋଲି କୁହାଯାଉଛି। ଏଭଳି ସ୍ଥିତିରେ ଆଗକୁ ଯୁଦ୍ଧ ସ୍ଥିତି ଆହୁରି ସଙ୍ଗିନ ହେବା ଆଶଙ୍କା ବଢ଼ିଛି। ମୋଜ୍‌ତାବା ସର୍ବୋଚ୍ଚ ନେତା ନିଯୁକ୍ତ ହେବା ପରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍ ତାଙ୍କୁ ଅଭିନନ୍ଦନ ଜଣାଇବା ସହ ଦୃଢ଼ ସମର୍ଥନ ଜଣାଇଛନ୍ତି। ବର୍ତ୍ତମାନ ଚାଲିଥିବା ଯୁଦ୍ଧରେ ମୋଜ୍‌ତାବାଙ୍କୁ ରୁଷିଆ ଏକ ବିଶ୍ୱସନୀୟ ଅଂଶୀଦାର ରୂପେ ସହଯୋଗ କରିବ ବୋଲି ପୁଟିନ୍ କହିଛନ୍ତି। ସେପଟେ ଚାଇନା ମଧ୍ୟ ପ୍ରଥମଥର ପାଇଁ ମୁହଁ ଖୋଲି ଯୁଦ୍ଧକୁ ନିନ୍ଦା କରିଛି।

ସେପଟେ ଇସ୍ରାଏଲ ତେହରାନ୍‌ସ୍ଥିତ ପ୍ରମୁଖ ତୈଳ ଡିପୋଗୁଡ଼ିକ ଉପରେ ରବିବାର ବୋମାମାଡ଼ କରିବା ପରେ ଆକ୍ରମଣ ଆହୁରି ଜୋର୍‌ଦାର କରିଛି। ଆଗକୁ ଇରାନ୍ ଆହୁରି ଭୟଙ୍କର ସ୍ଥିତି ସାମ୍ନା କରିବାକୁ ପଡ଼ିବ ବୋଲି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ସୋମବାର ଧମକ ଦେଇଛନ୍ତି। ଆମେରିକା ପକ୍ଷରୁ ମଧ୍ୟ ଇରାନ୍‌ର ବହୁ ସାମରିକ ଏବଂ ପ୍ରମୁଖ ଭିତ୍ତିଭୂମି ଉପରେ ଆକ୍ରମଣ କରାଯାଇଛି। ଇରାନ୍ ସମଗ୍ର ବିଶ୍ୱକୁ ବନ୍ଧକ ରଖିବାକୁ ଉଦ୍ୟମ କରୁଛି ବୋଲି ଆମେରିକା ବହିର୍ବ୍ୟାପାର ସଚିବ ମାର୍କୋ ରୁବିଓ କହିଛନ୍ତି।

### ଆମେରିକାର ଦୈନିକ ଯୁଦ୍ଧ ଖର୍ଚ୍ଚ ୮୨୨୦ କୋଟି ଟଙ୍କା

ଏହା ମଧ୍ୟରେ ଆମେରିକାର ଦୈନିକ ଯୁଦ୍ଧ ଖର୍ଚ୍ଚକୁ ନେଇ ବଡ଼ ତଥ୍ୟ ସାମ୍ନାକୁ ଆସିଛି। ଇରାନ ବିପକ୍ଷ ଯୁଦ୍ଧରେ ଆମେରିକା ଦୈନିକ ୮୯୧ ନିୟୁତ ଡଲାର ବା ଭାରତୀୟ ମୁଦ୍ରାରେ ୮୨୨୦ କୋଟି ଟଙ୍କା ଖର୍ଚ୍ଚ କରୁଛି ବୋଲି ଜଣାପଡ଼ିଛି। ଯାହାକି ଭାରତର ବାର୍ଷିକ ମହାକାଶ ଗବେଷଣା ବଜେଟ ଠାରୁ ଅଧିକ। ଫେବୃଆରୀ ୨୮ରେ ଆମେରିକା ଇରାନ ଉପରେ ଆକ୍ରମଣ କରିବା ପରେ ବର୍ତ୍ତମାନ ସୁଦ୍ଧା ୬ ବିଲିୟନ ଡଲାର ବା ୫୫,୩୫୦ କୋଟି ଟଙ୍କା ଖର୍ଚ୍ଚ କରିସାରିଥିବା କୁହାଯାଇଛି। ଯୁଦ୍ଧ ଖର୍ଚ୍ଚକୁ ନେଇ ପେଣ୍ଟାଗନ୍ ଆମେରିକା କଂଗ୍ରେସକୁ ଏହି ତଥ୍ୟ ଦେବା ପରେ ଆମେରିକାର ବିଭିନ୍ନ ମହଲରେ ଏହି ପ୍ରସଙ୍ଗ ଆଲୋଚନାର ମୁଖ୍ୟ ବିଷୟ ପାଲଟିଛି। ଯୁଦ୍ଧ ଲାଗି ରହିଲେ ଆଗକୁ ଏହି ଖର୍ଚ୍ଚ ୧୦ରୁ ୨୦ ବିଲିୟନ ଡଲାରରେ ପହଞ୍ଚିବ ବୋଲି ଆମେରିକାର ପ୍ରମୁଖ ଥିଙ୍କ୍‌ଟ୍ୟାଙ୍କ୍ ପକ୍ଷରୁ କୁହାଯାଇଛି।

# ପଶ୍ଚିମ ଏସିଆ ଉପରେ ବିତର୍କ ଦାବିରେ ହଙ୍ଗାମା

ନୂଆଦିଲ୍ଲୀ,୯।୩

## ବିର୍ଲାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଲୋଚନା ହେଲାନି

ପାର୍ଲାମେଣ୍ଟ ବଜେଟ ଅଧିବେଶନ ଦ୍ୱିତୀୟ ପର୍ଯ୍ୟାୟ ସୋମବାର ଆରମ୍ଭ ହୋଇଥିବାବେଳେ ପଶ୍ଚିମ ଏସିଆ ସ୍ଥିତି ଉପରେ ବିତର୍କ ଦାବି କରି ବିରୋଧୀ ସାରା ଦିନ ହଙ୍ଗାମା ଜାରି ରଖିବାରୁ ବାଚସ୍ପତି ଓମ୍ ବିର୍ଲାଙ୍କୁ ବହିଷ୍କାର ଦାବିରେ ଆସିଥିବା ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା ହୋଇପାରି ନାହିଁ। ବିରୋଧୀମାନେ ସେମାନଙ୍କ ଦାବିରେ ଅଟଳ ରହି ଗୃହ କାର୍ଯ୍ୟକୁ ଅବରୋଧ କରି ରଖିଲେ ବୋଲି ସରକାର ଏବଂ ଗୃହର ଅଧ୍ୟକ୍ଷ କହିଛନ୍ତି। ବିରୋଧୀଙ୍କ ହଙ୍ଗାମା ଜାରି ରହିବାରୁ ଲୋକ ସଭାକୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମୁଲତବୀ ରଖାଯିବା ପରେ ଶେଷରେ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଛି।

ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ଏମ୍‌ପିମାନେ ସ୍ଲୋଗାନ ଦେବା ଜାରି ରଖିଥିଲେ। ବିର୍ଲାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଲୋଚନା ଲାଗି ଶୃଙ୍ଖଳା ରକ୍ଷା କରିବାକୁ ଗୃହରେ ଅଧ୍ୟକ୍ଷତା କରୁଥିବା ଜଗଦମ୍ବିକା ପାଲ୍ ନିବେଦନ କରିବା ସତ୍ତ୍ୱେ ବିରୋଧୀ ସ୍ଲୋଗାନବାଜି ଜାରି ରଖିଥିଲେ। ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା ପାଇଁ ସ୍ଥିର ହୋଇଥିବାରୁ ପଶ୍ଚିମ ଏସିଆ ସ୍ଥିତି ସମ୍ପର୍କରେ ଗୃହକୁ ଅବଗତ କରାଇଥିବାରୁ ଏହା ଉପରେ ବିତର୍କ ହେବ ନାହିଁ ବୋଲି ଉକ୍ତ ସୂତ୍ରରୁ କୁହାଯାଇଛି। ଜୟଶଙ୍କର ଗୃହରେ ପଶ୍ଚିମ ଏସିଆ ପ୍ରସଙ୍ଗରେ ବିବୃତି ରଖିବା ବେଳେ ବିରୋଧୀ ସ୍ଲୋଗାନ ଦେବା ଆରମ୍ଭ କରି ଏହା ଉପରେ ସବିଶେଷ ଆଲୋଚନା ଦାବି କରିଥିଲେ।

ପଶ୍ଚିମ ଏସିଆ ଯୁଦ୍ଧ ବ୍ୟାପକ ହେଉଥିବାବେଳେ ଭାରତ ଶାନ୍ତି ସପକ୍ଷରେ ଏବଂ ଆଲୋଚନା ଓ କୂଟନୀତି ଜରିଆରେ ଏହାର ସମାଧାନ ଚାହେଁ ବୋଲି ଜୟଶଙ୍କର କହିଥିଲେ। ସେ ସଂଯମତା ଏବଂ ନାଗରିକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଉପରେ ଜୋର୍ ଦେଇଥିଲେ। ରାଜ୍ୟ ସଭାରେ ନିଜଆଡ଼ୁ ବିବୃତି ଦେଇ ଜୟଶଙ୍କର କହିଥିଲେ, ଉକ୍ତ ଅଞ୍ଚଳରେ ଥିବା ଭାରତୀୟମାନଙ୍କ ସୁସ୍ଥତା ଏବଂ ସୁରକ୍ଷାକୁ ସରକାର ପ୍ରାଥମିକତା ଦେଉଛନ୍ତି। ଏନେଇ ଉକ୍ତ ଅଞ୍ଚଳର ସରକାରଙ୍କ ସହ କେନ୍ଦ୍ର ସରକାର ଶେଷ ପର୍ଯ୍ୟନ୍ତ କାର୍ଯ୍ୟ ଜାରି ରଖିବେ। ଶକ୍ତି ସୁରକ୍ଷା ଏବଂ ବାଣିଜ୍ୟ ଲକ୍ଷ୍ୟ ଆଦି



ରାଜ୍ୟ ସଭାରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ପଶ୍ଚିମ ଏସିଆ ସ୍ଥିତି ଉପରେ ସୋମବାର ବିବୃତି ରଖୁଛନ୍ତି।

ସଙ୍କଟ ପ୍ରସଙ୍ଗରେ ବିତର୍କ ହୋଇପାରିବ ନାହିଁ ବୋଲି ପାଲ୍ କହିଥିଲେ। ବିରୋଧୀ ଗୃହକୁ ଅଚଳ କରି କରଦାତାମାନଙ୍କ ଅର୍ଥ ବରବାଦ କରୁଛନ୍ତି ବୋଲି ପାଲ୍ କହିଥିଲେ। ସରକାର ଏବଂ ଗୃହ ଅଧ୍ୟକ୍ଷ ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଲୋଚନା ଚାହୁଁଥିବାବେଳେ ବିରୋଧୀ ରାଜନୈତିକ ଉଦ୍ଦେଶ୍ୟ ରଖି ଅବରୋଧ ସୃଷ୍ଟି କରୁଥିବା ସେ ଅଭିଯୋଗ କରିଥିଲେ। ମଙ୍ଗଳବାର ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା ହୋଇପାରେ ବୋଲି ସୂତ୍ରରୁ ଜଣାପଡ଼ିଛି। ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ପଶ୍ଚିମ ଜାତୀୟ ସ୍ୱାର୍ଥକୁ ସବୁବେଳେ ପ୍ରାଥମିକତା ଦିଆଯାଉଥିବା ଜୟଶଙ୍କର କହିଛନ୍ତି।

ରାଜ୍ୟ ସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ପଶ୍ଚିମ ଏସିଆ ଯୁଦ୍ଧ ଯୋଗୁ ଭାରତ ସମ୍ମୁଖୀନ ହୋଇଥିବା ଶକ୍ତି ସୁରକ୍ଷା ଚ୍ୟାଲେଞ୍ଜ ଉପରେ ସଂକ୍ଷିପ୍ତ ଆଲୋଚନା ଦାବି କରିଥିଲେ। ଘରୋଇ ଏଲ୍‌ପିଜି ସିଲିଣ୍ଡର ଦାମ୍ ୬୦ ଟଙ୍କା ଏବଂ ବ୍ୟବସାୟିକ ଗ୍ୟାସ୍ ଦର ୧୧୫ ଟଙ୍କା ବଢ଼ିଥିବାରୁ ରୁଲ୍ ୧୭୬ ଅନୁଯାୟୀ ଆଲୋଚନା କରାଯିବାର ଯଥାର୍ଥତା ରହିଥିବା ଖାର୍ଗେ କହିଥିଲେ।

# କେଜ୍‌ରିୱାଲ, ସିସୋଡିଆଙ୍କୁ ଜବାବ ମାଗିଲେ ହାଇକୋର୍ଟ

### ଅବକାରୀ ଦୁର୍ନୀତି ମାମଲା

ନୂଆଦିଲ୍ଲୀ,୯।୩(ପି.ଟି.)

ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ନିମ୍ନ ଅଦାଲତ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ, ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ଏବଂ ଅନ୍ୟ ୨୧ ଜଣଙ୍କୁ ଅଭିଯୋଗମୁକ୍ତ କରିଥିବାବେଳେ ସିବିଆଇ ଏହାକୁ ଦିଲ୍ଲୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲା। ସିବିଆଇର ଆବେଦନ ଉପରେ ହାଇକୋର୍ଟ ସୋମବାର କେଜ୍‌ରିୱାଲ, ସିସୋଡିଆ ଓ ଅନ୍ୟମାନଙ୍କୁ ନୋଟିସ୍ ଜାରି କରି ସେମାନଙ୍କ ପକ୍ଷ ରଖିବାକୁ କହିଛନ୍ତି। ପରବର୍ତ୍ତୀ ଶୁଣାଣି ଆସନ୍ତା ୧୬ ତାରିଖକୁ ଧାର୍ଯ୍ୟ ହୋଇଛି। ମନିଲଣ୍ଡରିଂ ମାମଲାକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ତଦନ୍ତ କରୁଥିବାରୁ ପରବର୍ତ୍ତୀ ସମୟରେ ଏହାର ଶୁଣାଣି ହେବ ବୋଲି ହାଇକୋର୍ଟ କହିଛନ୍ତି।

# ତୈଳ ଡିପୋ ଆକ୍ରମଣ ପରେ ଇରାନରେ ଏସିଡ୍ ବର୍ଷା

ତେହରାନ୍,୯।୩

ଇରାନ ରାଜଧାନୀ ତେହରାନ୍‌ରେ ଥିବା ୩୦ଟି ତୈଳ ଡିପୋ ଉପରେ ଇସ୍ରାଏଲ୍‌ର ଆକ୍ରମଣ କରିବାରୁ ରବିବାର ସେଠାରେ କଳା ଏସିଡ୍ ବର୍ଷା ହୋଇଛି। ତୈଳ ଡିପୋଗୁଡ଼ିକ ଜଳୁଥିବାରୁ ରାଜଧାନୀ ସହରକୁ ଘନ କଳାଧୂଆଁର ବାଦଲ ଢାଙ୍କି ରହିଥିବାବେଳେ ଦୃଶ୍ୟମାନତା ହ୍ରାସ ପାଇଛି। ଏସିଡ୍ ବର୍ଷା ଯୋଗୁ ଘର ଓ କାର୍‌ଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛି। ବାଦଲ ସହ ହାଇଡ୍ରୋକାର୍ବନ ଏବଂ ଧୂଆଁ ମିଶି ଥିବାରୁ ଲୋକଙ୍କ ଶ୍ୱାସକ୍ରିୟା କଷ୍ଟକର ହୋଇପଡ଼ିଛି। ପ୍ରାୟ ୧୨ ନିୟୁତ ଲୋକ ରହୁଥିବା ତେହରାନ୍‌ରେ ତୈଳ ଡିପୋ ଉପରେ ଆକ୍ରମଣ ଯୋଗୁ ବ୍ୟାପକ



ଜନସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି ହୋଇଛି। ଗଳାରେ ବ୍ୟଥା ଓ ଆଖି କୁଣ୍ଡେଇହେବା ସମସ୍ୟା ଦେଖାଦେଉଥିବା ଲୋକେ ଅଭିଯୋଗ କରିଛନ୍ତି। ଲୋକମାନଙ୍କୁ ଘରେ ରହିବା ପାଇଁ ପରିବେଶ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ଏସିଡ୍ ବର୍ଷା ମାନବ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ବିପଜ୍ଜନକ। ସେଥିରେ ସଲ୍‌ଫର, ନାଇଟ୍ରୋଜେନ୍ ଅକ୍ସାଇଡ ଓ ହାଇଡ୍ରୋକାର୍ବନ ଥାଇପାରେ ବୋଲି ଇରାନର ରେଡ୍ କ୍ରିସେଣ୍ଟ ସୋସାଇଟି ସତର୍କ କରାଇଛି। ତୈଳ ଅବାରିତ ଭାବେ ଜଳିଲେ ବାୟୁ ଓ ବର୍ଷା ବିଷାକ୍ତ ହେବାର ବୈଜ୍ଞାନିକ କାରଣ ରହିଛି। ଅଶୋଧିତ ତୈଳ ଜଳିଲେ ଅଙ୍ଗାରକାମ୍ଳ, ସଲ୍‌ଫର ଓ ନାଇଟ୍ରୋଜେନ୍ ଛାଡ଼ିଥାଏ। ସଲ୍‌ଫର ଅକ୍ସିଜେନ୍ ସଂସ୍ପର୍ଶରେ ଆସି ସଲ୍‌ଫର ଡାଇଅକ୍ସାଇଡ୍ ସୃଷ୍ଟି ହୋଇଥାଏ। ଅତ୍ୟଧିକ ଉତ୍ତାପ ଯୋଗୁ ନାଇଟ୍ରୋଜେନ୍ ଓ ଅକ୍ସିଜେନ୍ ମିଶି ନାଇଟ୍ରୋଜେନ୍ ଅକ୍ସାଇଡ୍ ସୃଷ୍ଟି ହୁଏ। ଏହା ବାୟୁମଣ୍ଡଳର ନିମ୍ନ ସ୍ତରରେ ମିଶି ସୂର୍ଯ୍ୟକିରଣ ଓ ପ୍ରଦୂଷିତ କଣିକା ସହ ମିଶି ଏକାଧିକ ରାସାୟନିକ ପ୍ରତିକ୍ରିୟା ସୃଷ୍ଟି କରିଥାଏ। ସଲ୍‌ଫର ଡାଇଅକ୍ସାଇଡ ସଲ୍‌ଫର ଏସିଡ୍‌ରେ ଏବଂ ନାଇଟ୍ରୋଜେନ୍ ଅକ୍ସାଇଡ୍ ନାଇଟ୍ରିକ୍ ଏସିଡ୍‌ରେ ପରିଣତ ହୋଇ ବାଦଲର ଜଳକଣା ସହ ମିଶି ଏସିଡ୍ ବର୍ଷା କରିଥାଏ।

# ଏଲ୍‌ପିଜି ସଙ୍କଟ: ବୁକିଂ ସମୟ ୨୫ ଦିନକୁ ବୃଦ୍ଧି

### ଉତ୍ପାଦନ ବଢ଼ାଇବାକୁ ରିଫାଇନାରିକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ/ମୁମ୍ବାଇ,୯।୩

ଇରାନ ଯୁଦ୍ଧ ଲାଗିରହିଥିବାରୁ ହର୍ମୁଜ୍ ଷ୍ଟ୍ରେଟ୍ ଦେଇ ଇନ୍ଧନ ପରିବହନ ବାଧାପ୍ରାପ୍ତ ହୋଇଛି। ଫଳରେ ଭାରତର ବିଭିନ୍ନ ସହରରେ ରନ୍ଧନ ଗ୍ୟାସ୍ ଅଭାବ ଦେଖାଦେଇଛି। ଘରୋଇ ଏଲ୍‌ପିଜି ଚାହିଦା ପୂରଣ ପାଇଁ ସରକାର ତୈଳ ବିଶୋଧନକାରୀ କମ୍ପାନୀଗୁଡ଼ିକୁ ଏଲ୍‌ପିଜି ଉତ୍ପାଦନ ବଢ଼ାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆଗକୁ ଗ୍ୟାସ୍ ନ ମିଳିବା ଆଶଙ୍କାରେ ବୁକିଂ ବହୁଗୁଣିତ ହୋଇଥିବାବେଳେ ସିଲିଣ୍ଡର ପାଇବାର ୨୫ ଦିନ ପରେ ନୂଆ ସିଲିଣ୍ଡର ବୁକିଂ କରାଯାଇପାରିବ ବୋଲି ପେଟ୍ରୋଲିୟମ୍



ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ପୂର୍ବରୁ ଏହି ସମୟ ବ୍ୟବଧାନ ୨୧ ଦିନ ଥିଲା। ଏଲ୍‌ପିଜି ମହଜୁଦ୍‌କରଣ କମାଇବା ଏବଂ କଳାବଜାରୀ ରୋକିବା ପାଇଁ ବୁକିଂ ସମୟକୁ ୨୫ ଦିନକୁ ବୃଦ୍ଧି କରାଯାଇଛି। କେନ୍ଦ୍ର ସରକାର ନିକଟରେ ଘରୋଇ ଏଲ୍‌ପିଜି ସିଲିଣ୍ଡର ପ୍ରତି ଦର ୬୦ ଟଙ୍କା ବଢ଼ାଇଥିବାବେଳେ ବ୍ୟବସାୟିକ ଏଲ୍‌ପିଜି ଦର ୧୧୫ ଟଙ୍କା ବୃଦ୍ଧି କରିଥିଲେ। ରନ୍ଧନ ଗ୍ୟାସ ସଙ୍କଟରୁ ମୁମ୍ବାଇରେ ବ୍ୟବସାୟିକ ଏଲ୍‌ପିଜି ଯୋଗାଣ ବନ୍ଦ ରହିଛି।

# ସିଇସିଙ୍କ ବହିଷ୍କାର ପାଇଁ ପ୍ରସ୍ତାବ ଆଣିବେ ବିରୋଧୀ

ନୂଆଦିଲ୍ଲୀ,୯।୩

ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କ ବହିଷ୍କାର ଦାବିରେ ବିରୋଧୀ ଦଳଗୁଡ଼ିକ ମହାଭିଯୋଗ ପ୍ରସ୍ତାବ ଆଣିବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ପଦବୀରେ ଥିବା କୌଣସି ସିଇସିଙ୍କୁ ବହିଷ୍କାର ପାଇଁ ଏହା ପ୍ରଥମ ଉଦ୍ୟମ ବୋଲି କୁହାଯାଉଛି। ଏଥିପାଇଁ ଚିଠା ନୋଟିସ୍ ଚୂଡ଼ାନ୍ତ ହୋଇଛି ଓ ଚଳିତ ସପ୍ତାହରେ ପ୍ରଦାନ କରାଯିବ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ସିଇସିଙ୍କ ବହିଷ୍କାର ପାଇଁ ସମଭାବାପନ୍ନ ଦଳଗୁଡ଼ିକ ମିଳିତ ଉଦ୍ୟମ ଚଳାଇଥିବା ଟିଏମ୍‌ସିର ଜଣେ ବରିଷ୍ଠ ନେତା କହିଛନ୍ତି। କଂଗ୍ରେସ ଏହି ପଦକ୍ଷେପକୁ ସମର୍ଥନ ଜଣାଇବ ବୋଲି କହିଥିବାବେଳେ ଇଣ୍ଡିଆ ବ୍ଲକ୍‌ର ଅନ୍ୟ ଦଳଗୁଡ଼ିକ ମଧ୍ୟ ସହମତ ଥିବା ଜଣାପଡ଼ିଛି।

# ଯୁଦ୍ଧ ପ୍ରଭାବ: ୩୫ ଟ୍ରିଲିୟନ ଡଲାରର ସୁନା ବଜାର

ଲଣ୍ଡନ,୯।୩

ଇରାନ-ଆମେରିକା ଯୁଦ୍ଧକୁ ନେଇ ବୈଶ୍ୱିକ ପୁଞ୍ଜି ବଜାର ବେଳକୁ ବେଳ ଧରାଶାୟୀ ହେବାରେ ଲାଗିଛି। ତୈଳ ସଙ୍କଟକୁ ନେଇ ପେଟ୍ରୋଲିୟମ ବଜାରରେ ଅସ୍ଥିରତା ଏବଂ ଭୂ-ରାଜନୈତିକ ସ୍ତରରେ ଦେଖାଯାଇଥିବା ଅସାମଞ୍ଜସ୍ୟ ନିବେଶକଙ୍କୁ ଘୋର ଆଶଙ୍କା ମଧ୍ୟକୁ ଠେଲି ଦେଇଥିବାବେଳେ ଏବେ ଶେୟାର ବଜାରରୁ ମୁହଁ ଫେରାଇ ନିବେଶକମାନେ ସୁନାରେ ପୁଞ୍ଜି ନିବେଶ କରିବାକୁ ଶ୍ରେୟ ମଣିଛନ୍ତି। ବର୍ତ୍ତମାନ ଶେୟାର ବଜାର ତୁଳନାରେ ଲଣ୍ଡନ ସମେତ ବିଶ୍ୱର ଅନ୍ୟ ପ୍ରମୁଖ ମେଟାଲ ଏକ୍ସଚେଞ୍ଜଗୁଡିକରେ ସୁନା ସର୍ବାଧିକ କାରବାର ହେବା ସହିତ ଅନ୍ତର୍ଜାତୀୟ





ସ୍ତରର ବ୍ୟାଙ୍କ ମଧ୍ୟ ପର୍ଯ୍ୟାପ୍ତ ପରିମାଣରେ ସୁନା କିଣିବାକୁ ଲାଗିଛନ୍ତି। ଏହାକୁ ନେଇ ଅନ୍ତର୍ଜାତୀୟ ବଜାରରେ ସୁନା ଚାହିଦା ବୃଦ୍ଧି ପାଇବା ସହିତ ଅନ୍ତର୍ଜାତୀୟ ବେଞ୍ଚମାର୍କ ମୂଲ୍ୟରେ ମଧ୍ୟ ବୃଦ୍ଧି ଘଟି ଚାଲିଛି। ସୋମବାର ସୁଦ୍ଧା ଲଣ୍ଡନସ୍ଥିତ ଏଲବିଏମଏରେ ୨୪ କ୍ୟାରେଟ୍ ସୁନା ଆଉନ୍ସ ପ୍ରତି ମୂଲ୍ୟ ୫୪୦୦ରୁ ୫୬୦୦ ଡଲାର ରହିଥିବା ଜଣାପଡ଼ିଛି।

ସବୁଠାରୁ ବଡ଼ କଥା ହେଉଛି ଇରାନ-ଆମେରିକା ଯୁଦ୍ଧ ପରେ ସୁନାର ଚାହିଦା ଓ ନିବେଶ ବୃଦ୍ଧିକୁ ନେଇ ଯେଉଁ ବଜାର ସୃଷ୍ଟି ହୋଇଛି ତାହାର ମୂଲ୍ୟ ୩୦ରୁ ୩୫ ଟ୍ରିଲିୟନ ଡଲାର ଛୁଇଁଛି। ଆର୍ଥିକ ଦୃଷ୍ଟିରୁ ଆକଳନ କଲେ ଏହି ବଜାର ମୂଲ୍ୟ ଭାରତ ଏବଂ ଯୁକ୍ତରାଜ୍ୟର ମୋଟ ଜିଡିପିଠାରୁ ଅନେକ ଅଧିକ ହେବ। ଭାରତ ଏବଂ ଯୁକ୍ତରାଜ୍ୟ ଜିଡିପି ୮ରୁ ୯ ଟ୍ରିଲିୟନ ଡଲାର ମଧ୍ୟରେ ରହିଥିବାବେଳେ ବର୍ତ୍ତମାନ ସୁନା ବଜାର ୩୦ରୁ ୩୫ ଟ୍ରିଲିୟନ ଡଲାର ହେବ ବୋଲି ଆକଳନ କରାଯାଇଛି।

ଧରିତ୍ରୀ DHARITRI
52 Years
ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୧୦/୨୦୨୬ | Bhubaneswar, Tuesday, March 10/2026





ସରକାରୀ ମାନ୍ୟତା, ମାସିକ ଦରମା ୧୮ହଜାର ଓ ଅବସରକାଳୀନ ସହାୟତା ୫ ଲକ୍ଷ ଟଙ୍କା ଆଦି ବିଭିନ୍ନ ଦାବି ନେଇ ବିଜୁ ଶ୍ରମିକ ସାମ୍ମୁଖ୍ୟ ଅନୁବନ୍ଧିତ ଅଲ୍ ଓଡ଼ିଶା ଆଶାକର୍ମୀ ସାମ୍ମୁଖ୍ୟ ପକ୍ଷରୁ ସୋମବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଅନୁଷ୍ଠିତ ସମାବେଶ। (ଫଟୋ: ମନୋରଞ୍ଜନ ମିଶ୍ର)

# ୮ ଲକ୍ଷ ରାଶନ କାର୍ଡ କାଟିଛନ୍ତି ରାଜ୍ୟ ସରକାର: ବିରୋଧୀ

## ଖାଦ୍ୟ ସୁରକ୍ଷା ଯୋଜନା ବାଟବଣା ନେଇ ମୁଲତବୀ ଆଲୋଚନା

**ଭୁବନେଶ୍ୱର,୯।୩(ରବିନାରାୟଣ ଜେନା)**

ରାଜ୍ୟ ସରକାର ଇ-କେୱାଇସି ଆଳରେ ୮ଲକ୍ଷ ଯୋଗ୍ୟ ହିତାଧିକାରୀଙ୍କ ରାଶନକାର୍ଡ କାଟିଛନ୍ତି। ଚଳିତବର୍ଷ ଧାନ ସଂଗ୍ରହରେ ବ୍ୟାପକ ତ୍ରୁଟି ପରିଲକ୍ଷିତ ହୋଇଛି। ସରକାର କହୁଛନ୍ତି ଗୋଟେ, କରୁଛନ୍ତି ଆଉ ଗୋଟେ। ଚାଷୀକୁଳ ଭାରି ହୀନସ୍ତାରେ ଅଛନ୍ତି, ଯେଉଁଥିପାଇଁ କେନ୍ଦ୍ରାପଡ଼ା ରାଜନଗରରେ ଚାଷୀ ତ୍ରିଲୋଚନ ନାୟକ ମୃତ୍ୟୁ ମୁଖରେ ପଡ଼ିଲେ ବୋଲି କହି ବିରୋଧୀ ବିଜେଡି ଓ କଂଗ୍ରେସ ମୁଲତବୀ ଆଲୋଚନା କାଳରେ ସରକାରଙ୍କୁ ଅକଳରେ ପକାଇବାକୁ ଉଦ୍ୟମ କରିଛନ୍ତି। ଅନ୍ୟପକ୍ଷରେ ଶାସକଦଳ ସଦସ୍ୟ ଓ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିରୋଧୀଙ୍କୁ କଡ଼ା ଜବାବ ଦେବା ସହିତ ଭାଜପା ସରକାର ନେଇଥିବା ସଂସ୍କାରମୂଳକ ପଦକ୍ଷେପ ସମ୍ପର୍କରେ ଗୃହକୁ ଅବଗତ କରାଇଥିଲେ। ଶାସକ ଓ ବିରୋଧୀଙ୍କ ଆଲୋଚନା ଶୁଣିବା ପରେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ମୁଲତବୀ ଆଲୋଚନାକୁ ଅଗ୍ରାହ୍ୟ କରିଥିଲେ। ଏହି ସମୟରେ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୋଷ ପ୍ରକାଶ କରି କକ୍ଷତ୍ୟାଗ କରିଥିଲେ। ଉପବାଚସ୍ପତି ଗୃହକୁ ଅପରାହ୍ଣ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ। 'ଖାଦ୍ୟ ସୁରକ୍ଷା ଯୋଜନା ବାଟବଣା' ଶୀର୍ଷକ ମୁଲତବୀ ଆଲୋଚନାକୁ ଆରମ୍ଭ କରି ବିରୋଧୀ ଦଳ ଉପମୁଖ୍ୟ ସଚେତକ ପ୍ରତାପ ଦେବ କହିଥିଲେ, ମନ୍ତ୍ରୀଙ୍କ ଉତ୍ତରରୁ ସ୍ପଷ୍ଟ ଜଣାପଡୁଛି ସରକାର ଇ-କେୱାଇସି ଆଳରେ ଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦେଇଛନ୍ତି। ସରକାର ପ୍ରାୟ ୧୭ ଲକ୍ଷ ରାଶନ୍‌କାର୍ଡ କାଟିଥିବାବେଳେ ମାତ୍ର ୯ ଲକ୍ଷଙ୍କୁ ଯୋଡ଼ିଛନ୍ତି। ପୋର୍ଟାଲରେ ଲୋକ ଆବେଦନ କରିପାରୁନାହାନ୍ତି। ସରକାରଙ୍କ ଗତବର୍ଷର ତଥ୍ୟ ଅନୁସାରେ ୩୩ ଲକ୍ଷ ମେଟ୍ରିକ୍ ଟନ ଚାଉଳ କେଉଁଠି ରଖିଛନ୍ତି ତାହାର ଉତ୍ତର ମନ୍ତ୍ରୀ ଦିଅନ୍ତୁ। ଏହି ସମୟରେ ଏଫ୍‌ସିଆଇ କେତେ ଚାଉଳ ଉଠାଇଛି ଏବଂ ମିଲର୍ସଙ୍କ ନିକଟରେ କେତେ ରହିଛି ତାହା ମଧ୍ୟ ଜଣାନ୍ତୁ। ସେ କହିଥିଲେ, କେନ୍ଦ୍ର ସରକାରଙ୍କ ଆଇନ ଅନୁଯାୟୀ, ଏମ୍ଏସ୍‌ପି ଉପରେ ବୋନସ ଦେଲେ କେନ୍ଦ୍ର ଚାଉଳ ନେବାକୁ ବାଧ ନୁହେଁ। ବିଭିନ୍ନ ଆଳରେ ବହୁ ☞ପୃଷ୍ଠା-୧୩

# ୯୭% ଇ-କେୱାଇସି ସରିଛି: ଯୋଗାଣ ମନ୍ତ୍ରୀ

## ହୃଦ୍‌ଘାତ ଯୋଗୁ ତ୍ରିଲୋଚନଙ୍କ ମୃତ୍ୟୁ ହୋଇଛି

**ଭୁବନେଶ୍ୱର,୯।୩(ରବିନାରାୟଣ ଜେନା)**

ରାଜ୍ୟରେ ଭାଜପା ସରକାର କ୍ଷମତାକୁ ଆସିବା ପରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଯୋଗ୍ୟ ବ୍ୟକ୍ତିଙ୍କୁ ରାଶନକାର୍ଡ ଦେବାପାଇଁ ପଦକ୍ଷେପ ନେଇଥିଲେ। ଇତିମଧ୍ୟରେ ୯୭ ପ୍ରତିଶତ ରାଶନକାର୍ଡରେ ଇ-କେୱାଇସି ଅପଡେଟ୍ ହୋଇସାରିଲାଣି ବୋଲି ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଲତବୀ ଆଲୋଚନା କାଳରେ ବିରୋଧୀଙ୍କ ପ୍ରଶ୍ନର ଉତ୍ତରରେ କହିଛନ୍ତି। ମନ୍ତ୍ରୀ ପାତ୍ର କହିଛନ୍ତି, ରାଜ୍ୟରେ ଜଣେ ହେଲେ ବି ଚାଷୀ କଟ୍‌ନୀ/ଛଟ୍‌ନୀର ସମ୍ମୁଖୀନ ହୋଇନାହାନ୍ତି। ଆମ ସରକାର କେବଳ ମୃତ ରାଶନକାର୍ଡଧାରୀ, ଚାକିରିଆ ଏବଂ ଆୟକରଦାତାଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ୍ ଦେଇଛି। ଜଣେ ହେଲେ ବି ଯୋଗ୍ୟ ହିତାଧିକାରୀ ବଞ୍ଚିତ ହୋଇନାହାନ୍ତି।

ବିରୋଧୀମାନେ ସରକାରଙ୍କୁ ବଦ୍‌ନାମ କରିବାପାଇଁ ଯେଉଁ ପ୍ରୟାସ କରୁଛନ୍ତି, ସେଥିରେ ସେମାନେ ସଫଳ ହେବେନାହିଁ। ବାହାର ରାଜ୍ୟରେ କାମ କରୁଥିବା ୧ଲକ୍ଷ ୪୬ହଜାର ଜଣଙ୍କ ରାଶନକାର୍ଡ ଅପ୍‌ଡେଟ୍ ହୋଇସାରିଛି। ଜଣଙ୍କର ବି କଟିନାହିଁ। ୨୦୨୪-୨୫ ଖରିଫ ଓ ରବିଋତୁରେ ରାଜ୍ୟ ସରକାର ୯୨ଲକ୍ଷ ୬୪ହଜାର ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରିଥିଲେ। ସେ ବାବଦକୁ ୬୨.୮୨ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ମଧ୍ୟରୁ ଏଫ୍‌ସିଆଇ ୨୬ଲକ୍ଷ ୭୫ହଜାର ମେଟ୍ରିକ୍ ଟନ୍ ଚାଉଳ ଉଠାଇଥିବାବେଳେ ସାଧାରଣ ବଣ୍ଟନ ମାଧ୍ୟମରେ ୩୬ଲକ୍ଷ ୬୫ହଜାର ମେଟ୍ରିକ୍ ଟନ୍ ଚାଉଳ ରାଶନକାର୍ଡଧାରୀଙ୍କୁ ବଣ୍ଟାଯାଇଛି। ବଳକା ୪ଲକ୍ଷ ୯୫ହଜାର ମେଟ୍ରିକ୍ ଟନ୍ ମଧ୍ୟରୁ ଗୋଦାମରେ ୩.୭୯ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ରହିଥିବାବେଳେ ମିଲର୍ସଙ୍କ ଉପରେ ମାତ୍ର ୧.୧୮ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ରହିଛି। ନିକଟରେ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ଅନୁରୋଧ କରିବା ପରେ ସେ ୧.୫ ଲକ୍ଷ ମେଟ୍ରିକ୍ ଟନ୍ ଉଷୁନା ଚାଉଳ ଉଠାଇବାକୁ ରାଜି ହୋଇଛନ୍ତି।

ମନ୍ତ୍ରୀ କହିଛନ୍ତି, କେନ୍ଦ୍ରାପଡ଼ା ରାଜନଗରର ଚାଷୀ ତ୍ରିଲୋଚନ ନାୟକଙ୍କ ମୃତ୍ୟୁକୁ ବିରୋଧୀମାନେ ସରକାରଙ୍କ ମୁଣ୍ଡରେ ଲଦିବା ପାଇଁ ଅପପ୍ରୟାସ କରୁଛନ୍ତି। ମାତ୍ର ଜିଲାପାଳ ଏବଂ ☞ପୃଷ୍ଠା-୧୩

# ୧ ଡଲାର= ୯୨.୨୧ ଟଙ୍କା



**ମୁମ୍ବାଇ,୯।୩(ପି.ଟି.)**

ଆମେରିକା ଡଲାର ତୁଳନାରେ ଟଙ୍କା ମୂଲ୍ୟ ସୋମବାର ୩୯ ପଇସା ହ୍ରାସ ପାଇ ସର୍ବନିମ୍ନ ସ୍ତର ୯୨.୨୧ରେ ପହଞ୍ଚିଛି, ଅର୍ଥାତ୍ ୧ ଡଲାରର ମୂଲ୍ୟ ୯୨ ଟଙ୍କା ୨୧ ପଇସା ହୋଇଛି। ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ଏବଂ ଆମେରିକୀୟ ଡଲାର ଅଧିକ ଶକ୍ତିଶାଳୀ ହେଉଥିବାରୁ ଟଙ୍କା ମୂଲ୍ୟ ହ୍ରାସ ପାଇ ଚାଲିଛି। ଘରୋଇ ଶେୟାର ବଜାରରୁ ନିବେଶକମାନେ ବିଦେଶୀ ପାଣ୍ଠି ପ୍ରତ୍ୟାହାର କରିନେଉଥିବାରୁ ଟଙ୍କା ଉପରେ ଚାପ ବଢ଼ିଥିବା ଫରେକ୍ସ ଟ୍ରେଡରମାନେ କହିଛନ୍ତି। ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜରେ ସୋମବାର ଟଙ୍କା ମୂଲ୍ୟ ଆରମ୍ଭରେ ୯୨.୨୨ ଥିବାବେଳେ ପରେ ଏହା ସାମାନ୍ୟ ବୃଦ୍ଧି ପାଇ ୯୨.୧୫ରେ ପହଞ୍ଚିଥିଲା। ପରେ ଏହା ୫୩ ପଇସା ହ୍ରାସ ପାଇ ସର୍ବନିମ୍ନ ୯୨.୩୫ରେ ପହଞ୍ଚିଥିଲା ଓ କାରବାର ଶେଷ ସୁଦ୍ଧା ୯୨.୨୧ରେ ସ୍ଥିର ରହିଛି। ଶୁକ୍ରବାର ଡଲାର ତୁଳନାରେ ଟଙ୍କା ମୂଲ୍ୟ ୯୧.୮୨ ଥିଲା। ଅଶୋଧିତ ତୈଳ ଦର ୧୦୦ ଡଲାର ଟପିଥିବାବେଳେ ସୁଦୃଢ଼ ଡଲାର ଏବଂ ଏଫ୍ଆଇଆଇ ପ୍ରତ୍ୟାହାର ଟଙ୍କା ଉପରେ ଚାପ ପକାଇଥିବା ରିସର୍ଚ୍ଚ ଆନାଲିଷ୍ଟ ଅନୁଜ ଚୌଧରୀ କହିଛନ୍ତି। ଘରୋଇ ଶେୟାର ବଜାରରେ ସେନ୍‌ସେକ୍ସ ୧,୩୫୨.୭୪ ପଏଣ୍ଟ ଖସି ୭୭,୫୬୬.୧୬ ରହିଥିବାବେଳେ ନିଫ୍ଟି ୪୨୨.୪୦ ପଏଣ୍ଟ କମି ୨୪,୦୨୮.୦୫ ରହିଛି।

# ତୈଳ ଦର ୧୦୦ ଡଲାର ଟପିଲା

## ସ୍ଥିତି ସଙ୍ଗିନ କରିପାରେ 'ଫୋର୍ସ ମେଜିୟୋର'ସର୍ତ୍ତ

ଇରାନ-ଆମେରିକା ଯୁଦ୍ଧକୁ ନେଇ ବଢୁଥିବା ତୈଳ ସଙ୍କଟ ବୈଶ୍ୱିକ ଅର୍ଥନୀତି ପାଇଁ ବଡ଼ ବିପଦ ହେବାକୁ ଯାଉଛି। ଯୁଦ୍ଧ ଯୋଗୁ ପ୍ରମୁଖ ତୈଳ ଉତ୍ପାଦନକାରୀ ଦେଶ ସେମାନଙ୍କ ଉତ୍ପାଦନ ହ୍ରାସ କରିଥିବାବେଳେ ହର୍ମୁଜ୍ ଷ୍ଟ୍ରେଟ୍ ଉପରେ ଇରାନର ପ୍ରତିବନ୍ଧକ ତୈଳ ଯୋଗାଣ କ୍ଷେତ୍ରକୁ ଠପ୍ କରିଦେଇଛି। ଏହାକୁ ନେଇ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ପାଇ ଚାଲିଛି। ୨୦୨୨ ପରେ ପ୍ରଥମଥର ପାଇଁ ଅନ୍ତର୍ଜାତୀୟ ବଜାରରେ ତୈଳ ମୂଲ୍ୟ ବ୍ୟାରେଲ୍ ପ୍ରତି ୧୦୦ ଡଲାର ଟପିଛି।

**ନ୍ୟୁୟର୍କ,୯।୩**

ଇରାନ-ଆମେରିକା ଯୁଦ୍ଧର ପ୍ରଭାବ କେବଳ ମଧ୍ୟପ୍ରାଚ୍ୟ ନୁହେଁ, ସାରା ବିଶ୍ୱକୁ ଗ୍ରାସିବାକୁ ବସିଛି। ମଧ୍ୟପ୍ରାଚ୍ୟରେ ସୃଷ୍ଟି ହୋଇଥିବା ତୈଳ ସଙ୍କଟ ଏବେ ବିଶ୍ୱର ପ୍ରତ୍ୟେକ ଭାଗକୁ ପ୍ରଭାବିତ କରି ଚାଲିଛି। ତୈଳ ଉତ୍ପାଦନ ହ୍ରାସ ପାଇବା ସାଙ୍ଗକୁ ଯୋଗାଣ ପ୍ରକ୍ରିୟା ଭାରି ମାତ୍ରାରେ ପ୍ରଭାବିତ ହୋଇଥିବାରୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ଅହେତୁକ ମୂଲ୍ୟ ବୃଦ୍ଧି ବୈଶ୍ୱିକ ଅର୍ଥନୀତି ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିଛି। ଗୋଟିଏ ପଟେ ସାଉଦି ଆରବ, ୟୁଏଇ, କାତାର, କୁଏଟ୍, ବାହାରିନ୍, ଇରାକ୍, ଜୋର୍ଡାନ ଭଳି ବହୁ ଉପସାଗରୀୟ ତଥା ତୈଳ ଉତ୍ପାଦନକାରୀ ଦେଶ ଉପରେ ଇରାନ ଆକ୍ରମଣ ଜାରି ରଖିଥିବାରୁ ଏହିସବୁ ଦେଶର ତୈଳ ଉତ୍ପାଦନ କ୍ଷେତ୍ର ପ୍ରଭାବିତ ହୋଇଛି। କାତାର ଏବଂ ସାଉଦି ଆରବସ୍ଥିତ ବିଶ୍ୱର ସର୍ବବୃହତ ତୈଳ ରିଫାଇନେରି ଆରାମ୍‌କୋରୁ ତୈଳ ଉତ୍ପାଦନ ଏକପ୍ରକାର ବନ୍ଦ ହୋଇଯାଇଛି। ଅନ୍ୟପଟେ ବିଶ୍ୱର ଏନର୍ଜି କରିଡର୍ ଭାବେ ପରିଚିତ ହର୍ମୁଜ୍ ଷ୍ଟ୍ରେଟ୍ ଉପରେ ଇରାନର କବ୍‌ଜା ତୈଳ ଯୋଗାଣ କ୍ଷେତ୍ରକୁ ପ୍ରଭାବିତ କରିଛି। ସେହିପରି ରବିବାର ଇରାନର ପ୍ରମୁଖ ତୈଳ ଡିପୋଗୁଡିକ ଉପରେ ଇସ୍ରାଏଲର ବୋମାମାଡ଼ କରାଯିବା ଘଟଣା ବୈଶ୍ୱିକ ତୈଳ ଯୋଗାଣ କ୍ଷେତ୍ରକୁ ମଧ୍ୟ କ୍ଷତି ପହଞ୍ଚାଇଛି। ଏହାକୁ ନେଇ ଅନ୍ତର୍ଜାତୀୟ ତୈଳ ବଜାରରେ ଏବେ ଘଡ଼ିକେ ଘୋଡା ଛୁଟୁଥିବା ଦେଖାଯାଇଛି।

ଅନ୍ତର୍ଜାତୀୟ ବଜାରରେ ସୋମବାର ସୁଦ୍ଧା ବ୍ରେଣ୍ଟ କ୍ରୁଡ୍ ବ୍ୟାରେଲ ପିଛା ମୂଲ୍ୟ ୧୨୦ ଡଲାର ପହଞ୍ଚିବା ପରେ ଏଥିରେ ସାମାନ୍ୟ ହ୍ରାସ ଘଟି ବ୍ୟାରେଲ ପିଛା ମୂଲ୍ୟ ୧୦୭.୮୦ ଡଲାର ରହିଛି। ୨୦୨୨ ପରେ ପ୍ରଥମଥର ଲାଗି ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ୧୦୦ ଡଲାର ଟପିଛି। ୨୦୨୨ ଜୁନ୍ ୩୦ରେ ବ୍ରେଣ୍ଟ କ୍ରୁଡ୍ ମୂଲ୍ୟ ୧୦୦ ଡଲାର ଟପିବା ସହିତ ☞ପୃଷ୍ଠା-୧୩

## ଘରୋଇ ବଜାରରେ ବଢ଼ିବନି ତେଲଦର

**ନୂଆଦିଲ୍ଲୀ ,୯।୩**

ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ୧୦୦ ଡଲାର ଟପିବା ପରେ ଘରୋଇ ବଜାରରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ବୃଦ୍ଧିକୁ ନେଇ ଖାଉଟି ଆଶଙ୍କିତ ହୋଇପଡ଼ିଛନ୍ତି। ଯୁଦ୍ଧ ପ୍ରଭାବରେ ଦୁଇ ଦିନ ତଳେ ଅଚାନକ ଏଲ୍‌ପିଜି ମୂଲ୍ୟ ବଢ଼ିଥିଲା। ବର୍ତ୍ତମାନ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ବଢ଼ିବ ବୋଲି ସାଧାରଣରେ ଆଶଙ୍କା ପ୍ରକାଶ ପାଇଛି। ତେବେ ନିକଟ ଭବିଷ୍ୟତରେ ତେଲ ମୂଲ୍ୟ ବଢ଼ିବ ନାହିଁ ବୋଲି ସୋମବାର କେନ୍ଦ୍ର ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ୧୦୦ ଡଲାର ଟପିଥିବା ସତ୍ତ୍ୱେ ଭାରତରେ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡିକ ତେଲ ମୂଲ୍ୟ ବୃଦ୍ଧି କରିବାକୁ କୌଣସି ଯୋଜନା ରଖିନାହାନ୍ତି ବୋଲି କେନ୍ଦ୍ର ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀଙ୍କ ସୂତ୍ରରୁ ଜଣାପଡ଼ିଛି। ବର୍ତ୍ତମାନ ବଜାର ସ୍ଥିତି ଉପରେ ନଜର ରଖାଯାଇଛି ଏବଂ ତୈଳ କମ୍ପାନୀଗୁଡିକ ମୂଲ୍ୟବୃଦ୍ଧି ଚାପକୁ କୌଣସିମତେ ସମ୍ଭାଳିବାକୁ ପ୍ରସ୍ତୁତ ରହିଛନ୍ତି ବୋଲି ସମ୍ପୃକ୍ତ ଅଧିକାରୀ କହିଛନ୍ତି।

# କ୍ରିକେଟରଙ୍କୁ ଭୁଜାଲିରେ ହାଣି ହତ୍ୟା

## ୩ ଅଟକ

**ଭଦ୍ରକ,୯।୩(ସନାତନ ରାଉତ)**



ସି. କୁମାର ସ୍ୱାମୀ

ଭଦ୍ରକ ଟାଉନ ଥାନା ଅଧୀନ ଚରମ୍ପା ଗୁଣ୍ଡୁଣିଆ ବଜାରରେ ରବିବାର ବିଳମ୍ବିତ ରାତିରେ ମେଳଣ ଚାଲୁଥିବାବେଳେ ଜଣେ ଯୁବକଙ୍କୁ ସଂଘବଦ୍ଧ ଭାବେ ଭୁଜାଲିରେ ହାଣି ହତ୍ୟା କରାଯାଇଛି। ମୃତକ ହେଲେ ଭଦ୍ରକ ପୌରପାଳିକା ଅଧୀନ ୩ ନଂ. ୱାର୍ଡ ଚରମ୍ପା ବରାଳପୋଖରୀ ଗ୍ରାମର ସି. କୁମାର ସ୍ୱାମୀ(୨୪)। ମୃତ କୁମାର ସ୍ୱାମୀ ଜଣେ ଭଲ କ୍ରିକେଟ ଖେଳାଳି ହୋଇଥିବାବେଳେ ସାଙ୍ଗମାନଙ୍କ ସହ କୌଣସି ଶତ୍ରୁତାରୁ ଏପରି ହତ୍ୟାକାଣ୍ଡ ଘଟିଥିବା ଆଲୋଚନା ହେଉଛି। ଏନେଇ ସୋମବାର ସକାଳେ କୁମାର ସ୍ୱାମୀଙ୍କ ବାପା ସି. ରମେୟାଙ୍କ ଅଭିଯୋଗକ୍ରମେ ଟାଉନ ଥାନାରେ ଏକ ହତ୍ୟା ମାମଲା(ନଂ.୧୭୪/୨୬) ରୁଜୁ ହୋଇଛି। ପୋଲିସ ୩ଜଣଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଥିବା ଏସ୍‌ପି ମନୋଜ ରାଉତ କହିଛନ୍ତି।

ସୂଚନା ଅନୁଯାୟୀ, ଗୁଣ୍ଡୁଣିଆରେ ରାତିରେ ମେଳଣ ଚାଲିଥିଲା। ରାତି ପ୍ରାୟ ୧୧ଟାରେ ମେଳଣଠାରୁ କିଛି ଦୂରରେ କେତେଜଣ ଯୁବକଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହି ଯୁକ୍ତିତର୍କ ଉଗ୍ରରୂପ ନେବାପରେ କୁମାର ସ୍ୱାମୀଙ୍କୁ ଯୁବକମାନେ ସଂଘବଦ୍ଧ ଭାବେ ଭୁଜାଲିରେ ହାଣିଥିଲେ। କୁମାର ସ୍ୱାମୀଙ୍କ ଛାତି ଓ ପେଟକୁ ଭୁଜାଲି ଆକ୍ରମଣ ପରେ ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଛାଡ଼ି ଆକ୍ରମଣକାରୀ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଚରମ୍ପା ଷ୍ଟେଶନର ରେଳ କର୍ମଚାରୀଭାବେ କାର୍ଯ୍ୟରତ ରମେୟା ଏତଲାରେ ଦର୍ଶାଇଛନ୍ତି, ରବିବାର ରାତିରେ ପୁଅ କୁମାର ସ୍ୱାମୀ ଘରେ ତାଙ୍କ ସହ କ୍ରିକେଟ ମ୍ୟାଚ୍ ଦେଖୁଥିଲେ। ମ୍ୟାଚ୍ ସରିବା ପରେ ସେ ବାହାରକୁ ଯାଇଥିଲେ। ରାତି ୧୨ଟା ପର୍ଯ୍ୟନ୍ତ ଘରକୁ ଫେରି ନ ଥିବାବେଳେ ତାଙ୍କ ପୁଅକୁ ଡାକ୍ତରଖାନା ☞ପୃଷ୍ଠା-୧୩



ବିଶ୍ୱାସ
ଭେରିଫାଇଡ୍ କାର ହିଷ୍ଟ୍ରୀ**
୩ଟି ମାଗଣା ସର୍ଭିସ **@5000++ ମାରୁତି ସୁଜୁକୀ ସର୍ଭିସ ଷ୍ଟେସନ
ଗୁଣବତ୍ତା
376 ଟି କ୍ୱାଲିଟୀ ଚେକ ପଏଣ୍ଟସ
1 ବର୍ଷ ପର୍ଯ୍ୟନ୍ତ ୱାରେଣ୍ଟି**
App Store | Google play
ଏହିଠାରୁ True Value ଆପଟି ଡାଉନଲୋଡ଼ କରନ୍ତୁ।
ଅଧିକ ଜାଣିବା ପାଇଁ, କଲ କରନ୍ତୁ 1800 102 1800 | ଭିଜିଟ୍ କରନ୍ତୁ www.marutisuzukitruevalue.com
TRUE VALUE CERTIFIED
BHUBANESWAR: SKY AUTOMOBILES: 7440011607 | JYOTE MOTORS: 7064499354, 7064499352 | NARAYANI MOTORS: 7381000168, 9583022097 | PURI: NARAYANI MOTORS: 7381000168 | PARADEEP: NARAYANI MOTORS: 7381000168, 9583022097, 9583022047 | KEONJHAR/NAYAGARH/BALUGAON: JYOTE MOTORS: 9776615006 | CUTTACK: TUSHI MOTORS PVT LTD: 9078073430, SKY AUTOMOBILES: 9078080819 | JAJPUR: SKY AUTOMOBILES: 9078080819.
*ନିୟମ ଏବଂ ସର୍ତ୍ତାବଳୀ ଲାଗୁ। ଆଉ ଅଧିକ ଜାଣିବା ପାଇଁ ଆପଣଙ୍କର ନିକଟତମ ଡିଲରଙ୍କୁ ଯାଆନ୍ତୁ। **ଭେରିଫାଇଡ କାର ହିଷ୍ଟ୍ରି ଏବଂ ୱାରେଣ୍ଟି, କେବଳ True Value ସାର୍ଟିଫାଇଡ୍ କାରଗୁଡିକରେ ଉପରେ ଲାଗୁହୋଇଥାଏ। ମାଗଣା ସେବା କେବଳ ଶ୍ରମିକ ଖର୍ଚ୍ଚ ଉପରେ ଲାଗୁ ହୋଇଥାଏ। ଏହି ଚିତ୍ରଗୁଡ଼ିକ କେବଳ ଇଲାଷ୍ଟ୍ରେସନ୍ ପାଇଁ ବ୍ୟବହାର କରାଯାଇଛି। ଗାଡ଼ିର କଳା କାଚ ଆଲୋକ ପ୍ରଭାବ କାରଣ ଯୋଗୁଁ ହୋଇଥାଏ।

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଏନ୍ଆଇଓଏସ୍ ଡି.ଇଏଲ୍.ଇଡି ଜେଟିଏସ୍ ସିଲେକ୍ସନ-୨୦୨୩ରେ ଚୟନିତ ପ୍ରାର୍ଥୀଙ୍କ ଧାରଣା, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା।
- ଆଇଏଡିଭିଏଲ୍ ଓଡ଼ିଶା ଶାଖା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ଶିରିଡ଼ି ସାଇ ଗ୍ଲୋବାଲ ଫାଉଣ୍ଡେଶନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ୍ ସାଣ୍ଡି ଟାୱାର, ସମୟ: ଅପରାହ୍ନ ୪ଟା।
- ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଏବଂ ଦ ନିୟୁ ଇଣ୍ଡିଆ ଆସୁରାନ୍ସ କୋ.ଲିମିଟେଡ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷର, ସ୍ଥାନ: ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ, ଗଣ୍ଡମୁଣ୍ଡା, ସମୟ: ଅପରାହ୍ନ ୪ଟା।
- ଭାଷା ଆନ୍ଦୋଳନ, ଓଡ଼ିଶା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଉତ୍କଳ ସାମ୍ବାଦିକ ସଂଘ ସଭାଗୃହ, ସମୟ: ଅପରାହ୍ନ ୪ଟା ୩୦।
- ଶାନ୍ତିଲତା ବାରିକ୍ ଛୋଟରାୟ କଲ୍‌ଚରାଲ ଟ୍ରଷ୍ଟ ପକ୍ଷରୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ହେ' ଚକାନୟନ-୨୦୨୬ କାର୍ଯ୍ୟକ୍ରମ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା।

**କଟକ**
- ଜଗତପୁର ଶିଳ୍ପାଞ୍ଚଳ ଶ୍ରମିକ ସଂଘ ପକ୍ଷରୁ ଧାରଣା ଓ ଦାବିପତ୍ର ପ୍ରଦାନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟ, ସମୟ: ପୂର୍ବାହ୍ନ ୧୧ଟା।
- ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ବିଭିନ୍ନ ଶିକ୍ଷା ସମସ୍ୟାର ସମାଧାନ ଦାବିରେ ଛାତ୍ର ବିକ୍ଷୋଭ, ସ୍ଥାନ: କୁଳପତି ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଜେମାଦେଈପୁରରେ ୭ ଦୋଳ ଯାତ୍ରା ଆରମ୍ଭ, ସ୍ଥାନ: ଜେମାଦେଈପୁର, ତିଗିରିଆ, ସମୟ: ସନ୍ଧ୍ୟା ୭ଟା।

**ପୁରୀ**
- ସୃଷ୍ଟି ଓ ସ୍ରଷ୍ଟା ଆଧ୍ୟାତ୍ମିକ ସାହିତ୍ୟ ମହୋତ୍ସବ, ସ୍ଥାନ: ହରିରାଜପୁର ପଞ୍ଚଦୋଳ ମେଳଣ ପଡ଼ିଆ, ମା' ସନ୍ତୋଷୀ ମନ୍ଦିର ନିକଟ ମହୋତ୍ସବ ମହାମଞ୍ଚ, ସମୟ: ଅପରାହ୍ନ ୪ଟା।

**ବାଲେଶ୍ୱର**
- ବିଶାଳ ରକ୍ତଦାନ ଶିବିର, ସ୍ଥାନ: ଗୋପାଳଗାଁ ଆୟୁଷ୍ମାନ ମଣ୍ଡପ, ବାଲେଶ୍ୱର, ସମୟ: ସକାଳ ୯ଟା।
- ସ୍ମୃତିସଭା, ସ୍ଥାନ: ଘୋଷ କଲ୍ୟାଣ ମଣ୍ଡପ, ବସ୍ତା, ସମୟ: ସକାଳ ୯ଟା।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ୟୁଏଲ୍‌ବି ମୁଖ୍ୟାଳୟ, ନୀଳଗିରି, ସମୟ: ପୂର୍ବାହ୍ନ ୧୦ଟା।
- ସୂଚନା ଅଧିକାର ଆଇନ ସମ୍ପର୍କିତ କର୍ମଶାଳା, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବାଲେଶ୍ୱର ପ୍ରିମିୟର ଲିଗ୍‌ର ୬ଷ୍ଠ ଦିବସ, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

**ଭଦ୍ରକ**
- ଟିଲୋ କପ୍‌ର ୫ମ ଦିବସ ମ୍ୟାଚ୍, ସ୍ଥାନ: ଟିଲୋ ହନୁମାନ ଜୀଉ ଷ୍ଟାଡିୟମ୍, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ ତୀର୍ଥଯାତ୍ରାର ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଶ୍ୱ ମହିଳା ଦିବସ ପାଳନ, ସ୍ଥାନ: ମାକ୍ରୋୱେଭ ଟେକ୍ନୋଲୋଜି, ଭଦ୍ରକ କଲେଜ ରୋଡ୍, ସମୟ: ଅପରାହ୍ନ ୪ଟା।
- ଦିବଂଗତ ସାହିତ୍ୟିକ ଶତ୍ରୁଘ୍ନ ନାଥଙ୍କ ଶ୍ରାଦ୍ଧବାର୍ଷିକୀ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ଅପରାହ୍ନ ୪ଟା ୩୦।
- ଗଗନ ଗୁରୁଜୀଙ୍କ ପ୍ରବଚନ କାର୍ଯ୍ୟକ୍ରମ ଶୁଭାରମ୍ଭ, ସ୍ଥାନ: ବିଞ୍ଝା ସ୍କୁଲ ପଡ଼ିଆ, ବନ୍ତ, ସମୟ: ସନ୍ଧ୍ୟା ୬ଟା।
- ପାରେଶ୍ୱର ସର୍ବଭାରତୀୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ମଣ୍ଡଳପୋଖରୀ, ମନ୍ଦାରୀ, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।

**କେନ୍ଦୁଝର**
- ମା' ସନ୍ତୋଷୀ ଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସୂର୍ଯ୍ୟପୂଜା, ଗ୍ରାମ ପରିଭ୍ରମଣ, ଦେବୀ ଓ ମନ୍ଦିରର ମହାସ୍ନାନ ଏବଂ ଯଜ୍ଞ, ସ୍ଥାନ: ଡଔଁର, ହାଟଡିହୀ, ସମୟ: ପ୍ରାତଃ ୫ଟା।
- ରୋଟାରୀ କ୍ଲବ୍ ଆନୁକୂଲ୍ୟରେ ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: ଯୋଡ଼ାସ୍ଥିତ ଏଲଭି ପ୍ରସାଦ ଡାକ୍ତରଖାନ, ସମୟ: ସକାଳ ୯ ଟା ୩୦।
- ସ୍ୱଚ୍ଛସାଥୀ ଏବଂ ସୁପରଭାଇଜରଙ୍କ ଦ୍ୱାରା ସଫେଇକୁ ନେଇ ସଚେତନତା ଯାତ୍ରା, ସ୍ଥାନ: ଯୋଡ଼ା, ସମୟ: ସକାଳ ୯ଟା ୩୦।
- ବରିଷ୍ଠ ନାଗରିକ ପରିଷଦର ବୈଠକ, ସ୍ଥାନ: ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୦ଟା।
- ଅଷ୍ଟମ ପ୍ରହର ଶୁଭାଧିବାସ ଏବଂ ନାମ ସଂକୀର୍ତ୍ତନ, ସ୍ଥାନ: ସଙ୍ଗମ, ହାଟଡ଼ିହୀ, ସମୟ: ଅପରାହ୍ନ ୫ଟା।

**ମୟୂରଭଞ୍ଜ**
- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ଉଦ୍‌ଯାପନୀ ଉତ୍ସବ,ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ଜଗନ୍ନାଥ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ମଧୁବନ ପଡିଆ ବାରିପଦା,ସମୟ: ଅପରାହ୍ନ ୪ଟା।

**ବ୍ରହ୍ମପୁର**
- ହୋମିଓପାଥିକ କଲେଜର ବାର୍ଷିକ ଉତ୍ସବ, ସ୍ଥାନ: କଲେଜ ପରିସର, ସମୟ: ଅପରାହ୍ନ ୪ଟା।

**ଅନୁଗୋଳ**
- ଏମ୍ଆର୍‌ସିସି ନାଇଟ୍ ଚ୍ୟାଲେଞ୍ଜ କପ୍‌ର ତୃତୀୟ ଦିବସରେ କ୍ରିକେଟ ମ୍ୟାଚ, ସ୍ଥାନ: ଆଠମଲ୍ଲିକ ରାମେଶ୍ୱର ପାଟଣା କ୍ରିକେଟ ପଡ଼ିଆ, ସମୟ : ରାତି ୮ଟା।

**ଜଗତ୍‌ସିଂହପୁର**
- ଆଇସିଡିଏସ୍ କାର୍ଯ୍ୟକ୍ରମ ଉପରେ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମୈନାକ ସାହିତ୍ୟ ସଂସଦ ପକ୍ଷରୁ ଚଇତି କବିତା ଆସର କାର୍ଯ୍ୟକ୍ରମ, ସ୍ଥାନ: ପୌର ସମ୍ମିଳନୀ କକ୍ଷ, ପାରାଦୀପ, ସମୟ: ଅପରାହ୍ନ ୪ଟା।
- ମୁଖ୍ୟମନ୍ତ୍ରୀ ବସ୍ ସେବା ରୁଟ ସଂଶୋଧନ ସମ୍ପର୍କିତ ଜିଲାସ୍ତରୀୟ ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ସମୟ: ଅପରାହ୍ନ ୪ଟା ୩୦।
- ମହିଳା ସାଂସ୍କୃତିକ କାର୍ଯ୍ୟକ୍ରମର ତୃତୀୟ ସନ୍ଧ୍ୟାରେ ନାଟକ 'ଯେଉଁ ବନସ୍ତରେ ମଣିଷ ନାହିଁ' ପରିବେଷଣ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦ୍ରାପଡ଼ା**
- ଫ୍ରେଣ୍ଡସ ୟୁଥ କ୍ଲବ ପକ୍ଷରୁ ପାଇକା ମହୋତ୍ସବ, ସ୍ଥାନ: ପୋତାରି ଖେଳପଡିଆ, ମଙ୍ଗରାଜପୁର, ମାର୍ଶାଘାଇ, ସମୟ: ସନ୍ଧ୍ୟା ୬ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବାସୁଦେବ ପୀଠ, କୋଚିଲା, ମହାକାଳପଡା, ସମୟ: ସନ୍ଧ୍ୟା ୬ଟା।
- ମଧୁସାଗର ମହୋତ୍ସବ, ସ୍ଥାନ: ବାଲିଆ, ଭାଗବତପୁର, କେନ୍ଦ୍ରାପଡା, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**
- ବ୍ୟାଙ୍କର୍ସଙ୍କୁ ନେଇ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।
- ଜିଲା ଶୈକ୍ଷିକ ସମାଜର ପ୍ରସ୍ତୁତି ବୈଠକ, ସ୍ଥାନ: ବାରବାଟି ନିକଟ ଦୁର୍ଗାମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା।

**ନୟାଗଡ଼**
- ନୀଳମାଧବଙ୍କ ଚନ୍ଦନ ଲାଗି ବେଶର ସପ୍ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ଭୋର ୫ଟା।
- ପଞ୍ଚୁଦୋଳ ଯାତ୍ରା ମହୋତ୍ସବର ୩ୟ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ ବନମାଳିପୁର ସୋମନାଥ ମନ୍ଦିର ପଞ୍ଚୁଦୋଳ ପଡିଆ, ସମୟ:ସନ୍ଧ୍ୟା ୭ଟା।
- ବନଦୁର୍ଗାଙ୍କ ୩ୟ ବାର୍ଷିକ ଉତ୍ସବର ଉଦ୍‌ଯାପନ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ ସିଂଘାପଡା, ସମୟ: ସକାଳ ୮ଟା।
- ୨୮ ତମ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମି ଫାଇନାଲ, ସ୍ଥାନ: ଖଣ୍ଡପଡା ବ୍ଲକ ବାଇଗୁଣିଆ ହାଇସ୍କୁଲ ଖେଳପଡ଼ିଆ, ସମୟ: ଅପରାହ୍ନ ୩ଟା ୩୦।
- ଅଷ୍ଟପ୍ରହର ଓ ନାମ ଯଜ୍ଞ ଉଦ୍‌ଯାପନ, ସ୍ଥାନ: ଖଣ୍ଡପଡା ବ୍ଲକ ସୋହମ ଆଶ୍ରମ ବଳରାମ ପ୍ରସାଦ, ସମୟ:ସକାଳ ୮ଟା।
- ବ୍ଲକସ୍ତରୀୟ କ୍ରୀଡା ସମାରୋହ, ସ୍ଥାନ: ଖଣ୍ଡପଡା ଭଲିବଲ ଗ୍ରାଉଣ୍ଡର ବାଇପାସ୍ ନିକଟରେ, ସମୟ: ଅପରାହ୍ନ ୩.୩୦।
- ସିଦ୍ଧାମୂଳା ମଙ୍ଗଳାଙ୍କର ବାର୍ଷିକୋତ୍ସବ, ସ୍ଥାନ:ଖଣ୍ଡପଡା ସିଦ୍ଧାମୂଳା ମଙ୍ଗଳା ମନ୍ଦିର, ସମୟ: ସକାଳ ୭.୩୦ଟା।

**ରାୟଗଡ଼ା**
- ଓଡ଼ିଶା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଉପ ଜିଲାପାଳଙ୍କ ସଦ୍‌ଭାବନା ସଭା ଗୃହ, ଗୁଣପୁର, ସମୟ: ଅପରାହ୍ନ ୪ ଟା।

**ନବରଙ୍ଗପୁର**
- ମା ଙ୍କ ନବଦିନ ଯାତ୍ରା ପାଇଁ ଶୁଭଖୁଣ୍ଟି ସ୍ଥାପନ, ସ୍ଥାନ: ଉମରକୋଟ ଗାନ୍ଧୀଛକ, ସମୟ: ପୂର୍ବାହ୍ନ ୧୦ଟା।
- ଆନ୍ତଃଜିଲା ମୁଖ୍ୟମନ୍ତ୍ରୀ କପ୍ କବାଡି ପ୍ରତିଯୋଗିତା ପ୍ରସ୍ତୁତି ବୈଠକ, ସ୍ଥାନ: ନବରଙ୍ଗପୁର ମିଶନଶକ୍ତି ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୧ଟା।

**କୋରାପୁଟ**
- ଲୋକ ଅଧିକାର ଯାତ୍ରା କମିଟିର ଖବରଦାତା ସମ୍ମିଳନୀ, ସ୍ଥାନ: ଅତିଥି ଭବନ ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।
- ଅଗ୍ନିଗଙ୍ଗାମା'ଙ୍କ ଯାତ୍ରା ଉଦ୍‌ଯାପନ, ସ୍ଥାନ: ନୀଳାବାଡ଼ି, ବନ୍ଧୁଗାଁ, ସମୟ: ରାତି ୧୦ଟା।

**ମାଲକାନଗିରି**
- ସମ୍ପୂର୍ଣ୍ଣତା ଅଭିଯାନ ୨.୦ କାର୍ଯ୍ୟକ୍ରମ ଶୁଭାରମ୍ଭ, ସ୍ଥାନ: ଜିଲା ପରିଷଦ କାର୍ଯ୍ୟାଳୟ ପରିସର, ମାଲକାନଗିରି , ସମୟ: ସକାଳ ୯ଟା ୩୦।
- ସଚେତନତା ଶୋଭାଯାତ୍ରା, ଷ୍ଟଲ ଉଦ୍‌ଘାଟନ ଏବଂ ଚାରାରୋପଣ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଜିଲା ପରିଷଦ କାର୍ଯ୍ୟାଳୟ, ମାଲକାନଗିରି, ସମୟ: ସକାଳ ୯ଟା।

**ସମ୍ବଲପୁର**
- ୬୯ତମ ସର୍ବଭାରତୀୟ ରେଳବାଇ ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ, ସ୍ଥାନ : ରେଳବାଇ ଷ୍ଟାଡିୟମ, ସମୟ : ସକାଳ ୯ଟା।
- ୬୯ତମ ସର୍ବଭାରତୀୟ ରେଳବାଇ ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୯ଟା।
- ରବିଧାନ ସଂଗ୍ରହ ସକାଶେ ଚାଷୀ ନାମ ପଞ୍ଜୀକରଣ କାର୍ଯ୍ୟକ୍ରମ, ସ୍ଥାନ: ବିଭିନ୍ନ ପାକ୍ସ ଅଫିସ, ସମୟ: ସକାଳ ୯ଟା।
- ସ୍କିଲ ଟ୍ରି ଓ ଆର୍ଟ ଅନୁରେଖା ଆୟୋଜିତ ସ୍ତ୍ରୀକଳା ମହିଳା ଚିତ୍ରକଳା ପ୍ରଦର୍ଶନୀର ଉଦ୍‌ଯାପନୀ ଉତ୍ସବ, ସ୍ଥାନ : ଆଞ୍ଚଳିକ ଆର୍ଟ ଗ୍ୟାଲେରି ସ୍ଥିତ ଲଳିତ କଳା ଏକାଡେମୀ, ସମୟ : ପୂର୍ବାହ୍ନ ୧୧ଟା।
- ଶ୍ରୀରାମ ବାଟିକାରେ ୨୪ ପ୍ରହର ଅଖଣ୍ଡ ନାମଯଜ୍ଞର ପ୍ରସ୍ତୁତି ବୈଠକ, ସ୍ଥାନ : ଅଇଁଠାପାଲି ନିକଟସ୍ଥ ଡଲଫିନ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୧ଟା।
- ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟ ଏବଂ ଭୁବନେଶ୍ୱର ଓଡିଶା ସଙ୍ଗୀତ ନାଟକ ଏକାଡେମୀ ଆୟୋଜିତ ପ୍ରଥମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ରଙ୍ଗ ସଙ୍ଗମ -୨୦୨୬ରେ ପୁରୀ ଶ୍ରୀକ୍ଷେତ୍ର ନାଟ୍ୟଶାଳା ପକ୍ଷରୁ ନାଟକ ସ୍ୱୟଂମ୍ବର ମଞ୍ଚସ୍ଥ, ସ୍ଥାନ: ତପସ୍ୱିନୀ ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୬ଟା।

**ବଲାଙ୍ଗୀର**
- ଶ୍ରୀ ଶ୍ରୀ ଷୋହଳ ପ୍ରହର ନାମଯଜ୍ଞ, ସ୍ଥାନ: ଜାମୁଟଝୁଲା ଗ୍ରାମ, ତୁରେକେଲା ବ୍ଲକ, ସମୟ: ସକାଳ ୮ଟା ୫୫।

**ରାଉରକେଲା**
- ସିଏଆଇଏସ୍ଏଫ୍ ରାଇଜିଂ ଡେ ନେଇ ପରେଡ, ସ୍ଥାନ: ବିଶ୍ରା ଛକ, ସମୟ: ସକାଳ ୯ଟା।
- ସାହିତ୍ୟ ଆଲୋଚନାଚକ୍ର, ସ୍ଥାନ: ଇସ୍ପାତ ସାହିତ୍ୟ ସଂସଦ, ସମୟ: ସନ୍ଧ୍ୟା ୬ଟା।

**ବରଗଡ଼**
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ରାଇସଲପଦର, ଗାଇସିଲେଟ, ସମୟ: ସକାଳ ୮ଟା।
- ବରିଷ୍ଠ ନାଗରିକଙ୍କ କଲ୍ୟାଣ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ସରକଣ୍ଡା, ସୋହେଲା, ସମୟ: ପୂର୍ବାହ୍ନ ୧୦ଟା।

**କଳାହାଣ୍ଡି**
- ଜିଲାସ୍ତରୀୟ ଡିପିସି ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ରବି ଧାନ କିଣା ପାଇଁ ପଞ୍ଜୀକରଣ ଆରମ୍ଭ, ସ୍ଥାନ: ଜୁନାଗଡ଼ ବ୍ଲକ ଚିର୍ଚିଗୁଡା ପ୍ରାଥମିକ କୃଷି ସମବାୟ ସମିତି, ସମୟ: ପୂର୍ବାହ୍ନ ୧୦ଟା।
- ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ, ସମୟ: ପୂର୍ବାହ୍ନ ୧୦ଟା।

**ବୌଦ୍ଧ**
- ସୁଭଦ୍ରା ଶକ୍ତି ମେଳାର ପଞ୍ଚମ ଦିବସ, ସ୍ଥାନ: କଚେରି ଖେଳ ପଡିଆ, ବୌଦ୍ଧ, ସମୟ: ସନ୍ଧ୍ୟା ୬ଟା।

**ଦେବଗଡ଼**
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଦେବଗଡ଼ ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ସମୟ: ସନ୍ଧ୍ୟା ୭ଟା।
- ଡିଜିଟାଲ ଫସଲ ସର୍ବେକ୍ଷଣ ପାଇଁ କାର୍ଯ୍ୟ ଯୋଜନା ଓ ମାନକ କାର୍ଯ୍ୟ ପ୍ରଣାଳୀ ନିମନ୍ତେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ଦେବଗଡ଼ ସିଡିଏଓ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

**ସୁବର୍ଣ୍ଣପୁର**
- ସୁବର୍ଣ୍ଣପୁରର ଇଷ୍ଟଦେବୀ ସୁରେଶ୍ୱରୀଙ୍କ ସନ୍ଧ୍ୟା ଆଳତୀ ଓ ବିଶେଷ ପୂଜା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ସନ୍ଧ୍ୟା ଆଳତୀ ଓ ପୂଜାର୍ଚ୍ଚନା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

**ନୂଆପଡ଼ା**
- ଶ୍ରୀଶ୍ରୀ ଅଖଣ୍ଡ ଷୋହଳପ୍ରହର ନାମଯଜ୍ଞ ନାମଧାରଣ ଅବ୍ୟାହତ ଓ ଆଳତି, ସ୍ଥାନ: ଖଡିଆଳ ବ୍ଲକ ଅମଲାପାଲି ଗାଁ, ସମୟ: ପ୍ରାତଃ ୫ଟା ୩୭।
- ସ୍ୱାମୀ ବିବେକାନନ୍ଦ କ୍ରିକେଟ ଟୁର୍ଣ୍ଣାମେଣ୍ଟ କ୍ୱାର୍ଟର ଫାଇନାଲ, ସ୍ଥାନ: ଖଡିଆଳ ବ୍ଲକ ସାନମହେଶ୍ୱର ପଞ୍ଚାୟତ ଘରଧରା ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ଷୋହଳ ପ୍ରହର ନାମଯଜ୍ଞ ନାମ ଅବ୍ୟାହତ ଓ ଆଳତି, ସ୍ଥାନ: ଖଡିଆଳ ବ୍ଲକ ରଜାମୁଣ୍ଡା ଗାଁ, ସମୟ: ପ୍ରାତଃ ୪ଟା ୩୫।
- ସୁଭଦ୍ରା ଶକ୍ତିମେଳା ଉଦ୍‌ଘାଟନ, ସ୍ଥାନ: ନ୍ୟାଶନାଲ ମହାବିଦ୍ୟାଳୟ ପଡିଆ ନୂଆପଡା, ସମୟ: ସନ୍ଧ୍ୟା ୬ଟା।
- ସୁଭଦ୍ରା ଶକ୍ତି ମେଳା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ନ୍ୟାଶନାଲ ମହାବିଦ୍ୟାଳୟ ପଡ଼ିଆ, ନୂଆପଡ଼ା, ସମୟ: ରାତ୍ର ୯ଟା ୩୦।
- ଷୋହଳ ପ୍ରହର ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା ଓ ଅଧିବାସ, ସ୍ଥାନ: କୋମନା ବ୍ଲକ କ୍ରିଷ୍ଟା ଗାଁ, ସମୟ: ଅପରାହ୍ନ ୩ଟା।

**ଝାରସୁଗୁଡ଼ା**
- ଷୋହଳ ପ୍ରହର ନାମ ସଂକୀର୍ତ୍ତନ କାର୍ଯ୍ୟକ୍ରମ, ସ୍ଥାନ: କାଙ୍କମାଲ ନାମ ମଣ୍ଡପ, ଲଇକେରା, ସମୟ: ସକାଳ ୮ଟା।
- ଷୋହଳ ପ୍ରହର ନାମ ସଂକୀର୍ତ୍ତନ, ସ୍ଥାନ: ପନଖିପଡ଼ା ନାମ ମଣ୍ଡପ, କିର୍ମିରା, ସମୟ: ସକାଳ ୮ଟା।
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପ୍ରସ୍ତୁତି ସଭା, ସ୍ଥାନ: କନକତୋରା ମନ୍ଦିର ପରିସର, ସମୟ: ଅପରାହ୍ନ ୩ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ବିଶିଷ୍ଟ ବ୍ୟକ୍ତିଙ୍କ ପରାମର୍ଶ ଆଶା ଓ ଅଭିଳାଷକୁ ସମ୍ପୂର୍ଣ୍ଣ କରିବାରେ ସାହାଯ୍ୟ କରିବ। ସ୍ୱାସ୍ଥ୍ୟ, ବାଣିଜ୍ୟ, କର୍ମାରମ୍ଭ ସକାଶେ ଦିନଟି ଭଲ। ନୂତନ ଯୋଜନା , ଅର୍ଥନୈତିକ ଆଲୋଚନା, ମନୋରଞ୍ଜନ କାର୍ଯ୍ୟକ୍ରମାଦି ଗଡ଼ବଡ଼ ହୋଇପାରେ। ଅଶ୍ୱିନୀ ନକ୍ଷତ୍ର ସକାଶେ ପୂର୍ବ ବିବାଦକୁ କେନ୍ଦ୍ରକରି ନିଜ ଲୋକଙ୍କ ନିକଟରୁ ଆସ୍ଥା ହରାଇବାକୁ ପଡ଼ିପାରେ।

**ବୃଷ**
ସ୍ୱାର୍ଥସାଧନର ନୈରାଶ୍ୟରେ ଅତି ବିଶ୍ୱସ୍ତ ଲୋକଟି ବିପକ୍ଷରେ ଯାଇପାରେ। ଆନୁଷ୍ଠାନିକ କାର୍ଯ୍ୟ ହାସଲ ପରିପ୍ରେକ୍ଷୀରେ ଅନ୍ୟମାନଙ୍କୁ ମନେଇବାକୁ ଚେଷ୍ଟା କରି କିଛି ମାତ୍ରାରେ ସଫଳ ହେବେ। କୃତ୍ତିକା ନକ୍ଷତ୍ରର ମାଙ୍ଗଳିକ କାମ ସକାଶେ କୌଣସି ବିଳାସ ସାମଗ୍ରୀ କ୍ରୟକରିବା ସକାଶେ ଘରୁ ବରାଦ ଆସିପାରେ।

**ମିଥୁନ**
ଆଜି ବନ୍ଧୁମାନଙ୍କ ଦ୍ୱାରା ସଭାସମିତି, ବନ୍ଧୁ ସମ୍ପର୍କ, ପାରିବାରିକ ସୌହାର୍ଦ୍ଦ୍ୟ ଅକ୍ଷୁଣ୍ଣ ରହିବ। କିନ୍ତୁ ଆରଦ୍ରା ନକ୍ଷତ୍ର ସକାଶେ କେତେକ ପ୍ରତିବନ୍ଧକଜନିତ ଅଟକି ରହିଥିବା କାମ ସକାଶେ ଅନୁତାପ କରିପାରନ୍ତି। ଆଗାମୀ ମାଙ୍ଗଳିକ କର୍ମ ସକାଶେ ଘର ସାଜସଜ୍ଜା ସାଙ୍ଗକୁ ବକେୟା କର୍ମ ସମାପନ ସକାଶେ ବ୍ୟସ୍ତତା ପ୍ରକାଶ କରିବେ।

**କର୍କଟ**
ଆପଣଙ୍କ କାମରେ, ଚିନ୍ତାଧାରାରେ ଅନୁକୂଳ ବାତାବରଣ ସୃଷ୍ଟିରୁ ମନ ପ୍ରଫୁଲ୍ଲ ରହିବ। ଯେପରି ଭାବୁଛନ୍ତି ତାହାହିଁ ହେବ, କିନ୍ତୁ ପରିଣତ ସମୟକୁ ଅପେକ୍ଷା କରିବାକୁ ପଡ଼ିପାରେ। ଅଶ୍ଳେଷା ନକ୍ଷତ୍ର ଅନ୍ୟଦ୍ୱାରା ପ୍ରଭାବିତହୋଇ ଭୁଲ୍ କାମ କରିପାରନ୍ତି। ବିରକ୍ତି ପ୍ରକାଶକଲେ ଆନୁଷ୍ଠାନିକ କାମରେ ସମସ୍ୟା ଆସିପାରେ।

**ସିଂହ**
ମାଙ୍ଗଳିକ କାମ ବନ୍ଧୁଙ୍କ ସହାୟତାରେ ହାସଲ ସକାଶେ ଆଲୋଚନା କରିପାରନ୍ତି। ପାରିବାରିକ ସମସ୍ୟାର ସମାଧାନ ସକାଶେ ଚେଷ୍ଟା ବ୍ୟର୍ଥ ହେବନାହିଁ। ଆନୁଷ୍ଠାନିକ କ୍ଷେତ୍ରରେ ଈର୍ଷାପରାୟଣ ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହେବେ। ମଘା ନକ୍ଷତ୍ରର ଜମିଜମା କିଣାବିକା ବାବଦରେ ଚୁକ୍ତିପତ୍ର ସ୍ୱାକ୍ଷରିତହେବା ସୂଚନା ରହିଛି।

**କନ୍ୟା**
ବହୁଦିନ ହେଲା ଯାହା ପାଇବା ସକାଶେ ଆଶା ବାନ୍ଧି ବସିଛନ୍ତି ତାହା ନିଶ୍ଚିତ ପାଇବେ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ରର ବିବାଦୀୟ ପରିସ୍ଥିତି ଜଟିଳାକାର ଗ୍ରହଣ କରିବା ଆଶଙ୍କା ରହିଛି। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିରେ ଚାପ ବଢ଼ିପାରେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ଲାଗି ରହିବା ସମ୍ଭାବନା ଥିବାରୁ ମନରେ ଅଶାନ୍ତି ସୃଷ୍ଟି ହୋଇପାରେ।

**ତୁଳା**
ଆଜିର ଅନୁକୂଳ ଗ୍ରହ ସ୍ଥିତି ପ୍ରଭାବରେ କାର୍ଯ୍ୟସିଦ୍ଧି, ଆଶା କରୁଥିବା ଦିଗରୁ ଅର୍ଥ ଓ ବିବାଦର ସମାଧାନ ହୋଇପାରିବ। ନୂତନଭାବରେ ଯେଉଁ କାମଟିକୁ ଆରମ୍ଭ କରିବାକୁ ଯାଉଛନ୍ତି ତାହା ନିର୍ବିଘ୍ନରେ ସମାପନ ହୋଇଯିବା ଆଶା ରହିଛି। ବିଶେଷ ଭ୍ରମଣ କାରଣରୁ ସାମୟିକ ଭାବରେ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି।

**ବିଛା**
ଆଜି ଆତ୍ମୀୟଙ୍କ ସହାୟତାରେ କର୍ମାରମ୍ଭ, ଦୂରଯାତ୍ରା ପାଇଁ ପ୍ରସ୍ତୁତ ହୋଇପାରନ୍ତି। ମନକୁ ପାଇଲା ଭଳି ଆଲୋଚନା କାହା ସହ ମଧ୍ୟ ହୋଇପାରିବ ନାହିଁ। ଜ୍ୟେଷ୍ଠା ନକ୍ଷତ୍ରର କେତେକ କ୍ଷେତ୍ରରେ ଈର୍ଷାପରାୟଣ ବ୍ୟକ୍ତିଙ୍କ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ପ୍ରଶାସନ, ଯାନବାହନ, ନିର୍ମାଣ, ସାହିତ୍ୟ, କ୍ରୀଡ଼ା ପ୍ରଭୃତିରୁ ସୁଫଳ ପାଇବେ।

**ଧନୁ**
ଦୈହିକ ସୁସ୍ଥତା ସାଙ୍ଗକୁ ପାରିବାରିକ ଶାନ୍ତି ଯୋଗୁ ଆଶ୍ୱସ୍ତି ଅନୁଭବ କରିବେ। ସଭାସମିତି, ଆନୁଷ୍ଠାନିକ କାମ ଓ ଗବେଷଣାଦି କାର୍ଯ୍ୟରେ ଆଶାନୁଯାୟୀ ଫଳ ପାଇବେ। ସାମାଜିକ ସ୍ତରରେ ଉତ୍ତରାଷାଢ଼ା ନକ୍ଷତ୍ର ସକାଶେ ନିଜର ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବ। ଆଜି ବନ୍ଧୁଙ୍କ ପ୍ରାୟୋଜିତ ମନୋରଞ୍ଜନ କାର୍ଯ୍ୟରେ ମଜ୍ଜିରହିବେ।

**ମକର**
ଶୁକ୍ରଙ୍କ ପ୍ରଭାବରୁ ମନରେ ପ୍ରଫୁଲ୍ଲତା, ଚନ୍ଦ୍ର ଓ ମଙ୍ଗଳ ନୂତନ ବନ୍ଧୁତ୍ୱ ସାଙ୍ଗକୁ କାର୍ଯ୍ୟସାଧନର ହେତୁ ସ୍ୱରୂପ ହୋଇପାରନ୍ତି। ନିଜ ପାଖରେ ରହୁଥିବା କୌଣସି ବ୍ୟକ୍ତି ଦ୍ୱାରା କାମ ହାସଲ କରିପାରନ୍ତି। ଶ୍ରବଣା ନକ୍ଷତ୍ରର ଜମିଜମା କ୍ରୟ ବିକ୍ରୟ, ଯାନବାହନାଦି ମରାମତି ଓ ମାଙ୍ଗଳିକ କାମର ପ୍ରସ୍ତୁତି ପାଇଁ ଚିନ୍ତିତ ରହିପାରନ୍ତି।

**କୁମ୍ଭ**
ବନ୍ଧୁଗହଣରେ ଅପ୍ରିୟସତ୍ୟ ଭାଷଣ ଅଯଥା ସୁସମ୍ପର୍କ ନଷ୍ଟହେବାର କାରଣ ହୋଇପାରେ। ପୂର୍ବଭାଦ୍ରପଦ ନକ୍ଷତ୍ର ପରିବାରର ଖର୍ଚ୍ଚ ବୃଦ୍ଧି ପାଇବାରୁ ଚିନ୍ତା ପ୍ରକଟ କରିବେ। ବିଭିନ୍ନ ସମସ୍ୟାମୂଳକ କାମରେ ପ୍ରବେଶକରି ବ୍ୟସ୍ତତା ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ।

**ମୀନ**
ଆଜି ରେବତୀ ନକ୍ଷତ୍ରର କର୍ମକ୍ଷେତ୍ରରେ ବାଧା, ବିଘ୍ନ, ପ୍ରତିବନ୍ଧକାଦି ରହିବ ନାହିଁ। ତଥାପି ପରିବାର, ଲୋକସମ୍ପର୍କ, ଯାନବାହନ ପ୍ରଭୃତିରେ ସତର୍କ ରହିବା ଭଲ। କୌଣସି ଭୁଲ୍ ନ କରି ମଧ୍ୟ ଦୋଷାରୋପ ଆସିପାରେ। ବାଣିଜ୍ୟ, ପରିବହନ ଓ ଆନୁଷ୍ଠାନିକ କାମରେ ସଫଳତା ପାଇପାରିବେ।

ଆଜି ମାର୍ଚ୍ଚ ୧୦ ତାରିଖ, ଚୈତ୍ର କୃଷ୍ଣ ସପ୍ତମୀ ମଙ୍ଗଳବାର, ମା' ତାରାତାରିଣୀଙ୍କ ଯାତ୍ରା ଆରମ୍ଭ, ଚୈତ୍ର ମଙ୍ଗଳବାର ଓଷା ଆରମ୍ଭ। ରାଶିନକ୍ଷତ୍ର-ଅନୁରାଧା/ବିଛା, ସପ୍ତମୀର ଏକୋଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ୦୯।୦୦ ଗତେ ଘ.୧୦।୪୬ ମଧ୍ୟେ, ଘ.୦୧।୦୭ ଗତେ ଘ.୦୧।୨୫ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ. ୦୨।୫୪ ଗତେ ଘ.୦୪।୨୨ ମଧ୍ୟେ ରାହୁକାଳ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅତି ସେରନ୍ତାରେ ସେରନ୍ତା**
**ଝିଅ କାନ୍ଦେନା**
**ଚାଉଳ ପଛକେ ଖାଇବା**
**ଭାତ ରାନ୍ଧେନା।**

କିଛି ବ୍ୟକ୍ତି ଅପେକ୍ଷାକୃତ ସ୍ତ୍ରୀକୁ ଅଧିକ ମୁଣ୍ଡରେ ବସେଇଥାନ୍ତି। ସ୍ତ୍ରୀ କିଛି କାମଦାମ କଲେ ଦେହକୁ କଷ୍ଟ ହେବ ଜାଣି ମନ ଊଣା କରିଥାନ୍ତି। ଭାତ ରାନ୍ଧିବା ସମୟସାପେକ୍ଷ, ଚାଉଳ ପାଛୁଡ଼ି ଧୋଇ ହାଣ୍ଡିରେ ବସେଇବା କଷ୍ଟକର। ଫଳସ୍ୱରୂପ ଯାହିତାହି ଖାଇ ଚଳେଇନବା ନେଇ ପରାମର୍ଶ ଦେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଣ୍ଡା ଭଙ୍ଗା ଗୁଆକାତି**
**ପାଖରେ ବସାଇ ପାନ ଖୁଆନ୍ତି**
**ନୁହନ୍ତି ଆପଣା ଜାତି।**

ଜଣଙ୍କର ଅନ୍ୟ ଜଣଙ୍କ ପ୍ରତି ଭଲ ପାଇବା ନେଇ ପରିପ୍ରକାଶ। ବେଳେବେଳେ ଅଜ୍ଞାତ ବ୍ୟକ୍ତିକୁ ପାଖରେ ବସାଇ ଭାବନା ସୃଷ୍ଟିକରି ନିଜର କରିବାକୁ ଇଚ୍ଛାହୁଏ। କିନ୍ତୁ ସେ ନିଜ ଜାତି ବା ପରିଚିତର ହୋଇ ନ ଥିବାରୁ କିଛି ସାମାଜିକ ଅନ୍ତରାୟ ରହିଯାଇଥାଏ। ଏହାକୁ ସେ ଅତିକ୍ରମ କରି ପାରୁ ନ ଥାଏ କି ତାକୁ ଛାଡ଼ି ରହିପାରୁ ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଦିଲ୍ଲୀ ଦଙ୍ଗା ମାମଲାରେ ଶର୍ଜିଲ ଇମାମ୍‌ଙ୍କୁ ଜାମିନ



ନୂଆଦିଲ୍ଲୀ,୯।୩

୨୦୨୦ ଦିଲ୍ଲୀ ଦଙ୍ଗା ମାମଲାରେ ଏକ ଅଦାଲତ ସୋମବାର ଆକ୍ଟିଭିଷ୍ଟ ଶର୍ଜିଲ ଇମାମ୍‌ଙ୍କୁ ୧୦ ଦିନିଆ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ଭାଇ ବାହାଘରରେ ଯୋଗଦେବା ପାଇଁ ଶର୍ଜିଲ ୬ ସପ୍ତାହ ଜାମିନରେ ଯିବାକୁ ଅଦାଲତରେ ଆବେଦନ କରିଥିଲେ। ଅତିରିକ୍ତ ଦୌରା ଜଜ୍ ସମୀର ବାଜପାୟୀ ଏହାକୁ ବିଚାରକୁ ନେଇ ତାଙ୍କୁ ମାର୍ଚ୍ଚ ୨୦ରୁ ୩୦ ପର୍ଯ୍ୟନ୍ତ ଅନ୍ତରୀଣ ଜାମିନ ମଞ୍ଜୁର କରିଛନ୍ତି। ସୂଚନାଯୋଗ୍ୟ, ୨୦୨୦ ଫେବୃଆରୀରେ ଉତ୍ତରପୂର୍ବ ଦିଲ୍ଲୀରେ ହୋଇଥିବା ଦଙ୍ଗାରେ ୫୩ ଜଣଙ୍କ ଜୀବନ ଯିବା ସହ ୭୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ନାଗରିକତ୍ୱ (ସଂଶୋଧନ) ଆଇନ (ସିଏଏ) ଏବଂ ଜାତୀୟ ନାଗରିକ ପଞ୍ଜିକା (ଏନ୍ଆର୍‌ସି) ପ୍ରତିବାଦରେ ବିକ୍ଷୋଭ ଚାଲିଥିବାବେଳେ ଏଭଳି ହିଂସାକାଣ୍ଡ ଘଟିଥିଲା।

## ସମିତିସଭ୍ୟଙ୍କ ଗୁହାଳରେ ଅଗ୍ନିକାଣ୍ଡ, ଜଳିଗଲେ ୧୫ ଛେଳି

ଭଞ୍ଜନଗର,୯।୩(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକ ଗୁଣ୍ଠିରିବାଡି ସମିତିସଭ୍ୟ ଶ୍ରୀନିବାସ ବିଶ୍ୱାଳଙ୍କ ଛେଳି ଗୁହାଳରେ ରବିବାର ସନ୍ଧ୍ୟାରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଛି। ଫଳରେ ଗୁହାଳରେ ଥିବା ୧୫ରୁ ଊର୍ଦ୍ଧ୍ୱ ଛେଳି ଜୀବନ୍ତ ଦଗ୍ଧ ହୋଇଛନ୍ତି। ତେବେ ସମିତିସଭ୍ୟ ବିଶ୍ୱାଳ ଗୁହାଳ କରିଥିବା ସ୍ଥାନରୁ ୧ କି.ମି. ଦୂରରେ ରହୁଥିବାରୁ ଏହି ଅଗ୍ନିକାଣ୍ଡ ସମ୍ପର୍କରେ ହଠାତ୍ ଜାଣିପାରି ନ ଥିଲେ। ସେ ଜାଣିବା ବେଳକୁ ୧୫ ଛେଳି ଜୀବନ୍ତ ଦଗ୍ଧ ହୋଇ ସାରିଥିଲେ। ଖବର ପାଇ ଭଞ୍ଜନଗର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଏନେଇ ସମିତିସଭ୍ୟ ବିଶ୍ୱାଳଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ରବିବାର ଅପରାହ୍ନରେ ଆମେ ଗ୍ରାମରେ ଏକ ଭୋଜିରେ ବ୍ୟସ୍ତ ଥିଲୁ। ଏହି ସମୟରେ କୌଣସି ଦୁର୍ବୃତ୍ତ ଆମ ଛେଳି ଗୁହାଳରେ ନିଆଁ ଲଗାଇ ଦେଇଥିଲେ। ଘରଠାରୁ ପ୍ରାୟ ୧ କି.ମି. ଦୂରରେ ଗୁହାଳଟି ଥିବାରୁ ଆମେ ବିଳମ୍ବରେ ଘଟଣା ସମ୍ପର୍କରେ ଜାଣି ଘଟଣା ସ୍ଥଳକୁ ଯିବା ବେଳକୁ ୧୫ଟି ଛେଳିଛୁଆ ମରି ସାରିଲେଣି। ଆଉ ଦୁଇଟିକୁ ଗୁନା ସେନାପତି ଉଦ୍ଧାର କରିଥିଲେ। ଏହି ସମୟରେ ତାଙ୍କ ହାତ ସାମାନ୍ୟ ପୋଡିଯାଇଛି। ଘଟଣା ସମ୍ପର୍କରେ ଭଞ୍ଜନଗର ଥାନାରେ ଅଭିଯୋଗ କରିଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି। ନିଆଁ ଲାଗିବା ସମୟରେ ବଡ଼ ଛେଳି ଓ ବୋଦାଗୁଡ଼ିକ ବିଲ ମାଳକୁ ଚରିବାକୁ ଚାଲି ଯାଇଥିବାରୁ ସେମାନେ ରକ୍ଷା ପାଇଯାଇଥିଲେ ବୋଲି ବିଶ୍ୱାଳ ପ୍ରକାଶ କରିଛନ୍ତି।



ସମିତିସଭ୍ୟଙ୍କ ଜଳିଯାଇଥିବା ଗୁହାଳ।

## ରାଜ୍ୟରେ ଶିଶୁ...

ପ୍ରଥମ ପୃଷ୍ଠାରୁ...

ପାଇଥିବା ସ୍ଥଳେ ରାଜ୍ୟରେ ଏହା ୨୧ ୟୁନିଟ୍ ହ୍ରାସ ପାଇଛି। ମନ୍ତ୍ରୀ ଆହୁରି କହିଛନ୍ତି ଯେ, ରାଜ୍ୟରେ ଶିଶୁମୃତ୍ୟୁହାର କମାଇବାକୁ ସରକାରଙ୍କ ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ହୋମ୍ ବେସଡ ନିୟୁ ବର୍ନ କେୟାର କାର୍ଯ୍ୟକ୍ରମ, ନବଜାତ ଶିଶୁ ଯତ୍ନ କୋଣ ସ୍ଥାପନ(ଏନ୍‌ବିସିସି), ନବଜାତ ଶିଶୁ ଯତ୍ନ କେନ୍ଦ୍ର ସ୍ଥାପନ, ରାଜ୍ୟର ସବୁ ଭେଷଜ ମହାବିଦ୍ୟାଳୟ ଓ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଉପଖଣ୍ଡ ଚିକିତ୍ସାଳୟରେ ନବଜାତ ଶିଶୁ ଯତ୍ନ କେନ୍ଦ୍ରମାନ ସ୍ଥାପନ କରାଯିବା ସହିତ ବହୁବିଧ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହାବାଦ ସାର୍ବଜନୀନ ଟିକାକରଣ କାର୍ଯ୍ୟକ୍ରମ, ପୁଷ୍ଟି ପୁନର୍ବାସ କେନ୍ଦ୍ରରେ ଇଞ୍ଜେକ୍ସନ ପ୍ରଦାନ, ଆଶା, ସ୍ୱାସ୍ଥ୍ୟକର୍ମୀଙ୍କ ସହିତ ସମସ୍ତ ଶିଶୁ ସ୍ୱାସ୍ଥ୍ୟ ସହ ଜଡିତ କର୍ମଚାରୀଙ୍କୁ ବିଭିନ୍ନ ପ୍ରକାର ତାଲିମ ପ୍ରଦାନ କରାଯାଉଛି। ଏହାସହିତ ସରକାରଙ୍କ ଅନେକ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ବିଭିନ୍ନ ଗଣମାଧ୍ୟମ ଯଥା ରେଡିଓ, ଟେଲିଭିଜନ, ଖବରକାଗଜ ଓ ପ୍ରଚାରପତ୍ର ମାଧ୍ୟମରେ ପଦକ୍ଷେପ ନିଆଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

ସେହିପରି ଗର୍ଭବତୀ ମହିଳାମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ତାଲିମପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀମାନଙ୍କ ଦ୍ୱାରା ଗ୍ରାମ୍ୟ ସ୍ତରରେ ପ୍ରତ୍ୟେକ ମାସ ଭିଏଚ୍ଏସ୍ଏନ୍‌ଡି କରାଯାଇ ବିପଦପୂର୍ଣ୍ଣ ଗର୍ଭ ଚିହ୍ନଟ କରାଯାଉଛି। ମହିଳାମାନଙ୍କୁ ଉଚ୍ଚତର ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରେରଣ କରାଯାଇ ତାଲିମପ୍ରାପ୍ତ ଡାକ୍ତର ଓ ସେବିକାମାନଙ୍କ ଦ୍ୱାରା ଚିକିତ୍ସା ପ୍ରଦାନ କରାଯାଉଛି। ଦୁର୍ଗମ ଅଞ୍ଚଳରେ ରହୁଥିବା ଗର୍ଭବତୀ ମହିଳାମାନଙ୍କର ସୁବିଧା ପାଇଁ ମା'ଗୃହର ବ୍ୟବସ୍ଥା କରାଯାଇଛି। ରାଜ୍ୟରେ ବିଭିନ୍ନ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଭେଷଜ ମହାବିଦ୍ୟାଳୟଗୁଡ଼ିକରେ ସହଜ ପ୍ରସବ ନିମନ୍ତେ ୧୦ଟି ଏମ୍‌ଏଲ୍‌ସିୟୁ ପ୍ରତିଷ୍ଠା କରାଯାଇଛି। ଏଥିରେ ବର୍ତ୍ତମାନ ସୁଦ୍ଧା ୧୦୯ଜଣ ସ୍ୱତନ୍ତ୍ର ତାଲିମପ୍ରାପ୍ତ ସେବିକାମାନଙ୍କୁ ନିୟୋଜିତ କରାଯାଇଛି। ଗତ ବର୍ଷରେ ୧୦,୮୮୮ଜଣ କମ୍ ଓଜନର ଶିଶୁ (୧୮୦୦ ଗ୍ରାମରୁ କମ୍) ସ୍ୱତନ୍ତ୍ର ନବଜାତ ଶିଶୁ ଯତ୍ନ କେନ୍ଦ୍ରରେ ଚିକିତ୍ସା ହୋଇ ସୁସ୍ଥ ହୋଇପାରିଛନ୍ତି। ଅସୁସ୍ଥ ଶିଶୁମାନଙ୍କ ପାଇଁ, ମା' କ୍ଷୀର ଉପଲବ୍ଧ କରିବା ନିମନ୍ତେ ୨୮ଟି ସ୍ତନ୍ୟପାନ ପରିଚାଳନା କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଏହାସହିତ ଗତବର୍ଷ ୨୭୫୩ ମହିଳା ସ୍ୱାସ୍ଥ୍ୟକର୍ମୀ ନୂତନ ଭାବେ ଯୋଗଦାନ କରି ମହିଳା ଓ ଶିଶୁ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରୁଛନ୍ତି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି।

# ଆମେ ବି ନବୁ

ଭୁବନେଶ୍ୱର, ୯।୩(ସୁନିତ୍ ମିଶ୍ର)



ଓଡ଼ିଶାର ୪ ରାଜ୍ୟ ସଭା ଆସନରେ ହେବାକୁ ଥିବା ନିର୍ବାଚନ ଏବେ ଧୀରେ ଧୀରେ ରୋଚକ ମୋଡ଼ ନେବାକୁ ଲାଗିଲାଣି। ପ୍ରାର୍ଥୀପତ୍ର ଦାଖଲ ଯାଏ ରାଜ୍ୟ ସଭା ନିର୍ବାଚନ ନେଇ ସବୁ ଦଳର ବିଧାୟକମାନଙ୍କର ଯେଉଁ ଆଭିମୁଖ୍ୟ ଥିଲା, ଏବେ ସେହି ଧାରାରେ ପରିବର୍ତ୍ତନ ଆସିଥିବା ଲକ୍ଷ୍ୟ କରାଯାଉଛି। ୪ର୍ଥ ଆସନ ଲାଗି ଭାଜପା ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ତଥା ଶିଳ୍ପପତି ଦିଲୀପ ରାୟ ଏବଂ ବିଜେଡି, କଂଗ୍ରେସ ଓ ସିପିଆଇ(ଏମ୍) ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତାଙ୍କ ମଧ୍ୟରେ ମୁଖ୍ୟତଃ ଲଢ଼େଇ ହେବ। ଏଠାରେ ଉଲ୍ଲେଖ କରାଯାଇପାରେ, ଭାଜପା ପାଖରେ ୪ର୍ଥ ଆସନ ଲାଗି ୨୨ ଖଣ୍ଡ ଭୋଟ୍ ରହିଛି। ଏହା ବ୍ୟତୀତ ୮ଟି ଭୋଟ୍ କମ୍ ପଡୁଥିବା ସତ୍ତ୍ୱେ ଦିଲୀପ ଜିତିବେ ବୋଲି ଗଣମାଧ୍ୟମରେ ନିଜଆଡୁ ବାରମ୍ବାର ଦମ୍ଭୋକ୍ତି ଦେଖାଉଛନ୍ତି। ଅର୍ଥାତ୍ ୮ଟି ଭୋଟ୍ ଯେପର୍ଯ୍ୟନ୍ତ କିଣା ନ ହେବ ଶାସକ ଦଳ ସମର୍ଥିତ ପ୍ରାର୍ଥୀଙ୍କ ପାଇଁ ୪ର୍ଥ ଆସନରେ ଜିତିବା ସହଜ ହେବନାହିଁ। ରାଜନୈତିକ ମହଲର ଆଲୋଚନା ମୁତାବକ, ଭାଜପା ସମର୍ଥିତ ପ୍ରାର୍ଥୀ ନିଶ୍ଚିତ ଜିତିଯିବେ ବୋଲି ଯେଉଁ ପ୍ରଚାର କରୁଛନ୍ତି, ଏମିତି କହିକି ସେ ବିରୋଧୀ ଭୋଟ ଭାଙ୍ଗିଦେଇପାରିବେ ବୋଲି ଭାବୁଥାଇପାରନ୍ତି। ଅନ୍ୟପଟେ ଏଥର ରାଜ୍ୟ ସଭା ନିର୍ବାଚନରେ ଗୋଟିଏ ଭୋଟ ପିଛା ୭ରୁ ୧୦ କୋଟି ପର୍ଯ୍ୟନ୍ତ ମିଳିବ ବୋଲି ଚର୍ଚ୍ଚା ଜୋର୍ ଧରିଛି। ଶାସକ ଦଳ ଯେତେବେଳେ ଜଣେ ସ୍ୱାଧୀନ ପ୍ରାର୍ଥୀଙ୍କୁ ସମର୍ଥନ ଦେଇଛି, ତେଣୁ ଏହି ଆସନ ଜିତିବା ଭାଜପା ପାଇଁ ସମ୍ମାନର ବିଷୟ ହେବ। ଏହାରି ଭିତରେ ଶାସକ ଦଳର ଅଧିକାଂଶ ବିଧାୟକ ଏବଂ ମନ୍ତ୍ରୀ କୁଆଡେ ୪ର୍ଥ ଆସନ ପ୍ରାର୍ଥୀଙ୍କୁ ଭୋଟ୍ ଦେବାକୁ ବିଶେଷ ଆଗ୍ରହ ଦେଖାଇବା ଆରମ୍ଭ କରିଛନ୍ତି। ଦଳର ପ୍ରାୟ ସବୁ ବିଧାୟକ କହୁଛନ୍ତି ଭୋଟର ତାଲିକା ଯେତେବେଳେ ପ୍ରସ୍ତୁତ ହେବ ସେମାନଙ୍କ ନାଁ ଶେଷ ୨୨ ଜଣଙ୍କ ଭିତରେ ରଖାଯାଉ।

ସୂତ୍ରରୁ ମିଳିଥିବା ଖବର ମୁତାବକ, ଭାଜପାର ବହୁ ବିଧାୟକ ଏବେ ଗୋଷ୍ଠୀ ହୋଇ ଭିନ୍ନ ଭିନ୍ନ ସ୍ଥାନରେ ଏକାଠି ହେଉଛନ୍ତି। ଭାଜପା ବିଧାୟକମାନଙ୍କ କହିବା କଥା, ତାଙ୍କ ଦଳ ସମର୍ଥନରେ ଦିଲୀପ ସ୍ୱାଧୀନ ପ୍ରାର୍ଥୀ ହେଲେ। ଏବେ ଭାଜପାର ୨୨ ଖଣ୍ଡ ଭୋଟ୍ ତାଙ୍କୁ ମିଳିବ। ବିରୋଧୀ ଦଳଗୁଡ଼ିକ ପକ୍ଷରୁ ହୋଇଥିବା ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତାଙ୍କ ପାଖରେ ଦିଲୀପଙ୍କ ଅପେକ୍ଷା ଅଧିକ ଭୋଟ୍ ରହିଛି। ଏହାସତ୍ତ୍ୱେ ଦିଲୀପ ଜିତିଯିବେ ବୋଲି ନିଶ୍ଚିତ ଅଛନ୍ତି। ବିରୋଧୀ ଦଳ ସଦସ୍ୟଙ୍କ ଭିତରୁ କେତେଜଣଙ୍କୁ ମୋଟା ଅଙ୍କ ଦେଇ ସମୀକରଣକୁ ବଦଳାଇପାରିବେ ବୋଲି ଦିଲୀପ ଭାବୁଛନ୍ତି। ତେଣୁ ଶାସକ ଦଳର ବିଧାୟକମାନଙ୍କୁ ମଧ୍ୟ ଶିଳ୍ପପତି ପ୍ରାର୍ଥୀ ଟଙ୍କା ଦିଅନ୍ତୁ ବୋଲି ସେମାନେ ଦାବି କରୁଥିବା ନେଇ ଚର୍ଚ୍ଚା ଜୋର୍ ଧରିଛି। ରାଜନୈତିକ ବିଶ୍ଳେଷକମାନେ ମଧ୍ୟ ଶାସକ ଦଳର ବିଧାୟକମାନଙ୍କ ଭିତରୁ ଯେଉଁମାନେ ଏଭଳି ଯୁକ୍ତି ରଖୁଛନ୍ତି, ତାହାକୁ ଯଥାର୍ଥ ବୋଲି କହୁଛନ୍ତି।

ବିଶ୍ଳେଷକମାନଙ୍କ ମତରେ, ୪ର୍ଥ ଆସନ ଲାଗି ଶାସକ ଦଳ ବିଧାୟକଙ୍କ ଭୋଟ୍ ଯାହା ରହିଛି ସେଥିରେ ଜିତିପାରିବେନି ବୋଲି ଜାଣିବା ସତ୍ତ୍ୱେ ଦିଲୀପ ବାକି ଭୋଟ୍ ଯୋଗାଡ଼ରେ ଲାଗିଗଲେଣି। ବିରୋଧୀ ଶିବିରରୁ ଭୋଟ୍ କ୍ରସ୍ କରିବା ଲାଗି ଫୋନ୍ ମଧ୍ୟ ଗଲାଣି। ଏମିତିରେ ଦେଖିଲେ, ଶାସକ ଦଳର ବିଧାୟକମାନେ ମଧ୍ୟ ଭୋଟ୍ ଦେବେ। ବିଧାୟକମାନେ ବାରମ୍ବାର ନିଜ ନିର୍ବାଚନମଣ୍ଡଳୀକୁ ଯିବା ଏବଂ କର୍ମୀମାନଙ୍କ ସୁବିଧା, ଅସୁବିଧା ବୁଝିବାରେ ବହୁ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି। ତେଣୁ କେବଳ ବିରୋଧୀ ବିଧାୟକ କାହିଁକି ଶାସକ ଦଳର ନିର୍ବାଚିତ ପ୍ରତିନିଧି ନ ଚାହିଁଲେ କ'ଣ ଦିଲୀପ ଜିତିପାରିବେ। ତେଣୁ ଶାସକ ବିଧାୟକମାନଙ୍କୁ ପ୍ରଥମେ ଶିଳ୍ପପତି ପ୍ରାର୍ଥୀ ଖୁସି କରିବା ଦରକାର। କିଛିଦିନ ତଳେ ବିଧାୟକମାନଙ୍କ ଦରମା ବଢ଼ିବା ବିଷୟକୁ ନେଇ ଭାଜପାର ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର ଗଣମାଧ୍ୟମରେ କହିଥିଲେ, ସବୁଦିନ ଯେତିକି ଚା କର୍ମୀମାନଙ୍କୁ ଦେବାରେ ଖର୍ଚ୍ଚ ହେଉଛି, ସେଥିରେ ମାସକୁ ଲକ୍ଷେ ଟଙ୍କା ପଳାଉଛି। ସବୁ ଦୃଷ୍ଟିକୋଣରୁ ଲକ୍ଷ୍ୟ କଲେ, ଶାସକ ଦଳ ବିଧାୟକମାନେ ଯାହା ଚର୍ଚ୍ଚା କରୁଛନ୍ତି, ସେଥିରେ କିଛି ଭୁଲ୍ ନାହିଁ। ନିକଟରେ ନିଜ ଦଳରୁ ବିଦା ହୋଇଥିବା ଜଣେ ବିଧାୟକଙ୍କ ପାଖରେ ସାହାଯ୍ୟ ପହଞ୍ଚିସାରିଲାଣି ବୋଲି ଗୁଜବ ହେଉଛି। ରାଜ୍ୟ ସଭା ପ୍ରାର୍ଥୀଙ୍କ ସହିତ ନିଲମ୍ବିତ ବିଧାୟକଙ୍କ ପିତାଙ୍କ ଘନିଷ୍ଠତା ସମ୍ପର୍କରେ ସମସ୍ତେ ଜାଣନ୍ତି। ତେଣୁ ଏହି ଗୁଜବ ବିଶ୍ୱାସଯୋଗ୍ୟ ହେଉଛି।

# 'ଏନି ପସିବିଲିଟି'

ଭୁବନେଶ୍ୱର, ୯।୩ (ସୁନିତ୍ ମିଶ୍ର)



ରାଜ୍ୟ ସଭାର ୪ ଆସନରେ ନିର୍ବାଚନ ପାଇଁ ନାମାଙ୍କନ ଶେଷ ହେବା ପରଠାରୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ପ୍ରତ୍ୟେକ ଦିନ ବିଧାୟକମାନଙ୍କୁ ଡାକି ବୈଠକ କରୁଛନ୍ତି। ବୈଠକରେ ରାଜ୍ୟ ସଭା ବିଷୟରେ ହିଁ ପଚାରୁଛନ୍ତି। ସବୁ ବିଧାୟକଙ୍କୁ ସେ ପ୍ରାୟ ଏକ ପ୍ରକାର କଥା କହୁଥିବା ଶୁଣିବାକୁ ମିଳୁଛି। ସେ ବିଧାୟକଙ୍କୁ କହୁଛନ୍ତି, ଭାଜପା ସମର୍ଥିତ ସ୍ୱାଧୀନ ପ୍ରାର୍ଥୀଙ୍କ ପାଖରେ ବହୁତ ଟଙ୍କା ଅଛି ବୋଲି ଚର୍ଚ୍ଚା କରାଯାଉଛି। ମାତ୍ର ସେ ବ୍ୟକ୍ତି କେବେ ବି କାହାକୁ କିଛି ଟଙ୍କା ଦିଅନ୍ତି ନାହିଁ। ଯେଉଁମାନେ କ୍ରସ୍ ଭୋଟିଂ କରିବେ ସେମାନଙ୍କ ଭବିଷ୍ୟତ ଖରାପ ହୋଇଯିବ। ତେଣୁ ବିଧାୟକମାନେ ସାମାଜିକ ସ୍ତରରେ ନିନ୍ଦିତ ହୋଇ ନିଜର ଭବିଷ୍ୟତ ଖରାପ କରିବା ଭଳି କାର୍ଯ୍ୟ କରିବାରୁ ନିବୃତ୍ତ ରହିବା ଜରୁରୀ। ଯିଏ ଶାସକ ଦଳର ପ୍ରାର୍ଥୀ ହୋଇଛନ୍ତି, ସିଏ ନବୀନ ନିବାସ ଆସିବାକୁ ଚେଷ୍ଟା କରିଥିଲେ। ମାତ୍ର ଏ ଖବର ମିଳିବା ମାତ୍ରେ ନବୀନ ନିବାସ ମୁଖ୍ୟ ଫାଟକ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ ବୋଲି ନବୀନ ତାଙ୍କ ଦଳର ବିଧାୟକମାନଙ୍କୁ କହୁଥିବା ଏବେ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ବିଜେଡିର ବହୁ ବିଧାୟକ କ୍ରସ୍ ଭୋଟିଂ କରିବା ଅପେକ୍ଷା ନିଜର ଲମ୍ବା ରାଜନୈତିକ ଭବିଷ୍ୟତ ଲାଗି ନିଜକୁ ସ୍ୱଚ୍ଛ ରଖିବା ଅଧିକ ଜରୁରୀ ବୋଲି ମନେ କଲେଣି।

ଅନ୍ୟପକ୍ଷରେ ବିଜେଡି ଏବଂ କଂଗ୍ରେସ ବିଧାୟକମାନେ ମଧ୍ୟ ବିଧାନସଭା ଲବିଠାରୁ ଆରମ୍ଭ କରି ବିଭିନ୍ନ ଘରୋଇ ହୋଟେଲରେ ଚା ଖଟି କରି କ୍ରସ୍ ଭୋଟିଂ ବିଷୟରେ ଆଲୋଚନା କରୁଛନ୍ତି। ବିରୋଧୀ ଦଳର ବିଧାୟକମାନେ ମଧ୍ୟ ବୁଝିଲେଣି କ୍ରସ୍ ଭୋଟିଂ କରିବା ସହଜ ହେବନାହିଁ। ଶାସକ ଦଳ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ୨୦୦୨ ଭଳି ରାଜ୍ୟ ସଭା ଭୋଟ୍‌ରେ ଜିତିଯିବେ ବୋଲି ଦମ୍ଭୋକ୍ତି ଦେଖାଇବା ପରେ ସାମାଜିକ ଗଣମାଧ୍ୟମରେ ଏହାକୁ ନେଇ ଅନେକ ଚର୍ଚ୍ଚା ଚାଲିଛି। କେତେଜଣ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କହିଛନ୍ତି, ୨୦୦୨ ମସିହାରେ ଡିଜିଟାଲ ଯୁଗ ନ ଥିଲା। ସେତେବେଳେ ସିକ୍ରେଟ୍ ବାଲଟ୍ ବ୍ୟବସ୍ଥା ଥାଇ ସୁଦ୍ଧା ଯେଉଁମାନେ କ୍ରସ୍ ଭୋଟିଂ କରିଥିଲେ, ସେମାନଙ୍କ କଥା ସମସ୍ତେ ଜାଣି ଯାଇଥିଲେ। ୨୦୧୪ରେ ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦି ଦାୟିତ୍ୱ ନେବାପରେ ଭାରତ ଡିଜିଟାଲ କ୍ଷେତ୍ରରେ ବିଶ୍ୱସ୍ତରରେ ବହୁ ଆଗରେ ରହିଛି। ତେଣୁ ୨୦୨୬କୁ ଯଦି ୨୦୦୨ ସମୟ ସହିତ ତୁଳନା କରି କୌଣସି ବିଧାୟକ କ୍ରସ୍ ଭୋଟିଂ କରନ୍ତି, ତେବେ ଭାରତର ଡିଜିଟାଲ ବ୍ୟବସ୍ଥା ଜରିଆରେ ସେମାନେ ନିନ୍ଦିତ ହେବେ। ବିଶ୍ୱର କୋଣ ଅନୁକୋଣର ଲୋକଙ୍କ ପାଖରେ କ୍ରସ୍ ଭୋଟିଂ କରିଥିବା ବିଧାୟକ ଟଙ୍କା ଖାଇଗଲେ ବୋଲି ପ୍ରଚାର ହୋଇଯିବାର ଯଥେଷ୍ଟ ସମ୍ଭାବନା ରହିବ ବୋଲି ଚର୍ଚ୍ଚା ଚାଲିଛି।

ଅନ୍ୟପଟେ କଂଗ୍ରେସ ବିଧାୟକମାନଙ୍କୁ ଏକଜୁଟ ରଖିବା ଲାଗି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସଙ୍କ ଅଧ୍ୟକ୍ଷତାରେ ଏକାଧିକ ଥର ବୈଠକ ହେଲାଣି। ସୋମବାର ଏକ ଘରୋଇ ହୋଟେଲ୍‌ରେ ରାତ୍ରିଭୋଜନ ବ୍ୟବସ୍ଥା କରାଯାଇ ସବୁ ବିଧାୟକଙ୍କୁ ଡକାଯାଇଥିବା ଜଣାପଡ଼ିଛି। ମାତ୍ର କଂଗ୍ରେସର ଯେତେଥର ବୈଠକ ହେଲାଣି, ଦଳର ସବୁ ବିଧାୟକ ଏକାଠି ହେବାର ଦୃଶ୍ୟ ଏପର୍ଯ୍ୟନ୍ତ ନଜରକୁ ଆସିନାହିଁ। କେତେଜଣ ବିଧାୟକ ବାରମ୍ବାର ଅନୁପସ୍ଥିତ ରହୁଛନ୍ତି। ଯାହା ଚର୍ଚ୍ଚା ହେଉଛି, ଶାସକ ଦଳ ସମର୍ଥିତ ପ୍ରାର୍ଥୀଙ୍କ ପକ୍ଷରୁ ବିଜେଡି ଓ କଂଗ୍ରେସର କେତେଜଣ ବିଧାୟକଙ୍କୁ ଟେଲିଫୋନ୍ ଯୋଗେ ଯୋଗାଯୋଗ କରାଯାଇଛି। ସେହି ବିଧାୟକଙ୍କୁ କେବଳ ପଚରାଯାଇଛି, ଏନି ପସିବିଲିଟି। ଏସବୁ ଦେଖି ଭକ୍ତ ନିଜେ ରାଜ୍ୟ ସଭା ନିର୍ବାଚନରେ ଏଜେଣ୍ଟ ହେବେ ବୋଲି କୁଆଡେ ତାଙ୍କ ଦଳ ଭିତରେ ଘୋଷଣା କରିଥିବା ଶୁଣାଯାଉଛି। ସୂଚନାଯୋଗ୍ୟ, ସୋମବାର ନାମାଙ୍କନ ପ୍ରତ୍ୟାହାରର ଶେଷଦିନ ଥିଲା। ଶେଷଦିନ ସୁଦ୍ଧା ରାଜ୍ୟ ସଭା ପାଇଁ ନାମାଙ୍କନ କରିଥିବା ୫ ପୁରୁଷ ପ୍ରାର୍ଥୀ ମନମୋହନ ସାମଲ, ସୁଜିତ କୁମାର, ସନ୍ତୃପ୍ତ ମିଶ୍ର, ଦତ୍ତେଶ୍ୱର ହୋତା ଏବଂ ଦିଲୀପ ରାୟ ସେମାନଙ୍କ ନାମାଙ୍କନ ପତ୍ର ପ୍ରତ୍ୟାହାର କରିନାହାନ୍ତି।

## ଗ୍ୟାସ୍ ପରେ ବଢ଼ିଲା ଖାଇବାତେଲ ଦର




# ଶୂନ୍ୟକାଳରେ ଜୋର୍ଧରିଲା 'ପେସା' ଆଇନ

ଭୁବନେଶ୍ୱର, ୯।୩(ରବିନାରାୟଣ ଜେନା)

ରାଜ୍ୟରେ କାହିଁକି 'ପେସା' ଆଇନ କାର୍ଯ୍ୟକାରୀ ହେଉନାହିଁ ବୋଲି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍‌ଙ୍କ ସମେତ କଂଗ୍ରେସ ସଦସ୍ୟମାନେ ସରକାରଙ୍କୁ ସୋମବାର ଶୂନ୍ୟକାଳରେ ପ୍ରଶ୍ନ କରିଛନ୍ତି। କାଡାମ୍ କହିଛନ୍ତି ଯେ, ସରକାର ଆସିବା ଦିନରୁ କହିଆସୁଛନ୍ତି ପେସା ଆଇନ ଲାଗୁ କରିବେ ; ମାତ୍ର ଏପର୍ଯ୍ୟନ୍ତ ତାହା ଚୂଡ଼ାନ୍ତ କରୁନାହାନ୍ତି। ଓଡ଼ିଶା ଆଦିବାସୀବହୁଳ ରାଜ୍ୟ ଭାବେ ଦେଶରେ ତୃତୀୟ ସ୍ଥାନରେ ରହିଛି। ହେଲେ ସେମାନେ ଆଜି ବିପଦରେ ରହିଛନ୍ତି। ତାଙ୍କୁ ଜଳ, ଜଙ୍ଗଲ ଓ ଜମିର ଅଧିକାର ମିଳୁନାହିଁ। ରାଜ୍ୟରେ ଖଣି ଖାଦାନ ଲୁଟ୍ ଚାଲିଛି। ସରକାର ଏହାକୁ ପ୍ରୋତ୍ସାହନ ଦେଉଛନ୍ତି, ନିରୀହ ଆଦିବାସୀଙ୍କୁ ଅଧିକାର ଦେଉନାହାନ୍ତି। ତେଣୁ ବାଚସ୍ପତି ମହୋଦୟା, ଆପଣଙ୍କ ରୁଲିଂ ଦାବି କରୁଛି, ସରକାରଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ଯେ ଗୃହରେ ସରକାର ଉତ୍ତର ରଖନ୍ତୁ, କେବେ ସୁଦ୍ଧା ରାଜ୍ୟରେ ପେସା ଆଇନ କାର୍ଯ୍ୟକାରୀ କରିବେ। ଏହି ପ୍ରସଙ୍ଗରେ କଂଗ୍ରେସ ସଦସ୍ୟ ଡ. ସି. ଏସ୍. ରାଜନ ଏକ୍କା କହିଛନ୍ତି, ପ୍ରଧାନମନ୍ତ୍ରୀ ଓଡ଼ିଶା ଆସି କହିଥିଲେ, ରାଜ୍ୟରେ ପେସା ଆଇନ ଲାଗୁ ହେବ। ମୁଖ୍ୟମନ୍ତ୍ରୀ ବାରମ୍ବାର ଅଭିଭାଷଣରେ ପେସା ଆଇନ କାର୍ଯ୍ୟକାରୀ କଥା କହୁଛନ୍ତି। ରାଷ୍ଟ୍ରପତି ମଧ୍ୟ ଗୃହରେ ଅଭିଭାଷଣ ରଖିବା ସମୟରେ ପେସା ଆଇନ କଥା କହିଥିଲେ, କିନ୍ତୁ ଆଜିଯାଏ ଓଡ଼ିଶାରେ ପେସା ଆଇନକୁ ନେଇ କୌଣସି ପଦକ୍ଷେପ ନିଆଯାଉ ନାହିଁ। କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି ମଧ୍ୟ ଆଦିବାସୀଙ୍କ ପ୍ରସଙ୍ଗ ଉଠାଇ ସରକାରଙ୍କୁ ଟାର୍ଗେଟ କରିଥିଲେ। 'ବାଲଦା' ମାଇନ୍ସ ଓ ଆଦାନୀଙ୍କ ପାଇଁ ସରକାର ଗରିବଙ୍କ ଉପରେ ଦାଉ ସାଧୁଛନ୍ତି ବୋଲି ସେ କହିଥିଲେ।

# ମାର୍କ ବୃଦ୍ଧି ପାଇଁ ଯୁକ୍ତ ୨ ଛାତ୍ରୀଛାତ୍ର ଦେବେ ଇମ୍ପ୍ରୁଭ୍‌ମେଣ୍ଟ ପରୀକ୍ଷା

ଭୁବନେଶ୍ୱର, ୯।୩ (ସୁଚିସ୍ମିତା ସାହୁ)

**ସିଏଚ୍‌ଏସ୍‌ଇର ନୂଆ ପଦକ୍ଷେପ**

ଚଳିତ ଶିକ୍ଷାବର୍ଷଠାରୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ ନୂଆ ପଦକ୍ଷେପ ନିଆଯାଇଛି। ଯୁକ୍ତ ୨ ପରୀକ୍ଷାରେ ଅଧିକ ନମ୍ବର ରଖିବା ପାଇଁ ଛାତ୍ରୀଛାତ୍ରଙ୍କୁ ସୁଯୋଗ ମିଳିବ। ପରୀକ୍ଷାରେ ପାସ୍ କରିଥିବା ପିଲାମାନେ ଗୋଟିଏ ବିଷୟରେ ଅଧିକ ମାର୍କ ରଖିବା ପାଇଁ ଇମ୍ପ୍ରୁଭ୍‌ମେଣ୍ଟ (ଉନ୍ନତି) ପରୀକ୍ଷା ଦେଇପାରିବେ। ସେମାନଙ୍କ ପରୀକ୍ଷା ଫଳ ଦୁଇମାସ ମଧ୍ୟରେ ପ୍ରକାଶ ପାଇବ ବୋଲି ସିଏଚ୍‌ଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡା ସୂଚନା ଦେଇଛନ୍ତି। ଏହି ପରୀକ୍ଷା ସମ୍ପର୍କରେ ଡ. ପରିଡା କହିଛନ୍ତି, ପୂର୍ବପରି ଗୋଟିଏ ବିଷୟରେ ଫେଲ୍ ହେଉଥିବା ଛାତ୍ରୀଛାତ୍ର ଇନ୍‌ଷ୍ଟାଣ୍ଟ ପରୀକ୍ଷା ଦେବେ। ମାତ୍ର ସମସ୍ତ ବିଷୟରେ ପାସ୍ କରିଥିବା ପିଲା ନିଜ ମାର୍କ ବଢ଼ାଇବା ପାଇଁ ଇମ୍ପ୍ରୁଭ୍‌ମେଣ୍ଟ ପରୀକ୍ଷା ଦେଇପାରିବେ। ନିଜ ଇଚ୍ଛା ମୁତାବକ କେବଳ ଗୋଟିଏ ବିଷୟରେ ହିଁ ଏହି ପରୀକ୍ଷା ଦେବାକୁ ଛାତ୍ରୀଛାତ୍ର ସୁଯୋଗ ପାଇବେ। ଏକାଧିକ ବିଷୟରେ ଇମ୍ପ୍ରୁଭ୍‌ମେଣ୍ଟ ପରୀକ୍ଷା ଦେଇପାରିବେ ନାହିଁ। ଇନ୍‌ଷ୍ଟାଣ୍ଟ ପରୀକ୍ଷା ସହ ଇମ୍ପ୍ରୁଭ୍‌ମେଣ୍ଟ ପରୀକ୍ଷା ହେବ। ଏକା ସାଙ୍ଗରେ ହିଁ ପରୀକ୍ଷା ଫଳ ପ୍ରକାଶ ପାଇବ। ନିୟମିତ ପରୀକ୍ଷା ଫଳ ପ୍ରକାଶ ପାଇବାର ୨ ମାସ ମଧ୍ୟରେ ଏସବୁ ପରୀକ୍ଷା ସରି ରେଜଲ୍ଟ ପ୍ରକାଶ ପାଇବ। ୨୦୨୬ ବାର୍ଷିକ ପରୀକ୍ଷାରୁ ଏହି ନୂଆ ବ୍ୟବସ୍ଥା ଲାଗୁ କରାଯାଉଥିବା ଡ. ପରିଡ଼ା ସ୍ପଷ୍ଟ କରିଛନ୍ତି।

# ନର୍ସିଂ କଲେଜ ଖୋଲିବାକୁ ନେଇ କଥା କଟାକଟି

ଭୁବନେଶ୍ୱର, ୯।୩(ରବିନାରାୟଣ ଜେନା)

ଆସିକାରେ ଏକ ସରକାରୀ ନର୍ସିଂ କଲେଜ ଖୋଲିବାକୁ ନେଇ କଥା କଟାକଟି ପର୍ଯ୍ୟନ୍ତ ଯାଇଛି। ବିଧାନସଭାର ପ୍ରଶ୍ନକାଳରେ ଭାଜପା ସଦସ୍ୟ ସରୋଜ ପାଢ଼ୀ ପ୍ରଶ୍ନ କରିଥିଲେ କି ଗଞ୍ଜାମ ଜିଲାରେ ୧୩ଟି ନିର୍ବାଚନମଣ୍ଡଳୀ ରହିଥିବାରୁ ସେଠାରେ ଗୋଟିଏ ସରକାରୀ ନର୍ସିଂ କଲେଜ ଖୋଲାଯାଉ। ମାତ୍ର ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ କହିଥିଲେ, ଏହାକୁ ସରକାର ବିଚାର କରିବେ। ମନ୍ତ୍ରୀଙ୍କ ଉତ୍ତରକୁ ନେଇ ସଦସ୍ୟ ପାଢ଼ୀ କହିଥିଲେ, ମନ୍ତ୍ରୀ କେମିତି କହୁଛନ୍ତି ବିଚାର କରିବେ, ଦେଖିବେ ? ଯେଉଁ ଜିଲାରେ ଗୋଟେ ନିର୍ବାଚନ ମଣ୍ଡଳୀ କିମ୍ବା ଦୁଇଟି ନିର୍ବାଚନମଣ୍ଡଳୀ ଅଛି ସରକାର ସେଠାରେ ନର୍ସିଂ କଲେଜ କରୁଛନ୍ତି। ହେଲେ ଆମ ବେଳକୁ କାହିଁକି ବିଚାର କରିବା କଥା କହୁଛନ୍ତି ତାହା ବୁଝାପଡୁନାହିଁ। ସରକାରଙ୍କୁ ଗଞ୍ଜାମବାସୀ ଭରସା ଦେଇ ଭାଜପାକୁ ଅଧିକ ଭୋଟ ଦେଇଛନ୍ତି, କିନ୍ତୁ ଆମେ କ'ଣ ତାଙ୍କ ପାଇଁ ନର୍ସିଂ କଲେଜ କରିବା ନାହିଁ।

ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି କି ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ଆଠଟି ନର୍ସିଂ କଲେଜ ଚାଲିଛି। ଆଉ ୮ଟି ଚଳିତ ଆର୍ଥିକବର୍ଷରେ କରିବା ଲାଗି ପ୍ରକ୍ରିୟା ଜାରି ରହିଛି। ଗଞ୍ଜାମବାସୀ ଆମ ସରକାରଙ୍କୁ ପୂରା ବିଶ୍ୱାସକୁ ନେଇ ଅଧିକ ବିଧାୟକଙ୍କୁ ନିର୍ବାଚିତ କରିଛନ୍ତି। ତେଣୁ ଆମେ ବିଚାର କରିବୁ ବୋଲି ସଦସ୍ୟଙ୍କୁ ବୁଝାଇ କହିଛନ୍ତି।

# ୮ମ ବେତନ କମିଶନ: ମତାମତ ଲୋଡ଼ିଲେ ସରକାର

ଭୁବନେଶ୍ୱର, ୯।୩(ରବିନାରାୟଣ ଜେନା)

୮ମ ବେତନ କମିଶନ ଲାଗୁ ହେବା ପୂର୍ବରୁ ବିଭିନ୍ନ ବର୍ଗଙ୍କଠାରୁ କେନ୍ଦ୍ର ଓ ରାଜ୍ୟ ସରକାର ମତାମତ ଲୋଡ଼ିଛନ୍ତି। ଏହିକ୍ରମରେ ସୋମବାର ଅର୍ଥବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ସବୁ ବିଭାଗ ସଚିବ, ସବୁ ବିଭାଗ ମୁଖ୍ୟଦପ୍ତର ଏବଂ ଜିଲାପାଳଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି, ଭାରତ ସରକାରଙ୍କ ପକ୍ଷରୁ ଅଷ୍ଟମ କେନ୍ଦ୍ରୀୟ ବେତନ କମିଶନ ଗଠନ କରାଯାଇଛି। ଏହି ପରିପ୍ରେକ୍ଷୀରେ, କମିଶନ ବିଭିନ୍ନ ହିତାଧିକାରୀମାନଙ୍କ (ସରକାର, ସଂସ୍ଥା ଓ ବ୍ୟକ୍ତିବିଶେଷ)ଠାରୁ ମତାମତ ଓ ପ୍ରସ୍ତାବ ପାଇବା ପାଇଁ ଏକ ବିସ୍ତୃତ ପ୍ରଶ୍ନାବଳୀ ପ୍ରସ୍ତୁତ ହୋଇଛି। ଏହି ପ୍ରଶ୍ନାବଳୀରେ ବେତନ ଗଠନ, ଭତ୍ତା, ପେନ୍‌ସନ, କାର୍ଯ୍ୟଦକ୍ଷତା ଆଧାରିତ ପ୍ରୋତ୍ସାହନ ଓ ଅନ୍ୟାନ୍ୟ ସେବା ସର୍ତ୍ତାବଳୀ ସମ୍ବନ୍ଧୀୟ ବିଭିନ୍ନ ବିଷୟ ଅନ୍ତର୍ଭୁକ୍ତ ଅଛି। ଏହା କମିଶନଙ୍କ ପୋର୍ଟାଲ ପ୍ଲାଟଫର୍ମରେ ଉପଲବ୍ଧ ଅଛି, ଯେଉଁଠାରେ ମତାମତ ଓ ପ୍ରତିକ୍ରିୟା ଦାଖଲ କରାଯାଇପାରିବ। ଭାରତ ସରକାର ଏ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି ଯେ, ଏହି ପ୍ରଶ୍ନାବଳୀକୁ ବ୍ୟାପକ ଭାବରେ ପ୍ରଚାର କରି ସମସ୍ତ ସମ୍ପର୍କିତ ହିତାଧିକାରୀଙ୍କୁ ନିଜର ମତାମତ ପ୍ରଦାନ କରିବାକୁ ସୁବିଧା ଯୋଗାଇବେ।

# ବିଭିନ୍ନ ସ୍ଥାୟୀ କମିଟି ରିପୋର୍ଟ ଉପସ୍ଥାପିତ

ଭୁବନେଶ୍ୱର, ୯।୩(ସୁନିତ୍ ମିଶ୍ର)

ବିଧାନସଭା ଅଧିବେଶନର ଦ୍ୱିତୀୟାର୍ଦ୍ଧ ସୋମବାର ଅପରାହ୍ନ ୪ଟାରେ ଆରମ୍ଭ ହେବା ପରେ ସବୁ ଦଳର ସଦସ୍ୟମାନେ ଗୃହରେ ଉପସ୍ଥିତ ଥିଲେ। ବାଚସ୍ପତି ଗୃହରେ ପ୍ରଥମେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ ଏବଂ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ କାଗଜ ଉପସ୍ଥାପନ କରିବାକୁ କହିଥିଲେ। ଏହାପରେ ବିଭିନ୍ନ ବିଭାଗର ସ୍ଥାୟୀ କମିଟି ରିପୋର୍ଟ ଉପସ୍ଥାପିତ ହୋଇଥିଲା। ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ବାବୁ ସିଂ, ପୂର୍ଣ୍ଣଚନ୍ଦ୍ର ସେଠୀ, ବିଭୂତି ଭୂଷଣ ପ୍ରଧାନ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ବିଧାୟକ ସୁଧୀର ରଞ୍ଜନ ପାଟଯୋଶୀ, ରୁପୁ ଭଦ୍ରା, ସନାତନ ବିଜୁଳି ଏବଂ ରଣେନ୍ଦ୍ର ସ୍ୱାଇଁ ବିଭିନ୍ନ ସ୍ଥାୟୀ କମିଟି ରିପୋର୍ଟ ଗୃହରେ ଉପସ୍ଥାପନ କରିଥିଲେ। ଏହାପରେ ୪ଟା ୧୮ ମିନିଟ୍ ସମୟରେ ଗୃହକୁ ମଙ୍ଗଳବାର ୧୦ଟା ୩୦ ମିନିଟ୍ ପର୍ଯ୍ୟନ୍ତ ବାଚସ୍ପତି ମୁଲତବୀ ଘୋଷଣା କରିଥିଲେ।

# ୧୯ ମାସରେ ୭୧୨ କୋଟିର ସାଇବର ଠକେଇ

**ଆର୍ଥିକ ନେଣଦେଣକୁ ସହଜ ସୁଗମ କରିବା ପାଇଁ ଏବେ ସବୁଠି ଚାଲିଛି ଡିଜିଟାଲ କାରବାର। ଟଙ୍କା ଚୋରିର ଭୟ ଏଡ଼ାଇବା ସହିତ ବ୍ୟାଙ୍କ କିମ୍ବା ଏଟିଏମକୁ ବାରମ୍ବାର ନ ଦୌଡ଼ିବାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥାକୁ ପ୍ରୋତ୍ସାହନ ଦିଆଯାଉଛି। ହେଲେ ଏହାର ଫାଇଦା ସାଇବର ଅପରାଧୀମାନେ ଉଠାଉଛନ୍ତି। ବିଭିନ୍ନ ପ୍ରକାର ଲୋଭ ଦେଖାଇ ଓଟିପି ମାଧ୍ୟମରେ ଲୋକଙ୍କଠାରୁ ବିପୁଳ ଟଙ୍କା ଠକି ନେଉଛନ୍ତି। ଆଉ କେତେବେଳେ ଡିଜିଟାଲ ଆରେଷ୍ଟ କରି ବିପଦ ମୁହଁକୁ ଠେଲି ଦେଉଛନ୍ତି। ଓଡ଼ିଶାରେ ଏବେ ସାଇବର ଠକେଇ ବ୍ୟାପକ ଭାବେ ବଢ଼ିଚାଲିଛି। ଗତ ୧୯ ମାସ ମଧ୍ୟରେ ରାଜ୍ୟରେ ୭୧୨ କୋଟି ଟଙ୍କାର ସାଇବର ଠକେଇ ହୋଇଥିବା ସୋମବାର ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି।**

ଭୁବନେଶ୍ୱର, ୯।୩(ରବିନାରାୟଣ ଜେନା)

## ଆଦାୟ ୭.୮୦ କୋଟି; ଜବତ ୯୨.୩୫ କୋଟି

ରାଜ୍ୟରେ ସାଇବର ଅପରାଧ ବଢ଼ିବାରେ ଲାଗିଛି। ଗତ ପ୍ରାୟ ୧୯ ମାସ ମଧ୍ୟରେ ରାଜ୍ୟରେ ୭୧୧କୋଟି ୯୯ଲକ୍ଷ ୨୯ହଜାର ୬୬୨ଟଙ୍କାର ସାଇବର ଠକେଇ ହୋଇଥିବାବେଳେ ଅପରାଧୀମାନଙ୍କଠାରୁ ୭ କୋଟି ୭୯ ଲକ୍ଷ ୩୩ ହଜାର ୧୫୪ ଟଙ୍କା ଆଦାୟ ହୋଇପାରିଛି। ସରକାରଙ୍କ ପକ୍ଷରୁ ସାଇବର ଅପରାଧ ରୋକିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରାଯାଉଥିଲେ ମଧ୍ୟ ସ୍ଥିତି ଚିନ୍ତାଜନକ ରହିଥିବା ବିଧାନସଭାରେ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଦାନ କରିଥିବା ତଥ୍ୟରୁ ଜଣାଯାଇଛି।

ବିଧାୟକ ପ୍ରତାପ କେଶରୀ ଦେବଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ଗୃହକୁ ଦେଇଥିବା ତଥ୍ୟ ଅନୁଯାୟୀ, ୨୦୨୪ ଜୁନ୍ ପହିଲାରୁ ଡିସେମ୍ବର ୩୧ ମଧ୍ୟରେ ୨୭ହଜାର ୩୬୮ଟି ସାଇବର ଅପରାଧଜନିତ ମାମଲା ରୁଜୁ ହୋଇଥିଲା ବେଳେ ୨୦୨୫ ବର୍ଷରେ ୪୯ହଜାର ୪୨୬ଟି ମାମଲା ରୁଜୁ ହୋଇଛି। ସେହିପରି ୨୦୨୪ ଜୁନ୍‌ରୁ ଡିସେମ୍ବର ମଧ୍ୟରେ ୨୭୯କୋଟି ୭୧ଲକ୍ଷ ୨୯ହଜାର ୬୬୨ଟଙ୍କା ଏବଂ ୨୦୨୫ରେ ୪୩୨କୋଟି ୨୮ଲକ୍ଷ ଟଙ୍କାର ସାଇବର ଠକେଇ ହୋଇଛି। ତେବେ ଏହି ଅବଧି ମଧ୍ୟରେ ଯଥାକ୍ରମେ ୨କୋଟି ୪୭ଲକ୍ଷ ୮୭ହଜାର ୨୬୮ ଟଙ୍କା ଏବଂ ୫କୋଟି ୩୧ଲକ୍ଷ ୪୫ହଜାର ୮୮୬ଟଙ୍କା ଅପରାଧୀଙ୍କଠାରୁ ସମୟୋଚିତ ପଦକ୍ଷେପ ଯୋଗୁ ଆଦାୟ କରାଯାଇଛି। ଏହାବାଦ୍ ୨୦୨୪ ଡିସେମ୍ବର ମଧ୍ୟରେ ୨୩କୋଟି ୬୪ଲକ୍ଷ ୩୦ହଜାର ୭୬୮ଟଙ୍କା ସାଇବର ଅପରାଧୀମାନେ ସରକାରଙ୍କ ଦ୍ୱରିତ ପଦକ୍ଷେପ ଯୋଗୁ ନେଇପାରି ନ ଥିବାବେଳେ ୨୦୨୫ରେ ୬୮କୋଟି ୭୧ଲକ୍ଷ ଟଙ୍କା ଜବତ ହୋଇପାରିଛି। ସେହିପରି ଏହି ଅବଧି ମଧ୍ୟରେ ଅର୍ଥନୈତିକ ସାଇବର ଅପରାଧଜନିତ ୨୪୮୨ଟି ମାମଲା ରୁଜୁ ହୋଇଥିବାବେଳେ ୧୭୨ଜଣ ଗିରଫ ହୋଇଛନ୍ତି। ଏଥିରେ ୨୫୯କୋଟି ୧ଲକ୍ଷ ୩୪ହଜାର ୨୧୮ଟଙ୍କା ରହିଥିବାବେଳେ ୫୮ଲକ୍ଷ ୬ହଜାର ୩୮୧ଟଙ୍କା ଆଦାୟ ହୋଇଛି ଏବଂ ୮କୋଟି ୮୯ଲକ୍ଷ ୫୨ହଜାର ୪୨୩ଟଙ୍କା ଜବତ କରାଯାଇଛି। ଏହାସହିତ ୧୬୮୯ଟି ସାମାଜିକ ଗଣମାଧ୍ୟମ ଦୁର୍ନୀତିଜନିତ ମାମଲା ରୁଜୁ ହୋଇଛି। ୬୩୮ଜଣ ଗିରଫ ହୋଇଥିବାବେଳେ ୧କୋଟି ୨୮ଲକ୍ଷ ୬୭ହଜାର ୩୮୦ଟଙ୍କା ଲୋକେ ହରାଇଛନ୍ତି। ଏଥିମଧ୍ୟରୁ ୩ଲକ୍ଷ ଟଙ୍କା ଆଦାୟ କରାଯାଇଛି। ଏହାବାଦ୍ ହ୍ୟାକିଂ ଏବଂ ଅନ୍ୟାନ୍ୟ ପ୍ରକାର ସାଇବର ଠକେଇ ମଧ୍ୟ ଏହି ସମୟ ମଧ୍ୟରେ ହୋଇଥିବା ମୁଖ୍ୟମନ୍ତ୍ରୀ ଗୃହକୁ ଜଣାଇଛନ୍ତି।

ଅନ୍ୟପକ୍ଷରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସାଇବର ଅପରାଧ ରୋକିବାପାଇଁ ସରକାରଙ୍କ ପଦକ୍ଷେପ ସମ୍ପର୍କିତ ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ୨୦ଟି ପୋଲିସ ଜିଲା ଯଥା କଟକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁର, ନୟାଗଡ଼, ଖୋର୍ଦ୍ଧା, ଭଦ୍ରକ, ସୁନ୍ଦରଗଡ଼, ବରଗଡ଼, ସୁବର୍ଣ୍ଣପୁର, ଝାରସୁଗୁଡ଼ା, ଗଞ୍ଜାମ, ଗଜପତି, ବୌଦ୍ଧ, ଢେଙ୍କାନାଳ, ଦେବଗଡ଼, ନୂଆପଡ଼ା, ନବରଙ୍ଗପୁର, ରାୟଗଡ଼ା ଏବଂ ମାଲକାନଗିରିରେ ଗୋଟିଏ ଲେଖାଏ ସାଇବର ଥାନା ମାର୍ଚ୍ଚ ୬ରୁ କାର୍ଯ୍ୟକାରୀ କରିଛନ୍ତି। ଏହାବାଦ୍ ରାଜ୍ୟ କ୍ରାଇମବ୍ରାଞ୍ଚ ଅଧୀନରେ ଭୁବନେଶ୍ୱରଠାରେ ଏକ ସାଇବର କ୍ରାଇମ ୟୁନିଟ୍ କାର୍ଯ୍ୟ କରୁଛି। ଏଥିରେ ସାଇବର ହେଲ୍ପଲାଇନ ନମ୍ବର-୧୯୩୦ ଓ କଲ୍ ସେଣ୍ଟର, ସାଇବର ହେଲ୍ପ ଡେସ୍କ, ଶିଶୁ ଓ ମହିଳା ଅନ୍‌ଲାଇନ ଅତ୍ୟାଚାର ନିରୀକ୍ଷଣ ୟୁନିଟ, ସାଇବର ମନିଟରିଂ ଓ ସମନ୍ୱୟ ୟୁନିଟ୍, ସୋସିଆଲ ମିଡିଆ ୟୁନିଟ, ସାଇବର ଟ୍ରେନିଂ ୟୁନିଟ୍ ଓ ସାଇବର ଫୋରେନ୍‌ସିକ ୟୁନିଟ ଅନ୍ତର୍ଭୁକ୍ତ। ଏହି ସମସ୍ତ ୟୁନିଟ ମିଶି ଅଭିଯୋଗ ପଞ୍ଜୀକରଣ, ଏତଲା ପଞ୍ଜୀକରଣ, ପରିବହନ ବ୍ଲକିଂ ଓ ଟଙ୍କା ଫେରସ୍ତ, ଖାତା ଜମାକରଣ, କଣ୍ଟେଣ୍ଟ ହଟାଇବା, ବିଭିନ୍ନ ଏଜେନ୍ସି ସହିତ ସୂଚନା ଆଦାନ-ପ୍ରଦାନ, ଡିଜିଟାଲ ଫୋରେନ୍‌ସିକ ପରୀକ୍ଷା ଓ ପୋଲିସ କର୍ମଚାରୀଙ୍କ କ୍ଷମତା ବୃଦ୍ଧି ଆଦି କାର୍ଯ୍ୟ କରୁଛନ୍ତି। ଏହାବାଦ୍ ୩ଟି ସାଇବର କମାଣ୍ଡୋ ସେଣ୍ଟର ପ୍ରତିଷ୍ଠା କରିବାକୁ ସରକାରଙ୍କ ବିଚାରାଧୀନ ରହିଛି ବୋଲି ମୁଖ୍ୟମନ୍ତ୍ରୀ ବିଭିନ୍ନ ଜିଲାରେ ପଞ୍ଜୀକରଣ ହୋଇଥିବା ଅଭିଯୋଗର ତଥ୍ୟ ସହିତ ଜଣାଇଛନ୍ତି।

ତୁମେ କୌଣସି ଗୁଣ ବା ଦୋଷର ଅଧୀନସ୍ଥ ହୋଇ ରହିବା ଉଚିତ ନୁହଁ। ଯେ ପର୍ଯ୍ୟନ୍ତ ତୁମେ କୌଣସି ସଦ୍‌ଗୁଣ ପାଇଁ ଆତୁରତା ଦେଖାଉ ଥିବ– ସେ ପର୍ଯ୍ୟନ୍ତ ତା'ର ବିପରୀତ ବଦ୍‌ଗୁଣଟିଏ ତୁମ ଭିତରେ କେଉଁଠି ଚେକାମାଡି ବସିଥିବ। –ଶ୍ରୀମା

# ନେପାଳରେ ଯୁବ ନେତୃତ୍ୱ

ଜୁନ୍ ୧, ୨୦୦୧ ଯେଉଁଦିନ ନେପାଳ ରାଜା ବୀରେନ୍ଦ୍ରଙ୍କୁ ତାଙ୍କ ପୁଅ ଦୀପେନ୍ଦ୍ର ଗୁଳିକରି ମା'ଙ୍କ ସମେତ ସମଗ୍ର ପରିବାରବର୍ଗଙ୍କୁ ହତ୍ୟା କରିଥିଲେ, ସେବେଠାରୁ ନେପାଳରେ ରାଜନୈତିକ ଅସ୍ଥିରତା ଲାଗିରହିଛି। ଏହି ହତ୍ୟା ପୂର୍ବରୁ ମଧ୍ୟ ନେପାଳ ସରକାରରେ ସ୍ଥିରତା ନ ଥିଲା। ଆକଳନ ଅନୁଯାୟୀ, ୧୯୯୦ରୁ ୨୦୨୫ ଯାଏ, ଯେତେବେଳେ କେ. ପି. ଶର୍ମା ଓଲି ସରକାରକୁ ଜେନ୍ ଜି ଯୁବତୀଯୁବକମାନେ ବିଦା କଲେ ସେ ପର୍ଯ୍ୟନ୍ତ, ଅର୍ଥାତ୍ ୩୫ ବର୍ଷ ମଧ୍ୟରେ ୩୨ ସରକାର ଗଢ଼ିଉଠି ଭାଙ୍ଗିପଡ଼ିଛନ୍ତି। କୌଣସି ଏକ ସରକାର ୫ ବର୍ଷ ପୂରଣ କରିନାହାନ୍ତି। ବାରମ୍ବାର ସରକାର ପରିବର୍ତ୍ତନ ଯୋଗୁ ସେଠାକାର ସାମାଜିକ ଜୀବନ ଓ ଅର୍ଥନୀତି ଅନେକ ସମୟରେ ପ୍ରଭାବିତ ହୋଇଛି। ସେପ୍ଟେମ୍ବର ୨୦୨୫ରେ ଜେନ୍ ଜି ବିପ୍ଳବ ନେପାଳ ଇତିହାସକୁ ଏକ ଉଲ୍ଲେଖନୀୟ ମୋଡ଼ରେ ରଖିଦେଇଥିଲା। ୧୯୯୭ରୁ ୨୦୧୨ ମଧ୍ୟରେ ଜନ୍ମିତ ଯୁବବର୍ଗ ଶାସନ ଓ ବ୍ୟବସ୍ଥାରେ ଅସଙ୍ଗତି ଦେଖିବା ପରେ ରାସ୍ତାକୁ ଓହ୍ଲାଇଥିଲେ। ଏହାର ପ୍ରଭାବ ସିଧାସଳଖ କେ. ପି. ଶର୍ମା ଓଲିଙ୍କ ସରକାରକୁ ଗାଦିଚ୍ୟୁତ କରିଥିଲା। ପରେ ସୁଶୀଳା କାର୍କି ଦେଶର ଅନ୍ତରୀଣ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେଇଥିଲେ। ସୁଶୀଳାଙ୍କ ତତ୍ତ୍ୱାବଧାନରେ ୫ ମାର୍ଚ୍ଚ ୨୦୨୬ରେ ଦେଶର ପାର୍ଲାମେଣ୍ଟ ପାଇଁ ସାଧାରଣ ନିର୍ବାଚନ ହୋଇଥିଲା। ସିଧାସଳଖ ନିର୍ବାଚନ ହୋଇଥିବା ୧୬୫ ଆସନ ମଧ୍ୟରୁ ଅଦ୍ୟାବଧି ୧୬୧ର ଫଳାଫଳ ପ୍ରକାଶ ପାଇସାରିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯେ, ଏହି ନିର୍ବାଚନରେ ୪ ବର୍ଷ ତଳେ ଗଠିତ ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟି (ଆର୍‌ଏସ୍‌ପି) ୧୨୪ ଆସନ ଅକ୍ତିଆର କରି ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ଉଭା ହୋଇଛି। ସେଠାକାର ଗଣମାଧ୍ୟମ ସୂଚନା ଅନୁଯାୟୀ ୩୫ ବର୍ଷୀୟ ବାଲେନ ଶାହା ଦେଶର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହେବାକୁ ଯାଉଛନ୍ତି। ନେପାଳୀ ଯୁବାଙ୍କ ପ୍ରିୟ ଭାବେ ବାଲେନ ପରିଚିତ। ସଙ୍ଗୀତଜ୍ଞ ବା ରାପର୍ ଭାବେ କ୍ୟାରିୟର ଗଢ଼ିଥିବା ବାଲେନ ୨୦୨୨ରେ କାଠମାଣ୍ଡୁର ମେୟର ହେବାର ଗୌରବ ଅର୍ଜନ କରି ରାଜନୈତିକ ଯାତ୍ରା ଆରମ୍ଭ କରିଥିଲେ। ଚଳିତ ସାଧାରଣ ନିର୍ବାଚନରେ ୪ ଥରର ପ୍ରଧାନମନ୍ତ୍ରୀ ରହି ଆସିଥିବା ତଥା କମ୍ୟୁନିଷ୍ଟ ପାର୍ଟି ଅଫ୍ ନେପାଳ (ୟୁନିଫାଏଡ୍ ମାର୍କସିଷ୍ଟ ଲେନିନିଷ୍ଟ) ବା ସିପିଏନ୍–ୟୁଏମ୍‌ଏଲ୍ ନେତା କେ. ପି. ଶର୍ମା ଓଲିଙ୍କୁ ଝାପା ନିର୍ବାଚନମଣ୍ଡଳୀରେ ବାଲେନ ୫୦,୦୦୦ ଭୋଟରେ ହରାଇ ରେକର୍ଡ କରିଛନ୍ତି। ତାଙ୍କ ବିଜୟ ସହ ଆର୍‌ଏସ୍‌ପିର ଅଭୂତପୂର୍ବ ସଫଳତା ନେପାଳବାସୀଙ୍କ ପାଇଁ ନୂଆ ଶାସନର ସୂର୍ଯ୍ୟୋଦୟ ଆଣିପାରେ ବୋଲି କୁହାଯାଉଛି।

**ବାଲେନଙ୍କ ନେତୃତ୍ୱରେ ସରକାର ଗଢ଼ିଉଠିଲେ ଅସଙ୍ଗତି ତତ୍‌କ୍ଷଣାତ୍ ଚାଲିଯିବ ବୋଲି ଭାବିବା ଉଚିତ ନୁହେଁ। କିନ୍ତୁ ଯୁବପିଢ଼ିଙ୍କୁ କ୍ଷମତା ହସ୍ତାନ୍ତର କରିଦେଇ ନେପାଳର ମତଦାତା ନିଜ ଦେଶକୁ ଏକ ନୂଆ ପଥରେ ଯିବା ପାଇଁ ସୁଯୋଗ ସୃଷ୍ଟି କରିଛନ୍ତି। ଏହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ଓ ନେପାଳର ମଙ୍ଗଳ ସମସ୍ତେ କାମନା କରିବା ଦରକାର।**

ଦୀର୍ଘ ବର୍ଷ ଧରି ପୁରୁଣା ଦଳଗୁଡ଼ିକ ନେପାଳକୁ ଶାସନ କରିଆସୁଥିଲେ। ବିଶେଷକରି ସିପିଏନ୍–ୟୁଏମ୍‌ଏଲ୍ ନେତା ଓଲି, କମ୍ୟୁନିଷ୍ଟ ପାର୍ଟି ଅଫ୍ ନେପାଳ(ମାଓଇଷ୍ଟ ସେଣ୍ଟର) ମୁଖ୍ୟ ପୁଷ୍ପକୁମାର ଦହଲ ଓରଫ୍ ପ୍ରଚଣ୍ଡ ଏବଂ ନେପାଳୀ କଂଗ୍ରେସର ଶେର ବାହାଦୁର ଦେଉବା ଭିନ୍ନ ଭିନ୍ନ ସମୟରେ ଦେଶର ପ୍ରଧାନମନ୍ତ୍ରୀ ଥିଲେ। ଏମାନଙ୍କ ସମୟରେ ବେକାରି ସମସ୍ୟା ବୃଦ୍ଧି ପାଇବା, ଶାସନରେ ପ୍ରିୟାପ୍ରୀତି ତୋଷଣ ଓ ଦୁର୍ନୀତି ସର୍ବୋଚ୍ଚରେ ପହଞ୍ଚିଥିବା ନେପାଳ ନାଗରିକ ବାରମ୍ବାର ଦେଖିଥିଲେ। ଗତବର୍ଷ ସେପ୍ଟେମ୍ବରରେ ଯେତେବେଳେ ଶାସନ ବିରୋଧରେ ସାମାଜିକ ଗଣମାଧ୍ୟମରେ ଯୁବବର୍ଗଙ୍କ ସ୍ୱର ବ୍ୟାପକ ହେଲା ସରକାର ତତ୍‌କ୍ଷଣାତ୍ ସେଗୁଡ଼ିକୁ ନିଷିଦ୍ଧ କରିଦେଲେ। ଫଳସ୍ୱରୂପ ଦେଶବ୍ୟାପୀ 'ଘୋ' ସୃଷ୍ଟି ହୋଇ ଜେନ୍ ଜି ବିପ୍ଳବ ଜନ୍ମ ନେଲା। ଏହା କେବଳ ନିଜ ଦେଶ ନେପାଳରେ ନୁହେଁ, ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚାକୁ ଆସିଥିଲା। ଆଜିର ଡିଜିଟାଲ ଯୁଗରେ ପ୍ରତିଟି କଥା ଖୁବ୍ କମ୍ ସମୟରେ ସାମାଜିକ ଗଣମାଧ୍ୟମକୁ ଆସିଯାଉଥିବାରୁ କୌଣସି ବିଷୟକୁ ଲୁଚାଇ ରଖାଯାଇପାରୁ ନାହିଁ। ଏଠାରେ ସୂଚନା ଦିଆଯାଇପାରେ ଯେ, ଜେନ୍ ଜି ବିପ୍ଳବର ନିଅଁ ପ୍ରାୟ ୪ ବର୍ଷ ତଳୁ ପଡ଼ିଥିବା କୁହାଯାଉଛି। ଯୁବବର୍ଗଙ୍କ ଚାହିଦାକୁ ସରକାର ଗୁରୁତ୍ୱ ଦେଉ ନ ଥିବା ଜାଣିବା ପରେ ରବି ଲାମିଛାନେ ଆର୍‌ଏସ୍‌ପି ଗଠନ କରିଥିଲେ। ଉଲ୍ଲେଯୋଗ୍ୟ ଯେ, ରବି ନେପାଳରେ ଜଣେ ବିଶିଷ୍ଟ ଟେଲିଭିଜନ ବ୍ୟକ୍ତିତ୍ୱ ଭାବେ ଜଣାଶୁଣା। ନେପାଳ ଶାସନରେ ପରିବର୍ତ୍ତନ ଆଣିବାକୁ ଯାଇ ସେ ଗଢ଼ିଥିବା ଦଳ ପ୍ରଥମେ ସଫଳତା ପାଇଲା ପରେ ମିଳିତ ସରକାରରେ ସେ ପ୍ରବେଶ କରି ଦେଶର ଉପ–ପ୍ରଧାନମନ୍ତ୍ରୀ ହୋଇଥିଲେ। ତେବେ ଯେତେବେଳେ ପାରମ୍ପରିକ ରାଜନୀତିକୁ ନେପାଳ ନାଗରିକ ନାପସନ୍ଦ କରୁଛନ୍ତି ବୋଲି ହୃଦ୍‌ବୋଧ କଲେ, ସେତେବେଳେ ସେ ଜେନ୍ ଜି ବିପ୍ଳବକୁ ମଉକା ଭାବେ ନେଇଥିଲେ। ଏକଦା ତାଙ୍କ ନାମରେ ଠକେଇ ମାମଲା ଆସି ସେ ଗିରଫ ହୋଇ ପରେ ମୁକୁଳିଥିଲେ। ତେବେ ଯେତେବେଳେ ବାଲେନଙ୍କ ପ୍ରତି ଯୁବବର୍ଗଙ୍କ ଆକର୍ଷଣ ବଢ଼ିଥିଲା, ସ୍ଥିତିରୁ ଫାଇଦା ନେବାକୁ ଯାଇ ରବି ତାଙ୍କୁ ଦଳକୁ ଆଣିଥିଲେ। ଡିସେମ୍ବର ୨୦୨୫ରେ ବାଲେନ ଆର୍‌ଏସ୍‌ପିରେ ଯୋଗଦେଇଥିଲେ। ଏହା ପରେ ରବି ଘୋଷଣା କରିଥିଲେ ସାଧାରଣ ନିର୍ବାଚନରେ ଦଳ ବିଜୟୀ ହେଲେ ବାଲେନ ପ୍ରଧାନମନ୍ତ୍ରୀ ହେବେ ଓ ସେ ପାର୍ଟିର ମୁଖ୍ୟ ଭାବେ ଦାୟିତ୍ୱ ତୁଲାଇବେ। ଏବେ ତାହା ବାସ୍ତବ ରୂପ ନେଇଛି। ହେଲେ ନେପାଳର ରାଜନୈତିକ ଇତିହାସ ଭାରତ ଭଳି ସର୍ବଦା ଦୁର୍ନୀତି ଓ ସଂସ୍ଥାଗତ ଅବ୍ୟବସ୍ଥା ଦେଇ ଗତି କରି ଆସିଛି। ଜେନ୍ ଜି ବିପ୍ଳବ ପରେ ପ୍ରଥମ ଥର ପାଇଁ ହୋଇଥିବା ସଂସଦୀୟ ନିର୍ବାଚନ ଓ ସେଥିରେ ଯୁବ ନେତୃତ୍ୱ ଉପରେ ଦେଶବାସୀଙ୍କ ଆସ୍ଥା ପ୍ରକଟ ଏକ ବିରାଟ ପରିବର୍ତ୍ତନର ସଙ୍କେତ ଦେଉଛି। ବାଲେନଙ୍କ ନେତୃତ୍ୱରେ ସରକାର ଗଢ଼ିଉଠିଲେ ଅସଙ୍ଗତି ତତ୍‌କ୍ଷଣାତ୍ ଚାଲିଯିବ ବୋଲି ଭାବିବା ଉଚିତ ନୁହେଁ। କିନ୍ତୁ ଯୁବପିଢ଼ିଙ୍କୁ କ୍ଷମତା ହସ୍ତାନ୍ତର କରିଦେଇ ନେପାଳର ମତଦାତା ନିଜ ଦେଶକୁ ଏକ ନୂଆ ପଥରେ ଯିବା ପାଇଁ ସୁଯୋଗ ସୃଷ୍ଟି କରିଛନ୍ତି। ଏହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ଓ ନେପାଳର ମଙ୍ଗଳ ସମସ୍ତେ କାମନା କରିବା ଦରକାର।

# ମହିଳାଙ୍କ ସ୍ଥିତିରେ ଉନ୍ନତି ଘଟିଛି କି



ଡ. ସନ୍ତୋଷ କୁମାର ମହାପାତ୍ର

ସ୍ୱାଧୀନତାର ଦୀର୍ଘ ଦଶନ୍ଧି ପରେ ଭାରତ ତଥା ବିଶ୍ୱରେ ମହିଳାଙ୍କ ସ୍ଥିତିରେ ଉନ୍ନତି ଘଟିଛି କି ନାହିଁ ତାହାର ସମୀକ୍ଷା ଆବଶ୍ୟକ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଅନୁଯାୟୀ ବିଶ୍ୱରେ ପ୍ରାୟ ଏକ ତୃତୀୟାଂଶ ମହିଳା ବା ୮୪ କୋଟି ଲିଙ୍ଗଜନିତ ହିଂସାର ଶିକାର ହେଉଛନ୍ତି। ସେଥିରୁ ୩୧.୬ କୋଟି ସ୍ୱାମୀ କିମ୍ବା ତାଙ୍କ ସମ୍ପର୍କୀୟଙ୍କ ଦ୍ୱାରା ହିଂସାର ଶିକାର ହେଉଥିବା ଜଣାପଡ଼ିଛି। ୨୦୨୫ ମସିହାରେ ପ୍ରକାଶିତ, ଜାତିସଂଘ ମହିଳା ତଥା ଜାତିସଂଘର ଡ୍ରଗ୍ ଆଣ୍ଡ କ୍ରାଇମ ଦ୍ୱାରା ଫେମିସାଇଡ ରିପୋର୍ଟ ଅନୁସାରେ ୨୦୨୪ରେ ଅନ୍ତର୍ଜାତୀୟ ସ୍ତରରେ ୮୩,୦୦୦ ମହିଳା ଓ ବାଳିକାଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ହତ୍ୟା କରାଯାଇଥିଲା। ସେଥିରୁ ୬୦%ଙ୍କୁ ନିଜ ସ୍ୱାମୀ ବା ପରିବାର ସଦସ୍ୟ ହତ୍ୟା କରିଥିଲେ। ଏହି ହାର ପୁରୁଷମାନଙ୍କ କ୍ଷେତ୍ରରେ ୧୧%। ଅର୍ଥାତ୍ ବିଶ୍ୱରେ ପ୍ରତିଦିନ ୧୩୭ଜଣ ମହିଳା ଏବଂ ବାଳିକା, ଅର୍ଥାତ୍ ପ୍ରତି ୧୦ ମିନିଟ୍‌ରେ ଜଣେ ନିଜ ସ୍ୱାମୀ କିମ୍ବା ନିକଟ ସମ୍ପର୍କୀୟଙ୍କ ହାତରେ ମୃତ୍ୟୁବରଣ କରିଥାଆନ୍ତି। ଏପଷ୍ଟିନ ଫାଇଲରୁ ଜଣାପଡ଼ିଛି ଯେ କିପରି ସମଗ୍ର ବିଶ୍ୱରେ ରାଜନେତା, ବ୍ୟବସାୟୀ, ଶିଳ୍ପପତି, ପୁଞ୍ଜିପତିମାନେ ବୀଭତ୍ସ ଯୌନ ବ୍ୟଭିଚାରରେ ଲିପ୍ତ ରହିଛନ୍ତି, ଯାହା ମହିଳା ବିରୋଧୀ କୁତ୍ସିତ ମାନସିକତା ପ୍ରକାଶ କରୁଛି।

୨୦୨୫ ଡିସେମ୍ବରରେ ପ୍ରକାଶିତ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ରିପୋର୍ଟ ୨୦୨୩ ଅନୁଯାୟୀ, ସାରା ଦେଶରେ ମହିଳାଙ୍କ ବିରୋଧରେ ସଂଗଠିତ ଅପରାଧ ମାମଲା ରୁଜୁ ସଂଖ୍ୟା ବୃଦ୍ଧି ପାଇଚାଲିଛି। ଅପରାଧ ସଂଖ୍ୟା ୨୦୧୪ରେ ୩.୩୭ ଲକ୍ଷ ଥିଲାବେଳେ ୩୨.୯୩% ବୃଦ୍ଧିପାଇ ୨୦୨୪ରେ ୪.୪୮ ଲକ୍ଷରେ ପହଞ୍ଚିଛି। ୨୦୧୪ରେ ପ୍ରତି ୧ ଲକ୍ଷ ମହିଳାଙ୍କ ମଧ୍ୟରୁ ୫୬.୩ ଜଣ ଅପରାଧର ଶରବ୍ୟ ହୋଇଥିଲାବେଳେ, ଏହି ହାର ୨୦୨୩ରେ ୬୬.୨ ରହିଛି। ଅର୍ଥାତ୍ ପ୍ରତି ୧ ଘଣ୍ଟାରେ ଭାରତରେ ୫୧ ଜଣ ମହିଳା ଅପରାଧର ଶରବ୍ୟ ହୁଅନ୍ତି। ଦୁଃଖର ବିଷୟ ହେଉଛି ଭାରତରେ ମହିଳାଙ୍କ ବିରୋଧରେ ହୋଇଥିବା ଅପରାଧର ଅଧିକାଂଶ ମାମଲା ବା ମୋଟ ଅପରାଧର ୨୯.୮୨% (୧,୩୩,୬୭୬) ସ୍ୱାମୀ କିମ୍ବା ତାଙ୍କ ସମ୍ପର୍କୀୟଙ୍କ ଦ୍ୱାରା ସଂଗଠିତ ହୋଇଥାଏ। ସେହିପରି ୧୮.୭୧% (୮୩,୮୯୧) ଅପରାଧ ମହିଳାଙ୍କ ସତିତ୍ୱ ଲୁଣ୍ଠନ ପାଇଁ ବା ଅସଦାଚରଣଜନିତ ହୋଇଥିଲାବେଳେ ୧୯.୭୭% (୮୮,୬୦୫) ମହିଳା ଅପହରଣ ଏବଂ ୬.୬୨% (୨୯,୬୭୦) ବଳାତ୍କାର, ୦.୬୨% (୨୭୯୬) ବଳାତ୍କାର ପାଇଁ ଉଦ୍ୟମ, ୧.୩୭% (୬,୧୫୬) ଯୌତୁକଜନିତ ହତ୍ୟା, ୧୧୩ ଏସିଡଜନିତ। ଆହୁରି ସାଇବର ଅପରାଧ, ମହିଳା ଚାଲାଣ ରହିଛି। ଗତବର୍ଷ ତୁଳନାରେ ସାଇବର୍ ଅପରାଧ ୩୧.୨% ବୃଦ୍ଧି ପାଇଛି। ଭାରତରେ ୭.୩କୋଟି ଏକାକୀ ମହିଳା ଅଛନ୍ତି ଯେଉଁମାନେ ପ୍ରେମ ଏବଂ ସ୍ନେହରୁ ବଞ୍ଚିତ। ଭାରତରେ ନିଖୋଜ ମହିଳାଙ୍କ ସଂଖ୍ୟା ୨୦୧୯ରୁ ୨୦୨୧ ମଧ୍ୟରେ ୧୩.୧୩ ଲକ୍ଷରେ ପହଞ୍ଚିଛି। ମୋଟ ଉପରେ ୪.୬କୋଟି। ଓଡ଼ିଶାରେ ଗତ ୧୮ ମାସରେ ନାରୀ ନିର୍ଯାତନା ଶୀର୍ଷରେ ପହଞ୍ଚିଛି। ବିଧାନସଭାରେ ଉପସ୍ଥାପିତ ଉତ୍ତର ଅନୁସାରେ ଗତ ୧୫ ମାସ ମଧ୍ୟରେ ଓ ମୋଟ ୩୭,୬୧୧ଟି ମହିଳା ବିରୋଧୀ ଅପରାଧ ମାମଲା ରୁଜୁ ହୋଇଛି। ଏହି ସମୟ ମଧ୍ୟରେ ୪୦୦୦ରୁ ଅଧିକ ଦୁଷ୍କର୍ମ ମାମଲା ସାମ୍ନାକୁ ଆସିଛି। ରାଜଧାନୀ ଭୁବନେଶ୍ୱର ସ୍ଥିତି ଅତ୍ୟନ୍ତ ଉଦ୍‌ବେଗଜନକ।



ଲିଙ୍ଗଗତ ଅସମାନତା ଆହୁରି ଗଭୀର ହେଉଛି। ଭାରତରେ ଭୟଙ୍କର। ମାର୍ଚ୍ଚ ୨୦୨୪ ରେ ପ୍ରକାଶିତ ମିଳିତ ଜାତିସଂଘର ଉନ୍ନୟନ କାର୍ଯ୍ୟକ୍ରମର ଲିଙ୍ଗଗତ ଅସମାନତା ସୂଚକାଙ୍କ ୨୦୨୨ରେ ଭାରତ ୧୯୩ ଦେଶ ମଧ୍ୟରୁ ୧୦୭ ଦେଶ ପଛରେ (୧୦୮ସ୍ଥାନରେ) ରହିଛି। ବିଶ୍ୱ ଅର୍ଥନୈତିକ ମଞ୍ଚର ୧୮ ତମ ବିଶ୍ୱ ଲିଙ୍ଗ ପ୍ରଭେଦ ସୁଚକାଙ୍କ ୨୦୨୫ ଅନୁସାରେ ଯେଉଁପରି ମନ୍ଥର ଭାବେ ଲିଙ୍ଗଗତ ଅସମାନତା ହ୍ରାସ ପାଉଛି , ସେହି ଅନୁସାରେ ବିଶ୍ୱରେ ମହିଳାମାନଙ୍କୁ ପୁରୁଷଙ୍କ ସହିତ ସମକକ୍ଷ ହେବା ପାଇଁ ୧୩୪ବର୍ଷ ଲଗିବ। ଏହି ଲିଙ୍ଗ ଜନିତ ପାର୍ଥକ୍ୟ ବିଶ୍ୱ ହାରାହାରି ଠାରୁ ଭାରତରେ ଅଧିକ ଗୁରୁତର। ବିଶ୍ୱ ଲିଙ୍ଗଗତ ସମାନତା ୬୮.୮% ହାସଲ ହେଲା ବେଳେ ଲିଙ୍ଗ ଜନିତ ପ୍ରଭେଦ ଆହୁରି ୩୧.୨ % ବାକି ରହିଛି। ଅପରପକ୍ଷରେ ଭାରତ ଲିଙ୍ଗଗତ ସମାନତା ୬୪.୧ % ହାସଲ କରିଲାବେଳେ ଲିଙ୍ଗ ଜନିତ ପ୍ରଭେଦ ଆହୁରି ୩୫.୯ % ରହିଛି। ୨୦୨୫ ସୂଚକାଙ୍କରେ ଭାରତ ୧୩୧ ସ୍ଥାନରେ ପହଞ୍ଚିଛି। ଅର୍ଥାତ ଲିଙ୍ଗଗତ ପାର୍ଥକ୍ୟ ଦୂର କରିବାରେ ଏବେବି ୧୩୦ଟି ଦେଶ ତଳେ ଭାରତ ରହିଛି। ଗତବର୍ଷଠାରୁ ଦୁଇଅଙ୍କ ତଳକୁ ଖସିଛି। ଭାରତ ବର୍ତ୍ତମାନ ବାଂଲାଦେଶ(୭୫), ନେପାଳ(୧୨୫) ଏବଂ ଶ୍ରୀଲଙ୍କା (୧୩୦) ସମେତ ଅଧିକାଂଶ ଦକ୍ଷିଣ ଏସୀୟ ଦେଶ ତୁଳନାରେ ପଛରେ ମଧ୍ୟ ଅଛି।

ବିଶ୍ୱ ଅସମାନତା ରିପୋର୍ଟ ୨୦୨୬ ଅନୁସାରେ ଭାରତ ତଥା ବିଶ୍ୱରେ ଲିଙ୍ଗ ଅସମାନତା ଗଭୀର ଏବଂ ବ୍ୟାପକ। ସମସ୍ତ ଅଞ୍ଚଳରେ ଦରମା ପାର୍ଥକ୍ୟ ରହିଛି। ଘରୋଇ ଏବଂ ଯତ୍ନ କାର୍ଯ୍ୟକୁ ହିସାବକୁ ନେଲେ ମହିଳାମାନେ ପୁରୁଷମାନଙ୍କ ତୁଳନାରେ ଅଧିକ ଘଣ୍ଟା କାମ କରନ୍ତି। ପୁରୁଷମାନେ ପ୍ରତି ସପ୍ତାହରେ ହାରାହାରି ୪୩ ଘଣ୍ଟା କାର୍ଯ୍ୟ କରିଲାବେଳେ ମହିଳାମାନେ ୫୩ ଘଣ୍ଟା କାର୍ଯ୍ୟ କରନ୍ତି। ତଥାପି ସେମାନଙ୍କ କାମକୁ କମ୍ ମୂଲ୍ୟ ଦିଆଯାଇଛି। ଅବୈତନିକ କାମକୁ ବାଦ ଦେଲେ, ମହିଳାମାନେ ପୁରୁଷଙ୍କ ଘଣ୍ଟା ପ୍ରତି ଆୟର କେବଳ ୬୧% ରୋଜଗାର କରନ୍ତି; ଯେତେବେଳେ ଅବୈତନିକ ଶ୍ରମକୁ ସାମିଲ କରାଯାଏ, ଏହି ସଂଖ୍ୟା ମାତ୍ର ୩୨%କୁ ଖସିଯାଏ। ଏହି ବୈଷମ୍ୟ ଓ ପାତର ଅନ୍ତର ମହିଳାମାନଙ୍କ କ୍ୟାରିୟର ସୁଯୋଗକୁ ସୀମିତ କରେ, ରାଜନୈତିକ ପ୍ରକ୍ରିୟାରେ ଅଂଶଗ୍ରହଣକୁ ସଙ୍କୁଚିତ କରେ ଏବଂ ସମ୍ପଦ ଅର୍ଜନକୁ ନକାରାତ୍ମକ ଭାବେ ପ୍ରଭାବିତ କରେ। କେବଳ ସେତିକି ନୁହେଁ, ନିଯୁକ୍ତି ଦେଲାବେଳେ ମହିଳା ପଛରେ, କିନ୍ତୁ ଛଟେଇବେଳେ ମହିଳା ଆଗରେ। ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ପ୍ରଦାନବେଳେ କନ୍ୟା ଶିଶୁକୁ କମ୍ ଗୁରୁତ୍ୱ ଦିଆଯାଏ।

ଲିଙ୍ଗ ସମାନତା କେବଳ ଏକ ସାମାଜିକ ଓ ନୈତିକ ଆବଶ୍ୟକତା ନୁହେଁ, ଏହା ଏକ ଶକ୍ତିଶାଳୀ ଆର୍ଥିକ ଚାଳକ ମଧ୍ୟ। ବିଭିନ୍ନ ଅନ୍ତର୍ଜାତୀୟ ସଂସ୍ଥାଗୁଡ଼ିକର ଅଧ୍ୟୟନ ଅନୁସାରେ, ନିଯୁକ୍ତି, ଶିକ୍ଷା ଓ ଡିଜିଟାଲ ପ୍ରାପ୍ତି ବା ପହଞ୍ଚରେ ଥିବା ଲିଙ୍ଗଗତ ପାର୍ଥକ୍ୟ କମାଇବା ଦ୍ୱାରା ବିଶ୍ୱ ଏବଂ ବିଭିନ୍ନ ଦେଶର ଜିଡିପି ଦ୍ରୁତ ଭାବେ ବୃଦ୍ଧି ପାଇପାରେ। ଅବଶ୍ୟ ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହନ ଦେବା କେବଳ ନ୍ୟାୟର ପ୍ରଶ୍ନ ନୁହେଁ; ଏହା ସମାବେଶୀ ଆର୍ଥିକ ବିକାଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ନିବେଶ। ଶିକ୍ଷା, ସ୍ୱାସ୍ଥ୍ୟ, ଆର୍ଥିକ ଅନ୍ତର୍ଭୁକ୍ତୀକରଣ, ପ୍ରଯୁକ୍ତିବିଦ୍ୟା, ଆଇନଗତ ଏବଂ କର୍ମକ୍ଷେତ୍ର ସୁଯୋଗରେ ଉଭୟ ପୁରୁଷ ଓ ମହିଳାଙ୍କୁ ସମାନ ସୁଯୋଗ ଦେଲେ ଆର୍ଥିକ ବିକାଶ ନିରନ୍ତର ଓ ସମତୁଲ ହେବ।

ମୋ:୯୪୩୭୨୦୮୭୬୨

# ଅନ୍ଧବିଶ୍ୱାସ ରାସ୍ତାରେ ଏଆଇର ସ୍ୱପ୍ନ



ବିଚିତ୍ର ବିଶ୍ୱାଳ

ଗାଲଗୋଟିଆ ବିଶ୍ୱବିଦ୍ୟାଳୟର ଚାଇନା ରୋବୋ କୁକୁରକୁ ନେଇ ଧୂର୍ତ୍ତାମି ଓ ସମ୍ମିଳନୀ ଅବସରରେ ଯୁବ କଂଗ୍ରେସ କର୍ମୀଙ୍କର ଅର୍ଦ୍ଧନଗ୍ନ ପ୍ରତିବାଦକୁ ନେଇ 'ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମ୍ମିଳନୀ–୨୦୨୬'ର ସଫଳତା ଅନେକାଂଶରେ ଫିକା ପଡିଯାଇଛି। ଗୋଟେ ଶିକ୍ଷାନୁଷ୍ଠାନ ଅନ୍ୟର ଉତ୍ପାଦକୁ ନିଜର କହିବା ପରି ଧୂର୍ତ୍ତାମି ଭାରତର ଛବିକୁ ନିଶ୍ଚିତ ଭାବେ ମଳିନ କରିଛି। କିନ୍ତୁ ଏହିସବୁ ମଧ୍ୟରେ ଏଆଇ ତଥା କୃତ୍ରିମ ବୁଦ୍ଧିମତ୍ତାକୁ ନେଇ ସରକାରଙ୍କ ଘୋଷଣା ଅଧିକ ସନ୍ଦେହ ସୃଷ୍ଟି କରୁଛି।

ନୂଆଦିଲ୍ଲୀରେ ଆୟୋଜିତ 'ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମ୍ମିଳନୀ–୨୦୨୬'ର ଉଦ୍‌ଘାଟନ ଅବସରରେ କୁହାଯାଇଛି ଯେ, ଭବିଷ୍ୟତରେ ଭାରତ ବିଶ୍ୱର ତିନି ଏଆଇ ମହାଶକ୍ତି ମଧ୍ୟରେ ରହିବ। ଅର୍ଥାତ୍ ଭାରତ ଏଆଇ କ୍ଷେତ୍ରରେ ନିକଟ ଭବିଷ୍ୟତରେ ପ୍ରଗତି ହାସଲ କରିବ। ଭାରତର ଏଆଇ ଅଭିଯାନ ବିକଶିତ ଭାରତର ଏକ ମୁଖ୍ୟ ଅଂଶ ବୋଲି କୁହାଯାଇଛି। ଏବେ ଭାରତ ଭାଇବ୍ରାଣ୍ଟ୍ ଇଣ୍ଡେକ୍ସ ୨୦୨୫ରେ ଗବେଷଣା, ପ୍ରତିଭା ଏବଂ ଅର୍ଥନୈତିକ କାର୍ଯ୍ୟକଳାପ ପାଇଁ ବିଶ୍ୱରେ ତୃତୀୟ ସ୍ଥାନରେ ଅଛି। ଏଆଇ କ୍ଷେତ୍ରରେ ଭାରତ କେବଳ ଏକ ବଜାର ନ ହୋଇ ଏଆଇର ଉତ୍ପାଦନ କ୍ଷେତ୍ରରେ ଉତ୍କର୍ଷ ହାସଲ କରିବ ବୋଲି ସରକାର ଘୋଷଣା କରିଛନ୍ତି। ଏହି ଘୋଷଣା ଯେକୌଣସି ଭାରତୀୟଙ୍କ ପାଇଁ ଖୁସିର କଥା ହେବ, ଯଦି ଆମେ ଆମ ସରକାରଙ୍କ ଏହି ଘୋଷଣାକୁ ତାଙ୍କ ବାସ୍ତବ କାର୍ଯ୍ୟକଳାପ ସହିତ ତୁଳନା ନ କରିବା। କିନ୍ତୁ ଯେଉଁ ମୁହୂର୍ତ୍ତରେ ଆମେ ସରକାରଙ୍କ ବାସ୍ତବ କାମକୁ ତୁଳନା କରିବା, ଏହା କେବଳ ଏକ ତୁଚ୍ଛା ଘୋଷଣା ବୋଲି ବୁଝିବାରେ ବିଳମ୍ବ ହେବନାହିଁ। ଘୋଷଣା ଓ ବାସ୍ତବତା ଭିତରେ ଆକାଶ ପାତାଳ ପ୍ରଭେଦ ଜଳଜଳ ଦେଖାଯିବ।

ଗୋଟିଏ ପଟେ ଏଆଇ କ୍ଷେତ୍ରରେ ଦେଶ ଆଗକୁ ବଢ଼ିବ ବୋଲି ସରକାର କହୁଥିବା ବେଳେ ଅନ୍ୟପଟେ ସମଗ୍ର ଦେଶରୁ ସାଇଣ୍ଟିଫିକ୍ ଟେମ୍ପେରାମେଣ୍ଟ ତଥା ବୈଜ୍ଞାନିକ ମନୋଭାବ କମ କରିବାର ପ୍ରୟାସରେ ଟିକେ ବି କମ୍ କରାଯାଉନାହିଁ। ଦିନକୁ ଦିନ ଦେଶକୁ ଏକ ମଧ୍ୟଯୁଗୀୟ ଅନ୍ଧବିଶ୍ୱାସ ଭିତରକୁ ଠେଲି ଦିଆଯାଉଛି। ଆମ ପ୍ରତିରକ୍ଷାମନ୍ତ୍ରୀ ରାଫେଲ ଯୁଦ୍ଧ ବିମାନରେ ସିନ୍ଦୂରରେ ସ୍ୱସ୍ତିକ ଅଙ୍କନ କରୁଛନ୍ତି, ଯାହାଦ୍ୱାରା କି କିଛି ଯେପରି ଅମଙ୍ଗଳ ନ ହୁଏ। ଡଜନ ଡଜନ କେନ୍ଦ୍ରମନ୍ତ୍ରୀ କୁମ୍ଭ ମେଳାରେ ବୁଡ ପକେଇ ପାପ କ୍ଷୟ କରୁଛନ୍ତି। ବାଗେଶ୍ୱର ବାବାଙ୍କ ପାଖରେ ଅନେକ ମନ୍ତ୍ରୀ, ନେତା, ଅଫିସର ଧାଡ଼ି ଲଗାଉଛନ୍ତି। ବଳାତ୍କାର ଓ ହତ୍ୟା ଅପରାଧରେ ଜେଲଦଣ୍ଡ ଭୋଗୁଥିବା ବାବାଙ୍କର ଭିଆଇପି ଭକ୍ତ ମଣ୍ଡଳୀରେ ସରକାରର ଅଧା ନେତା,ମନ୍ତ୍ରୀ ଅଛନ୍ତି। ମନ୍ଦିର ପ୍ରତିଷ୍ଠାକୁ ଏକ ରାଷ୍ଟ୍ରୀୟ କାର୍ଯ୍ୟ ଭାବେ ପାଳନ କରାଯାଉଛି। ସାରା ପ୍ରଶାସନ ସବୁକିଛି ଛାଡ଼ି ସେଇ କାମରେ ଲାଗିଯାଉଛି। ଗୋଟେ ଦେଶର ସରକାର ଓ ତା'ର ମୁଣ୍ଡିଆଳଙ୍କର ଏହି ସବୁ କାର୍ଯ୍ୟ ଦେଶକୁ ବିଜ୍ଞାନର ବିକାଶ ଦିଗରେ ନେବ ନା ଅନ୍ଧବିଶ୍ୱାସର କୂଅ ଭିତରକୁ ନିକ୍ଷେପ କରିବ, ଏହା ବେଶ୍ ଅନୁମେୟ। ଏହି ରାସ୍ତାରେ ଯାଇ ଭାରତ କ'ଣ ବିଶ୍ୱର ପ୍ରମୁଖ ଏଆଇ ଶକ୍ତିରେ ପରିଣତ ହେବ ? ଏଆଇ ସମ୍ପର୍କିତ ସରକାରଙ୍କ ଭାଷଣ ଯଦି ଗୋଟିଏ ପଟେ ଯାଉଥାଏ, ତେବେ ତାଙ୍କ ବାସ୍ତବ କାମ ଠିକ୍ ତା'ର ବିପରୀତ ଦିଗରେ ଯାଉଛି।




ବିଶ୍ୱର ଶହେଟି ଉଚ୍ଚମାନର ଶିକ୍ଷାନୁଷ୍ଠାନ ଭିତରେ ଭାରତର ସ୍ଥାନ ନଗଣ୍ୟ। ଗବେଷଣା ଅନୁଷ୍ଠାନକୁ ସରକାରୀ ପ୍ରୋତ୍ସାହନ ନାହିଁ। ଶିକ୍ଷାନୁଷ୍ଠାନ ଅପେକ୍ଷା ମନ୍ଦିର ପ୍ରତିଷ୍ଠା ବଡ କାମ ବୋଲି ଆମ ଦେଶରେ ପରିଗଣିତ କରାଯାଉଛି। ସରକାର ବି ସେହି କାମ ପୂରଣ କରିବାରେ ଲାଗିଛନ୍ତି ଓ ମନ୍ଦିର ପ୍ରତିଷ୍ଠାକୁ ତାଙ୍କର ଐତିହାସିକ ସଫଳତା ଭାବେ ବର୍ଣ୍ଣନା କରୁଛନ୍ତି। ରାଜନୈତିକ ଦଳର ଇସ୍ତାହାର ଏବଂ ପ୍ରତିଶ୍ରୁତିରେ ଶିକ୍ଷା ଓ ସ୍ୱାସ୍ଥ୍ୟ କଥା କମ୍ ରହି ମନ୍ଦିର କଥା ବେଶି ରହୁଛି। ତା'ହେଲେ ଦେଶ କୁଆଡେ ଯିବ ? ଯୁବକମାନଙ୍କୁ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀରୁ ଦୂରେଇ ନେଇ ତାଙ୍କୁ ଧର୍ମ ନାମରେ ଲଢ଼ିବା ପାଇଁ କ୍ଷେତ୍ର ପ୍ରସ୍ତୁତ କରାଯାଉଛି ଓ ତାହାକୁ ହିଁ ପ୍ରଗତିର ପଥ ଭାବେ ପ୍ରଦର୍ଶିତ କରାଯାଉଛି। ବିଚରା ଯୁବକମାନେ ଧର୍ମରକ୍ଷା ପାଇଁ ପତାକା ଧରି ରାସ୍ତାରେ ଚିତ୍କାର କରୁଛନ୍ତି। ଏହି ଚିନ୍ତାଧାରା ସହିତ ଓ ଏହି ରାସ୍ତାରେ ଚାଲି ଦେଶ କ'ଣ ଏଆଇ କ୍ଷେତ୍ରରେ ବିକାଶ କରିବ ? ଏହା କେବଳ ଆଉ ଏକ ମନ୍ କୀ ବାତ୍ ଛଡା ଆଉ କିଛି ନୁହେଁ।

ଆମ ଦେଶରେ ଚନ୍ଦ୍ର ଅଭିଯାନର ସଫଳତା ବିଷୟରେ ଯେତିକି ଆଲୋଚନା ହୁଏନି, ତା'ଠାରୁ ଅଧିକ ଆଲୋଚନା ହୁଏ ଇସ୍ରୋ ମୁଖ୍ୟଙ୍କ ମନ୍ଦିର ଯିବା ବିଷୟରେ। ତା'ମାନେ ଆମେ ଭବିଷ୍ୟତ ପିଢ଼ିକୁ କୁଆଡେ ଠେଲୁଛେ ? ଆମ ମନ୍ତ୍ରୀ ହନୁମାନଙ୍କୁ ପ୍ରଥମ ମହାକାଶଚାରୀ ବୋଲି ଛାତ୍ରଙ୍କୁ କହୁଛନ୍ତି। ସମ୍ପ୍ରତି ଦେଶର ଶୀର୍ଷ ନ୍ୟାୟାଳୟ ସାବରିମାଲା ମନ୍ଦିରକୁ ମହିଳା ପ୍ରବେଶ କରିବେ କି ନାହିଁ, ସେ ବିଷୟରେ ଦିନ ଦିନ ସାରୁଛନ୍ତି। ସରକାରୀ ଆଡ୍‌ଭୋକେଟ ନିଜେ କେସ୍‌ର ଗୋଟିଏ ପକ୍ଷ ହେଉଛନ୍ତି। ତା'ହେଲେ ବିଚାର କଲେ – ଗୋଟେ ଦେଶ ଭାବେ ଆମ ବୈଜ୍ଞାନିକ ଚିନ୍ତାଧାରା କେଉଁ ଆଡ଼କୁ ଯାଉଛି ? ଆଜି ଯଦି ଆମେ ମାନୁଛୁ, ମହିଳାଙ୍କ ପ୍ରବେଶ ଯୋଗୁ କୌଣସି ସ୍ଥାନ ଅପବିତ୍ର ହୋଇଯାଏ, ତା'ହେଲେ ଆମ ବୈଜ୍ଞାନିକ ମନୋଭାବ କେତେ ରସାତଳକୁ ଗଲାଣି ଓ ଆମେ କେତେ ଅନ୍ଧବିଶ୍ୱାସ ଭିତରେ ଅଛେ, ଏହା ସହଜରେ ଅନୁମେୟ। ଆମ ଦେଶର ବିଦ୍ୱାନମାନେ ବିଦେଶକୁ ଗଲେ ଆଉ ଦେଶକୁ ଫେରିବାର ନାଁ ନେଉନାହାନ୍ତି। କାରଣ ଆମ ଦେଶରେ ଗବେଷଣା ଭିତ୍ତିଭୂମି ଅପେକ୍ଷା ମନ୍ଦିର ଭିତ୍ତିଭୂମି ଉପରେ ଅଧିକ ଧ୍ୟାନ ଦିଆଯାଉଛି ଓ ଖର୍ଚ୍ଚ କରାଯାଉଛି। ଆଜିକାଲି ତ ଖୋଜାଯାଉଛି ଅତୀତରେ କେଉଁ ମାଟି ତଳେ କି ମନ୍ଦିର ଥିଲା କି ମୂର୍ତ୍ତି ଥିଲା। ଶିକ୍ଷାନୁଷ୍ଠାନ ଅପେକ୍ଷା ତଥାକଥିତ ଧର୍ମ ପାଇଁ ଯେଉଁଠି ଅଧିକ ଗୁରୁତ୍ୱ ଦିଆଯାଏ, ସେଠି ସ୍କଲାର ଓ ଉନ୍ନତ ମସ୍ତିଷ୍କମାନେ ବିଦେଶରେ ରହିବାକୁ ହିଁ ଅଧିକ ଉଚିତ ମଣିବେ ଓ ମଣୁଛନ୍ତି ବି। ଏପରି ସ୍ଥଳେ ସରକାରଙ୍କ ଏଆଇ କ୍ଷେତ୍ରରେ ବିକାଶର ସ୍ୱପ୍ନ, କେବଳ ସ୍ୱପ୍ନ ଓ ପ୍ରହେଳିକା ଛଡା ଅଧିକ କିଛି ନୁହେଁ। ଯଦି ସତରେ ଆମେ ଏଆଇ ଓ ଅନ୍ୟାନ୍ୟ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ବିକାଶ କରିବାକୁ ଚାହୁଁଛୁ, ତେବେ ଭବିଷ୍ୟତ ପିଢ଼ିଙ୍କ ଭିତରେ ଆମକୁ ବୈଜ୍ଞାନିକ ମନୋଭାବକୁ ବଢେଇବାକୁ ହେବ। ବିଶ୍ୱାସ ଓ ଅନ୍ଧବିଶ୍ୱାସରୁ ଉର୍ଦ୍ଧ୍ୱକୁ ଉଠି ଆମକୁ ତଥ୍ୟ, ତତ୍ତ୍ୱଭିତ୍ତିକ ହେବାକୁ ପଡିବ।

– ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର
ମୋ: ୯୪୩୮୪୬୮୪୭୪

## ଏଇ ଭାରତରେ

ବର୍ଷାଦିନ ପରେ ମହାରାଷ୍ଟ୍ର ବିଦର୍ଭ ଅଞ୍ଚଳରୁ ଭାରୱାଡ ଯାଯାବର ସମ୍ପ୍ରଦାୟର ଲୋକେ ସେମାନଙ୍କ ଗୃହପାଳିତ ପଶୁଙ୍କୁ ନେଇ ଚାରଣଭୂମି ଅଞ୍ଚଳକୁ ଚାଲିଯାଆନ୍ତି। ସେମାନେ ଡିସେମ୍ବରରେ ଯାଇ ଜୁନ ବେଳକୁ ଫେରିଥାନ୍ତି। ଏହି ସମୟରେ ସେମାନଙ୍କ ପିଲାଙ୍କ ପଢା ବନ୍ଦ ହୋଇଯାଏ। ଫଳରେ ଅନେକେ ପାଠ ଛାଡ଼ିଦେଉଛନ୍ତି। ତେବେ ଅଣ ଲାଭକାରୀ ସଂସ୍ଥା ଲର୍ନିଂ କାମ୍ପେନିୟନ(ଏଲ୍‌ସି) ଦ୍ୱାରା ଏହି ସମସ୍ୟା ଅନେକାଂଶରେ ସମାଧାନ ହୋଇପାରିଛି। ଗଣେଶ ବିରାଜଦାର ଏହାର ପ୍ରତିଷ୍ଠାତା ନିର୍ଦ୍ଦେଶକ। ପିଲାମାନେ ଯେଉଁ ସମୟରେ ବାହାରକୁ ନ ଯାଇ ପରିବାର ସହ ରହୁଛନ୍ତି ସେହି ସମୟରେ ସେମାନଙ୍କୁ ଏଲ୍‌ସି ସେଣ୍ଟରରେ ପଢାଯାଉଛି। ଏବେ ଏଭଳି ୫ଟି କେନ୍ଦ୍ରରେ ୨୦୦ ପିଲାଙ୍କୁ ଶିକ୍ଷା ଦିଆଯାଉଛି। ସକାଳେ ପ୍ରି ପ୍ରାଇମେରୀ ପିଲା ପଢୁଛନ୍ତି ଓ ପ୍ରଥମରୁ ଉର୍ଦ୍ଧ୍ୱ ଶ୍ରେଣୀର ପିଲାମାନେ ସନ୍ଧ୍ୟାବେଳେ ପଢିବାକୁ ଆସୁଛନ୍ତି। ଯେତେବେଳେ ପିଲାମାନେ ପରିବାର ସହ ବାହାରକୁ ଯାଇ ଯେଉଁଠାରେ ରହୁଛନ୍ତି ଏଲ୍‌ସି ସେଣ୍ଟରର ଶିକ୍ଷକମାନେ ପ୍ରତି ସପ୍ତାହରେ ସେହି ସବୁ ସ୍ଥାନକୁ ଯାଉଛନ୍ତି ଏବଂ ପିଲାମାନଙ୍କ ମାର୍କଶିଟ୍ ଦେଉଛନ୍ତି। ଏପରି କି ସେଠାରେ କ୍ୟାମ୍ପ ଆୟୋଜନ କରାଯାଇ ପିଲାଙ୍କୁ ଏକାଠି କରାଯାଉଛି। ଏହି ଶିକ୍ଷାକେନ୍ଦ୍ର ପ୍ରତି ପିଲାଙ୍କ ଆଗ୍ରହ ଜନ୍ମିବାରୁ ସେମାନେ ବାହାରକୁ ଯାଇ ଫେରିଲା ପରେ ବି ସରକାରୀ ସ୍କୁଲକୁ ମଧ୍ୟ ଯିବା ପାଇଁ ପସନ୍ଦ କରୁଛନ୍ତି। ଫଳରେ ଡ୍ରପଆଉଟ୍ କମୁଛି।

## ଚିରନ୍ତନୀ

ପବନ ଆଣେ ତା' ଭାଷା
ବିରହ କାତର ଆଶା
ସିନ୍ଧୁ ଊର୍ମି ସେହି କଥା
କୂଳେ ଯାଏ ଗାଇ
ସେ କି ଅଧୀରା ମୋ ପାଇଁ ?
–(ବ୍ୟବଧାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ–ଡୋ–କୁ

sudoku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | | 1 | | | 3 | | | 4 |
| | 2 | | | 8 | | | | 6 |
| 3 | | | | | | | | |
| | | | | | | 8 | | |
| | 4 | | | | 7 | 9 | | 3 |
| | | 9 | | | | | | |
| | | | | 6 | | | 1 | 7 |
| | | 4 | | | | 2 | | |
| | 8 | | 9 | | | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 2 | 3 | 5 | 8 | 6 | 9 | 7 | 1 |
| 7 | 6 | 8 | 2 | 1 | 9 | 3 | 4 | 5 |
| 5 | 1 | 9 | 3 | 7 | 4 | 2 | 6 | 8 |
| 9 | 7 | 2 | 6 | 5 | 1 | 4 | 8 | 3 |
| 8 | 5 | 1 | 4 | 3 | 2 | 6 | 9 | 7 |
| 3 | 4 | 6 | 7 | 9 | 8 | 5 | 1 | 2 |
| 2 | 8 | 7 | 9 | 4 | 5 | 1 | 3 | 6 |
| 1 | 9 | 5 | 8 | 6 | 3 | 7 | 2 | 4 |
| 6 | 3 | 4 | 1 | 2 | 7 | 8 | 5 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ତାପମାତ୍ରା ବୃଦ୍ଧିର ଚେତାବନୀ

ମହାଶୟ,

ଚଳିତବର୍ଷ ଦେଶରେ ଗ୍ରୀଷ୍ମ ପ୍ରବାହ ଅସହ୍ୟ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ସହ ବହୁ ଘରୋଇ ପାଣିପାଗ ସଂସ୍ଥା ପୂର୍ବାନୁମାନ କରିଛନ୍ତି। ମାର୍ଚ୍ଚ ମାସର ପ୍ରଥମ ସପ୍ତାହରେ ଦୈନିକ ଉଚ୍ଚ ତାପମାତ୍ରା ଏହାର ଏକ ଚେତାବନୀର ସଂକେତ ବୋଲି କହିଲେ ଅତ୍ୟୁକ୍ତି ହୋଇ ନ ପାରେ। ପାଣିପାଗ ବିଭାଗର ସୂଚନା ଅନୁଯାୟୀ ମାର୍ଚ୍ଚ ଦ୍ୱିତୀୟ ସପ୍ତାହ ବେଳକୁ ଦେଶର ବିଭିନ୍ନ ଭାଗରେ ବିଶେଷ କରି ଉତ୍ତରଭାରତରେ ଦିନର ତାପମାତ୍ରା ୩୬ଡିଗ୍ରୀ ସେଲସିୟସ୍ ଅତିକ୍ରମ କରିବ, ଯାହାକି ଏହି ସମୟରେ ସ୍ୱାଭାବିକ ତାପମାତ୍ରାଠାରୁ ୪ଡିଗ୍ରୀ ଅଧିକ। ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆମ ରାଜ୍ୟର ଝାରସୁଗୁଡା ଅଞ୍ଚଳରେ ତାପମାତ୍ରା ୩୯ ଡିଗ୍ରୀରେ ପହଞ୍ଚି ସାରିଲାଣି। ବସନ୍ତ ଋତୁ ଉଭାନ ହୋଇଯିବା ସହ ଆଗୁଆ ଗ୍ରୀଷ୍ମକାଳ ଆରମ୍ଭ ହୋଇଯାଇଛି, ଯାହାକି ଆଞ୍ଚଳିକ ବାୟୁମଣ୍ଡଳୀୟ ଏବଂ ଦୀର୍ଘକାଳୀନ ଜଳବାୟୁ ପରିବର୍ତ୍ତନର ସନ୍ଦେଶ ପ୍ରଦାନ କରେ। ଦେଶରେ ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇଥିବାରୁ ଏହାକୁ ଦୃଷ୍ଟିରେ ରଖି ଏଣିକି ଜଳବାୟୁ ଉପଯୋଗୀ ବା ଜଳବାୟୁ ନମନୀୟ ଚାଷ ପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ। ଅନ୍ୟଥା ଦେଶ ଗୁରୁତର ଖାଦ୍ୟ ସଙ୍କଟର ସମ୍ମୁଖୀନ ହୋଇପାରେ। ଆସନ୍ତା ୨୦୫୦ ବେଳକୁ ଖାଦ୍ୟ ସଙ୍କଟ ଦେଖାଦେବା ନେଇ ବିଜ୍ଞାନୀମାନେ ଚେତାବନୀ ଦେଇସାରିଲେଣି। ତେବେ କେବଳ ଖାଦ୍ୟ ସଙ୍କଟ ନୁହେଁ, ଉକ୍ତ ପାନୀୟ ଜଳ ସଙ୍କଟକୁ ମଧ୍ୟ ଏଡାଇ ଦିଆଯାଇ ନ ପାରେ। ଜଳବାୟୁ ପରିବର୍ତ୍ତନ ଏବଂ ତାପମାତ୍ରା ବୃଦ୍ଧି କେବଳ ଗୋଟଏ ଦେଶର ସମସ୍ୟା ନୁହେଁ, ଏହା ଏକ ବୈଶ୍ୱିକ ସମସ୍ୟା। ବେଳ ହୁଁ ସାବଧାନ ନ ହେଲେ, ତାପମାତ୍ରା ବୃଦ୍ଧି ମୁକାବିଲା ପାଇଁ ଯୋଜନା ନ କଲେ, ଧ୍ୱଂସ ହିଁ ସାର ହେବ।

**– ସୌଭାଗ୍ୟ ରଞ୍ଜନ ମହାନ୍ତି, ଗଙ୍ଗୋତ୍ରୀ ନଗର, ଶିଶୁପାଳଗଡ଼, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଅନ୍ତର୍ଜାତୀୟ ମହିଳା ଦିବସ

ପୁରୁଣା ଭୁବନେଶ୍ୱର,୯।୩(ସୁବାସ ଚନ୍ଦ୍ର ପ୍ରଧାନ)

ସ୍ଥାନୀୟ ୬୦ନମ୍ବର ୱାର୍ଡର ଦକ୍ଷିଣ ଚଣ୍ଡୀ ମନ୍ଦିର ପରିସରରେ ରବିବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏଥିରେ ବିଏମ୍‌ସି ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ସମ୍ପ୍ରତି ମହିଳାମାନେ କିଭଳି ସ୍ୱାବଲମ୍ବୀ ହୋଇପାରିଛନ୍ତି ଏବଂ ଆଗକୁ କିଭଳି ଆହୁରି ବଢ଼ିବେ ସେନେଇ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ କର୍ପୋରେଟର ଚନ୍ଦ୍ର ଶେଖର ମଲିଆ. କର୍ପୋରେଟର ଶିବ ନାରାୟଣ ରାୟ ଯୋଗଦେଇ ଦେଶ ବିକାଶରେ ମହିଳାମାନଙ୍କ ଭୂମିକା ଉପରେ ମତ ରଖିଥିଲେ। ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୫୦ଜଣ ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ୨୦୦ରୁ ଊର୍ଦ୍ଧ୍ୱ ମହିଳା ଯୋଗଦେଇଥିଲେ।

# ୮୬ ଜେଲରେ ଅଛନ୍ତି ୧୮,୧୭୬ ବନ୍ଦୀ

## ଏବେବି ଫେରାର ଅଛନ୍ତି ୧୭, ପାରୋଲରେ ଯାଇ ଫେରିନାହାନ୍ତି ୩୦

ଭୁବନେଶ୍ୱର,୯।୩(ତ୍ରିନାଥ ମହାନ୍ତି)

ବିଭିନ୍ନ ଜେଲରେ ଏବେବି ୧୭ କଏଦୀ ଫେରାର ଅଛନ୍ତି। ରାଜ୍ୟର ୮୬ ଜେଲରେ ମୋଟ ୧୮,୧୭୬ ଜଣ କଏଦୀ ରହିଥିବାବେଳେ ସେଥିରୁ ୧୪,୦୪୦ ଜଣ ବିଚାରାଧୀନ ଏବଂ ୪,୧୩୬ ଜଣ ଦୋଷୀ ସାବ୍ୟସ୍ତ ହୋଇ ଦଣ୍ଡ ଭୋଗୁଛନ୍ତି। ଗତ ୫ ବର୍ଷ ଭିତରେ ବିଭିନ୍ନ ଜେଲରୁ ୪୪ କଏଦୀ ଫେରାର ହୋଇଥିଲେ। ସେମାନଙ୍କ ମଧ୍ୟରୁ ୨୭ ଜଣଙ୍କୁ ଗିରଫ କରାଯାଇଥିବାବେଳେ ଏବେବି ୧୭ଜଣ ଫେରାର ଅଛନ୍ତି। ବିଧାନସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏହି ସୂଚନା ଦେଇଛନ୍ତି।

ଅନ୍ୟପଟରେ ରାଜ୍ୟର ବିଭିନ୍ନ ଜେଲରୁ ପାରୋଲରେ ଯାଇଥିବା ୩୦ରୁ ଅଧିକ କଏଦୀ ଜେଲକୁ ନ ଫେରିବା ଘଟଣା ହାଇକୋର୍ଟଙ୍କ ଏକ ଯାଞ୍ଚରୁ ଜଣାପଡ଼ିଥିଲା। ଏହି ପ୍ରସଙ୍ଗରେ ହାଇକୋର୍ଟ କ୍ଷୁବ୍ଧ ହେବାସହ ଜେଲକୁ ଫେରି ନ ଥିବା କଏଦୀଙ୍କୁ ଜେଲକୁ ଫେରାଇ ଆଣିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଯେଉଁମାନେ ଆସୁ ନ ଥିଲେ ସେମାନଙ୍କ ନାମରେ ରାଜ୍ୟର ବିଭିନ୍ନ ଥାନାରେ ମାମଲା କରାଯାଇଥିଲା। ଏହାସତ୍ତ୍ୱେ ଏବେ ବି ୩୦ରୁ ଅଧିକ କଏଦୀ ଜେଲକୁ ଫେରି ନ ଥିବା ଜଣାପଡ଼ିଛି। ଏନେଇ ଜେଲ ଡିଜି ସୁଶାନ୍ତ ନାଥ କହିଛନ୍ତି, ଯେଉଁ ଜେଲରୁ କଏଦୀ ଫେରାର ଅଛନ୍ତି, ସେମାନଙ୍କ ନାମରେ ନିକଟସ୍ଥ ଥାନାରେ ମାମଲା ରୁଜୁ କରାଯାଇଛି। ଆହୁରି ମଧ୍ୟ ପାରୋଲରେ ଯାଇ ଫେରୁ ନ ଥିବା କଏଦୀଙ୍କ ନାମରେ ଜେଲ କର୍ତ୍ତୃପକ୍ଷ ନିକଟସ୍ଥ ଥାନାରେ ଅଭିଯୋଗ କରୁଛନ୍ତି। ପୋଲିସ ମାମଲା କରି ସେମାନଙ୍କୁ ଜେଲକୁ ଆଣିବାକୁ ଚେଷ୍ଟା କରାଯାଉଛି ବୋଲି ସେ କହିଛନ୍ତି।




# 'ରଘୁବଂଶ ମହାକାବ୍ୟମ୍', 'ଦୁବାଇ ଯାତ୍ରା' ଲୋକାର୍ପିତ




ଅତିଥିମାନେ ବାଉରୀବନ୍ଧୁ ଲେଙ୍କାଙ୍କ ଦୁଇ ପୁସ୍ତକକୁ ଲୋକାର୍ପଣ କରୁଛନ୍ତି।

ଭୁବନେଶ୍ୱର,୯।୩(ସୌମ୍ୟରଞ୍ଜନ ରାଉତ)

କୋଠଘର ପ୍ରକାଶନୀ ପକ୍ଷରୁ ବାଉରୀବନ୍ଧୁ ଲେଙ୍କାଙ୍କ ଅନୁବାଦ ପୁସ୍ତକ 'ରଘୁବଂଶ ମହାକାବ୍ୟମ୍' ଓ 'ଦୁବାଇ ଯାତ୍ରା' ବୁଦ୍ଧମନ୍ଦିରଠାରେ ସୋମବାର ଲୋକାର୍ପିତ ହୋଇଯାଇଛି। ଅତିଥି ଭାବେ ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକ, ଭାଷାବିତ୍ ପଦ୍ମଶ୍ରୀ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ, ସାହିତ୍ୟିକା ଡ. ପ୍ରତିଭା ମହାରଥୀ, ପ୍ରଫେସର ଯତୀନ୍ଦ୍ର ନାୟକ, କବିସୂର୍ଯ୍ୟ ମିଶ୍ର ଏବଂ କୋଠଘର ସମ୍ପାଦିକା ଅମ୍ବିକା ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। କବି ପ୍ରଦୀପ୍ତ କୁମାର ସାହୁଙ୍କ ସଭାପତିତ୍ୱରେ କବିତା ପାଠ ଉତ୍ସବ ହୋଇଥିଲା। ଭାଷା ବିଜ୍ଞାନୀ ଡ. ଦେବାଶିଷ ମହାପାତ୍ର ଅତିଥି ପରିଚୟ ଓ ପ୍ରତାପ ରଞ୍ଜନ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। କୋଠଘର କାର୍ଯ୍ୟକାରୀ ସଭାପତି ଆଶୁତୋଷ ମେହେର ଧନ୍ୟବାଦ ଦେଇଥିଲେ।

# ଓଡ଼ିଶାରେ ଔପଚାରିକ ନିଯୁକ୍ତିରେ ମହିଳାଙ୍କ ଅଂଶଗ୍ରହଣ ନେଇ ପରାମର୍ଶ ଶିବିର

ଭୁବନେଶ୍ୱର,୯।୩ (ସୁଚିସ୍ମିତା ସାହୁ)

ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଏବଂ ନୂଆଦିଲ୍ଲୀର ଉଦୟୀତି ଫାଉଣ୍ଡେଶନ ପକ୍ଷରୁ ସୋମବାର ବିଶ୍ୱ ଦକ୍ଷତା କେନ୍ଦ୍ରଠାରେ 'ଓଡ଼ିଶାରେ ଔପଚାରିକ ନିଯୁକ୍ତିରେ ମହିଳାଙ୍କ ଅଂଶଗ୍ରହଣ ସୁଯୋଗ' ନେଇ ଏକ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କାର୍ଯ୍ୟକ୍ରମକୁ ଉଦଘାଟନ କରି କହିଲେ, ଓଡ଼ିଶାର ମହିଳା ଶ୍ରମିକ ବଳ ଅଂଶଗ୍ରହଣ ହାର ୪୮.୭% ରହିଥିବା ବେଳେ ରାଷ୍ଟ୍ରୀୟ ହାର ୪୦.୩%ରୁ ଅଧିକ ରହିଛି। ସେହିପରି ରାଷ୍ଟ୍ରୀୟ ହାର ୧୫% ତୁଳନାରେ ଓଡ଼ିଶାର ୧୭% ମହିଳା ଶିଳ୍ପ ଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି। ଯଦିଓ ଏହି ପରିସଂଖ୍ୟାନ ଅଗ୍ରଗତିକୁ ସୂଚାଉଛି, କେବଳ ଅଧିକ ଅଂଶଗ୍ରହଣ ହିଁ ଉତ୍ତମ ସୁଯୋଗ କିମ୍ବା ଔପଚାରିକ ନିଯୁକ୍ତି ପାଇବାକୁ ଦର୍ଶାଏ ନାହିଁ। 'ସୁସଂଗଠିତ, ଉଚ୍ଚ ଅଭିବୃଦ୍ଧି ସମ୍ପନ୍ନ ଏବଂ ଅଧିକ ଦରମା ମିଳୁଥିବା କ୍ଷେତ୍ରଗୁଡ଼ିକରେ ପ୍ରବେଶ କରିବା ପାଇଁ ଅନେକ ମହିଳାମାନେ ପ୍ରତିବନ୍ଧକର ସମ୍ମୁଖୀନ ହେଉଛନ୍ତି। ଗ୍ରାମ ହେଉ କି ସହର, ପ୍ରତ୍ୟେକ ମହିଳାଙ୍କ ଆଶା ଓ ଆକାଂକ୍ଷାକୁ ସଫଳ କରିବା ପାଇଁ ଏକ ସହାୟକ ଇକୋସିଷ୍ଟମ ଗଠନ କରିବାକୁ ଓଡ଼ିଶା ସରକାର ପ୍ରତିବଦ୍ଧ ବୋଲି ମନ୍ତ୍ରୀ କହିଛନ୍ତି। ବିଭାଗର ଶାସନ ସଚିବ ଭୂପେନ୍ଦ୍ର ସିଂହ ପୁନିଆ, ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ରଶ୍ମି ରଞ୍ଜନ ମହାପାତ୍ର, ସିଓଓ ପିନାକୀ ପଟ୍ଟନାୟକ ଏବଂ ଉଦୟୀତି ଫାଉଣ୍ଡେଶନର କାର୍ଯ୍ୟକ୍ରମ ମୁଖ୍ୟ ନିତୁ ସିଂହ ଯୋଗଦେଇଥିଲେ ।



ଶିବିରରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ସହ ଅନ୍ୟ ଅତିଥି।

# ହୃଦୟର କଥା ବଖାଣିଲା 'ସମ୍ପର୍କ'



ରଙ୍ଗମ୍‌ର କଳାକାରମାନେ ନାଟକ 'ସମ୍ପର୍କ' ପରିବେଷଣ କରୁଛନ୍ତି।

ଭୁବନେଶ୍ୱର,୯।୩ (ସୌମ୍ୟରଞ୍ଜନ ରାଉତ)

ଦୁଇଟି ସରଳ ହୃଦୟର ସ୍ନେହ, ସହାନୁଭୂତି ଭଳି ଦୁର୍ଲଭ ଭାବନାକୁ ସମାଜର କୁତ୍ସିତ ନିୟମ ଓ ଅନ୍ଧବିଶ୍ୱାସ ଆଚ୍ଛାଦିତ କରିପକାଏ। ସରଳ ନିଷ୍କପଟ ସମ୍ପର୍କ ସାମାଜିକ ମାନଦଣ୍ଡ ଓ ଚାପରେ ଆକାର ବଦଳାଇ ଦିଏ। ଏହା ଭିତରେ ମନରେ ଦ୍ୱନ୍ଦ୍ୱ ଆଣେ ସମ୍ପର୍କର ମୂଲ୍ୟ ହୃଦୟର ପବିତ୍ରତାରେ ନା ସମାଜର ମୂଲ୍ୟାୟନରେ? ହୃଦୟର ଏଭଳି କିଛି କଥାକୁ ବଖାଣିଥିଲା ମନୋଜ ମିତ୍ରଙ୍କ ରଚିତ ଦର୍ପନାରାୟଣ ସେଠୀଙ୍କ ନିର୍ଦ୍ଦେଶିତ ନାଟକ 'ସମ୍ପର୍କ'। 'ଅନନ୍ୟା ନାଟ୍ୟ ମହୋତ୍ସବ'ର ପ୍ରଥମ ସନ୍ଧ୍ୟାରେ ରଙ୍ଗମର କଳାକାରମାନେ ନିଖୁଣ ଭାବରେ ନାଟକ ପରିବେଷଣ କରିଥିଲେ। ଅନନ୍ୟା ନାଟ୍ୟାନୁଷ୍ଠାନର ସଭାପତି ଚିତ୍ତରଞ୍ଜନ ହୋତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ମହୋତ୍ସବରେ ଅତିଥି ଭାବେ ଚଳଚ୍ଚିତ୍ର ନିର୍ଦ୍ଦେଶକ ହିମାଂଶୁ ଶେଖର ଖଟୁଆ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସମ୍ପାଦକ ଗିରିଜା ଶଙ୍କର ଦାସ, କର୍ମକର୍ତ୍ତା ଅଭୟ କୁମାର ମହାନ୍ତି, ସୁନିଲ ପଟ୍ଟନାୟକ, ମାନୁ ପଟ୍ଟନାୟକ, ଗୁରୁବାରୀ ସାହୁ, ଶ୍ରୀକାନ୍ତ କୁମାର ରାଉତ, ବିଜୟ କୁମାର ମହାନ୍ତି, ରାଜେଶ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

# ଦାରୁଠେଙ୍ଗ ପଞ୍ଚଦୋଳ ମହୋତ୍ସବ

## ପାଞ୍ଚ ଠାକୁର ସାତସାହି ପରିକ୍ରମା କଲେ

ବାରଙ୍ଗ,୯।୩(ଲିଙ୍ଗରାଜ ରାଉତ)

ଦାରୁଠେଙ୍ଗ ଗ୍ରାମର ପରମେଶ୍ୱର ଦେବଙ୍କ ପଞ୍ଚ ଦୋଳମେଳଣ ରବିବାର ରାତିରେ ଆରମ୍ଭ ହୋଇଛି। ଠାକୁରଙ୍କ ସାହି ବୁଲା ଶୋଭାଯାତ୍ରା ରବିବାର ରାତିରେ ଆରମ୍ଭ ହୋଇ ସୋମବାର ସକାଳେ ସରିଛି। ପାଞ୍ଚ ଠାକୁର ସୁସଜ୍ଜିତ ବିମାନରେ ଗ୍ରାମ ପରିକ୍ରମା କରିଥିଲେ। ପ୍ରଧାନସାହି, ତଳସାହି, ନୂଆଗଡ଼ ସାହି, ଜେଠି ସାହି ଓ ବାହୁବଳେନ୍ଦ୍ର ସାହି ପକ୍ଷରୁ ପାରମ୍ପାରିକ ବାଦ୍ୟ, ନୃତ୍ୟ, ମେଲୋଡ଼ି, ପ୍ରଜ୍ଞାପନ ମେଢ଼ ସହ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ପ୍ରଥମେ ପରମେଶ୍ୱର ଦେବଙ୍କୁ ମୁଖ୍ୟ ପୂଜକ ସୁଦର୍ଶନ ରଥଙ୍କ ଅଗଣାରୁ ଓ ନୂଆଠାକୁର (ରାଧା କୃଷ୍ଣ) ଦେବଙ୍କୁ ଶତପଥୀ ଅଗଣାରୁ ସୁସଜ୍ଜିତ ବିମାନରେ ଶଙ୍ଖକାହାଳି ବାଦ୍ୟରେ ଅଣାଯାଇ ରାମମନ୍ଦିର ପାଖରେ ରଖାଯାଇ ଘୋଡ଼ା, ଷଣ୍ଢ ଆଦିକୁ ପଣା ପିଆ ନୀତିକାନ୍ତି କରାଯାଇଥିଲା। ପ୍ରଭୁ ପରମେଶ୍ୱର ଦେବ, ନୂଆଠାକୁର, ଚନ୍ଦ୍ରଶେଖର ଦେବ, ଗୋପାଳଜୀଉ ଓ କଣ୍ଠାବାଡ଼ ଗୋପୀନାଥ ଦେବଙ୍କୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ଚନ୍ଦକା ଆଇଆଇସି ସମୀତା ମିଶ୍ରଙ୍କ ଉପସ୍ଥିତରେ ଶାନ୍ତିଶୃଙ୍ଖଳାର ସହ ଶୋଭାଯାତ୍ରା ଶେଷ ହୋଇଥିଲା।

# ନିର୍ଯାତନା, ସଂଗ୍ରାମର କାହାଣୀ 'କର୍ଣ୍ଣ'

ଭୁବନେଶ୍ୱର,୯।୩(ସୌମ୍ୟରଞ୍ଜନ ରାଉତ)

ଭାଗ୍ୟର ବିଚିତ୍ର ଖେଳ ମଧ୍ୟରେ କର୍ଣ୍ଣର ଅସ୍ତିତ୍ୱକୁ ଦବାଇ ଦିଆଯାଏ। ଭାଗ୍ୟଦେବୀର ତୀବ୍ର ତାଡ଼ନା ସହି ମଧ୍ୟ ସେ ନିଜକୁ ସାବ୍ୟସ୍ତ କରିବାକୁ ଚାହେଁ। ଅନେକ ନିର୍ଯାତନା ଓ ସଂଗ୍ରାମ ମଧ୍ୟରେ ନିଜେ ତିଳ ତିଳ କରି ଜଳି କର୍ଣ୍ଣ ଓ କୁନ୍ତି ଭଳି ସେ ମଧ୍ୟ ସମାଜକୁ ଆଲୋକ ଦେଖାଇଛନ୍ତି। ଏମିତି କର୍ଣ୍ଣ ଓ କୁନ୍ତିମାନଙ୍କ କାହାଣୀକୁ ନେଇ ଡ. ପ୍ରସନ୍ନ ମିଶ୍ରଙ୍କ ନିର୍ଦ୍ଦେଶିତ ନାଟକ 'କର୍ଣ୍ଣ' ରବୀନ୍ଦ୍ର ମଣ୍ଡପରେ ମଞ୍ଚସ୍ଥ ହୋଇଛି। ପଞ୍ଚମବେଦ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ନାଟକ ମହୋତ୍ସବରେ ଉତ୍ତର ପୁରୁଷ ଅନୁଷ୍ଠାନର କଳାକାରମାନେ ନାଟକ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ନାଟ୍ୟକାର ଧୀର ମଲ୍ଲିକ, ପ୍ରଦୀପ ବିଶ୍ୱାଳ, ଡ. ପ୍ରସନ୍ନ ମିଶ୍ର, ପ୍ରଫେସର ବିଜୟ କୁମାର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

# ୧୦ ଦଫା ଦାବିରେ ଆନ୍ଦୋଳନକୁ ଓହ୍ଲାଇଲେ ଆଶାକର୍ମୀ

ଭୁବନେଶ୍ୱର,୯।୩(ସୁଚିସ୍ମିତା ସାହୁ)

ଆଶାକର୍ମୀଙ୍କୁ ସ୍ଥାୟୀ ନିଯୁକ୍ତି ସହ ଏଏନ୍‌ଏମ୍ ପଦବୀର ୫୦% ଆଶାକର୍ମୀଙ୍କ ପାଇଁ ସଂରକ୍ଷିତ କରାଯାଉ। ୭ମ ବେତନ କମିଶନ ଆଧାରରେ ସବୁଠାରୁ ତଳିଆ କର୍ମଚାରୀଙ୍କୁ ମାସିକ ଦରମା ୧୮,୦୦୦ ଦିଆଯାଉ। ଏଭଳି ବିଭିନ୍ନ ଦାବି ନେଇ ଅଲ୍ ଓଡ଼ିଶା ଆଶାକର୍ମୀ ସାମ୍ମୁଖ୍ୟର ଆହ୍ୱାନକ୍ରମେ ଆଶାକର୍ମୀ ସୋମବାର ଭୁବନେଶ୍ୱରରେ ଆନ୍ଦୋଳନକୁ ଓହ୍ଲାଇଥିଲେ। ଲୋୟର ପିଏମ୍‌ଜିଠାରେ ସମାବେଶ ହେବା ସହ ଦାବି ପୂରଣ ପାଇଁ ଶୋଭାଯାତ୍ରା କରିଥିଲେ। ଅବସରକାଳୀନ ଆର୍ଥିକ ସହାୟତା ରାଶି ୧ଲକ୍ଷରୁ ୫୦ ଲକ୍ଷ ଟଙ୍କାକୁ ବୃଦ୍ଧି, ସ୍ୱତନ୍ତ୍ର ମାସିକ ପେନ୍‌ସନ ସ୍କିମ୍ ଲାଗୁ ଓ ପରିବାର ସଦସ୍ୟଙ୍କୁ ନିଯୁକ୍ତି, ଅବସର ବୟସସୀମା ୬୫ ବର୍ଷକୁ ବୃଦ୍ଧି, ଇପିଏଫ୍ ଓ ଇଏସ୍‌ଆଇ ସ୍କିମ୍‌ରେ ଅନ୍ତର୍ଭୁକ୍ତ ଆଦି ନେଇ ସେମାନେ ଦାବି କରିଥିଲେ। ତୁରନ୍ତ ଦାବି ପୂରଣ ପାଇଁ ସାମ୍ମୁଖ୍ୟର କାର୍ଯ୍ୟକାରୀ ସଭାପତି ପଙ୍କଜିନୀ ନାୟକ, ସାଧାରଣ ସମ୍ପାଦିକା ରିତା ବେହେରା ଓ ସଭାନେତ୍ରୀ ମମତା ଦାସ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି।

# ସମାଜସେବୀ ପ୍ରମିଳା ଜେନାଙ୍କ ପ୍ରଥମ ବାର୍ଷିକ ସ୍ମୃତିସଭା



ଭୁବନେଶ୍ୱର, ୯।୩(ବନ୍ଦନା ସେଠୀ)

ସାମାଜିକ କର୍ମୀ ତଥା କମ୍ୟୁନିଷ୍ଟ ନେତା ସୁର ଜେନାଙ୍କ ସ୍ତ୍ରୀ ସ୍ୱର୍ଗତା ପ୍ରମିଳା ଜେନାଙ୍କ ପ୍ରଥମ ବାର୍ଷିକୀ ସ୍ମୃତିସଭା ସୋମବାର ବଡ଼ଗଡ଼ସ୍ଥିତ ନେତାଜୀ ଯୁବସଂଘ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ଶିକ୍ଷକ ସଂଘ ସଭାପତି ଡ. ଅମିୟ ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିଲେ। ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଏକାମ୍ର ବିଧାୟକ ବାବୁ ସିଂ, ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ସିପିଆଇର ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ର, କମ୍ୟୁନିଷ୍ଟ ପାର୍ଟିର ରାଜ୍ୟ ସହସମ୍ପାଦକ ଜୟନ୍ତ ଦାସ, କ୍ଷୀରୋଦ ସିଂଦେଓ, ସିପିଆଇଏମ୍ ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ପୂର୍ବତନ ବିଧାୟକ ଏନ୍. ନାରାୟଣ ରେଡ୍ଡୀ, ରାଧାକାନ୍ତ ସେଠୀ, ଦାମୋଦର ବେହେରା, ରମଣି ରଞ୍ଜନ ରାଉତରାୟ, ପ୍ରମୋଦିନୀ ପାଇକରାୟ, ନମିତା ସାହୁଙ୍କ ସମେତ ବହୁ ନେତା ଯୋଗଦେଇ ପ୍ରମିଳା ଜେନାଙ୍କ ସ୍ମୃତି ଚାରଣ କରିଥିଲେ।

# ଆରମ୍ଭ ହେଲା 'ସପ୍ତାହର କାରିଗର'

ଭୁବନେଶ୍ୱର,୯।୩ (ସୌମ୍ୟରଞ୍ଜନ ରାଉତ)

ଭାରତୀୟ ହସ୍ତଶିଳ୍ପ ପରିଷଦ ଓ ବିଶ୍ୱ ହସ୍ତଶିଳ୍ପ ପରିଷଦ ସହଯୋଗରେ ଓଡ଼ିଶା ହସ୍ତଶିଳ୍ପ ପରିଷଦ ପକ୍ଷରୁ 'ସପ୍ତାହର କାରିଗର' କାର୍ଯ୍ୟକ୍ରମ ସୋମବାର ଏକାମ୍ର ହାଟଠାରେ ଆରମ୍ଭ ହୋଇଛି। ଅତିଥି ଭାବେ ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ବିଭାଗର ସଚିବ ଗୁହା ପୁନମ ତାପସ କୁମାର, ପରିଷଦ ଅଧ୍ୟକ୍ଷ ସନ୍ତୋଷ କୁମାର ମହାପାତ୍ର, ଏସ୍‌ଏନ୍‌ଏମ୍ ଗ୍ରୁପ୍ ଅଫ୍ କମ୍ପାନିଜ୍‌ର ଅଧ୍ୟକ୍ଷ ପ୍ରଦୀପ୍ତ ମହାନ୍ତି, ଦିପ୍ତୀ ମହାନ୍ତି ପ୍ରମୁଖ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏନେଇ ପରିଷଦ ଅଧ୍ୟକ୍ଷ ସନ୍ତୋଷ କହିଛନ୍ତି, ୭ଦିନ ପର୍ଯ୍ୟନ୍ତ ଅର୍ଥାତ୍ ସୋମବାରରୁ ରବିବାର ପର୍ଯ୍ୟନ୍ତ ପ୍ରତି ସପ୍ତାହରେ ଜଣେ ଉତ୍କୃଷ୍ଟ କାରିଗରଙ୍କୁ ନିଜର ସାମଗ୍ରୀ ପ୍ରଦର୍ଶନ କରିବାର ସୁଯୋଗ ଦିଆଯିବ। ଏହି କାର୍ଯ୍ୟକ୍ରମ ଅଧୀନରେ ମନୋନୀତ କାରିଗରଙ୍କୁ ତାଙ୍କ ଉତ୍ପାଦ ସାମଗ୍ରୀର ପ୍ରଦର୍ଶନ ଏବଂ ବିକ୍ରୟ କରିବା ପାଇଁ ସମଗ୍ର ସପ୍ତାହ ପାଇଁ ଏକାମ୍ର ହାଟରେ ଏକ ଏୟାର୍ କଣ୍ଡିଶନର ଶୋ'ରୁମ ଯୋଗାଇ ଦିଆଯିବ। କ୍ରେତା, ଡିଜାଇନ୍‌ର ଏବଂ ହସ୍ତଶିଳ୍ପ ପ୍ରେମୀଙ୍କ ଆଗମନ ସହିତ ଏହାର ବହୁଳ ପ୍ରଚାର ଏବଂ ପ୍ରସାର କାର୍ଯ୍ୟ ପରିଷଦ କରିବ ବୋଲି ସେ କହିଥିଲେ। ଉଦ୍‌ଘାଟନ ଅବସରରେ କଟକ ଜିଲା ଲଳିତଗିରିର ପଥର ଖୋଦେଇ କାରୁକାର୍ଯ୍ୟ ପାଇଁ ଶିଳ୍ପୀଗୁରୁ ପୁରସ୍କାରପ୍ରାପ୍ତ କାରିଗର କଳ୍ପତରୁ ମହାରଣା ଅଂଶଗ୍ରହଣ କରି ନିଜର କାରୁକାର୍ଯ୍ୟ ପ୍ରଦର୍ଶନ କରିଥିଲେ।




'ସପ୍ତାହର କାରିଗର'ର ଉଦ୍‌ଘାଟନ ଅବସରରେ ହସ୍ତଶିଳ୍ପ ବିଭାଗର ସଚିବ ଗୁହା ପୁନମ ତାପସଙ୍କ ସହ ଅନ୍ୟମାନେ।

## ଫଟୋ ରେ ଖବର




ନିଯୁକ୍ତି ସର୍ତ୍ତାବଳୀରେ ଅଯଥା ହସ୍ତକ୍ଷେପ ବନ୍ଦ, ଯୋଗ୍ୟ ପୂର୍ବତନ ସେସୁ କର୍ମଚାରୀଙ୍କ ପାଇଁ ଏନ୍‌ପିଏସ୍ ଓ ପରିବାର ପେନ୍‌ସନ ଯୋଜନାକୁ ତତ୍କାଳ କାର୍ଯ୍ୟକାରୀ କରିବା ଆଦି ୫ ଦଫା ଦାବି ନେଇ ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ସଂଗ୍ରାମ ମଞ୍ଚ ପକ୍ଷରୁ ଭୁବନେଶ୍ୱର ପାୱାର ହାଉସ୍ ଛକସ୍ଥିତ ଟାଟା ପାୱାର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା।




୫ ଦଫା ଦାବିରେ ନିଖିଳ ଉତ୍କଳ ଗ୍ରାମରକ୍ଷୀ ସଂଘ ଓଡ଼ିଶା ପକ୍ଷରୁ ସୋମବାର ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜିରେ ଧାରଣା।

**'ରଘୁବଂଶ ମହାକାବ୍ୟମ୍', 'ଦୁବାଇ ଯାତ୍ରା' ଲୋକାର୍ପିତ**

ଭୁବନେଶ୍ୱର,(ସୌମ୍ୟରଞ୍ଜନ ରାଉତ): କୋଠଘର ପ୍ରକାଶନୀ ପକ୍ଷରୁ ବାଉରୀବନ୍ଧୁ ଲେଙ୍କାଙ୍କ ଅନୁବାଦ ପୁସ୍ତକ 'ରଘୁବଂଶ ମହାକାବ୍ୟମ୍' ଓ 'ଦୁବାଇ ଯାତ୍ରା' ବୁଦ୍ଧମନ୍ଦିରଠାରେ ସୋମବାର ଲୋକାର୍ପିତ ହୋଇଯାଇଛି। ଅତିଥି ଭାବେ ପ୍ରଦୋଷ ପଟ୍ଟନାୟକ, ଭାଷାବିତ୍ ପଦ୍ମଶ୍ରୀ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ, ସାହିତ୍ୟିକା ଡ. ପ୍ରତିଭା ମହାରଥୀ, ପ୍ରଫେସର ଯତୀନ୍ଦ୍ର ନାୟକ, କବିସୂର୍ଯ୍ୟ ମିଶ୍ର ଏବଂ କୋଠଘର ସମ୍ପାଦିକା ଅମ୍ବିକା ସ୍ୱାଇଁ ପ୍ରମୁଖ ଯୋଗଦେଇ ପୁସ୍ତକ ଉପରେ ଆଲୋଚନା ସହିତ ସମୀକ୍ଷା କରିଥିଲେ। କବି ପ୍ରଦୀପ୍ତ ସାହୁଙ୍କ ସଭାପତିତ୍ୱରେ କବିତା ପାଠ ଉତ୍ସବ ହୋଇଥିଲା। ଭାଷା ବିଜ୍ଞାନୀ ଡ. ଦେବାଶିଷ ମହାପାତ୍ର ଅତିଥି ପରିଚୟ ଦେଇଥିବାବେଳେ ପ୍ରତାପ ରଞ୍ଜନ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ।

# ବେଆଇନ ଖଣି ଖନନ ବନ୍ଦ ଦାବିରେ ଧାରଣା

ଖୋର୍ଦ୍ଧା,୯।୩(ପ୍ରଭାତ ପାଣିଗ୍ରାହୀ)


ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଧାରଣା ଦେଇଥିବା ଗ୍ରାମବାସୀ।

- ଧାରଣାସ୍ଥଳରେ ଜଣେ ମହିଳା ଅଚେତ
- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଖୋର୍ଦ୍ଧା ତହସିଲ କୁରାଡ଼ମଲ୍ଲ ପଞ୍ଚାୟତ ଅନ୍ତର୍ଗତ ବ୍ରହ୍ମପୁରା ଗ୍ରାମରେ ବେଆଇନ ଖଣି ଖନନ ବନ୍ଦ ଦାବିରେ ଏକାଧିକ ମହିଳା, ପୁରୁଷ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଧାରଣା ଦେଇଥିଲେ। ଏଥିସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ତେବେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଧାରଣାରେ ବସି ରହିଥିଲେ। ଅତିରିକ୍ତ ଜିଲାପାଳ ପ୍ରଧାନ ପହଞ୍ଚି ବୁଝାଶୁଝା କରିବା ସତ୍ତ୍ୱେ ଆନ୍ଦୋଳନକାରୀ ନିଜ ଜିଦ୍‌ରେ ଅଟଳ ରହିଥିଲେ। ଏହି ସମୟରେ ଜଣେ ମହିଳା ଧାରଣାସ୍ଥଳରେ ଅଚେତ ହୋଇପଡିଥିଲେ। ୧୦୮ ଆମ୍ବୁଲାନ୍ସରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। କଂଗ୍ରେସ ମୁଖପାତ୍ର ସୋନାଲି ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଏ ସଂକ୍ରାନ୍ତରେ ଅତିରିକ୍ତ ଜିଲାପାଳଙ୍କ ସହ ଆଲୋଚନା କରିଥିଲା। ଅପରାହ୍ନରେ ତହସିଲଦାର ବିଭାସ ପାଣିଗ୍ରାହୀ ପହଞ୍ଚି ଆଲୋଚନା କରିଥିଲେ। ଜିଲାପାଳଙ୍କ ସହ ଆଲୋଚନା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ବ୍ରହ୍ମପୁରା ମୌଜା ଖାତା ନମ୍ବର ୩୨୯, ପ୍ଲଟ ନଂ.୦୨ କିସମ ପର୍ବତ ଜମି(ବରୁଣେଇ ପାହାଡ଼ ପାଦଦେଶରେ ଅବସ୍ଥିତ)ରେ ବେଆଇନ ଭାବେ ମେଶିନ ସାହାଯ୍ୟରେ ପାହାଡ଼ ଜମିକୁ ଗର୍ତ୍ତ କରିବା ସହ ଜିଲୋଟିନ ଭଳି ବିସ୍ଫୋରକ ବ୍ୟବହାର କରାଯାଇ ଦିବାରାତ୍ର ବିସ୍ଫୋରଣ କରାଯାଉଛି। ଫଳରେ ଗ୍ରାମବାସୀ ଅତିଷ୍ଠ ହୋଇପଡିଲେଣି। ଏକାଧିକଙ୍କ ଘରର ଛାତ, କାନ୍ଥ ଫାଟିଥିବା ବେଳେ ପରିବେଶ ପ୍ରଦୂଷଣରେ ଗ୍ରାମବାସୀ ଅଣନିଃଶ୍ୱାସୀ ହୋଇପଡିଲେଣି। ପ୍ରଚଣ୍ଡ ଶବ୍ଦ ଯୋଗୁ ହୃଦ୍‌ରୋଗୀ, ଶିଶୁ, ଗର୍ଭବତୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ଗୁରୁତ୍ୱ ଦିଆଯାଉନାହିଁ। ଏହାର ପ୍ରତିବାଦ କରିବାରୁ ଲିଜ୍‌ଧାରୀ ଗୁଣ୍ଡା ଲଗାଇ ଗ୍ରାମବାସୀଙ୍କୁ ଭୟଭୀତ କରୁଛନ୍ତି। ଗତ ରବିବାର ମାରଣାସ୍ତ୍ରରେ କେତେଜଣ ମହିଳାଙ୍କୁ ଆକ୍ରମଣ ମଧ୍ୟ କରାଯାଇଥିବା ଗଣମାଧ୍ୟମରେ କହିଛନ୍ତି। ଏହି ପାହାଡ଼ ନିକଟରେ ଆଦର୍ଶ ବିଦ୍ୟାଳୟ, ଘରୋଇ ବିଦ୍ୟାଳୟ, ପରିବହନ କାର୍ଯ୍ୟାଳୟ, ମନ୍ଦିର ଆଦି ରହିଛି। ବ୍ଲାଷ୍ଟିଂ ଯୋଗୁ ଏହା ପ୍ରଭାବିତ ହେବା ସହ ଗ୍ରାମବାସୀଙ୍କ ଧନଜୀବନ ନଷ୍ଟ ହେଉଛି। ବିଭାଗୀୟ ଅଧିକାରୀଙ୍କ ଯାଞ୍ଚ ସତ୍ତ୍ୱେ ସମ୍ପୃକ୍ତ ସଂସ୍ଥା ବେଧଡ଼କ ଭାବେ ବ୍ଲାଷ୍ଟିଂ କରିଚାଲିଛି। ବ୍ଲାଷ୍ଟିଂ ବେଳେ ପଥର ଖଣ୍ଡ ଛିଟିକି ଏକାଧିକ ଗ୍ରାମବାସୀ ଆହତ ହୋଇଛନ୍ତି। ଗ୍ରାମରେ ଅଶାନ୍ତି ସୃଷ୍ଟି କରୁଥିବା ଅସାମାଜିକ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ବେଆଇନ ଖଣି ଖନନ ବନ୍ଦ କରାଯାଉ। ଆଗାମୀ ଦିନରେ କୌଣସି ଅଘଟଣ ଘଟିଲେ ଜିଲା ପ୍ରଶାସନ ଦାୟୀ ରହିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଗ୍ରାମର ଲକ୍ଷ୍ମୀ ନାରାୟଣ ଜେନା, ରାଧାମୋହନ ପ୍ରଧାନ, ରବି ନାରାୟଣ ଜେନା, କାହ୍ନୁ ଚରଣ ତାଡ଼ଙ୍କ ସମେତ ଏକାଧିକ ମହିଳା, ପୁରୁଷ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ପ୍ରଧାନ କହିଛନ୍ତି, ଗ୍ରାମବାସୀଙ୍କ ଅଭିଯୋଗକୁ ପୁଣି ଥରେ ତର୍ଜମା କରାଯାଇ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ଏ ସଂକ୍ରାନ୍ତରେ ଖଣି ଅଧିକାରୀ, ତହସିଲଦାର ଏହାର ପୁନଃ ଯାଞ୍ଚ କରିବା ପାଇଁ ପରାମର୍ଶ ଦିଆଯାଇଛି।

## ଟିକାତାଳରେ ଶିକ୍ଷକ ଶହୀଦ ଦିବସ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ବୋଲଗଡ଼,୯।୩(ଦେବବ୍ରତ ହୋତା)

ବୋଲଗଡ ବ୍ଲକ ଅନ୍ତର୍ଗତ ଟିକାତାଳ ଜାତୀୟ ରାଜପଥ ପାର୍ଶ୍ୱରେ ସ୍ଥାପିତ ଶିକ୍ଷକ ଶହୀଦ ସ୍ମୃତିପୀଠ ନିକଟ ବିଜୁ ଭବନ ସଭାଗୃହରେ ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ବୋଲଗଡ଼ ବ୍ଲକ ଶାଖା ସୌଜନ୍ୟରେ ପ୍ରତିବର୍ଷ ଭଳି ଏକ ଶ୍ରଦ୍ଧାଞ୍ଜଳି ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ୧୯୭୮ ମାର୍ଚ୍ଚ ୯ରେ ଭୁବନେଶ୍ୱର ଶିକ୍ଷକ ସମାବେଶକୁ ଯାଉଥିବା ୬ଜଣ ଶିକ୍ଷୟିତ୍ରୀ ଶିକ୍ଷକ କାହ୍ନୁଚରଣ ପଟ୍ଟନାୟକ, ବ୍ରଜବନ୍ଧୁ ସୁବୁଦ୍ଧି, ବାନାମ୍ବର ସାହୁ, ବିଳାସିନୀ ପଟ୍ଟନାୟକ, ତରୁଲତା ପଟ୍ଟନାୟକ ଓ ଶାନ୍ତିଲତା ମହାରଣାଙ୍କ ସଡ଼କ ଦୁର୍ଘଟଣାରେ ଏହିଠାରେ ମୃତ୍ୟୁ ଘଟିଥିଲା। ପ୍ରାରମ୍ଭରେ ଶହୀଦ ସ୍ମୃତି ସ୍ତମ୍ଭ ଏବଂ ଦିବଂଗତ ୬ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ ପରେ ନୀରବ ପ୍ରାର୍ଥନା କରାଯାଇଥିଲା। ଶିକ୍ଷାବିତ୍ ଦିବାକର ପରମଗୁରୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଶିକ୍ଷକ ମହାସଂଘ ସଭାପତି ଅମିୟ ଦାସ, ମୁଖ୍ୟ ବକ୍ତା ସମ୍ପାଦକ ଦୁଷ୍ମନ୍ତ ନାୟକ ଏବଂ ସମ୍ମାନିତ ଅତିଥିଭାବେ ରାଜ୍ୟ ସଂଘର ସଙ୍ଗଠନ ସମ୍ପାଦକ ସୁରେଶ ବିଶ୍ୱାଳ, କୋଷାଧ୍ୟକ୍ଷ ବିଧୁ ଭୂଷଣ ପଟ୍ଟନାୟକ, ଅକ୍ଷୟ ମହାନ୍ତି, ରଞ୍ଜନ ଦାସ, ଯୁଧିଷ୍ଠିର ପ୍ରଧାନ, ଦୁର୍ଯ୍ୟୋଧନ ସ୍ୱାଇଁ, ସୁମନ୍ତ ଛୋଟରାୟ ପ୍ରମୁଖ ମଞ୍ଚାସୀନ ଥିଲେ। ବୈକୁଣ୍ଠ ମହାରଣା ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅଇଁଠୁ ରଣଜିତସିଂହ, କିଶୋର ପରମଗୁରୁ, କୃଷ୍ଣଚନ୍ଦ୍ର ବଳିୟାରସିଂହ, ଭାଗୀରଥି ପରମାଣିକ, ପ୍ରଭାକର ସାହୁ, ଯୋଗିନଥ ନାୟକ, ସାନନ୍ଦ କୁମାର ସାହୁ, ଗୀତାଞ୍ଜଳି ମହାପାତ୍ର, ଭକ୍ତବଳଭ ପଟ୍ଟନାୟକ, ସୁଦର୍ଶନ ସ୍ୱାଇଁ, ସୁରେଶ ଚନ୍ଦ୍ର ପଲାଇ, ନୀଳାଦ୍ରି ସୁବୁଦ୍ଧି, ସୁଜିତ୍ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଦିବଂଗତ ୬ ଶିକ୍ଷୟିତ୍ରୀ ଶିକ୍ଷକଙ୍କର ସ୍ମୃତିଚାରଣ କରିଥିଲେ। ଡ.ସୁକାନ୍ତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଆ ପର୍ବରେ ପ୍ରଦର୍ଶିତ ହେବ ପାଇକ ଆଖଡ଼ା

ଖୋର୍ଦ୍ଧା,୯।୩(ପ୍ରଭାତ ପାଣିଗ୍ରାହୀ)


ପାଇକ ଆଖଡ଼ା ପ୍ରଦର୍ଶନ ପାଇଁ ପ୍ରସ୍ତୁତ ହେଉଛନ୍ତି ଯୁବକମାନେ।

ଦିଲ୍ଲୀର ଜବହାରଲାଲ ନେହେରୁ ଷ୍ଟାଡିୟମରେ ଆସନ୍ତା ୧୩ ତାରିଖରୁ ଆୟୋଜିତ ହେବ ଓଡ଼ିଆ ପର୍ବ। ଏହି ଅବସରରେ ପ୍ରଦର୍ଶିତ ହେବ ପାଇକ ବୀରଙ୍କ ବୀରତ୍ୱର ଗାଥା ପାଇକ ଆଖଡା। ଏଥିଲାଗି ଖୋର୍ଦ୍ଧା ଜୟୀରାଜଗୁରୁ ପାଇକ ଆଖଡ଼ାକୁ ମିଳିଛି ନିମନ୍ତ୍ରଣ। ଏହି ଟିମ୍‌ର ୧୪ଜଣିଆ ସଦସ୍ୟ ଆସନ୍ତା ୧୧ତାରିଖରେ ଦିଲ୍ଲୀ ଅଭିମୁଖେ ଯାତ୍ରା କରିବେ। ଏଥିଲାଗି ଅନୁଷ୍ଠାନ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

୧୮୫୭ ସିପାହୀ ବିଦ୍ରୋହ ପୂର୍ବରୁ ଓଡ଼ିଶାର ଖୋର୍ଦ୍ଧା ମାଟିରେ ୧୮୦୪ରେ ଜୟୀ ରାଜଗୁରୁ ବ୍ରିଟିଶ ବିରୋଧରେ ସଶସ୍ତ୍ର ସଂଗ୍ରାମ କରିଥିଲେ। ପରବର୍ତ୍ତୀ ଦଶନ୍ଧି ବ୍ରିଟିଶର ଔପନିବେଶ କୁଶାସନ, ଅନ୍ୟାୟ, ଅତ୍ୟାଚାର, ଶୋଷଣ ବିରୋଧରେ ୧୮୧୭ରେ ଆଉ ଏକ ସଂଗ୍ରାମ ମୁଣ୍ଡ ଟେକିଥିଲା। ଯାହାକୁ ପାଇକ ବିଦ୍ରୋହ କୁହାଯାଏ। ଏହାର ନେତୃତ୍ୱ ନେଇଥିଲେ ପାଇକ ବୀର ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର। ବକ୍ସିଙ୍କ ନେତୃତ୍ୱରେ ଏହି ସଂଗ୍ରାମ ଚାରିଆଡେ ବ୍ୟାପିଯାଇଥିଲା। ପାଇକ ବୀରଙ୍କ ବୀରତ୍ୱ, ରଣକୌଶଳ ଆଗରେ ବ୍ରିଟିଶଙ୍କ ମଧ୍ୟରେ ଆଲୋଡନ ସୃଷ୍ଟି କରିଥିଲା। ଏହି ବୀରତ୍ୱର ଗାଥାକୁ ଦିଲୀରେ ପରିବେଷଣ କରିବ ଜୟୀରାଜଗୁରୁ ପାଇକ ଆଖଡା। ଏନେଇ ଟିମ୍ ସଦସ୍ୟଙ୍କ ମଧ୍ୟରେ ଉତ୍ସାହ ରହିଛି। ଗତ ଏକ ମାସ ଧରି ପ୍ରସ୍ତୁତି ଚଳାଇଥିବା ଏହି ଅନୁଷ୍ଠାନ ଖୋର୍ଦ୍ଧା ସମେତ ରାଜ୍ୟ ତଥା ରାଜ୍ୟ ବାହାରେ ପାଇକ ସମରକଳା ପରିବେଷଣ କରି ବହୁ ସମ୍ମାନ ସାଉଁଟିଛନ୍ତି। ଏହି ଟିମର ସଦସ୍ୟ ସ୍ୱୟମ ସ୍ୱାଇଁ, ପବିତ୍ର ପାଟ୍ଟଶାଣୀ, ଶୁଭେନ୍ଦୁ ସାମନ୍ତରାୟ, ସତ୍ୟବ୍ରତ ମହାପାତ୍ର, ରୋହିତ ପରିଡା, ବିଭୂତି ସାହୁଙ୍କ ସମେତ ଅନ୍ୟମାନେ ଦିଲୀରେ ଏହି ସମରକଳା ପରିବେଷଣ ପାଇଁ ଉତ୍ସାହିତ ଅଛନ୍ତି ବୋଲି କହିଛନ୍ତି।

## ଅନ୍ତର୍ଜାତୀୟ ମହିଳା ଦିବସ

ଖୋର୍ଦ୍ଧା,୯।୩(ପ୍ରଭାତ ପାଣିଗ୍ରାହୀ)

ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଖୋର୍ଦ୍ଧା ଆନୁକୂଲ୍ୟରେ ଅନ୍ତର୍ଜାତୀୟ ମହିଳା ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାମ୍ବାଦିକା ତଥା ସାମାଜିକର୍ମୀ ଶୁଭଲକ୍ଷ୍ମୀ ସାମନ୍ତରା ମୁଖ୍ୟ ଅତିଥିଭାବେ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ନାରୀମାନଙ୍କ ଭୂମିକା ଓ ପରିବାର, ସମାଜରେ ସଂସ୍କାର ଆଣିବାରେ ଦାୟିତ୍ୱ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଡ.ତାପସ କୁମାର ନାୟକ କହିଥିଲେ ଯେ, ମହିଳା ସଶକ୍ତୀକରଣ, ଭାରତୀୟ ମହୀୟସୀ ମହିଳାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆଗକୁ ବଢ଼ିବାକୁ କହିଥିଲେ। ମହିଳା ସଶକ୍ତୀକରଣ ଓ ସାମାଜିକ ଆର୍ଥିକ ବିକାଶରେ ସେମାନଙ୍କ ଅବଦାନ ବିଷୟ ଆଧାରିତ ଚାରୋଟି କ୍ଷୁଦ୍ର ନାଟକ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ଅଧ୍ୟାପକ ମହେଶ କୁମାର ବେହେରାଙ୍କ ନିର୍ଦ୍ଦେଶନାରେ ପରିବେଷିତ ହୋଇଥିବା ଏହି ନାଟକ ଏକବିଂଶ ଶତାବ୍ଦୀରେ ନାରୀଶକ୍ତିର ପରିବର୍ତ୍ତିତ ଭୂମିକାକୁ ବର୍ଣ୍ଣନା କରିଥିଲା। ଅଧ୍ୟାପିକା ବୀଣାପାଣି ପାଢ଼ୀ ପରିଚାଳନା କରିଥିଲେ। ଅଧ୍ୟାପକ ସୋମ୍ୟା ଦାସ, ମୌସୁମୀ ମହାନ୍ତି, ମୋନାଲିସା ପଣ୍ଡା, ରଶ୍ମିରେଖା ସ୍ୱାଇଁ, ମଞ୍ଜୁଲତା ହଂସଦା, ଅକ୍ଷୟ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପିଟୁକୁଳି ପଞ୍ଚଦୋଳ ଆରମ୍ଭ

ବୋଲଗଡ଼,୯।୩(ଦେବବ୍ରତ ହୋତା)



ବୋଲଗଡ ବ୍ଲକ ପିଟୁକୁଳି ଗ୍ରାମରେ ନୀଳକଣ୍ଠେଶ୍ୱର ଦେବଙ୍କ ପଞ୍ଚଦୋଳ ଯାତ୍ରା ରବିବାର ମଧ୍ୟରାତ୍ରରେ ସ୍ଥାନୀୟ ଅଞ୍ଚଳର ଆମନ୍ତ୍ରିତ ୨୫ରୁ ଊର୍ଦ୍ଧ୍ୱ ଠାକୁରଙ୍କ ଆଗମନ ସହ ଆରମ୍ଭ ହୋଇଛି। ରାଜଠାକୁର ଭାବେ ନୀଳକଣ୍ଠେଶ୍ୱର ଦେବ ପ୍ରଥମେ ଯାତ୍ରାପଡିଆରେ ନିଜ ଆସ୍ଥାନରେ ବିଜେ କରିବା ପରେ ଅନ୍ୟାନ୍ୟ ଠାକୁରଙ୍କ ଦୋଳ ବିମାନ ଯାତ୍ରା ପଡିଆକୁ ପ୍ରବେଶ କରିଥିଲା। ତେବେ ଚଳିତ ଥର ନୂତନଭାବେ ନିମନ୍ତ୍ରିତ ଚମ୍ପାଇଲୋ ଗ୍ରାମର ରଘୁନାଥ ଦେବ ଏହି ଯାତ୍ରାରେ ବିଜେ କରିଛନ୍ତି।

ଏହି ଯାତ୍ରାର ସୁପରିଚାଳନା ନେଇ ଗତ ରବିବାର ଚମ୍ପାଇଲୋ ଗ୍ରାମର ଅଧିଷ୍ଠାତ୍ରୀ ମା' ବଘେଇଙ୍କ ପୀଠରେ ବୈଠକ ହୋଇଥିଲା। ଶିକ୍ଷାବିତ୍ ଅଇଁଠୁ ରଣଜିତ ସିଂହଙ୍କ ଅଧ୍ୟକ୍ଷତାରେ ଶିକ୍ଷାବିତ୍ ବିଭୂତି ଭୂଷଣ ରଣସିଂହ, ୱାର୍ଡସଭ୍ୟ ଆନନ୍ଦ ସାମନ୍ତରାୟ, ଗୌତମ ଜେନା, ପୂଜା କମିଟି ସଭାପତି କୈଳାସ ଚମ୍ପତି ଓ ସମ୍ପାଦକ ପ୍ରଭାତ ଚମ୍ପତିରାୟ ପ୍ରମୁଖ ଆଲୋଚନା କରିବା ପରେ ସନ୍ଧ୍ୟାରେ ପୂଜକ ସନ୍ତୋଷ ମହାପାତ୍ର, ରାମଲୀଳା କମିଟି ପରିଚାଳକ ଦେବାଶିଷ ପାଲଟାସିଂହ ଓ ଦୀପକ ଜେନାଙ୍କ ନେତୃତ୍ୱରେ ବିଧିବଦ୍ଧ ନୀତିକାନ୍ତି ସରିବା ପରେ ରଘୁନାଥ ଦେବ ଓ ହନୁମାନ ସୁସଜ୍ଜିତ ଦୋଳ ବିମାନରେ ବିଜେ କରି ଆତସବାଜି, ପାଇକ ଆଖଡ଼ା, ପାରମ୍ପରିକ ବାଦ୍ୟ ତାଳ ସହ ଗ୍ରାମ ପରିକ୍ରମା କରିଥିଲେ। ପରମ୍ପରା ଅନୁଯାୟୀ ପୂର୍ବରୁ ତାରେଶ୍ୱର ଦେବ ଏବଂ ଗ୍ରାମଦେବତୀ ମା' ବଘେଇଙ୍କ ପୀଠକୁ ଯାଇ ଯାତ୍ରା ସମ୍ପର୍କରେ ଜଣାଇ ସେମାନଙ୍କ ଅନୁମତି ଲୋଡ଼ିଥିଲେ। ଯାତ୍ରା ପଡ଼ିଆରେ ପହଞ୍ଚିବା ପରେ ପୂର୍ବରୁ ଅପେକ୍ଷା କରିଥିବା ଯାତ୍ରା କମିଟି ସଭାପତି ପବିତ୍ର ମୋହନ ମାଝି, ସମ୍ପାଦକ ବବିନା ଖାଡଙ୍ଗା, ପ୍ରଫୁଲ୍ଲ କରଣ ଓ ପୂଜକମାନେ ପ୍ରଭୁଙ୍କୁ ଭବ୍ୟ ଅଭ୍ୟର୍ଥନା ଜଣାଇ ସ୍ୱତନ୍ତ୍ର ଭାବେ ନିର୍ମିତ ପିଣ୍ଡିକୁ ପାଛୋଟି ନେଇଥିଲେ।

### ସଂକ୍ଷେପରେ

## ବୋମାମାଡ଼ ଘଟଣାରେ ଜଣେ ଗିରଫ

ଜଟଣୀ,୯।୩(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ଥାନା ଅଧୀନ ପଦନପୁର ଛକଠାରେ ବୋମାମାଡ଼ ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ପଦନପୁର ମଝିସାହିର ପ୍ରଭାତ କୁମାର ମହାନ୍ତି(୫୮)। ଏନେଇ ଥାନାରେ ଏକ ମାମଲା(ନଂ.୧୧୯/୨୬)ରୁଜୁ ହୋଇଥିବା ବେଳେ ଘଟଣାର ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ଷ୍ଟାଲିନ ବିଶ୍ୱାଳ କହିଛନ୍ତି। ମହେଶ୍ୱର ନାୟକଙ୍କ ଅଭିଯୋଗ ଅନୁଯାୟୀ, ଗତ ୬ତାରିଖ ରାତି ପ୍ରାୟ ୧୧ଟାରେ ଆଶିଷ ନାୟକ, କୃଷ୍ଣ ନାୟକ ଓ ଅନ୍ୟମାନେ ପଦନପୁରରେ ଆୟୋଜିତ ଗ୍ରାମ ମେଳଣ ଦେଖିବାକୁ ଯାଉଥିଲେ। ଏହି ସମୟରେ କେତେଜଣ ବ୍ୟକ୍ତି ପଦନପୁର ସ୍କୁଲ ନିକଟରେ ସେମାନଙ୍କୁ ଅଟକାଇଥିଲେ। ପରେ ସେମାନଙ୍କୁ ଏକ ସାର୍ବଜନୀନ ସ୍ଥାନରେ ଜାତିଗତ ମନ୍ତବ୍ୟ ସହିତ ଗାଳିଗୁଲଜ କରିଥିଲେ। ସେମାନଙ୍କୁ ହତ୍ୟା ଉଦ୍ଦେଶ୍ୟରେ ବୋମା ଫିଙ୍ଗିଥିଲେ। ଫଳରେ ଆଶିଷଙ୍କ ସହିତ ଅନ୍ୟ ଦୁଇଜଣ ବ୍ୟକ୍ତି ଆହତ ହୋଇଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଚଳାଇଥିଲା।

## ସୁନାରୁପା ଅଳଙ୍କାର ଜବତ, ଜଣେ ଗିରଫ

ଜଟଣୀ,୯।୩(ରବୀନ୍ଦ୍ରନାଥ ମହାକୁଡ଼)

ଘରେ ପଶି ଚୋରି କରିବା ଅଭିଯୋଗରେ ଜଟଣୀ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ବାଲିଛକ ମୁଣ୍ଡିଆ ସାହି ଅଞ୍ଚଳର ରଘୁନାଥ ଦଳେଇ (୩୪)। ତାଙ୍କ ନିକଟରୁ ଚୋରି ସୁନା ରୁପା ଅଳଙ୍କାର, ଲୁଗା, ଭଙ୍ଗା ତାଲା ସହ ଟଙ୍କା ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା (ନଂ.୧୧୮/୨୬)ରୁଜୁ ହୋଇଛି ବୋଲି ଥାନା ଅଧିକାରୀ ଷ୍ଟାଲିନ ବିଶ୍ୱାଳ କହିଛନ୍ତି। ସୂଚନା ମୁତାବକ, ଗତ ୫ତାରିଖରେ ଅଭିଯୋଗକାରିଣୀ ଓ ତାଙ୍କ ପରିବାର ସଦସ୍ୟମାନେ ଘରୁ ବାହାରକୁ ଯାଇଥିଲେ। ସେମାନଙ୍କ ଅନୁପସ୍ଥିତିରେ ସୁଯୋଗ ନେଇ ଜଣେ ବ୍ୟକ୍ତି ତାଙ୍କ ଘରର ତାଲା ଭାଙ୍ଗି ପଶିଥିଲେ। ପରେ ଆଲମିରା ଭାଙ୍ଗି ସୁନା ଓ ରୁପା ଅଳଙ୍କାର, ପୋଷାକ ଏବଂ ୧୦,୦୦୦ ଟଙ୍କା ଚୋରି କରି ନେଇଥିବା ଅଭିଯୋଗ ହୋଇଥିଲା। ଏନେଇ ଅଭିଯୋଗ ପରେ ପୋଲିସ ତଦନ୍ତ ଚଳାଇଥିଲା।

## ଜିଲା ସାଂସ୍କୃତିକ ପରିଷଦ ଉପଦେଷ୍ଟା ମଣ୍ଡଳୀ ବୈଠକ


ବୈଠକରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କ ସମେତ ଅନ୍ୟମାନେ।

ଖୋର୍ଦ୍ଧା, ୯।୩ (ପ୍ରଭାତ ପାଣିଗ୍ରାହୀ)

**୨୫ରେ ମଞ୍ଚସ୍ଥ ହେବ ନାଟକ 'ବଂଶ ବୈଭବ'**

ଖୋର୍ଦ୍ଧା ଜିଲା ସରକାରୀ କର୍ମଚାରୀ ସାଂସ୍କୃତିକ ପରିଷଦ ଉପଦେଷ୍ଟା ମଣ୍ଡଳୀ ବୈଠକ ସ୍ଥାନୀୟ ଏକ ଘରୋଇ ହୋଟେଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଷଦ ମୁଖ୍ୟ ପରାମର୍ଶଦାତା ତଥା ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ଅଧ୍ୟକ୍ଷତା କରିଥିଲେ। ବୈଠକରେ ଜିଲା ସରକାରୀ ସାଂସ୍କୃତିକ ପରିଷଦର ସଭାପତି ବିଶ୍ୱନାଥ ସାହୁ, ଉପସଭାପତି ବିରଞ୍ଚି କୁମାର ସାହୁ, ସମ୍ପାଦକ ଗିରିଶ ନନ୍ଦ ମଞ୍ଚାସୀନ ଥିଲେ। ବିଭିନ୍ନ ବିଷୟବସ୍ତୁ ଉପରେ ଆଲୋଚନା କରାଯାଇଥିଲା।

ଚଳିତ ବର୍ଷ ବିଶ୍ୱ ନାଟ୍ୟଦିବସ ଉପଲକ୍ଷେ ଆସନ୍ତା ୨୫ତାରିଖରେ ଜୟୀରାଜଗୁରୁ ଟାଉନ ହଲ୍ ଠାରେ ନାଟକ ବଂଶ ବୈଭବ ମଞ୍ଚସ୍ଥ କରାଯିବ। ଏହି ଉପଲକ୍ଷେ ଏକ ସାଂସ୍କୃତିକ ପତ୍ରିକା ଖୋର୍ଦ୍ଧା ଜିଲାର ଐତିହ୍ୟ, କଳା ଓ ସଂସ୍କୃତି ତଥା ବିଭିନ୍ନ ପାରମ୍ପରିକ ସଙ୍ଗୀତ ବିଭିନ୍ନ ବର୍ଗର ଲେଖକ ଲେଖିକାଙ୍କଠାରୁ ସଂଗ୍ରହ କରାଯାଇ ପତ୍ରିକା ଉନ୍ମୋଚନ କରାଯିବା ନିମନ୍ତେ ସ୍ଥିର କରାଯାଇଛି। ଉକ୍ତ ବୈଠକରେ ଅନୁଷ୍ଠାନ ସଙ୍ଗଠକ ଡ.ଅନ୍ତର୍ଯ୍ୟାମୀ ତ୍ରିପାଠୀ, ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଡା. ଜୀବନ୍ତ କୁମାର ଆଚାର୍ଯ୍ୟ, ଡେପୁଟି କଲେକ୍ଟର ରଞ୍ଜନ କୁମାର ମହାନ୍ତି, ଡ.ଅକ୍ଷୟ ତ୍ରିପାଠୀ, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଇଂ.ଶିବଲାଲ ସାହୁ, ରଶ୍ମି କୁମାର ଦାସ, ଆସିଷ୍ଟାଣ୍ଟ କଲେକ୍ଟର ରିଶବ ତ୍ରିପାଠୀ, ଆସିଷ୍ଟାଣ୍ଟ କଲେକ୍ଟର ଇପ୍ସିତା ସାହୁ, ଡେପୁଟି କଲେକ୍ଟର ସଂଗ୍ରାମ କେଶରୀ ଜେନା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ।

## ବିଶ୍ୱଶାନ୍ତି ମହାଯଜ୍ଞ

ନିରାକାରପୁର, ୯।୩ (ମାନସ ଚନ୍ଦ୍ର ପଟ୍ଟନାୟକ)

ଡିଆ ପଞ୍ଚାୟତ କାଶୀପୁର ଗ୍ରାମ ନିକଟସ୍ଥ ଚିତ୍ରକୂଟ ପାହାଡ଼ ପାଦଦେଶରେ ଥିବା ମା'ଭଗବତୀ ଦେବୀଙ୍କ ପୀଠରେ ୧୬ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ସୋମବାରଠାରୁ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ଗ୍ରାମର ମାନସିକଧାରୀ ମହିଳା, ପୁରୁଷ ନିକଟ ପୋଖରୀରୁ ପାଣି ଉଠାଇ ଏକ ପଟୁଆରରେ ଯାଇ ଯଜ୍ଞ ମଣ୍ଡପରେ ପହଞ୍ଚି କଳସ ସ୍ଥାପନ କରିଥିଲେ। ପରେ ରୀତିନୀତି ଅନୁସାରେ ସୂର୍ଯ୍ୟପୂଜା, ଗୋପୂଜା, ସର୍ବଦେବଦେବୀ ପୂଜା ହୋଇଥିଲା। ଆସନ୍ତା ଗୁରୁବାର ପୂର୍ଣ୍ଣାହୁତି ଦିବସରେ ଶ୍ରଦ୍ଧାଳୁମାନେ ଉପସ୍ଥିତ ରହିବା ନିମନ୍ତେ ଯଜ୍ଞ କମିଟି ପକ୍ଷରୁ ନିବେଦନ କରାଯାଇଛି।

## ମାଲୁଦ ପଞ୍ଚଦୋଳ : ଏକାଠି ହେଲେ ୨୩ ଠାକୁର

କୃଷ୍ଣପ୍ରସାଦ,୯।୩(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ପ୍ରସିଦ୍ଧ ମାଲୁଦ ପଞ୍ଚଦୋଳ ଯାତ୍ରା ସୋମବାର ଆରମ୍ଭ ହୋଇଛି। ମାଲୁଦର ଦଧିବାମନ ଦେବ ସମସ୍ତ ଠାକୁରଙ୍କୁ ନିମନ୍ତ୍ରଣ କରିଥାନ୍ତି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ୨୩ଠାକୁର ପଞ୍ଚଦୋଳ ପଡ଼ିଆରେ ନିଜ ଆସ୍ଥାନ ଉପରେ ବିଜେ ହୋଇଛନ୍ତି। ଆକର୍ଷଣ ସାଜିଥିଲା ୧୨ଠାକୁର ଚିଲିକା ଜଳରାଶି ଦେଇ ଆଗମନ କରିବା। ସଂକୀର୍ତ୍ତନ, ଘୋଡ଼ା ନାଚ, ବାଘ ନାଚ, ପାଇକ ଆଖଡ଼ା, ଆଦିବାସୀ ବାଦ୍ୟ ଏବଂ ଶ୍ରଦ୍ଧାଳୁଙ୍କ ନୃତ୍ୟର ତାଳେତାଳେ ପଡ଼ିଆରେ ଠାକୁରମାନେ ପହଞ୍ଚି ଆସନ ଗ୍ରହଣ କରିଥିଲେ। ୩ ଦିନ ଧରି ଦୁଇଟି ଗଣନାଟ୍ୟ ନାଟ୍ୟ ପରିବେଷଣ କରିବେ। ଲୋକ ନୃତ୍ୟ ପାଲା, ଦାସକାଠି, ଭାରତ ଲୀଳା, କୃଷ୍ଣ ଲୀଳା, ପ୍ରହ୍ଲାଦ ନାଟକ, ସଙ୍ଗୀତ ଆଦି ପରିବେଷଣ ହୋଇଥାଏ। ଉତ୍ତମ କଳା ପ୍ରଦର୍ଶନ କରିଥିବା ନୃତ୍ୟକୁ ପୁରସ୍କୃତ କରାଯାଇଥାଏ। ଏଠାରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହେଉଥିବାରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ନିୟୋଜିତ ସ୍ୱେଚ୍ଛାସେବୀମାନେ ଦୃଷ୍ଟି ରଖିଥିବା ବେଳେ କୃଷ୍ଣପ୍ରସାଦ ଥାନା ଆଇଆଇସି ବିଚିତ୍ରା ନନ୍ଦ ପ୍ରଧାନଙ୍କ ତତ୍ତ୍ୱାବଧାନରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି।

## ଟଙ୍କା ଲୁଟିନେବା ଘଟଣାରେ ୨ ଗିରଫ

ଜଟଣୀ,୯।୩(ରବୀନ୍ଦ୍ରନାଥ ମହାକୁଡ଼)



ଆକ୍ରମଣ କରିବା ସହ ଟଙ୍କା ଓ ମୋବାଇଲ ଫୋନ ଲୁଟିନେବା ଘଟଣାରେ ଜଟଣୀ ଥାନା ପୋଲିସ ଦୁଇ ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଏହି ଥାନା ଅଧୀନ ଲୋକକଲୋନୀ ମାଣିଆଛକ ଅଞ୍ଚଳର ସୁଶାନ୍ତ ଏସ୍.କେ. ବାବର ଅଲି(୨୯) ଏବଂ ଶଙ୍କର ଦାସ (୪୦)। ଏନେଇ ଥାନାରେ ଏକ ମାମଲା (ନଂ.୧୨୪/୨୬)ରୁଜୁ ହୋଇଛି ବୋଲି ଥାନା ଅଧିକାରୀ ଷ୍ଟାଲିନ ବିଶ୍ୱାଳ କହିଛନ୍ତି। ମେରୁ ନାୟକଙ୍କ ଅଭିଯୋଗ ମୁତାବକ, ଗତ ୭ତାରିଖ ସନ୍ଧ୍ୟା ୬ଟା ୪୫ଟା ମଙ୍ଗୁ ନାୟକ ଖୋର୍ଦ୍ଧାରୋଡ ଷ୍ଟେଶନରୁ ଲୋକୋ କଲୋନୀସ୍ଥିତ ଘରକୁ ଫେରୁଥିବା ବେଳେ ମା'ଭାଗବତୀ ମନ୍ଦିର ନିକଟରେ ପହଞ୍ଚିଥିଲେ। ଏହି ସମୟରେ ଉପରୋକ୍ତ ଅଭିଯୁକ୍ତଦ୍ୱୟ ଏବଂ ସେମାନଙ୍କର ଅନ୍ୟ ଜଣେ ସହଯୋଗୀ ମଙ୍ଗୁଙ୍କୁ ଅଟକାଇ ଟଙ୍କା ଦାବି କରିଥିଲେ। ମଙ୍ଗୁ ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ତାଙ୍କ ହାତକୁ ଗାମୁଛାରେ ବାନ୍ଧି ଆକ୍ରମଣ କରିବା ସହ ୨୫ହଜାର ଟଙ୍କା ଓ ଗୋଟିଏ ମୋବାଇଲ ଫୋନ ଲୁଟି ନେଇଥିଲେ। ଏନେ ଅଭିଯୋଗ ପରେ ପୋଲିସ ତଦନ୍ତ ଚଳାଇଥିଲା।

## ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ପ୍ରବଚନ, ମହାଯଜ୍ଞ

କଳାପଥର,୯।୩(ଗଙ୍ଗାଧର ସାହୁ)

କଳାପଥର ଗ୍ରାମବାସୀ ଏବଂ ଶ୍ରୀରାମଦୟା ପରିଷଦ ଆନୁକୂଲ୍ୟରେ କପିଳେଶ୍ୱର ମହାଦେବଙ୍କ ପ୍ରାଙ୍ଗଣରେ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ପ୍ରବଚନ ଓ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗତ ୫ତାରିଖରୁ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମରେ କଳସଯାତ୍ରା, ଅଗ୍ନି ସ୍ଥାପନ, ହନୁମାନ ଚାଳିଶା ପାଠ, ଶ୍ରୀରାମ ନାମ ମହାତ୍ମ୍ୟ, ଶ୍ରୀରାମଚନ୍ଦ୍ରଙ୍କ ଜନ୍ମୋତ୍ସବ, ବନବାସ, କୈବର୍ତ୍ତ୍ୟପ୍ରସଙ୍ଗ, ଚିତ୍ରକୁଟ ବିହାର, ସୀତାଚୋରି ପ୍ରସଙ୍ଗ ଆଦି ପ୍ରବକ୍ତାମାନେ ସନ୍ଧ୍ୟାରେ ପ୍ରବଚନ ଦେଉଛନ୍ତି। କର୍ତ୍ତାଭାବେ ରମେଶ ଚନ୍ଦ୍ର ଦାଶ ଓ ଜ୍ୟୋତ୍ସ୍ନାରାଣୀ ଦାଶ କାର୍ଯ୍ୟନିର୍ବାହ କରିଥିଲେ।

## ଗୁରୁଜଙ୍ଗ ପଞ୍ଚଦୋଳ ମେଳଣ : ଏକାଠି ହେଲେ ଠାକୁର

ଖୋର୍ଦ୍ଧା,୯।୩(ପ୍ରଭାତ ପାଣିଗ୍ରାହୀ)



ଖୋର୍ଦ୍ଧା ଗୁରୁଜଙ୍ଗ ଗ୍ରାମ୍ୟ ପଞ୍ଚଦୋଳ କମିଟି ଆନୁକୂଲ୍ୟରେ ସ୍ଥାନୀୟ ମେଳଣ ପଡ଼ିଆରେ ରବିବାରଠାରୁ ପଞ୍ଚଦୋଳ ମେଳଣ ଆରମ୍ଭ ହୋଇଛି। ମେଳଣ ପଡ଼ିଆକୁ ରଙ୍ଗୀନ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ବିଳମ୍ବିତ ରାତିରେ ସ୍ୱମନ୍ଦିରରୁ ସୁସଜ୍ଜିତ ଦୋଳ ବିମାନରେ ଥାନପତି ଶ୍ରୀଧବଳେଶ୍ୱର ପଟୁଆରରେ ମେଳଣ ପଡ଼ିଆକୁ ଆସି ବିଜେ କରିଛନ୍ତି। ଏହି ସମୟରେ ମନ୍ତ୍ରଧ୍ୱନୀରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ବିଳମ୍ବିତ ରାତିରୁ ସୋମବାର ସକାଳ ପର୍ଯ୍ୟନ୍ତ ନିମନ୍ତ୍ରିତ ଗୁରୁଜଙ୍ଗ, ଖୋର୍ଦ୍ଧା ସହର ସମେତ ୨୦ଗ୍ରାମର ୨୨ଠାକୁର ବିଜେ କରିଛନ୍ତି। ପତିତପାବନ-ରାଧାଗୋବିନ୍ଦ-ତ୍ରିନାଥ ଦେବ-ବିଶ୍ୱନାଥଦେବ ଗୁରୁଜଙ୍ଗ, ବାଲୁଙ୍କେଶ୍ୱର ଦେବ ଅରାଙ୍ଗ, ସ୍ୱପ୍ନେଶ୍ୱର କୁଣ୍ଡିଲୋ, ବୃନ୍ଦାବନଚନ୍ଦ୍ର ଦେବ ନୂଆଗାଁ, ବରାଡ଼ ବାଲୁଙ୍କେଶ୍ୱର- ଗୋପାଳଜୀଉ- ଚଉରା ବାଲୁଙ୍କେଶ୍ୱର-ରାଧାବଲ୍ଲଭ-ଲକ୍ଷ୍ମୀନାରାୟଣ, ରାମନାଥ ଦେବ ଖୋର୍ଦ୍ଧା, ବାଲୁଙ୍କେଶ୍ୱର ଅରାଙ୍ଗ, ସ୍ୱପ୍ନେଶ୍ୱର କୁଣ୍ଡିଲୋ, ବୃନ୍ଦାବନଦେବ ନୂଆଗାଁ, ଲୋକନାଥ କୁମାରବସ୍ତ, ରାଧାକୃଷ୍ଣ ନିଆଳ, ଚନ୍ଦ୍ରଶେଖର ମାଜଣା, ରାମଚନ୍ଦ୍ରଦେବ-ମଦନମୋହନ ମହୁଲ, କପିଳେଶ୍ୱର ଅଙ୍ଗରାପଡା ଓ କେଦାରଶ୍ୱର ପୁଟନିଆଳ ଗ୍ରାମ୍ୟ ଠାକୁର ଏଠାରେ ବିଜେ କରିଛନ୍ତି। ୩ଦିନ ଧରି ଠାକୁରଙ୍କ ପୂଜାର୍ଚ୍ଚନା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥାଏ। ଠାକୁରଙ୍କୁ ଦୈନିକ ଦେବନୀତି ସହ ବାଲ୍ୟଭୋଗ, ଶୁଖିଲା ଭୋଗ ଅର୍ପଣ କରାଯାଇଥାଏ। ବିଦାୟ ଉତ୍ସବ ଆଡମ୍ବରରେ ପାଳିତ ହୋଇଥାଏ। ବିଦାୟ ଦିନ ପ୍ରତ୍ୟେକ ଠାକୁରଙ୍କୁ ହାଣ୍ଡିଭୋଗ ଅର୍ପଣ କରାଯାଏ। ହାଣ୍ଡି ଭୋଗର ୮୦ପ୍ରତିଶତ ଉଖୁଡା, ଫେଣି, ସାକର, ଖଜା, ଲଡୁ, ବୁନ୍ଦିଆ, ଜିଲାପି ସମେତ ବିଭିନ୍ନ ପ୍ରକାର ଫଳ ଗଜାବୁଟ, ମୁଗ ନଡିଆ ପାଡି, କଦଳୀ ଆଦି ରହିଛି। ଅନ୍ତିମ ଦିବସରେ ହରିହର ଭେଟ, ଅବିର ଖେଳ ପରେ ଠାକୁରମାନେ ସ୍ୱ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି। ଚଳିତ ବର୍ଷ ମେଳଣକୁ ବ୍ୟବସ୍ଥିତ, ଶୃଙ୍ଖଳିତ ଆୟୋଜନ ଉପରେ ଗୁରୁତ୍ୱ ଦିଆଯାଇଛି।

**ଶ୍ରୀଜଗନ୍ନାଥ ସଂସ୍କୃତି ସଂକୀର୍ତ୍ତନ ସେବା ବିକାଶ ପରିଷଦର ବାର୍ଷିକ ସମ୍ମିଳନୀ**

ପୁରୀ,(ଅଜିତ୍ କୁମାର ମହାନ୍ତି)- ଶ୍ରୀଜଗନ୍ନାଥ ସଂସ୍କୃତି ସଂକୀର୍ତ୍ତନ ସେବା ବିକାଶ ପରିଷଦ, ପୁରୀ ସଦର ସମଙ୍ଗରା ଶାଖାର ପଞ୍ଚଦଶ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଶାଖା ତା'ର ୭୦ ସଂକୀର୍ତ୍ତନ ମଣ୍ଡଳୀର କଳାକାରଙ୍କୁ ନେଇ ବାର୍ଷିକ ଅଧିବେଶନ ଅକର୍ମା କର୍ମଦାୟକ ରୁଦ୍ରେଶ୍ୱର ଦେବଙ୍କ ମେଲଣ ଅବସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଝାଞ୍ଜ, ମୃଦଙ୍ଗର ତାଳେ ତାଳେ ହରେକୃଷ୍ଣ ମହାମନ୍ତ୍ର ଗାନ କରି ଦୋଳ ଠାକୁରଙ୍କୁ ପୁଷ୍ପମାଲ୍ୟ ପ୍ରଦାନ ଓ ନଗର ପରିକ୍ରମା କରାଯାଇଥିଲା। ବିଭିନ୍ନ ସଂକୀର୍ତ୍ତନମଣ୍ଡଳୀ ଦ୍ୱାରା ଶ୍ରୀଜଗନ୍ନାଥ ସଂସ୍କୃତି ସଂକୀର୍ତ୍ତନ ପରିବେଷଣ କରାଯାଇଛି। ସମସ୍ତ କାର୍ଯ୍ୟ ଶାଖା ସଭାପତି ଭଜମନ ଜେନା, ଉପସଭାପତି ମାଧବ ଜେନା, କାର୍ଯ୍ୟକାରୀ କମିଟି ସଭ୍ୟ ଧନେଶ୍ୱର ସ୍ୱାଇଁ, କୃଷ୍ଣଚନ୍ଦ୍ର ସ୍ୱାଇଁ, ଶ୍ୟାମସୁନ୍ଦର ପ୍ରଧାନ, ଧୁଶାସନ ପ୍ରଧାନଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୯।୩।୨୦୨୬

| | |
|---|---|
| ୪,୨୩,୨୨୯ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

## ସଂକ୍ଷେପରେ

### ଛାତ୍ରୀଙ୍କ ମୃତ୍ୟୁରେ ଶୋକସଭା

ପୁରୀ,୯।୩(ଅଜିତ୍ କୁମାର ମହାନ୍ତି)

ସରକାରୀ ଆୟୁର୍ବେଦ କଲେଜ, ବଲାଙ୍ଗୀରର ପ୍ରଥମ ବର୍ଷର ଛାତ୍ରୀ ସିମରନ ଷଡ଼ଙ୍ଗୀଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଏହି ପରିପ୍ରେକ୍ଷୀରେ ସୋମବାର ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ଛାତ୍ର ସଂସଦ ଦ୍ୱାରା ସମସ୍ତ ଛାତ୍ରୀଛାତ୍ର ଓ ଅଧ୍ୟାପକ, ଅଧ୍ୟାପିକାଙ୍କ ଉପସ୍ଥିତିରେ ଶୋକ ସଭା ଅନୁଷ୍ଠିତ ହୋଇଥିଲା। ସୂଚନାଯୋଗ୍ୟ, ଗତ ଶନିବାର ଛାତ୍ରୀ ସିମରନ ଷଡ଼ଙ୍ଗୀ କ୍ଲାସ କରିବାକୁ କଲେଜ ଆସିବା ସମୟରେ କଲେଜ ସାମ୍ନାରେ ଦୁର୍ଘଟଣା ଶିକାର ହୋଇଥିଲେ। ପରେ ତାଙ୍କୁ ସେଠାରୁ ଉଦ୍ଧାର କରାଯାଇ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ସମସ୍ତ ଆୟୁଷ ମହାବିଦ୍ୟାଳୟରେ ଶୋକର ଛାୟା ଖେଳିଯାଇଛି। ତେବେ କଲେଜ ହଷ୍ଟେଲରେ ଶଯ୍ୟା ସଂଖ୍ୟା ଅଭାବ ଯୋଗୁ ସେ ବାହାରେ ରହୁଥିଲେ।

### ଆଇନ ସଚେତନତା ଶିବିର

ପୁରୀ,୯।୩(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷା ତଥା ଜିଲା ଓ ଦୌରାଜଜ୍ ଅଜନ୍ତା ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶ ଅନୁଯାୟୀ ସିଭିଲ କୋର୍ଟ ପରିସରରେ ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ ମାନବ ଶୃଙ୍ଖଳ ହୋଇଥିଲା। ଏଥିସହ ବିକଳ୍ପ ସମାଧାନ କେନ୍ଦ୍ରର ସମ୍ମିଳନୀ କକ୍ଷରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣ କାର୍ଯ୍ୟକାରୀ ସଚିବ ସୋଭେନ କାନୁନଗୋ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ମହିଳାମାନେ ସଚେତନ ହେଲେ ନିର୍ଯାତନା ଏବଂ ଘରୋଇ ହିଂସା ରୋକାଯାଇପାରିବ। ନାରୀମାନେ କର୍ମକ୍ଷେତ୍ରରେ କିପରି ନିଜକୁ ସୁରକ୍ଷା ଦେଇପାରିବେ, ଏହାର ବିକଳ୍ପ ସମାଧାନ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଡ. ନାରାୟଣ ପ୍ରସାଦ ନନ୍ଦ, ବିଜୟଲକ୍ଷ୍ମୀ ବଡ଼ଜେନା ଏବଂ ସମସ୍ତ ବିଚାରପତିମାନେ ଅତିଥି ଭାବେ ଯୋଗ ଦେଇଥିଲେ।

### ବ୍ରହ୍ମଗିରି ପଞ୍ଚପାଣ୍ଡବ ମେଲଣ ଆରମ୍ଭ

ବ୍ରହ୍ମଗିରି,୯।୩(ସ୍ୱାଧିନ ଚମ୍ପତିରାୟ)

ଓଡ଼ିଶା ଦୋଳ ମେଲଣ ଇତିହାସରେ ବ୍ରହ୍ମଗିରି ପଞ୍ଚପାଣ୍ଡବ ମେଲଣ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ମେଲଣର ରବିବାର ପ୍ରଥମ ଦିନ ବା ଦିଅଁ ଜମାଣ ପର୍ବ। ଏହି ଦିନ ମଧ୍ୟରାତ୍ରରେ ପାଣ୍ଡବ ପାଞ୍ଚ ଭାଇ ଅର୍ଥାତ ଯୁଧିଷ୍ଠିର ଦେବ ବିଜେ ଗୌଡ଼ିକେରା, ଭୀମେଶ୍ୱର ଦେବ ବିଜେ ବେଢ଼ାସୁନ୍ଦର, ଅର୍ଜୁନେଶ୍ୱର ଦେବ ବିଜେ କାଳିକାବାଡ଼ି, ନକୁଳେଶ୍ୱର ଦେବ ବିଜେ ନାଗେଶ୍ୱର ଓ ସହଦେବ ବିଜେ ବ୍ରହ୍ମଗିରର ଠାକୁର ଆସି ଏକତ୍ରିତ ହେବା ପରେ ଉକ୍ତ ମେଲଣର ଥାନପତି ଗୋପୀନାଥ ଦେବ ମିଶି ବିରାଟ ପଟୁଆରେ ମେଲଣ କୁଞ୍ଜକୁ ବିଜେ କରିଛନ୍ତି। ଏହି ପାଣ୍ଡବ ପାଞ୍ଚ ଭାଇ ମେଲଣ କୁଞ୍ଜକୁ ପ୍ରବେଶ କରିବା ପରେ ସୋମବାର ସକାଳୁ ପ୍ରାୟ ୧୦୦ଟି ଦୋଳ ମେଲଣ କୁଞ୍ଜରେ ବିଜେ କରିଛନ୍ତି।

### ବିଶ୍ୱ ମହିଳା ଦିବସ

ପୁରୀ,୯।୩(ଅଜିତ୍ କୁମାର ମହାନ୍ତି)

ବିଶ୍ୱ ମହିଳା ଦିବସ ଉପଲକ୍ଷେ ପୁରୀ ଆର୍ଟ ଅଫ ଲିଭିଙ୍ଗ ପରିବାର ପକ୍ଷରୁ ବିଭିନ୍ନ ସେବା କାର୍ଯ କରାଯାଇଥିଲା। ଏହି ଅବସରରେ ୧୬ଜଣ ଭିନ୍ନକ୍ଷମ ମହିଳାଙ୍କୁ ରାଶନ ସାମଗ୍ରୀ ବଣ୍ଟନ, ବଳଭଦ୍ରପାଟଣା ବ୍ରହ୍ମଗିରି ହଳଦିଆ ନିକଟର ଆଶାକର୍ମୀ ଭାବେ କାର୍ଯ୍ୟରତ ରତନୀ ବେହେରାଙ୍କୁ ୨୦୨୬ ସେବା ସମ୍ମାନ ଦିଆଯାଇଥିଲା। ଉତ୍ତମ ସେବା ପାଇଁ ସଂଘମିତ୍ରା ମହାନ୍ତି, ସସ୍ମିତା ପାତ୍ର, ଡ. ଜ୍ୟୋତି ରାଉତ, ଅରୁଣ ମହାନ୍ତି, ସଂଘମିତ୍ରା ଦାସଙ୍କୁ ସମ୍ମାନିତ କରାଯାଇଥିଲା। ମହିଳାମାନେ ଧୀର, ନମ୍ର ଏବଂ ଆବଶ୍ୟକ ସମୟରେ କଠୋର ହେବା ପାଇଁ ପ୍ରଶିକ୍ଷକ ଅଶୋକ ମିଶ୍ର ଏବଂ ଗୀତା ଜେନାଙ୍କ ଦ୍ୱାରା ଉପଦେଶ ଦିଆଯାଇଥିଲା। ମହିଳା କ୍ଲବ ସମ୍ପାଦକ ସୁଚିସ୍ମିତା ମହାନ୍ତି, ସଭାପତି ସଂଘମିତ୍ରା ମହାନ୍ତି, ବ୍ରଜକିଶୋର ସାହୁ ପରିଚାଳନା କରିଥିଲେ।

# ୧୭ରେ ଭାର୍ଗବୀ ନଦୀ ଭୃଗୁ ଘାଟରେ ମହାବାରୁଣୀ ବୁଡ଼



ବୈଠକରେ ସତ୍ୟବାଦୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡାଙ୍କ ସମେତ ଅନ୍ୟମାନେ ।

ସାକ୍ଷୀଗୋପାଳ,୯।୩ (କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)

ଆସନ୍ତା ୧୭ରେ ବଳପୁର ଗ୍ରାମସ୍ଥିତ ଭାର୍ଗବୀ ନଦୀର ଭୃଗୁ ଘାଟରେ ମହାବାରୁଣୀ ସ୍ନାନ ପ୍ରତି ବର୍ଷ ଭଳି ଅନୁଷ୍ଠିତ ହେବ। ଏହି ଶୁଭ ମୁହୂର୍ତ୍ତରେ ଭାର୍ଗବୀ ନଦୀର ଜଳରାଶି ମହୋଦଧି ଜଳ ଭଳି ପବିତ୍ର ହୋଇଥାଏ। ନଦୀରେ ବୁଡ଼ ପକାଇବାକୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିବ। ଅନୁରୂପ ଭାବେ ସୁଆଣ୍ଡୋ ଘାଟରେ ଲୋକେଶ୍ୱର ଦେବ ଓ କୁଣ୍ଡଳେଶ୍ୱର ଦେବ ବିଜେ କରିବେ। ୧୮ ତାରିଖରେ ବିଭୂତି ବାଟିକାରେ ଠାକୁରଙ୍କ ବିଶ୍ରାମ, ପୂଜାର୍ଚ୍ଚନା, ଦେବନୀତି ଓ ଶୃଙ୍ଖଳିତ ଭାବେ ୨ଦିନ ଧରି ଯାତ୍ରା ପରିଚାଳନା ନିମନ୍ତେ ପ୍ରସ୍ତୁତି ବୈଠକ ସୋମବାର ବରାଳ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି।

ସତ୍ୟବାଦୀ ତହସିଲଦାର୍ ସନ୍ତୋଷ କୁମାର ପାଣିଗ୍ରାହୀ ବୈଠକରେ ଅଧ୍ୟକ୍ଷତା କରି ଠାକୁରଙ୍କ ସାଗର ବିଜେ ନିର୍ଦ୍ଧାରିତ ସମୟରେ କରିବା ପାଇଁ ଉପସ୍ଥିତ ସେବାୟତଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ଭାର୍ଗବୀ ନଦୀରେ ଘାଟ, ରାସ୍ତା ମରାମତି, ଅସ୍ଥାୟୀ ବିଦ୍ୟୁତ, ପାନୀୟ ଜଳ, ସୁରକ୍ଷିତ ସ୍ନାନ ନିମନ୍ତେ ନଦୀ ଘାଟରେ ବାରିକେଡ୍, ସଫେଇ କାମ ଶେଷ କରିବାକୁ ବୈଠକରେ ଉପସ୍ଥିତ ବିଭାଗୀୟ ଅଧିକାରୀ ଆଲୋଚନା କରିଥିଲେ। ବିଶେଷ କରି ନଦୀରେ ଶ୍ରଦ୍ଧାଳୁମାନେ ବୁଡ଼ ପକାଇବା ସମୟରେ ସ୍ଥାନୀୟ ଅଗ୍ନିଶମ କର୍ମଚାରୀ ବୋଟ, ଟ୍ୟୁବ୍ ସହ ସଜାଗ ରହିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବୈଠକରେ ଆବାହକ ବଳପୁର ବାଲୁଙ୍କେଶ୍ୱର ଦେବ ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟି ନିରଞ୍ଜନ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରି ଯାତ୍ରାରେ ଶ୍ରଦ୍ଧାଳୁଙ୍କୁ ଅତ୍ୟାବଶ୍ୟକ ସୁବିଧା ଯୋଗାଇଦେବାକୁ ଉପସ୍ଥିତ ସ୍ଥାନୀୟ ପ୍ରଶାସନ, ପୋଲିସ, ବରାଳ ଓ ବଳପୁର ବାଲୁଙ୍କେଶ୍ୱର ଦେବ ମନ୍ଦିର ସେବାୟତ ଓ ପଞ୍ଚାୟତ ପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ବୈଠକରେ ସତ୍ୟବାଦୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ବିଡିଓ ଦେବାଶିଷ ନାୟକ, ଅତିରିକ୍ତ ତହସିଲ୍‌ଦାର ଓମ୍ ପ୍ରକାଶ ପରିଡ଼ା, ସତ୍ୟବାଦୀ ଥାନା ଆଇଆଇସି ସୌମ୍ୟରଞ୍ଜନ ମହାଲିକ, ବରାଳ ବାଲୁଙ୍କେଶ୍ୱର ମନ୍ଦିର ସେବାୟତ ସଂଘ ସମ୍ପାଦକ ସୁବାସ ଚନ୍ଦ୍ର ମହାପାତ୍ର, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମୀଧର ପଣ୍ଡା, ଜିଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ସଭ୍ୟା ବିଷ୍ଣୁପ୍ରିୟା ବରାଳ, ଜଳସେଚନ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁରେଶ ଚନ୍ଦ୍ର ସାହୁ, ଅଗ୍ନିଶମ ଅଧିକାରୀ ପ୍ରଦୀପ୍ତ ମହାପାତ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ପ୍ରୀତମ ବାଗ, ଧ୍ରୁବଚରଣ ଦାସ, ବିଦ୍ୟାଧରପୁର ସରପଞ୍ଚ ଦୁଃଶାସନ ପ୍ରଧାନ, କାଦୁଆ ସରପଞ୍ଚ ଗାୟତ୍ରୀ ମହାପାତ୍ର ଓ ବରପୁର ସରପଞ୍ଚଙ୍କ ପ୍ରତିନିଧି ମନୋଜ ପଣ୍ଡାଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବିଦ୍ୟୁତ ଖୁଣ୍ଟରେ ପିଟି ହେଲା କାର୍, ବର୍ତ୍ତିଲେ ୬ କଳାକାର

ଗୋପ,୯।୩(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ-କୋଣାର୍କ ରାସ୍ତାର ପାର୍ଟେଲିଆ ଛକ ନିକଟରେ ରବିବାର ଅପରାହ୍ନରେ ବିଦ୍ୟୁତ୍ ଖୁଣ୍ଟରେ ଏକ କାର ପିଟି ହେବା ଫଳରେ ୬ କଳାକାର ବର୍ତ୍ତି ଯାଇଥିବା ଜଣାପଡ଼ିଛି। ଖୁଣ୍ଟଟି କାର୍ ଉପରେ ପଡ଼ିଥିଲେ ମଧ୍ୟ କୌଣସି ଅଘଟଣ ଘଟି ନାହିଁ। କଟକର ଜିତୁ ମ୍ୟୁଜିକର ୬ ଜଣ ଡ୍ରାମା କଳାକାର ପୁରୀରୁ ଏକ କାର୍ଯ୍ୟକ୍ରମ ସାରି କୋଣାର୍କ ବୁଲାବୁଲି କରିବା ପରେ ନିମାପଡ଼ା ଅରିଷଣ୍ଡ ଗ୍ରାମରେ ହେବାକୁ ଥିବା ଡ୍ରାମା କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଥିଲେ। ଅପରାହ୍ନ ୩ଟାରେ କାର୍‌ଟି ଭାରସ୍ୟାମ ହରାଇ ଗୋପ-କୋଣାର୍କ ରାସ୍ତାର ପାର୍ଟେଲିଆ ଛକ ନିକଟରେ ଥିବା ଏକ ବିଦ୍ୟୁତ ଖୁଣ୍ଟକୁ ଧକ୍କା ଦେଇଥିଲା। ଦୁର୍ଘଟଣାଟି ଏତେ ଜୋର୍ ଥିଲା ଖୁଣ୍ଟଟି ଭାଙ୍ଗିପଡ଼ି କାର୍ ଉପରେ ପଡ଼ିଥିଲା। ଖବରପାଇ ଗୋପ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ଏ ସମ୍ପର୍କରେ କୌଣସି ଅଭିଯୋଗ ଥାନାରେ ହୋଇ ନ ଥିବା ଥାନାଧିକାରୀ ଦୁର୍ଗାଚରଣ ମହାପାତ୍ର କହିଛନ୍ତି।

# ମେଲଣ ପଡ଼ିଆରେ ଯୁବକଙ୍କୁ ଛୁରାମାଡ଼

ବଲଙ୍ଗା,୯।୩(କେଦାରେଶ୍ୱର ନନ୍ଦ)

ବଲଙ୍ଗା ମେଲଣ ପଡ଼ିଆରେ ଚାଲିଥିବା ବଲଙ୍ଗା ପଞ୍ଚଦୋଳ ମେଲଣ ଜମାଣ ଶୋଭାଯାତ୍ରାରେ ହଜାର ହଜାର ଲୋକଙ୍କ ସମ୍ମୁଖରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ କଲେଜ ଛାତ୍ରକୁ ଛୁରାମାଡ଼ କରାଯାଇଛି। ଗୁରୁତର ହେଲେ ଉକ୍ତ ଥାନା ଅନ୍ତର୍ଗତ ରେଶିଙ୍ଗା ଗ୍ରାମରେ ଅଶୋକ ଖୁଣ୍ଟିଆଙ୍କ ପୁଅ ସୌମ୍ୟ ରଞ୍ଜନ ଖୁଣ୍ଟିଆ ବୋଲି ଜଣାପଡ଼ିଛି। ଘଟଣାସ୍ଥଳରେ ଥିବା ବଲଙ୍ଗା ଥାନା ଆଇଆଇସି ସସ୍ମିତା ସାହୁ ଗୁରୁତର ସୌମ୍ୟଙ୍କୁ ଉଦ୍ଧାର କରି ମେଡିକାଲ୍‌ରେ ଭର୍ତ୍ତି କରିଥିଲେ। ଆକ୍ରମଣକାରୀ ଘଟଣାସ୍ଥଳରୁ ଫେରାର ହୋଇଥିବା ବେଳେ ଆଇଆଇସି ସାହୁ ସୋମବାର ମଧ୍ୟାହ୍ନରେ ୨ଜଣଙ୍କୁ ଧରି ଥାନାରେ ଅଟକ ରଖି ପଚରାଉଚରା ଚଳାଇଛନ୍ତି। ଏନେଇ ଅଶୋକ ଖୁଣ୍ଟିଆ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ସୌମ୍ୟରଞ୍ଜନ ରବିବାର ରାତିରେ ତାଙ୍କର ୨ ସାଥୀଙ୍କ ସହ ବଲଙ୍ଗା ପଞ୍ଚଦୋଳ ମେଲଣ ଜମାଣ ଶୋଭାଯାତ୍ରା ଦେଖିବାକୁ ଆସିଥିଲେ। ମେଲଣ ପଡ଼ିଆରେ ସମସ୍ତେ ଶୋଭାଯାତ୍ରା ଦେଖୁଥିଲା ବେଳେ ବଲଙ୍ଗା ଥାନା ବାଲିଘାଇର ମିଥୁନ ମଲ୍ଲିକ ଓ ଅନ୍ୟ ୨ଜଣ ଯୁବକଙ୍କ ସହିତ ଆସି ହଠାତ୍ ସୌମ୍ୟଙ୍କ ପିଠିକୁ ପଛପଟୁ ଛୁରାମାଡ଼ କରିଥିଲେ। ଛୁରାମାଡ଼ରେ ସୌମ୍ୟଙ୍କ ପିଠିରେ ୬ଟି ସ୍ଥାନରେ ଗୁରୁତର କ୍ଷତ ହୋଇ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଘଟଣାସ୍ଥଳରେ ସୌମ୍ୟ ଚେତା ହରାଇଥିଲେ। ଏହି ସମୟରେ ଅଭିଯୁକ୍ତ ସୌମ୍ୟଙ୍କ ବେକରୁ ଏକ ସୁନା ଚେନ ଓ ପ୍ୟାଣ୍ଟ ପକେଟରେ ଥିବା ୭ଶହ ଟଙ୍କା ନେଇ ତାଙ୍କ ମୋବାଇଲକୁ ଭାଙ୍ଗି ଦେଇଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି।

# ବିଳମ୍ବରେ ପହଞ୍ଚିଲା ପ୍ରଶ୍ନପତ୍ର

## ତଦନ୍ତ ଆରମ୍ଭ: ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ତାଗିଦ

ଗୋପ,୯।୩(ଭାରତୀ ଭୂଷଣ ଉପାଧ୍ୟାୟ)

ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ସୋମବାରଠାରୁ ବାର୍ଷିକ ପରୀକ୍ଷା ଆରମ୍ଭ ହୋଇଛି। ହେଲେ ଗୋପ ବ୍ଲକର ବିଭିନ୍ନ ସ୍କୁଲରେ ବିଳମ୍ବରେ ପ୍ରଶ୍ନପତ୍ର ପହଞ୍ଚି ଥିବାରୁ ପରୀକ୍ଷା ବିଳମ୍ବରେ ହୋଇଥିବା ଭଳି ଅଭିଯୋଗ ହୋଇଛି।

ପ୍ରକାଶ ଯେ, ଗୋପ ବ୍ଲକର ୨୦ଟି କ୍ଲଷ୍ଟର ଅଧୀନରେ ଥିବା ବିଭିନ୍ନ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକରେ ବାର୍ଷିକ ପରୀକ୍ଷା ୯ରୁ ଆରମ୍ଭ ହୋଇ ୧୩ ତାରିଖରେ ଶେଷ ହେବ ବୋଲି ଜଣାପଡ଼ିଛି। କିନ୍ତୁ ସରକାରୀ ନିୟମ ଅନୁସାରେ ସମସ୍ତ ସ୍କୁଲରେ ପ୍ରଶ୍ନପତ୍ର ପହଞ୍ଚିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିବା ବେଳେ ଆବଶ୍ୟକ ଅନୁଯାୟୀ ମନିଟରିଂ ନ ଥିବାରୁ ଏପରି ଅବ୍ୟବସ୍ଥା ହୋଇଥିବା ଜଣାପଡ଼ିଛି। ସରକାରୀ ନିୟମ ଅନୁସାରେ ସକାଳ ୭ଟାରେ ପରୀକ୍ଷା ହେବାର ସୂଚି ଥିବାବେଳେ ବିଳମ୍ବରେ ଅନେକ ସ୍କୁଲରେ ପ୍ରଶ୍ନପତ୍ର ପହଞ୍ଚିବା ଯୋଗୁ ପରୀକ୍ଷା ବିଳମ୍ବରେ ହୋଇଛି। ବିଶେଷ କରି ସକାଳୁ ପରୀକ୍ଷା ହେଉଥିବାରୁ ଅନେକ ଶିକ୍ଷକ, ଶିକ୍ଷୟିତ୍ରୀ ବିଳମ୍ବରେ ସ୍କୁଲ ଆସିବା ଓ କେତେକ ସ୍କୁଲରେ ପ୍ରଧାନଶିକ୍ଷକ ବିନା ଛୁଟି ଦରଖାସ୍ତରେ ରହିବା ଭଳି ଅଭିଯୋଗ ହୋଇଛି। ଗୋପ ବ୍ଲକ ଶିକ୍ଷାଧିକାରୀ ଅଧୀନ ମଦ୍ରାସା ଇସଲାମିଆ ବିଦ୍ୟାଳୟର ପ୍ରଧାନଶିକ୍ଷକ ସ୍କୁଲ ନ ଆସିବା ନେଇ ଅଭିଯୋଗ ହେବାପରେ ମାତ୍ର ୫ ମିନିଟ୍ ମଧ୍ୟରେ ସାଧନା କେନ୍ଦ୍ର ସଂଯୋଜକ ପହଞ୍ଚି ତଦନ୍ତ କରିଥିବା ଜଣାପଡ଼ିଛି। ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଦୀର୍ଘଦିନ ଧରି ବ୍ଲକ ଶିକ୍ଷାଧିକାରୀ, ଅତିରିକ୍ତ ଶିକ୍ଷାଧିକାରୀ ସହିତ ଆଉ କେତକ ପଦବୀ ଖାଲି ପଡ଼ିବା ଫଳରେ ଏପରି ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଆବଶ୍ୟକ ମନିଟରିଂ ଯୋଗୁ ଏପରି ଅବସ୍ଥା ଦେଖାଦେଇଥିବା ଜଣାପଡ଼ିଛି। ଏପରି ଅଭିଯୋଗକୁ ନେଇ ବ୍ଲକ ଶିକ୍ଷାଧିକାରୀ ଦାୟିତ୍ୱରେ ଥିବା ଅମିତା ସେନାପତି କହିଛନ୍ତି, ସକାଳ ସମୟରେ ପରୀକ୍ଷା ହେଉଥିବାରୁ କିଛି ମିନିଟ୍ ପ୍ରଶ୍ନପତ୍ର ଡେରି ହୋଇପାରେ। କିନ୍ତୁ ଦାୟିତ୍ୱରେ ଥିବା ଶିକ୍ଷକ, ଶିକ୍ଷୟିତ୍ରୀମାନେ ସମୟ ଅନୁସାରେ ସ୍କୁଲ ଆସିବା ଦରକାର ବୋଲି କହିବା ସହ ଅଭିଯୋଗ ଉପରେ ଗୁରୁତ୍ୱ ଦେବି ବୋଲି ସେ କହିଥିଲେ।



ତଦନ୍ତ ପାଇଁ ସ୍କୁଲରେ ପହଞ୍ଚିଛନ୍ତି ଅଧିକାରୀ ।

### ବ୍ରାଉନସୁଗାର ଜବତ, ଜଣେ ଗିରଫ

ନିମାପଡ଼ା,୯।୩(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଅବକାରୀ ରେଞ୍ଜ ପକ୍ଷରୁ ସୋମବାର ନିମାପଡ଼ା ଦୋଳବେଦୀଛକ, ଅଣ୍ଡିଆଶାସନ ଛକ ନିକଟରେ ଅଚାନକ ଚଢ଼ାଉ କରି ଜଣେ ଚୋରା ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଯାଇଛି। ତାଙ୍କଠାରୁ ପୋଲିସ ୮୭ଗ୍ରାମ ଚୋରା ବ୍ରାଉନ୍‌ସୁଗାର ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ୮.୭୦ ଲକ୍ଷ ହେବ ବୋଲି ରେଞ୍ଜ ଇନ୍ସପେକ୍ଟର ପ୍ରଭାକର ସେଠୀ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତ ହେଲେ ନିମାପଡ଼ା ଥାନା ଅନ୍ତର୍ଗତ ଅଣ୍ଡିଆଶାସନ ଗ୍ରାମର ମାଧବାନନ୍ଦ ଦାଶ (୪୨)। ଏନେଇ ବ୍ୟବସାୟୀଙ୍କ ବିରୋଧରେ ୧୦୫/୨୫-୨୬ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି। ପୁରୀ ଜିଲା ଅବକାରୀ ଅଧୀକ୍ଷକ ଜଗଦୀଶଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ନିମାପଡ଼ା ଅବକାରୀ ରେଞ୍ଜ ଇନ୍ସପେକ୍ଟର ପ୍ରଭାକର ସେଠୀ, ଏଏସ୍ଆଇ ସନ୍ତୋଷ କୁମାର ମହାରଣା, ଫିରୋଜ ମହାନନ୍ଦିଆ, ଏସ୍ କେ ଓ୍ୱାରିଶ, ତପନ ପ୍ରଧାନ, ସ୍ୱାଗତିକା ଘଡ଼େଇ ପ୍ରମୁଖ ଏହି ଚଢ଼ାଉରେ ସାମିଲ୍ ହୋଇଥିଲେ।

### ଛାତ୍ରୀଙ୍କ ମୃତ୍ୟୁରେ ଶୋକସଭା

ପୁରୀ,୯।୩(ଅଜିତ୍ କୁମାର ମହାନ୍ତି)

ସରକାରୀ ଆୟୁର୍ବେଦ କଲେଜ, ବଲାଙ୍ଗୀରର ପ୍ରଥମ ବର୍ଷର ଛାତ୍ରୀ ସିମରନ ଷଡ଼ଙ୍ଗୀଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଏହି ପରିପ୍ରେକ୍ଷୀରେ ସୋମବାର ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ଛାତ୍ର ସଂସଦ ଦ୍ୱାରା ସମସ୍ତ ଛାତ୍ରୀଛାତ୍ର ଓ ଅଧ୍ୟାପକ, ଅଧ୍ୟାପିକାଙ୍କ ଉପସ୍ଥିତିରେ ଶୋକ ସଭା ଅନୁଷ୍ଠିତ ହୋଇଥିଲା। ସୂଚନାଯୋଗ୍ୟ, ଗତ ଶନିବାର ଛାତ୍ରୀ ସିମରନ ଷଡ଼ଙ୍ଗୀ କ୍ଲାସ କରିବାକୁ କଲେଜ ଆସିବା ସମୟରେ କଲେଜ ସାମ୍ନାରେ ଦୁର୍ଘଟଣା ଶିକାର ହୋଇଥିଲେ। ପରେ ତାଙ୍କୁ ସେଠାରୁ ଉଦ୍ଧାର କରାଯାଇ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା ପରେ ଆୟୁଷ ମହାବିଦ୍ୟାଳୟରେ ଶୋକର ଛାୟା ଖେଳିଯାଇଛି।

# ଭକ୍ତି ସଙ୍ଗୀତ 'ଜୟ ମା' ଲକ୍ଷ୍ମୀ'ର ପୋଷ୍ଟର ଉନ୍ମୋଚିତ




ପୋଷ୍ଟର ଉନ୍ମୋଚନ କରୁଛନ୍ତି ।

ପୁରୀ,୯।୩(ଅଜିତ୍ କୁମାର ମହାନ୍ତି)

ପୁରୀର ଏକ ହୋଟେଲ୍‌ରେ ଏସ୍ କେ ଭକ୍ତିଧାରା ପ୍ରସ୍ତୁତ ଭକ୍ତି ସଙ୍ଗୀତ 'ଜୟ ମା' ଲକ୍ଷ୍ମୀ'ର ପୋଷ୍ଟର ଉନ୍ମୋଚିତ ହୋଇଛି। ଉତ୍ସବରେ ଗୀତିକାର ସଚ୍ଚିଦାନନ୍ଦ ମଲ୍ଲିକ, ପ୍ରଯୋଜିକା ନିରୁପମା, ସଙ୍ଗୀତ ନିର୍ଦ୍ଦେଶକ ପ୍ରଶାନ୍ତ ପାଢ଼ୀ, ଶିଳ୍ପ ଉଦ୍ୟୋଗୀ ତାରିଣୀ ପ୍ରସାଦ ମହାନ୍ତି, ଗୌରଭ ରାଲହନ (ଅଧ୍ୟକ୍ଷ), ଯୁବ ଉଦ୍ୟୋଗୀ ତଥା ମିଡିଆ ପ୍ଲାନର ଭରତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ନିରୁପମାଙ୍କ ପ୍ରଯୋଜନା, ସଙ୍ଗୀତ ନିର୍ଦ୍ଦେଶକ ପ୍ରଶାନ୍ତ ପାଢ଼ୀଙ୍କ ସ୍ୱର ସଂଯୋଜନାରେ ପ୍ରଚ୍ଛଦପଟ ଗାୟିକା ସୋହିନୀ ମିଶ୍ର ଜୟ ମା' ଲକ୍ଷ୍ମୀ ଗୀତରେ କଣ୍ଠଦାନ କରିଛନ୍ତି। ଜୟ ମା' ଲକ୍ଷ୍ମୀ ଭଜନ ସମେତ 'ଜଗାର ଚମତ୍କାର' ଏବଂ 'ଦାରୁରୁ ଜଗନ୍ନାଥ' ଭଳି ୨ ଟି ଭଜନ ପ୍ରସ୍ତୁତ ହୋଇଛି। ଏଯାବତ ତାଙ୍କର ୩ଟି ଭକ୍ତି ସଙ୍ଗୀତ ପ୍ରସ୍ତୁତ ହୋଇସାରିଛି ।

# ରଥଯାତ୍ରା ପାଇଁ ଏସ୍‌ପିଙ୍କ ପୂର୍ବ ପ୍ରସ୍ତୁତି ସମୀକ୍ଷା

ପୁରୀ,୯।୩(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ରଥଯାତ୍ରା ଉପଲକ୍ଷେ ସମଗ୍ର ପୁରୀ ଜିଲାରେ ସୁରକ୍ଷା, ଯାତାୟାତ ବ୍ୟବସ୍ଥା ଓ ଶୃଙ୍ଖଳା ରକ୍ଷା ପାଇଁ ପୁରୀ ପୋଲିସ ପକ୍ଷରୁ ପ୍ରସ୍ତୁତି ଆରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ସୋମବାର ଜିଲା ପୋଲିସ କାର୍ଯ୍ୟାଳୟରେ ଏସ୍‌ପି ପ୍ରତୀକ ସିଂଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆସନ୍ତା ରଥଯାତ୍ରା ସମୟରେ ଲକ୍ଷାଧିକ ଭକ୍ତଙ୍କ ଆଗମନକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା, ଯାତାୟାତ ପରିଚାଳନା, ଭିଡ଼ ନିୟନ୍ତ୍ରଣ, ଆପାତକାଳୀନ ସହାୟତା ବ୍ୟବସ୍ଥା ଓ ବିଭିନ୍ନ ବିଭାଗ ସହ ସମନ୍ୱୟ ଆଦି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ସମସ୍ତ ଅଧିକାରୀଙ୍କ ସହ ଆଲୋଚନା କରାଯାଇଥିଲା।

ସେହିପରି ସମସ୍ତ ପୋଲିସ ଅଧିକାରୀଙ୍କୁ ପୂର୍ବ ପ୍ରସ୍ତୁତି ସମ୍ବନ୍ଧୀୟ କାର୍ଯ୍ୟକୁ ଅଧିକ ସୁଦୃଢ଼ କରିବା, ଆଧୁନିକ ପ୍ରଯୁକ୍ତିର ବ୍ୟବହାର, ସିସିଟିଭି ନିରୀକ୍ଷଣ ଓ ଆବଶ୍ୟକ ସ୍ଥାନରେ ନାକା ଚେକିଂ ବ୍ୟବସ୍ଥାକୁ ଜୋରଦାର କରିବାକୁ କହିଥିଲେ। ବୈଠକରେ ଶ୍ରୀମନ୍ଦିର ସୁରକ୍ଷା ବାଟାଲିୟନର କୁଳପତି ତପସ ଦାସ, ଡିସି କୌଶିକ ନାୟକ, ଦୀପକ ଗଡ଼ନାୟକ, ଅତିରିକ୍ତ ଏସ୍‌ପି ସୁଶୀଲ ମିଶ୍ର, ଦେବ ପ୍ରତାପ, ସଜିନ ପଟେଲ, ସୌମ୍ୟରଞ୍ଜନ ମଲ୍ଲିକ, ସିଟି ଡିଏସ୍‌ପି ରଶ୍ମିରଞ୍ଜନ ମହାପାତ୍ର ଏବଂ ସିଟି ସବ୍‌ଡିଭିଜନ ଅଧୀନରେ ଥିବା ସମସ୍ତ ଥାନାର ଅଧିକାରୀ ଉପସ୍ଥିତ ଥିଲେ।

# ୧୫ରେ ସର୍ବଭାରତୀୟ ଧର୍ମେନ୍ଦ୍ର ସାହୁ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ

ଗୋପ,୯।୩(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲ ଖେଳପଡ଼ିଆରେ ଚଳିତବର୍ଷ ପ୍ରଥମ କରି ସର୍ବଭାରତୀୟ ଧର୍ମେନ୍ଦ୍ର ସାହୁ ମେମୋରିଆଲ୍ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ ବୋଲି ରବିବାର ଗୋପ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିସହିତ ୨୧ରେ ରାଜ୍ୟର ୨ ମହିଳା କ୍ରିକେଟ ଦଳ ଏହି ଟୁର୍ନାମେଣ୍ଟରେ ଖେଳ ପ୍ରଦର୍ଶନ କରିବେ ବୋଲି ଆସୋସିଏଶନର ସଭାପତି କାମାକ୍ଷା ଦଳବେହେରା କହିଛନ୍ତି।

ଚଳିତବର୍ଷ ଏହାକୁ ଅଧିକ ମାତ୍ରାରେ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ସର୍ବଭାରତୀୟ ଧର୍ମେନ୍ଦ୍ର ସାହୁ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ୧୫ରେ ଏହି ଟୁର୍ନାମେଣ୍ଟ ଉଦ୍‌ଘାଟନୀ ମ୍ୟାଚ୍‌ରେ ଝାଡ଼ଖଣ୍ଡର ଚକ୍ରଧରପୁର ରେଲ୍‌ୱେ ଟିମ ସହିତ କଟକର ରାଇଜିଙ୍ଗ ଷ୍ଟୁଡେଣ୍ଟ ମଧ୍ୟରେ ଖେଳ ହେବାର ଥିବାବେଳେ ୧୬ରେ ଭୁବନେଶ୍ୱରର ଟିସିସି କ୍ରିକେଟ କ୍ଲବ ଓ ଆଦିତ୍ୟ ଇଲେଭେନ ମଧ୍ୟରେ ଅନୁଷ୍ଠିତ ହେବ। ସେହିଭଳି ୧୭ରେ ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ୧୮ରେ ଭଦ୍ରକର ୟୁନିକ ଇଲେଭେନ କ୍ରିକେଟ କ୍ଲବ ସହିତ କୋଲକାତାର ଏଲ୍ଆର ଏସ ମଧ୍ୟରେ ତୃତୀୟ କ୍ୱାର୍ଟର ଫାଇନାଲ୍ ମ୍ୟାଚ ଖେଳାଯିବାକୁ ଥିବାବେଳେ ୧୯ରେ ରାଞ୍ଚିର ୟୁନିକ କ୍ରିକେଟ୍ କ୍ଲବ ସହିତ ବାଲେଶ୍ୱରର ଆଦର୍ଶ କ୍ରିକେଟ କ୍ଲବ ମଧ୍ୟରେ ଖେଳ ଅନୁଷ୍ଠିତ ହେବ। ସେହିପରି ୨୦ରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଏହି ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟର ଗ୍ରାଣ୍ଡ ଫାଇନାଲ ମ୍ୟାଚ ୨୨ରେ ଅନୁଷ୍ଠିତ ହେବ ବୋଲି ଆସୋସିଏଶନର ବୈଲୋଚନ ସାହୁ ଓ ଶୁଭେନ୍ଦ୍ର ପୃଷ୍ଟି ସୂଚନା ଦେଇଛନ୍ତି। ଫାଇନାଲରେ ଚାମ୍ପିୟନ ଦଳକୁ ୭୦ ହଜାର ଟଙ୍କା ଓ ରନର୍ ଅପ୍ ଦଳକୁ ୫୦ ହଜାର ଟଙ୍କା ସହିତ ଧର୍ମେନ୍ଦ୍ର ସାହୁ ମେମୋରିଆଲ କ୍ରିକେଟ କପ ଦିଆଯିବ।

# ଜଣଙ୍କୁ କାବୁ କରି ପୋଲିସ ଜିମା ଦେଲେ

## ଯୁକ୍ତ ୨ ଛାତ୍ରୀଙ୍କ ବେକ କଟା ଘଟଣା

ଗୋପ,୯।୩(ଭାରତୀ ଭୂଷଣ ଉପାଧ୍ୟାୟ)

୪ ଦିନ ତଳେ ଗୋପ ମହାବିଦ୍ୟାଳୟର ଜଣେ +୨ ଛାତ୍ରୀଙ୍କ ବେକ କଟା ଘଟଣାରେ ସ୍ଥାନୀୟ ଅଞ୍ଚଳର ଯୁବକମାନେ ଜଣେ ବ୍ୟକ୍ତିଙ୍କୁ କାବୁ କରି ପୋଲିସ ଜିମା ଦେଇଛନ୍ତି। ବ୍ୟକ୍ତି ଜଣଙ୍କ ହେଲେ ମାୟାଧର ପଣ୍ଡା।

ପ୍ରକାଶ ଯେ, ଗତ ୬ ତାରିଖ ସକାଳ ସାଢ଼େ ୮ଟାରେ ନାଗପୁର ସାହି ଗ୍ରାମର ଯୁକ୍ତ ୨ ଛାତ୍ରୀ ରାନୀ ବିଶ୍ୱାଳ ଗୋପ ମହାବିଦ୍ୟାଳୟକୁ ପରୀକ୍ଷା ଦେବାକୁ ଯାଉଥିଲେ। ମୁଗୁରିଆ ଗ୍ରାମ ନିକଟରେ କେତେଜଣ ଦୁର୍ବୃତ୍ତ ବ୍ଲେଡ୍ ଦ୍ୱାରା ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଗୋପ ଥାନାଧିକାରୀ ଦୁର୍ଗାଚରଣ ମହାପାତ୍ର ଓ ଅନ୍ୟ ଅଧିକାରୀମାନେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ନାବାଳିକା ଛାତ୍ରୀଙ୍କୁ ଗୋପ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ଛାତ୍ରୀ ଜଣକ ପରୀକ୍ଷାରୁ ବଞ୍ଚିତ ହୋଇଥିବା ବେଳେ ଆହତ ଛାତ୍ରୀ କିଛି ଘଣ୍ଟା ପରେ ଘରକୁ ଫେରିଥିଲେ। ଏହି ଘଟଣାରେ ଜିଲା ଅତିରିକ୍ତ ଏସ ପି ସଚିନ ପଟେଲ, ନିମାପଡ଼ା ଡିଏସ୍‌ପି ଜନାର୍ଦ୍ଦନ ପାଢ଼ୀ, ଗୋପ ଥାନାଧିକାରୀ ଦୁର୍ଗାଚରଣ ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଏ ସମ୍ପର୍କରେ ଗୋପ ଥାନାରେ ନାବାଳିକାଙ୍କ ବାପାଙ୍କ ଅଭିଯୋଗକୁ ଭିତ୍ତିକରି ୭୭/୨୬ରେ ଏକ ମାମଲା ରୁଜୁ ହୋଇଥିବା ବେଳେ ପୋଲିସ ଏହି ଘଟଣାରେ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି। ଏହି ଅଭିଯୋଗକୁ ନେଇ ଥାନାଧିକାରୀ ଦୁର୍ଗାଚରଣ ମହାପାତ୍ର କହିଛନ୍ତି, ତଦନ୍ତ ପରେ ଯାହା କିଛି କାର୍ଯ୍ୟାନୁଷ୍ଠାନ ନିଆଯିବ।

# ପୁରୀ ଐତିହ୍ୟ ପଦଯାତ୍ରାର ଉନବିଂଶ ସଂସ୍କରଣ ପଦଯାତ୍ରା

ପୁରୀ,୯।୩(ଅଜିତ୍ କୁମାର ମହାନ୍ତି)




ଐତିହ୍ୟ ପଦଯାତ୍ରୀମାନେ ଲୋକନାଥ ମନ୍ଦିର ବୁଲି ଦେଖୁଛନ୍ତି ।

ପୁରୀ ଐତିହ୍ୟ ପଦଯାତ୍ରାର ଉନବିଂଶ ସଂସ୍କରଣରେ ପଦଯାତ୍ରୀମାନେ ଲୋକନାଥ ମାର୍ଗ ଅନ୍ୱେଷଣ କରିଛନ୍ତି। ଯାତ୍ରା ଆରମ୍ଭରେ ଐତିହ୍ୟପ୍ରେମୀ ସଦସ୍ୟମାନେ ଛପନଛକ ସ୍ଥିତ ବର୍ଗୀ ମହାବୀର ମନ୍ଦିରରେ ଏକତ୍ରିତ ହୋଇ ଉକ୍ତସ୍ଥାନର ଇତିହାସ ବିଷୟରେ ଚର୍ଚ୍ଚା କରିଥିଲେ। ଐତିହ୍ୟାନ୍ୱେଷୀ ଅଶୋକା ମଞ୍ଜରୀ ନାୟକ ବର୍ଗୀ ମହାବୀରଙ୍କ ନାମକରଣ ଓ ମନ୍ଦିର ବିଷୟରେ ସମସ୍ତଙ୍କୁ ବୁଝାଇଥିଲେ। ପରେ ଯାତ୍ରୀମାନେ ଦୁଃଖିଶ୍ୟାମ ଛତା ମଠ ଯାତ୍ରା କରିଥିଲେ। ଐତିହ୍ୟାନ୍ୱେଷୀ ରାଜେଶ୍ୱର ମହାନ୍ତି ଏହି ସ୍ଥାନ ବିଷୟରେ ବୁଝାଇବାକୁ ଯାଇ ବାବାଙ୍କର ବିଭିନ୍ନ ଅଲୌକିକତା ବ୍ୟାଖ୍ୟା କରିଥିଲେ। ପରବର୍ତ୍ତୀ ସ୍ଥାନ ଶଙ୍କରପୁର ଅଭିମୁଖେ ବାହାରି ଶଙ୍କରେଶ୍ୱର ମହାଦେବଙ୍କ ଦର୍ଶନ ସହିତ ତାଙ୍କର ମହିମା ଶୁଣିଥିଲେ। ପଦଯାତ୍ରୀମାନେ ପରେ ବାବା ଲୋକନାଥଙ୍କ ମନ୍ଦିର ଅଭିମୁଖେ ବାହାରିଥିଲେ।

ଶ୍ରୀକ୍ଷେତ୍ରର ଦ୍ୱିତୀୟ ପାଣ୍ଡବ ଭୀମଙ୍କ ରୂପରେ ଅଭିହିତ ବାବା ଲୋକନାଥଙ୍କ ମନ୍ଦିରରେ ମହାଦେବ ଏବଂ ଉମା ମହେଶ୍ୱରଙ୍କ ଦର୍ଶନ ପରେ ମନ୍ଦିର ପ୍ରାଙ୍ଗଣରେ ବସି ଏହାର ସ୍ଥାପତ୍ୟ, ଇତିହାସ, ନୀତିକାନ୍ତି ଓ ପର୍ବପର୍ବାଣି ବିଷୟରେ ଆଲୋଚନା କରାଯାଇଥିଲା। ବାବା ଲୋକନାଥଙ୍କ ବିଷୟରେ ଅତି ସରଳ ଭାବରେ ପ୍ରିୟଙ୍କର ମହାରଣା ଓ ଜ୍ୟୋତ୍ସ୍ନା ମହାପାତ୍ର ଆଲୋକପାତ କରିଥିଲେ। ଏହି ପରିପ୍ରେକ୍ଷୀରେ ସମୂହ ମହିଳା ପଦଯାତ୍ରୀଙ୍କୁ ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଥଲା। ସଂଯୋଜକ ଡ. କୁମାର ଅରୋଜ୍ୟୋତି ଓ ସହ ସଂଯୋଜିକା ଅଶୋକା ମଞ୍ଜରୀ ନାୟକଙ୍କ ପଥ ପ୍ରଦର୍ଶନରେ ଯାତ୍ରା ସମାପ୍ତ ହୋଇଥିଲା। ଏଥିରେ ଯୋଗଦେଇଥିବା ଅନ୍ୟ ପ୍ରମୁଖ ସଦସ୍ୟଙ୍କ ମଧ୍ୟରେ ଦେବାଶିଷ ମିଶ୍ର, ରତ୍ନ ପଟ୍ଟନାୟକ, ସୁପ୍ରଭା ସାହୁ, ସୁବ୍ରତ କୁମାର ବଳ, ତନ୍ମୟ ଚାଟାର୍ଜୀ, ସସ୍ମିତା ପଟ୍ଟନାୟକ, ସୁମନ ମଣ୍ଡଳ, ଦେବୀ ପ୍ରସାଦ ଧର, ଅମ୍ବିକା ପ୍ରସାଦ ମିଶ୍ର, ସୁନିଲ କୁମାର ପଲେଇ, ସୌମେନ୍ଦ୍ର କୁମାର ଦାସ, ବିଶ୍ୱମୋହନ ସାହୁ ଓ ସତ୍ୟପ୍ରକାଶ ନାୟକ ପ୍ରମୁଖ ଯୋଗଦେଇ ପଦଯାତ୍ରାକୁ ସଫଳ କରିଥିଲେ।

## ଉତ୍କଳ ସାହିତ୍ୟ ସମାଜ ସଭ୍ୟଙ୍କ ସଂକଳ୍ପ ପାଠ

କଟକ,(କାର୍ତ୍ତିକ ସାହୁ): ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ମନୋନୀତ ଉପସଭାପତି ଓ କାର୍ଯ୍ୟ ନିର୍ବାହିକା ସମିତି ସଭ୍ୟଙ୍କ ସଂକଳ୍ପ ପାଠ ଶତାବ୍ଦୀ ଭବନର ସାହିତ୍ୟ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମନୋନୀତ ଉପସଭାପତି ଭାବେ ଡ. ରମାକାନ୍ତ ସିଂହ (ମୟୂରଭଞ୍ଜ) ଓ ସୁଶାନ୍ତ କୁମାର ନାୟକ (ରାୟଗଡ଼ା) ଏବଂ ମନୋନୀତ କାର୍ଯ୍ୟ ନିର୍ବାହିକା ସମିତି ସଭ୍ୟ ଭାବେ ଶିବାଶିଷ କର (କଟକ) ଓ ଡ. ଆର୍ଯ୍ୟକୁମାର ହର୍ଷବର୍ଦ୍ଧନ (ସୁବର୍ଣ୍ଣପୁର)ଙ୍କୁ ଅନୁଷ୍ଠାନର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଶପଥପାଠ କରାଇଛନ୍ତି। ସାଧାରଣ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ ପ୍ରାରମ୍ଭିକ ସୂଚନା ଓ ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ସମ୍ପାଦକ ବ୍ରହ୍ମାନନ୍ଦ ମହାନ୍ତି, କୋଷାଧକ୍ଷ ଦିଲୀପ କୁମାର ଦାସ, କାର୍ଯ୍ୟ ନିର୍ବାହିକା ସମିତି ସଭ୍ୟ ଡ. ବୈଜୟନ୍ତୀମାଳା ଶତପଥୀ, ଡ. ରଘୁ ସାହୁ ଓ ଗୀତାଞ୍ଜଳି ପୃଷ୍ଟି ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୧୫୫ ଲିଟର ଦେଶୀମଦ ଜବତ, ୫ ଗିରଫ

ମଙ୍ଗୁଳି-ଜଗତପୁର, ୯।୩(ମାନସ ସାମଲ)

ଚୌଦ୍ୱାର ଅବକାରୀ ବିଭାଗ ବେଆଇନ ଦେଶୀ ମଦବିକ୍ରି ଅଭିଯୋଗରେ ୩ ଯୁବକ ଓ ୨ ମହିଳାଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଶାଳଗାଁ ଗ୍ରାମର ଶିବରାମ ମଲିକ, ଓସିଏଲ୍ ଅଞ୍ଚଳର ମୁକ୍ତା ସରେନ, ନଖରା ଗ୍ରାମର ପି. ରାମା, ଜଗତପୁର ଅଞ୍ଚଳର ଏରିଆ ରାଓ, ଲକ୍ଷ୍ମଣପୁରର ଶଙ୍କର ସ୍ୱାଇଁ। ସେମାନଙ୍କ ନିକଟରୁ ଅବକାରୀ ବିଭାଗ ୧୫୫ ଲିଟର ଦେଶୀମଦ ଜବତ କରିଛି। ସୂଚନା ମୁତାବକ, ବିଶେଷ ସୂତ୍ରରୁ ଖବର ପାଇ କଟକ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ବିଭାଗ ପକ୍ଷରୁ ଜଗତପୁର ଥାନା ଅଧୀନ ଲକ୍ଷ୍ମଣପୁର, ଟାଙ୍ଗୀ ଥାନା ଅଧୀନ ଓସିଏଲ, ନଖରା, ଶଳାଗାଁ ଅଞ୍ଚଳରେ ଚଢ଼ାଉ କରି ବିଭିନ୍ନ ଦୋକାନରୁ ଦେଶୀମଦ ଜବତ କରିଥିଲା। ଅବକାରୀ ବିଭାଗ ନିଜଆଡୁ ୫ଟି ପୃଥକ୍ ମାମଲା (ନଂ. ୨୪୪, ୨୪୫, ୨୪୬, ୨୪୭, ୨୪୮/୨୬) ରୁଜୁ କରିଛି। ଚଢ଼ାଉରେ ଇନ୍ସପେକ୍ଟର ମାନସୀ ନାୟକ, ଚୌଦ୍ୱାର ଅବକାରୀ ଥାନା ଇନ୍ସପେକ୍ଟର ଭକ୍ତବତ୍ସଳ ବର୍ମା, ଆଶୁତୋଷ ଜେନା, ରାଜକୃଷ୍ଣ ବିଶ୍ୱାଳ, ସୁନିଲ ବଳ, ଗୀତାଞ୍ଜଳି ବେହେରା ପ୍ରମୁଖ ସାମିଲ ଥିଲେ।

### ୧୩ରେ ଓଡ଼ିଶା ରାଜ୍ୟ ମହିଳା ଆୟୋଗଙ୍କ ଜନଶୁଣାଣି

**ଭାଗ ନେବେ କଟକ, ଜଗତ୍‌ସିଂହପୁରର ମହିଳା**

କଟକ,୯।୩(କାର୍ତ୍ତିକ ସାହୁ)

ମହିଳାମାନଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି ନିମନ୍ତେ ଆସନ୍ତା ୧୩ ତାରିଖ ପୂର୍ବାହ୍ନ ୧୦ଟାରେ କଟକସ୍ଥିତ ନେତାଜୀ ସଂସ୍କୃତି ଭବନଠାରେ ଏକ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ କଟକ ଓ ଜଗତ୍‌ସିଂହପୁରର ମହିଳା ଅଭିଯୋଗକାରୀ ଅଂଶଗ୍ରହଣ କରିପାରିବେ। ମହିଳାଙ୍କ ଘରୋଇ ହିଂସା, ନିର୍ଯାତନା, ଯୌତୁକ, ସମ୍ପତ୍ତି ବିବାଦ, କାର୍ଯ୍ୟସ୍ଥଳରେ ନିର୍ଯାତନା, ସାଇବର ଅପରାଧ, ପରିତ୍ୟାଗ, ବୈବାହିକ ବିବାଦ, ମହିଳା ଅଧିକାର ଉଲ୍ଲଂଘନ ଏବଂ ମହିଳା କଲ୍ୟାଣ ସମ୍ପର୍କିତ ଅନ୍ୟାନ୍ୟ ପ୍ରସଙ୍ଗ ସହିତ ଜଡ଼ିତ ଅଭିଯୋଗର ଶୁଣାଣି କରାଯିବ। ମାମଲାଗୁଡ଼ିକର ଉପସ୍ଥାପନା ଓ ଶୁଣାଣି ପାଇଁ ମହିଳାମାନଙ୍କୁ ଏକ ନିଃଶୁଳ୍କ ପ୍ଲାଟଫର୍ମ ଯୋଗାଇବା ଲକ୍ଷ୍ୟରେ ଜାତୀୟ ମହିଳା ଆୟୋଗ ଏବଂ ଓଡ଼ିଶା ରାଜ୍ୟ ମହିଳା ଆୟୋଗଙ୍କ ମିଳିତ ସହଯୋଗରେ ଏହି ଜନଶୁଣାଣି ଅନୁଷ୍ଠିତ ହେଉଛି। ଅଭିଯୋଗଗୁଡିକ ସମାଧାନ ଚାହୁଁଥିବା ସମସ୍ତ ଅଭିଯୋଗକାରିଣୀ ମହିଳା/ପକ୍ଷମାନଙ୍କୁ ଉକ୍ତ ଜନଶୁଣାଣି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ନିଜ ମାମଲା ଉପସ୍ଥାପନ ସହ ଆୟୋଗ ପକ୍ଷରୁ ନ୍ୟାୟ ପ୍ରଦାନ କାର୍ଯ୍ୟକ୍ରମର ସୁଯୋଗ ନେବାକୁ ଜନସାଧାରଣଙ୍କୁ ଆୟୋଗଙ୍କ ପକ୍ଷରୁ ଅନୁରୋଧ କରାଯାଇଛି। କୌଣସି ପୀଡ଼ିତା ନୂତନ ଅଭିଯୋଗ ପଞ୍ଜୀକରଣ କରିବାକୁ ଚାହୁଁଥିଲେ ସେ ଉକ୍ତ ଜନଶୁଣାଣିରେ ଉପସ୍ଥିତ ରହି ଆବେଦନ କରିପାରିବେ।

### ୪୮ ମଣ୍ଡଳ ଦୋଳ ମେଳଣର ସମୀକ୍ଷା ବୈଠକ

କଟକ ସଦର,୯।୩(ସୁଶାନ୍ତ କୁମାର ଜେନା)

୪୨ ମୌଜା ଅନ୍ତର୍ଗତ ୪୮ ମଣ୍ଡଳ ଦୋଳ ମେଳଣ ସୁରୁଖୁରୁରେ ସମାପନ ହେବା ଅବସରରେ ରବିବାର ଏକ ସମୀକ୍ଷା ବୈଠକ କଳପଡ଼ାଠାରେ ଅନୁଷ୍ଠିତ ହୋଇଯାଇଛି। ଖାରକଟା ମଣ୍ଡଳ ଅଧିକାରୀ ଅଲେଖ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସର୍ବାଧିକାରୀ ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ୪୨ ମୌଜା ଥାନାଧିକାରୀ ହେମନ୍ତ କୁମାର ସେଠୀ, ସମ୍ପାଦକ ପ୍ରଶାନ୍ତ କୁମାର ନାୟକ, ଗୋବିନ୍ଦପୁର ଗ୍ରାମ ଅଧିକାରୀ ସନ୍ତୋଷ କୁମାର ରଥଙ୍କ ସମେତ ସମସ୍ତ ମଣ୍ଡଳ ଅଧିକାରୀ, ମହନ୍ତମାନେ ଯୋଗ ଦେଇଥିଲେ। ବିଶେଷ କରି କୌଣସି ମେଳଣରେ ବାଣ ଫୁଟାଇ ନ ଥିବାରୁ ଏହି ଭଳି ଧାରା ଆଗାମୀ ଦିନରେ ଜାରି ରଖିବାକୁ ପରାମର୍ଶ ଦିଆଯାଇଥିଲା। ଆସନ୍ତାବର୍ଷ ମଧ୍ୟରେ ୪୮ ମଣ୍ଡଳର ନିଜସ୍ୱ ସଭାଗୃହ କାର୍ଯ୍ୟ ସମାପ୍ତ କରିବାକୁ ସ୍ଥିର କରାଯାଇଥିଲା। ରବୀନ୍ଦ୍ର କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ଖୋଲିବ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍

**ଗ୍ରୀଷ୍ମ ପ୍ରବାହ ନେଇ ସିଏମ୍‌ସିର ପ୍ରସ୍ତୁତି**

■ ୧୦ ଟ୍ରାଫିକ୍ ଛକରେ ହେବ ଅସ୍ଥାୟୀ ଶେଡ୍

■ ୨୪ ଘଣ୍ଟିଆ ଜଳ ଯୋଗାଣ, ନିରବଚ୍ଛିନ୍ନ ବିଦ୍ୟୁତ୍ ସରବରାହ

କଟକ,୯।୩(କାର୍ତ୍ତିକ ସାହୁ)



ସିଏମ୍‌ସି ବୈଠକରେ ଉପସ୍ଥିତ ମେୟର, ଡେପୁଟି ମେୟର, କମିଶନର ଏବଂ କର୍ପୋରେଟର।

ଗ୍ରୀଷ୍ମ ପ୍ରବାହ ଲାଗି କଟକ ମହାନଗର ନିଗମ (ସିଏମ୍‌ସି)ର ପ୍ରସ୍ତୁତି ଆରମ୍ଭ ହୋଇଛି। ଏନେଇ ପ୍ରାଥମିକ ସମୀକ୍ଷା ବୈଠକ ଚୌଧୁରୀବଜାରସ୍ଥିତ ବିଜୁ ଭବନରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସିଏମ୍‌ସି ମେୟର ସୁବାସ ଚନ୍ଦ୍ର ସିଂ ଅଧ୍ୟକ୍ଷତା କରି ମାର୍ଚ୍ଚ ୧୫ରୁ ଜୁନ ୩୦ ତାରିଖ ପର୍ଯ୍ୟନ୍ତ ସିଏମ୍‌ସି ଅଞ୍ଚଳରେ ଆବଶ୍ୟକ ବ୍ୟବସ୍ଥା କରିବା ସହ ନିୟମିତ ତଦାରଖ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି।
 ସିଏମ୍‌ସି କମିଶନର କିରନଦୀପ କୌର ସହୋତା ଗ୍ରୀଷ୍ମପ୍ରବାହ ମୁକାବିଲା ନେଇ ସମସ୍ତ ଲାଇନ ବିଭାଗର ପ୍ରସ୍ତୁତି ସମୀକ୍ଷା କରିଛନ୍ତି। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସିଏମ୍‌ସିର ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଜରିଆରେ ସ୍ଥିତିର ଅନୁଧ୍ୟାନ କରିବା ଓ ସହରର ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲିବା ନେଇ ଆଲୋଚନା କରାଯାଇଛି। ସେହିପରି ଅଂଶୁଘାତ ପ୍ରଭାବିତଙ୍କ ଲାଗି ସହରର ୨୫ଟି ହସ୍ପିଟାଲରେ ସ୍ୱତନ୍ତ୍ର ବେଡ୍ ବ୍ୟବସ୍ଥା ସହ ଆବଶ୍ୟକ ହେଲେ ଏହାକୁ ବଢ଼ାଇବା ନେଇ ନିର୍ଦ୍ଦେଶ ଦିଆଯାଇଛି। ସହରରେ ଥିବା ସମସ୍ତ ନଳକୂଅର ମରାମତି କରି ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ କରିବା ସହ ୨୪ ଘଣ୍ଟିଆ ଜଳଯୋଗାଣ ଏବଂ ଆବଶ୍ୟକ ପାଣିଟାଙ୍କି ମହଜୁଦ ରଖିବା ପାଇଁ ୱାଟକୋ ଅଧିକାରୀଙ୍କ ସହ ଆଲୋଚନା କରାଯାଇଛି। ଗ୍ରୀଷ୍ମପ୍ରବାହ ସମୟରେ ପଥଚାରୀଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ସହରର ୧୦ଟି ଟ୍ରାଫିକ ଛକରେ ଅସ୍ଥାୟୀ ଶେଡ୍ ନିର୍ମାଣ ଲାଗି ଯୋଜନା କରାଯାଇଛି। ନିରବଚ୍ଛିନ୍ନ ବିଦ୍ୟୁତ୍ ସରବରାହ, ବଜାରରେ ନିୟମିତ ଖାଦ୍ୟ ଯାଞ୍ଚ ଓ ଅଂଶୁଘାତ ମୁକାବିଲା ଲାଗି ବିଜ୍ଞାପନ ଓ ପ୍ରଚାର ଜରିଆରେ ଜନ ସଚେତନତା ସୃଷ୍ଟି କରିବା ଆଦି ବିଷୟରେ ଆଲୋଚନା କରାଯାଇଥିଲା। ପଶୁପକ୍ଷୀଙ୍କ ଲାଗି ସହରରେ ଆବଶ୍ୟକ ଜଳପାତ୍ରର ବ୍ୟବସ୍ଥା କରିବାକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ସିଏମ୍‌ସି ଡେପୁଟି ମେୟର ଦମୟନ୍ତୀ ମାଝୀଙ୍କ ସମେତ ଜନଶୁଣାଣି ଓ ସାମାଜିକ ନ୍ୟାୟ ଷ୍ଟାଣ୍ଡିଂ କମିଟି, ଜନସ୍ୱାସ୍ଥ୍ୟ ଷ୍ଟାଣ୍ଡିଂ କମିଟି ଅଧକ୍ଷ ଏବଂ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# କିଶନ ନଗର ତହସିଲସ୍ତରୀୟ ଜନଶୁଣାଣି ଶିବିର



ଜନଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀ।

କଟକ ସଦର,୯।୩(ସୁଶାନ୍ତ କୁମାର ଜେନା)

କିଶନ ନଗର ତହସିଲ କାର୍ଯ୍ୟାଳୟରେ ସୋମବାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଅଭିଯୋଗକାରୀଙ୍କ ସଂଖ୍ୟା କମ ଥିବାରୁ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ମାତ୍ର ୧୫ ମିନିଟ ମଧ୍ୟରେ ଶୁଣାଣି ସ୍ଥାନ ଛାଡି ଚାଲିଯାଇଥିଲେ। ଏ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧି ପଚାରିବାରୁ କିଛି ନ କହି ଚାଲିଯାଇଥିଲେ। ପ୍ରଚାର ଅଭାବରୁ ଏପରି ହେଲା ବୋଲି ଉପସ୍ଥିତ ଲୋକମାନେ ସ୍ଥାନୀୟ ତହସିଲଦାର କ୍ଷୀରୋଦ ଚନ୍ଦ୍ର ଦାଶଙ୍କ ଉପରେ ଦୋଷାରୋପ କରିଥିଲେ। ଅତିରିକ୍ତ ଜିଲାପାଳ କମଳଜିତ୍ ଦାସ ଏହା ଉପରେ ଆଗାମୀ ଦିନରେ ଦୃଷ୍ଟି ଦିଆଯିବ ବୋଲି କହିଥିଲେ। ଅନ୍ୟପକ୍ଷରେ ଜନଶୁଣାଣି ଶିବିରରେ ଆସୁଥିବା ଅଭିଯୋଗକୁ ଜନଶୁଣାଣି ପୋର୍ଟାଲରେ ଅପଲୋଡ କରାଯାଉଛି। ମାତ୍ର ଫଳ କିଛି ହେଉନାହିଁ। ଏହାର ଏକ

**୧୫ ମିନିଟ ପରେ ଶୁଣାଣି ଗୃହ ତ୍ୟାଗ କଲେ ଜିଲାପାଳ**

ଉଦାହରଣ କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସସ୍ଥିତ ହଂସନାଥ ନୋଡାଲ ହାଇସ୍କୁଲ। ଏଥିରେ ଜଣେ ପୁରାତନ ବିଦ୍ୟାର୍ଥୀଙ୍କୁ ଜାଲ ସାର୍ଟିଫିକେଟ ଦିଆଯାଇଛି। ଏହାଛଡା ଜଣେ ବ୍ୟକ୍ତିଙ୍କ ୨ଟି ଭିନ୍ନ ମାଟ୍ରିକ ସାର୍ଟିଫିକେଟ ଅଛି। ଏହାର ତଦନ୍ତ ପାଇଁ ଜିଲାପାଳ ୩ ମାସ ହେବ ଆଦେଶ ଦେଇଥିଲେ ସୁଦ୍ଧା ଜିଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ ତଦନ୍ତ ନ କରି ହାଇସ୍କୁଲର ଷ୍ଟାଫମାନଙ୍କୁ ସୁରକ୍ଷା ଦେଉଛନ୍ତି। ଏହି ଅଭିଯୋଗ ଅତିରିକ୍ତ ଜିଲାପାଳ ଦାସଙ୍କଠାରେ କରାଯିବାରୁ ଜିଲା ଶିକ୍ଷା ଅଧିକାରୀ ବାରିକ ଶୁଣାଣି ଗୃହରୁ ଅନ୍ତର୍ଦ୍ଧାନ ହୋଇଯାଇଥିଲେ। ଶିବିରରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ଉପଜିଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ବିଡିଓ ପ୍ରତୀକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଜନଗଣନା ସ୍ୱଚ୍ଛ, ନିର୍ଭୁଲ ହେବ




ଜିଲାସ୍ତରୀୟ କ୍ଷେତ୍ର ପ୍ରଶିକ୍ଷକମାନଙ୍କୁ ତାଲିମ ଦିଆଯାଉଛି।

**ଜିଲାସ୍ତରୀୟ କ୍ଷେତ୍ର ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣ ଆରମ୍ଭ**

କଟକ,୯।୩(କାର୍ତ୍ତିକ ସାହୁ)

ଜନଗଣନାକୁ ସ୍ୱଚ୍ଛ ଓ ନିର୍ଭୁଲ ଭାବେ ସମ୍ପନ୍ନ କରିବା ଲକ୍ଷ୍ୟରେ ଜିଲା ପ୍ରଶାସନ ପକ୍ଷରୁ ପ୍ରଥମ ପର୍ଯ୍ୟାୟ କ୍ଷେତ୍ର ପ୍ରଶିକ୍ଷକମାନଙ୍କ ଜିଲାସ୍ତରୀୟ ପ୍ରଶିକ୍ଷଣ ସୋମବାରଠାରୁ ଆରମ୍ଭ ହୋଇଛି। ମାର୍ଚ୍ଚ ୯ରୁ ୧୬ ତାରିଖ ପର୍ଯ୍ୟନ୍ତ ଦୁଇଟି ବ୍ୟାଚ୍‌ରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହେବ। କଟକ ଜିଲାପାଳ ତଥା ଜିଲା ପ୍ରମୁଖ ଜନଗଣନା ଅଧିକାରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ନିର୍ଦ୍ଦେଶାନୁସାରେ ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ତଥା ଜିଲା ଜନଗଣନା ଅଧିକାରୀ କମଳଜିତ ଦାସଙ୍କ ସହ ପରିଚାଳନା ଓ ପ୍ରଶାସନିକ ତଦାରଖରେ ପ୍ରଶିକ୍ଷଣ ଚାଲିଛି। ପ୍ରଶିକ୍ଷଣ କାର୍ଯ୍ୟକ୍ରମର ପ୍ରଥମ ଦିନରେ ଜନଗଣନା ସମ୍ପର୍କିତ ବିଭିନ୍ନ ଆଇନଗତ ଦିଗ, ଏନୁମେରେଟର ଓ ସୁପରଭାଇଜରମାନଙ୍କୁ ପ୍ରଶିକ୍ଷଣ ଦେବାର ପଦ୍ଧତି ସହିତ ଅନ୍ୟାନ୍ୟ ବିଭିନ୍ନ ଆବଶ୍ୟକ ଦିଗ ଉପରେ ପ୍ରଶିକ୍ଷଣ ଦିଆଯାଇଛି। ଆସନ୍ତା ଏପ୍ରିଲ ୧ରୁ ୭ ତାରିଖ ପର୍ଯ୍ୟନ୍ତ ଜିଲାର ଏନୁମେରେଟର ଓ ସୁପରଭାଇଜରମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ଏପ୍ରିଲ ୭ରୁ ୧୫ ତାରିଖ ପର୍ଯ୍ୟନ୍ତ ଏନୁମେରେଟର ଓ ସୁପରଭାଇଜରମାନଙ୍କ ପାଇଁ ଏକ ପ୍ରାକ୍ଟିସ ୱିଣ୍ଡୋ ଖୋଲାଯିବ। ଯଦ୍ୱାରା ପ୍ରଶିକ୍ଷଣରେ ଶିଖିଥିବା ପ୍ରକ୍ରିୟାକୁ ସେମାନେ ପ୍ରାୟୋଗିକ ଭାବେ ଅଭ୍ୟାସ କରିବେ। ଏହି ଜରିଆରେ ଅଧିକାରୀମାନେ କ୍ଷେତ୍ରସ୍ତରରେ ତଥ୍ୟ ସଂଗ୍ରହ କରିବା ବେଳେ ଜନଗଣନାରେ ନିୟୋଜିତ ଏନ୍ୟୁମେରେଟରମାନଙ୍କ ଭୂମିକା ଓ ଦାୟିତ୍ୱ ସମ୍ପାଦନ କରିବା ସହ ତଥ୍ୟ ସଂଗ୍ରହ ପ୍ରକ୍ରିୟାରେ ସକ୍ରିୟତା ଅବଲମ୍ବନ କରିପାରିବେ ବୋଲି ଅତିରିକ୍ତ ଜିଲାପାଳ ଦାସ ସୂଚନା ଦେଇଛନ୍ତି। ପ୍ରଥମ ଥର ପାଇଁ ଏହି ଜନଗଣନା ସମ୍ପୂର୍ଣ୍ଣ ଭାବେ ଡିଜିଟିକରଣ ମାଧ୍ୟମରେ କରାଯାଉଛି ବୋଲି ସୂଚନା ଦେଇ ଉଭୟ ସହକାରୀ ନିର୍ଦ୍ଦେଶକ (ରାଜ୍ୟ ଜନଗଣନା ପରିଚାଳନା କେନ୍ଦ୍ର) ମିଲିତା ଦତ୍ତ ଓ ଡେପୁଟି କଲେକ୍ଟର (ଜନଗଣନା) ନୁରି ପରଭିନ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

### ଶିକ୍ଷାବିତ୍ ଧରଣୀଧର ବେହେରାଙ୍କ ପରଲୋକ

କଟକ ସଦର,୯।୩(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ପାରାବିଲ ଗ୍ରାମର ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ଧରଣୀଧର ବେହେରା(୯୦)ଙ୍କ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କ ମରଶରୀରକୁ ଭୁବନେଶ୍ୱରରୁ ଅଣାଯାଇ ଗ୍ରାମ ପରିକ୍ରମା କରାଯାଇଥିଲା। ରାତିରେ ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଛି। ଏକମାତ୍ର ପୁତ୍ର ଇଂ. ସ୍ମୃତିରଞ୍ଜନ ବେହେରା ମୁଖାଗ୍ନି ଦେଇଥିଲେ। ବିଭିନ୍ନ ଅଞ୍ଚଳରୁ ପୁରାତନ ଛାତ୍ର, ବୁଦ୍ଧିଜୀବୀ ଓ ରାଜନେତା ତାଙ୍କର ଶେଷ ଦର୍ଶନ କରିଥିଲେ।

# ‘ବଣିଆ ଜାତି ପାଇଁ ଜୀବନକୁ ଉତ୍ସର୍ଗ କରିଥିଲେ ସୁରେନ୍ଦ୍ର’

କଟକ,୯।୩(କାର୍ତ୍ତିକ ସାହୁ)

ଉତ୍କଳ ସ୍ୱର୍ଣ୍ଣ ରୌପ୍ୟ ଶିଳ୍ପୀ ସଂଘର ସର୍ବବରିଷ୍ଠ ଓ ପ୍ରମୁଖ ଉପଦେଷ୍ଟା ସଦସ୍ୟ ସୁରେନ୍ଦ୍ର ମହାରଣାଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଶିଳ୍ପୀ ସ୍ୱର୍ଗତ ମହାରଣା ସମଗ୍ର ବଣିଆ ଜାତି ତଥା କାରିଗରମାନଙ୍କ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମ ପାଇଁ ପିଲାଟି ଦିନରୁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ସେ ସୁପରାମର୍ଶ ଦ୍ୱାରା ସଂଘକୁ ଉନ୍ନତି ଦିଗରେ ଆଗେଇ ନେଉଥିଲେ ବୋଲି ସଂଘର ସଭାପତି ବ୍ରହ୍ମାନନ୍ଦ ମହାରଣା ଅଧ୍ୟକ୍ଷତା କରି ମତବ୍ୟକ୍ତ କରିଛନ୍ତି। ସଂଘର ସମ୍ପାଦକ ଗିରୀଶ ପୃଷ୍ଟି, କୋଷାଧକ୍ଷ ମନୋଜ ମହାରଣା, ବୈଷୟିକ ମୁଖ୍ୟ ସରୋଜ ମହାରଣା, ଓଡ଼ିଶା ଜୁଏଲର୍ସ ଆସୋସିଏଶନ୍‌ର ଦିଲୀପ ପୃଷ୍ଟି, ପ୍ରସାଦ ତ୍ରିପାଠୀ, ଦୀପକ ଦାସ, ପ୍ରଦୀପ ସାହୁ, ନମିତା ମଞ୍ଜରୀ ସାହୁ, କ୍ଷୀରୋଦ ସାହୁ, ସୁବାସ ଦାସ ଓ ଶୁଭ୍ରାଂଶୁ ଶେଖର ତ୍ରିପାଠୀ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ସମ୍ମାନାର୍ଥେ ସମଗ୍ର କଟକର କାରିଗର ଅନୁଷ୍ଠାନ ଦିନିକିଆ ବନ୍ଦ ପାଳନ କରିଥିଲେ।

# ଦିବ୍ୟାଙ୍ଗ ଖବରକାଗଜ ବିତରକ ରୀନାଙ୍କୁ ‘ପ୍ରେରଣା’ ସମ୍ମାନ

ମଙ୍ଗୁଳି-ଜଗତପୁର,୯।୩(ମାନସ ସାମଲ)



ଦିବ୍ୟାଙ୍ଗ ରୀନା ଭୂୟାଁଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ ଉପସ୍ଥିତ ଅତିଥି।

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ବାଣୀପଦାସ୍ଥିତ ଉତ୍କଳ ଇଣ୍ଟରନ୍ୟାଶନାଲ ସ୍କୁଲ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ଚୌଦ୍ୱାର ଦିବ୍ୟାଙ୍ଗ ମହିଳା ଖବରକାଗଜ ବିତରକ ରୀନା ଭୂୟାଁଙ୍କୁ ବିଦ୍ୟାଳୟ ପକ୍ଷରୁ ‘ପ୍ରେରଣା’ ସମ୍ମାନ ପ୍ରଦାନ କରାଯାଇଛି। ରାଜ୍ୟରେ ଅନେକ ମହିଳା ଯେଉଁମାନେ ସମାଜ ପାଇଁ ଉଦାହରଣ ସୃଷ୍ଟି କରି ଅନ୍ୟଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ସେହିଭଳି ରୀନ ଭିନ୍ନକ୍ଷମ ହୋଇ ମଧ୍ୟ କେବେ ହେଲେ ହାରମାନିନାହାନ୍ତି। ସେ ସକାଳୁ ୫ ଶହ ଘର ବୁଲି ଖବରକାଗଜ ବାଣ୍ଟୁଥିବା ବେଳେ ଅପରାହ୍ନ ୨ଟାରୁ ୧୦ଯାଏ ଟାଙ୍ଗୀ ପେଟ୍ରୋଲରେ ସେଲସମ୍ୟାନ ଭାବେ କାର୍ଯ୍ୟ କରି ମାନବ ସମାଜ ପାଇଁ ପ୍ରେରଣାଦାୟୀ ମହିଳା। ସେଥିପାଇଁ ବିଦ୍ୟାଳୟ ପକ୍ଷରୁ ତାଙ୍କୁ ସମ୍ମାନିତ କରି ଗର୍ବ ଅନୁଭବ କରୁଛି ବୋଲି ପ୍ରତିଷ୍ଠାତା ଡ. ଗଣେଶ ପ୍ରସାଦ ବେହେରା କହିଛନ୍ତି। ଶିକ୍ଷୟିତ୍ରୀ ଦେବସ୍ମିତା ସ୍ୱାଇଁ, ବିନ୍ଦୁ ସ୍ୱାଇଁ, ରଶ୍ମିରେଖା ରାଉତ, ଶୁଭଶ୍ରୀ ମହାନ୍ତି, ସ୍ୱାଗତିକା ଦାସ, ଶିଳା ପ୍ରଧାନ, ଜ୍ୟୋତିର୍ମୟୀ ସାହୁ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ। ଜବିନା ଖାତୁନ, ରିନା ଦାସ, ସ୍ରୋତସିନି ସିଂହ, ଗୀତିକା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ସୋନାଲି ଦାସ ଧନ୍ୟବାଦ ଦେଇଥିଲେ।

### କାଠଯୋଡ଼ି ସାହିତ୍ୟ ସଂସଦର ନବମ ବାର୍ଷିକ ଉତ୍ସବ

କଟକ,୯।୩(କାର୍ତ୍ତିକ ସାହୁ)

କାଠଯୋଡ଼ି ସାହିତ୍ୟ ସଂସଦର ନବମ ବାର୍ଷିକ ଉତ୍ସବ ରବିବାର ଖାନ୍‌ନଗରସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ପ୍ରମୋଦ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ପ୍ରଫେସର ବିଜୟାନନ୍ଦ ସିଂହ, ଶାସ୍ତ୍ରୀୟ ସଙ୍ଗୀତଜ୍ଞ ଏ. ମହେଶ୍ୱର ରାଓ, ନାଟ୍ୟକାର ପୀୟୂଷ ରଞ୍ଜନ ପରିଡ଼ା, ଗୀତିକବି ମନୋଜ ପଟ୍ଟନାୟକ, କବୟିତ୍ରି ମହିଜା ଦଳବେହେରା, ସଚ୍ଚି ମହାନ୍ତି, ଡା. ସୁନିଲ ରାଉତ, ଚିତ୍ରଶିଳ୍ପୀ ଶଶିକାନ୍ତ ରାଉତ ଯୋଗଦେଇଥିଲେ। ଏହି ଅବସରରେ କାଠଯୋଡ଼ି ସମ୍ମାନରେ ଡ. ବିଜୟାନନ୍ଦ ସିଂହ, କୈଳାସ ଚନ୍ଦ୍ର ସ୍ୱାଇଁ, କୌଶିକ ନାୟକ, ଡ. ପ୍ରମୋଦ ଦାଶ, ବାସନ୍ତୀ ଦାସ, ବିଜୟ ଜେନା, ସୁଧିର ପ୍ରଧାନ ଏବଂ ଡ. ହୃଷୀକେଶ ମହାରଣା ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ପୀତାମ୍ବର ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସୌମେନ୍ଦ୍ର ମହାପାତ୍ର, ସଂଘମିତ୍ରା ଦାସ, ଗୋଲକ ବିହାରୀ ନାୟକ, ବିଷ୍ଣୁପ୍ରିୟା ସାହୁ ଏବଂ ଜୟନ୍ତୀ ବାରିକ ସଂଯୋଜନା କରିଥିଲେ। ପ୍ରମୋଦ ସାହୁ ଧନ୍ୟବାଦ ଦେଇଥିଲେ। ସମ୍ପାଦକ ବାବାଜୀ ଜେନା କାର୍ଯ୍ୟକ୍ରମ ସଞ୍ଚାଳନା କରିଥିଲେ।

# ନୂଆସାହି ପ୍ରିମିୟର ଲିଗ୍ ଉଦ୍‌ଯାପିତ



ଅତିଥିଙ୍କ ଗହଣରେ ଚାମ୍ପିୟନ ଖେଳାଳି।

ଚୌଦ୍ୱାର,୯।୩(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ୧୭ ନଂ. ୱାର୍ଡ ନୂଆସାହି କ୍ରିକେଟ ଗ୍ରାଉଣ୍ଡରେ ନୂଆସାହି ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ନୂଆସାହି ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ଗତ ୩ ଦିନ ଧରି ଚାଲିଥିବା ଟୁର୍ନାମେଣ୍ଟରେ ସ୍ଥାନୀୟ ଅଞ୍ଚଳର ୮ଟି ଟିମ୍ ଯୋଗଦେଇଥିଲେ। ଫ୍ରେଣ୍ଡସ୍ ଏକାଦଶ ଓ ଦି ବୁଲ କ୍ଲବ ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଫ୍ରେଣ୍ଡସ୍ ଏକାଦଶ ଚାମ୍ପିୟନ ହୋଇଛି। ବିଧାୟକ ସୌଭିକ୍ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଇମ୍ଫା କାରଖାନା ପକ୍ଷରୁ ନୂତନ ଭାବେ ନିର୍ମାଣ କରାଯାଇଥିବା ଖେଳ ପେଣ୍ଡାଲକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧକ୍ଷ ଶୁଭେନ୍ଦୁ ସାମଲ, ଇମ୍ଫାର ଲୋକସମ୍ପର୍କ ଅଧିକାରୀ ମାନସ ବସନ୍ତିଆ, ଅଭିଷେକ ଘୋଷ, ଟେଟ୍ରାହେଡ୍ରନ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଟର ପରିଚାଳକ ତ୍ରିଦିବ ବେହେରା, ଇଂ.ଜ୍ଞାନେନ୍ଦ୍ର ସ୍ୱାଇଁ, କାଉନସିଲର ଆଶୁତୋଷ ଦାସ, କବିତାରଣୀ ଲେଙ୍କା, ଭାସ୍କର ଚନ୍ଦ୍ର ପ୍ରଧାନ, ସୁବାସ ବାରିକ୍ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳଙ୍କୁ ଟ୍ରଫି ପ୍ରଦାନ କରିଥିଲେ। କ୍ଲବର ସୁଜିତ କୁମାର ବେହେରା, ଡାନିଏଲ ପାଢୀ, ଅମୁଲ୍ୟ ବେହେରା, ଆକାଶ ବାରିକ୍‌ଙ୍କ ସମେତ କର୍ମକର୍ତ୍ତା ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।

# ରଘୁନାଥଜୀଉରେ ବିଶ୍ୱ ମହିଳା ଦିବସ



ବିଶ୍ୱ ମହିଳା ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି।

କଟକ,୯।୩(କାର୍ତ୍ତିକ ସାହୁ)

ଦେଉଳସାହିସ୍ଥିତ ରଘୁନାଥଜୀଉ ସ୍ନାତକ ମହାବିଦ୍ୟାଳୟରେ ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା, ଯୁବ ରେଡ୍‌କ୍ରସ୍, ରେଡ୍‌ରିବନ୍ କ୍ଲବ୍, ଆଭ୍ୟନ୍ତରୀଣ ଅଭିଯୋଗ କମିଟି, ଆଇକ୍ୟୁଏସି ଓ ଶକ୍ତିଶ୍ରୀର ସହଯୋଗରେ ପାଳିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଭାଜପା ରାଜ୍ୟ ସାଧାରଣ ସମ୍ପାଦିକା ରଶ୍ମି ଦାସ ଉଦ୍‌ଘାଟନ କରି ନାରୀ ସଶକ୍ତୀକରଣ ଓ ସରକାରଙ୍କର ବିଭିନ୍ନ ଯୋଜନା ସମ୍ପର୍କରେ କହିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଚନ୍ଦ୍ରମୋହନ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜାତୀୟ ସେବା ଯୋଜନାର ଅଧିକାରୀ ଡ. ସରୋଜ କୁମାର ଦାଶ, ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ମୁଖ୍ୟ ଅନିମା ମହାପ୍ରଶସ୍ତ, ରେଡ୍‌କ୍ରସ୍ ଓ ଶକ୍ତିଶ୍ରୀର ମୁଖ୍ୟ ଚନ୍ଦନା ମହାନ୍ତ, ଆଇକ୍ୟୁଏସିର ମୁଖ୍ୟା ସୁଶ୍ରୀ କାନ୍ତିରେଖା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଏକ କବିତା ପାଠ ହୋଇଥିଲା। ଅଧ୍ୟାପକ ନିହାର ରଞ୍ଜନ ରଥ, ଲକ୍ଷ୍ମୀ ବାରିକ, ଡ. ସୁଧାମୟୀ ବେହୁରା ପ୍ରମୁଖ କବିତା ପାଠ କରିଥିଲେ। ଦୁଇଜଣ ଛାତ୍ରୀ ସିଦ୍ଧି ଶତପଥୀ ଓ ସ୍ୱର୍ଣ୍ଣପ୍ରଭା ବେହେରା ନାରୀ ସଶକ୍ତିକରଣ ସମ୍ପର୍କିତ ନିଜର ସନ୍ଦର୍ଭ ଉପସ୍ଥାପନ କରିଥିବାରୁ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପିକା ଅମ୍ରିତା ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

# କର୍ମଚାରୀ ଅଭାବ: ରିପୋର୍ଟ ପାଇଁ ରୋଗୀ କଲବଲ

**ଏସ୍‌ସିବି ଟ୍ରମା କାଜୁଆଲଟିରେ ଏକ୍ସ-ରେ ଯନ୍ତ୍ରଣା**

■ ନାହାନ୍ତି ଆବଶ୍ୟକ କର୍ମଚାରୀ

କଟକ,୯।୩(ଶିଳ୍ପା ପ୍ରିୟଦର୍ଶିନୀ)




ଏସ୍‌ସିବିର ଟ୍ରମା କାଜୁଆଲଟିରେ ଏକ୍ସ-ରେ ପାଇଁ ଗୁରୁତର ରୋଗୀ କଲବଲ ହେଉଛନ୍ତି। କର୍ମଚାରୀ ଅଭାବ ଯୋଗୁ ଏକ୍ସ-ରେ କରାଇବା ଓ ରିପୋର୍ଟ ପାଇଁ ଗୁରୁତର ରୋଗୀ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି କଲବଲ ହେଉଛନ୍ତି। ଏପରିକି କର୍ମଚାରୀ ନ ଥିବାରୁ ଏକ୍ସ-ରେ ପରେ ପ୍ଲେଟ ଧରି ରୋଗୀଙ୍କ ସମ୍ପର୍କୀୟ ରିପୋର୍ଟ ପାଇଁ ଧାଉଁଛନ୍ତି। କର୍ମଚାରୀ ଅଭାବରୁ ଏକ୍ସ-ରେ କକ୍ଷରେ ପ୍ରାୟତଃ ତାଲା ପଡୁଥିବାରୁ ଗୁରୁତର ରୋଗୀଙ୍କ ଚିକିତ୍ସାରେ ବିଳମ୍ବ ହେଉଛି। ଏହାକୁ ନେଇ ରୋଗୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।
 ସୂଚନା ଅନୁଯାୟୀ, ଏସ୍‌ସିବି ଟ୍ରମା କାଜୁଆଲଟିକୁ ଆସୁଥିବା ଦୁର୍ଘଟଣାଜନିତ ଗୁରୁତର ରୋଗୀଙ୍କ ଦ୍ରୁତ ଚିକିତ୍ସା ସହ ପରୀକ୍ଷା ପାଇଁ ଏଠାରେ ଏକ୍ସ-ରେ କରାଇବା ସହ ରିପୋର୍ଟ ନେବାର ବ୍ୟବସ୍ଥା ରହିଛି। ଏକ୍ସ-ରେ କରାଇବା ଓ ରିପୋର୍ଟ ଦେବା ପାଇଁ ତିନୋଟି ସିଫ୍ଟରେ ଜଣେ ଲେଖାଏଁ କର୍ମଚାରୀଙ୍କୁ ନିଯୁକ୍ତି କରାଯାଇଛି। ଏଠାରେ ଦିନକୁ ପ୍ରାୟ ୧୫୦ଟି ଏକ୍ସ-ରେ କରାଯାଉଛି। କର୍ମଚାରୀ ନ ଥିବାରୁ ଏକ୍ସ-ରେ କକ୍ଷ ସମ୍ମୁଖରେ ଗୁରୁତର ରୋଗୀମାନେ କିଏ ଛିଡ଼ା ହୋଇ ତ କିଏ ଷ୍ଟ୍ରେଚରରେ ପଡ଼ି ରହୁଛନ୍ତି। ଏପରିକି ମେଡିକାଲ ଆଟେଣ୍ଡାଣ୍ଟ ନ ଥିବାରୁ ଏକ୍ସ-ରେ ପ୍ଲେଟକୁ ରୋଗୀଙ୍କ ସମ୍ପର୍କୀୟ ନେଇ ଫିଲ୍ମ କାଢ଼ିବାକୁ କର୍ମଚାରୀଙ୍କୁ ଦେଉଛନ୍ତି। ଯାହାଦ୍ୱାରା ପ୍ରାୟତଃ ଏହି ପ୍ଲେଟରେ ଠିକ୍ ରିପୋର୍ଟ ଆସୁ ନ ଥିବାରୁ ରୋଗୀଙ୍କ ଚିକିତ୍ସାରେ ବାଧା ଉପୁଜୁଛି। ଅବ୍ୟବସ୍ଥା ନେଇ ଯାଜପୁର ଅଞ୍ଚଳର ଅରୁଣ ପଣ୍ଡା କହିଛନ୍ତି, ଗୁରୁତର ରୋଗୀଙ୍କୁ ଚିକିତ୍ସା ମିଳିବାରେ ଏକ୍ସ-ରେ ବାଧା କରୁଛି। ଘଣ୍ଟାଏ ଛିଡ଼ା ହେବା ପରେ ଏକ୍ସ-ରେ କରାଇବାକୁ ପାଳି ପଡୁଛି। କଟକ ନନ୍ଦିସାହି ଅଞ୍ଚଳର ଗୀତାରାଣୀ ବେହୁରା କହିଛନ୍ତି, ଏଠାରେ ବହୁ ଅବ୍ୟବସ୍ଥା ରହିଛି। କେବଳ ଅପେକ୍ଷା କରିବାକୁ ପଡୁଛି ବୋଲି ସେ କହିଛନ୍ତି। ଏସ୍‌ସିବିରେ କାଜୁଆଲ୍‌ଟି ବହୁ ଗୁରୁତ୍ୱ ବହନ କରୁଥିବାବେଳେ ଏକ୍ସ-ରେ ପାଇଁ କର୍ମଚାରୀ ନିଯୁକ୍ତି ନ କରିବା ଘଟଣାକୁ ନେଇ ରୋଗୀ ଚିନ୍ତା ପ୍ରକଟ କରିଛନ୍ତି। ଏ ସମ୍ପର୍କରେ ମେଡିକାଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ୨ ବର୍ଷ ହେବ ଖେଳାଳିଙ୍କୁ ମିଳିନି ଚାକିରି

## କ୍ରୀଡ଼ାବିତ୍ ନିଯୁକ୍ତି ଯୋଜନା ବାଟବଣା

■କ୍ରୀଡ଼ା ବିଭାଗରେ ପଡ଼ିରହିଛି ୧୨୦ ଆବେଦନ

■୨୦୨୪ ପରଠାରୁ ନିଯୁକ୍ତି ସଂଖ୍ୟା ଶୂନ

କଟକ,୯।୩(କୁମାରଶ୍ରୀ)

ରାଜ୍ୟ ଏବଂ ଦେଶ ପାଇଁ ଖେଳି ଗୌରବ ଅର୍ଜନ କରୁଥିବା ଖେଳାଳିମାନଙ୍କୁ ପ୍ରୋତ୍ସାହିତ କରିବା ଲାଗି ସରକାର ସେମାନଙ୍କୁ ଚାକିରି ପ୍ରଦାନ କରୁଛନ୍ତି। ହେଲେ ରାଜ୍ୟ କ୍ରୀଡ଼ା ବିଭାଗର ଅବହେଳା ଯୋଗୁ ପ୍ରତିଭାବାନ୍ କ୍ରୀଡ଼ାବିତ୍‌ଙ୍କୁ ଚାକିରି ମିଳିପାରୁନି। ୨୦୨୪ ମାର୍ଚ୍ଚରେ ଶେଷଥର ପାଇଁ ୮୯ଜଣ କ୍ରୀଡ଼ାବିତଙ୍କୁ ପୋଲିସ ବିଭାଗରେ ଚାକିରି ଦିଆଯାଇଥିଲା। ଏହା ପରଠାରୁ ୨ ବର୍ଷ ଭିତରେ ଜଣେ ହେଲେ ଖେଳାଳି ଚାକିରି ପାଇନାହାନ୍ତି। ରାଜ୍ୟ ପୋଲିସ ମୁଖ୍ୟାଳୟରୁ ମିଳିଥିବା ସୂଚନା ମୁତାବକ ୧୨୦ ସଂଖ୍ୟକ ଆବେଦନ କ୍ରୀଡ଼ା ବିଭାଗକୁ ପଠାଯାଇଛି। ଆବେଦନପତ୍ର ଯାଞ୍ଚ କରାଯିବା ପରେ କମିଟି ଗଠନ କରାଯାଇ ଖେଳାଳିଙ୍କୁ ଚାକିରି ଦିଆଯିବ। ହେଲେ କ୍ରୀଡ଼ା ବିଭାଗ ଚୁପ୍ ରହିଥିବା ଅଭିଯୋଗ ହେଉଛି।

୨୦୧୫ ଫେବୃଆରୀ ୩ରେ ଗୃହ ବିଭାଗ ରୁଲ୍ ନଂ-୨୫୩୯ ଅନୁଯାୟୀ, ରାଜ୍ୟରେ କ୍ରୀଡ଼ାବିତ୍‌ମାନଙ୍କୁ ପୋଲିସ ବିଭାଗରେ ଚାକିରି ଦିଆଯିବା ନେଇ ଏକ ଯୋଜନା କାର୍ଯ୍ୟକାରୀ କରାଯାଇଥିଲା। ପୋଲିସ ଏବଂ କ୍ରୀଡ଼ା ବିଭାଗ ମିଳିତ ଭାବେ ନିଯୁକ୍ତି ପ୍ରକ୍ରିୟା ପରିଚାଳନା ଦାୟିତ୍ୱ ଗ୍ରହଣ କରିଥିଲେ। ମୋଟ ୨୬ଟି ଖେଳରେ ଉତ୍କୃଷ୍ଟ ପ୍ରଦର୍ଶନ କରୁଥିବା ଖେଳାଳିଙ୍କୁ ଚାକିରି ମିଳିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଥିଲା। ଅଲିମ୍ପିକ୍‌ରେ ଭାଗ ନେଇଥିବା କିମ୍ବା ଏସିଆନ ଓ ରାଜ୍ୟ ଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ, କାଂସ୍ୟ ପଦକ ଜିତିଥିବା ଖେଳାଳି ସବ୍‌ଇନ୍ସପେକ୍ଟର ର୍‍ୟାଙ୍କରେ ଚାକିରି ପାଇପାରିବେ। ଅନ୍ତର୍ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇଥିବା, ଜାତୀୟ କ୍ରୀଡ଼ାରେ ପଦକ ଜିତିଥିବା ଖେଳାଳିଙ୍କୁ କନଷ୍ଟେବଲ ପଦରେ ଚାକିରି ମିଳିବ। ଏହି ପରିପ୍ରେକ୍ଷୀରେ ୩୦୦ରୁ ଅଧିକ ଖେଳାଳି ଚାକିରି ପାଇଛନ୍ତି। ରବି କୁମାର, ବୀରେନ୍ଦ୍ର ଲାକ୍ରାଙ୍କୁ ଡିଏସ୍‌ପି ର୍‍ୟାଙ୍କରେ ମଧ୍ୟ ଚାକିରି ଦିଆଯାଇଛି। ୨୦୨୧ରେ ପୋଲିସ ବିଭାଗ ବ୍ୟତୀତ ଅନ୍ୟ ବିଭାଗରେ ଖେଳାଳିମାନଙ୍କୁ ନିଯୁକ୍ତି ଦେବା ନେଇ ଆଉ ଏକ ବିଜ୍ଞପ୍ତି ଗୃହ ବିଭାଗ ପକ୍ଷରୁ ପ୍ରକାଶ ପାଇଥିଲା, ଯେଉଁଥିରେ ଖେଳରେ ପ୍ରସିଦ୍ଧି ହାସଲ କରିଥିବା କ୍ରୀଡ଼ାବିତ୍‌ଙ୍କୁ ନିଯୁକ୍ତି ଦିଆଯିବା ଆରମ୍ଭ ହୋଇଥିଲା। ଏହି ବର୍ଗରେ ରଗ୍‌ବୀ, ଖୋଖୋ ଖେଳାଳିଙ୍କ ସମେତ ପାରା ଅଲିମ୍ପିଆନମାନଙ୍କୁ ସାମିଲ କରାଯାଇଥିଲା। କିଛି ଖେଳାଳି ଇଡ୍‌କୋ, ଓଏମ୍‌ସି, ଉଚ୍ଚଶିକ୍ଷା ବିଭାଗରେ ନିଯୁକ୍ତ ହୋଇଛନ୍ତି। ସାଧାରଣ ପ୍ରଶାସନ, ଗୃହ ଏବଂ କ୍ରୀଡ଼ା ବିଭାଗ ପକ୍ଷରୁ ମିଳିତ ଭାବେ ପ୍ରସିଦ୍ଧି ହାସଲ କରିଥିବା ଖେଳାଳିଙ୍କ ନିଯୁକ୍ତି ପ୍ରକ୍ରିୟା ପରିଚାଳନା କରୁଛି। ମାତ୍ର ୨୦୨୪ ପରଠାରୁ ରାଜ୍ୟରେ କୌଣସି ଖେଳାଳିଙ୍କୁ ଚାକିରି ଦିଆ ନ ଯିବାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ପଦକ ବିଜୟୀ ଖେଳାଳିମାନେ ଚାକିରି ନିମନ୍ତେ ଆବେଦନ କରୁଥିଲେ ମଧ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ନିୟମ ଅନୁସାରେ କ୍ରୀଡ଼ା ବିଭାଗ ଖେଳାଳିମାନଙ୍କ ଆବେଦନପତ୍ର ଯାଞ୍ଚ କରିବା ପରେ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ନିମନ୍ତେ କମିଟି ଗଠନ କରାଯିବ। ପୋଲିସ ବିଭାଗ ପକ୍ଷରୁ ସ୍ୱତନ୍ତ୍ର କମିଟି ଗଠନ ହେବ। ସେହିପରି ସାଧାରଣ ପ୍ରଶାସନ, ଗୃହ ଏବଂ କ୍ରୀଡ଼ା ବିଭାଗ ପକ୍ଷରୁ ପୃଥକ ଭାବେ ଅନ୍ୟ ଏକ କମିଟି ଗଠନ ହେବ। ହେଲେ କ୍ରୀଡ଼ା ବିଭାଗର ଉଦାସୀନତା ଯୋଗୁ ଅନେକ ଖେଳାଳି ଏବେ ଚାକିରି ଅପେକ୍ଷାରେ ବସିଥିବା ଜଣେ ଆଶାୟୀ ନିଜ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ରାଜ୍ୟ କ୍ରୀଡ଼ା ସଚିବ ଭୂପେନ୍ଦ୍ର ସିଂହ ପୁନିଆଙ୍କୁ ପଚାରିବାରୁ ଏ ଦିଗରେ ସେ ଅବଗତ ନାହାନ୍ତି ବୋଲି କହିଛନ୍ତି। ଖେଳାଳିମାନଙ୍କ ଆବେଦନପତ୍ର ଯାଞ୍ଚ ବାବଦରେ ଦୃଷ୍ଟି ଦିଆଯିବ ବୋଲି କ୍ରୀଡ଼ା ସଚିବ ପୁନିଆ କହିଛନ୍ତି।



ଖାଲି ପଦବୀ ପୂରଣ ସହ ଅନ୍ୟାନ୍ୟ ଦାବିରେ ଓଡ଼ିଶା ହାଇସ୍କୁଲ ଶିକ୍ଷକ ଆଶାୟୀ ସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା ଦିଆଯିବା ସହ ବିକ୍ଷୋଭ କରାଯାଉଛି।

# ୫୦ କୋଟି ଟିକସ ଫାଙ୍କିର ପ୍ରମାଣ ପାଇଲା ଆୟକର ବିଭାଗ

## ରେଷ୍ଟୁରାଣ୍ଟ ମାଲିକଙ୍କୁ ହାଜର ନୋଟିସ

ଭୁବନେଶ୍ୱର,୯।୩(ତ୍ରିନାଥ ମହାନ୍ତି)

ଆୟକର ଫାଙ୍କିବା ଅଭିଯୋଗରେ ରବିବାର ବାର୍ ଓ ରେଷ୍ଟୁରାଣ୍ଟ ଚେନ୍ ମାଲିକଙ୍କ ଘର ସମେତ ୬ଟି ସ୍ଥାନରେ ଚଢାଉ ହୋଇଥିଲା। ୨୪ ଘଣ୍ଟାର ଚଢାଉ ଓ ଯାଞ୍ଚ ପରେ ୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଟିକସ ଫାଙ୍କିବା ନେଇ ପ୍ରମାଣ ପାଇଛି ଆୟକର ବିଭାଗ। ବିଭାଗର ସୂଚନାନୁସାରେ, ଭୁବନେଶ୍ୱର ଚନ୍ଦ୍ରଶେଖରପୁରରେ ଥିବା ଏକ ବାର୍ ଆଣ୍ଡ ରେଷ୍ଟୁରାଣ୍ଟ ବାର୍ଷିକ ୨୫ କୋଟି କାରବାର କରୁଥିବା ବେଳେ ୮୦ ପ୍ରତିଶତ ଟିକସ ଫାଙ୍କିଛି। ସେହିଭଳି ଉକ୍ତ ମାଲିକଙ୍କ ଆଉ ଏକ ରେଷ୍ଟୁରାଣ୍ଟ ମଧ୍ୟ ବିପୁଳ ପରିମାଣର ଟିକସ ଠକେଇ କରିଥିବା ଆୟକର ବିଭାଗ କହିଛି। ଏପରି କି ଆପ୍ ଜରିଆରେ ଏହି ରେଷ୍ଟୁରାଣ୍ଟଗୁଡ଼ିକ ଠକେଇ କରିବା ନେଇ ପ୍ରାଥମିକ ପ୍ରମାଣ ମିଳିଥିବାବେଳେ ଏନେଇ ମଧ୍ୟ ଆୟକର ବିଭାଗ ଅଧିକ ଛାନ୍‌ଭିନ କରୁଛି। ବଡ଼ କଥା ହେଲା ଏସବୁ ବାର୍ ଓ ରେଷ୍ଟୁରାଣ୍ଟଗୁଡ଼ିକରେ ଅନ୍‌ଲାଇନ୍ ଅପେକ୍ଷା ନଗଦ ଟଙ୍କା କାରବାର ହେଉଥିଲା। ଗ୍ରାହକମାନଙ୍କୁ ନଗଦ ଟଙ୍କା ଦେବାକୁ ବାଧ କରାଯାଉଥିଲା। ଅନ୍‌ଲାଇନ୍‌ରେ ଟଙ୍କା କାରବାର ହେଉ ନ ଥିବାରୁ ମାଲିକ ଟିକସ ନ ଦେଇ ଠକୁଥିଲେ। ଦୁଇ ବର୍ଷରେ ଏସବୁ ରେଷ୍ଟୁରାଣ୍ଟ ଭଲ ବ୍ୟବସାୟ କରୁଥିଲେ ମଧ୍ୟ ଟିକସ ପୈଠ କରାଯାଉ ନ ଥିବା ଜଣାପଡିବା ପରେ ଏହି ଚଢ଼ାଉ କରାଯାଇଥିଲା। ରବିବାର ଆୟକର ବିଭାଗର ୧୫ଟି ଟିମ୍ କଟକ, ଭୁବନେଶ୍ୱର ଓ ପୁରୀର ୬ଟି ସ୍ଥାନରେ ଚଢାଉ କରିଥିଲା। ଏଥିସହ ୨୪ ଘଣ୍ଟା ଧରି ବ୍ୟବସାୟୀଙ୍କ ଘର ଓ ବ୍ୟବସାୟ ପ୍ରତିଷ୍ଠାନରେ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, କ୍ୟାଶ୍ ବୁକ୍, ବ୍ୟାଙ୍କ ସମ୍ବନ୍ଧିତ କାଗଜପତ୍ର ଆଦି ଜବତ କରିଥିଲା ଆୟକର ବିଭାଗ। ମାଲିକଙ୍କୁ ଜେରା ପରେ ଆୟକର ବିଭାଗ ଅଫିସରେ ହାଜର ପାଇଁ ନୋଟିସ କରିଥିବା ଜଣାପଡ଼ିଛି। ୫୦ କୋଟି ଟିକସ ସମ୍ପର୍କରେ ଦସ୍ତାବିଜ୍ ଦାଖଲ କରିବାକୁ କୁହାଯାଇଛି। ଆବଶ୍ୟକ ଦସ୍ତାବିଜ୍ ଦାଖଲ କରି ନ ପାରିଲେ ବଡ଼ ଅଙ୍କର ଜରିମାନା ଗଣିବେ ବୋଲି ଜଣେ ଅଧିକାରୀ କହିଛନ୍ତି।

# ସବୁ ଜିଲାରେ ଖୋଲିବ ମେଡିକାଲ କଲେଜ

ଭୁବନେଶ୍ୱର, ୯।୩ (ବନ୍ଦନା ସେଠୀ)

ମେଡିକାଲ କଲେଜ ନ ଥିବା ଜିଲାଗୁଡ଼ିକରେ ପର୍ଯ୍ୟାୟକ୍ରମେ ନୂତନ ମେଡିକାଲ କଲେଜ ଖୋଲାଯିବ। ଏନେଇ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିବାବେଳେ ଏଥିପାଇଁ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। କମିଟିର ସୁପାରିସ୍ ଅନୁଯାୟୀ ସରକାର ନୂତନ କଲେଜ ଖୋଲିବା ପାଇଁ ନିଷ୍ପତ୍ତି ନେବେ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି। ସୋମବାର ବିଧାନସଭାରେ ବିଧାୟକ ଗଣେଶ୍ୱର ବେହେରାଙ୍କ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମହାଲିଙ୍ଗ ଏହା କହିଛନ୍ତି। ଏଥିସହ ୨୦୨୪-୨୫ରେ ରାଜ୍ୟ ସରକାର ଯାଜପୁରଠାରେ ମହାରାଜା ଯଯାତି କେଶରୀ ମେଡିକାଲ କଲେଜ ଓ ୨୦୨୫-୨୬ରେ ଅନୁଗୋଳ ଜିଲାରେ ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ ଏବଂ କନ୍ଧମାଳ ଜିଲାରେ ଏକ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା କରିଛନ୍ତି। ନ୍ୟାଶନାଲ ମେଡିକାଲ କମିଶନଙ୍କଠାରୁ ଅନୁମତି ମିଳିବା ପରେ ମହାରାଜା ଯଯାତି କେଶରୀ ମେଡିକାଲ କଲେଜରେ ଅକ୍ଟୋବର-ନଭେମ୍ବର ୨୦୨୪ରୁ ୫୦ ଏମ୍‌ବିବିଏସ୍ ସିଟ୍‌ରେ ପାଠପଢ଼ା ଆରମ୍ଭ ହୋଇଛି। ସେହିପରି ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ ଏବଂ କନ୍ଧମାଳ ସରକାରୀ ମେଡିକାଲ କଲେଜରେ ଶିକ୍ଷାବର୍ଷ ୨୦୨୫-୨୬ରୁ ୧୦୦ ଏମ୍‌ବିବିଏସ୍ ସିଟ୍‌ରେ ଶିକ୍ଷାଦାନ ନିମନ୍ତେ ଆଡ୍‌ମିଶନ ପ୍ରକ୍ରିୟା ଶେଷ ହୋଇଛି।

## ସରକାରୀ ମେଡିକାଲ କଲେଜରେ ପିଜି ସିଟ୍ ସଂଖ୍ୟା ୬୧୫କୁ ବୃଦ୍ଧି

ଭୁବନେଶ୍ୱର, ୯।୩ (ବନ୍ଦନା ସେଠୀ)

ରାଜ୍ୟର ୬ଟି ସରକାରୀ ମେଡିକାଲ କଲେଜ ଏବଂ ପିଜି ପ୍ରତିଷ୍ଠାନରେ ପିଜି ସିଟ୍ ସଂଖ୍ୟା ୫୫୩ରୁ ୬୧୫କୁ ବୃଦ୍ଧି ପାଇଛି। ୧୨ଟି ବିଭାଗରେ ମୋଟ୍ ୬୨ଟି ନୂଆ ପିଜି ସିଟ୍ ପାଇଁ ନ୍ୟାଶନାଲ ମେଡିକାଲ କମିଶନ ଅନୁମତି ପ୍ରଦାନ କରିଛନ୍ତି। ଏଥିମଧ୍ୟରୁ ବାଲେଶ୍ୱରସ୍ଥିତ ଫକୀର ମୋହନ ମେଡିକାଲ କଲେଜ ପାଇଁ ୩ଟି ବିଭାଗରେ ୮ଟି ପିଜି ସିଟ୍‌କୁ ଅନୁମତି ମିଳିଛି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସୋମବାର ବିଧାନସଭାରେ ସୂଚନା ଦେଇଛନ୍ତି। ରାଜ୍ୟର ବିଭିନ୍ନ ସରକାରୀ ମେଡିକାଲ କଲେଜରେ ପି.ଜି. ପାଠ୍ୟକ୍ରମ ନିମନ୍ତେ ସିଟ୍ ବୃଦ୍ଧି ପାଇଁ ନ୍ୟାଶନାଲ ମେଡିକାଲ କମିଶନଙ୍କ ମାନଦଣ୍ଡ ଅନୁଯାୟୀ ସମସ୍ତ ପ୍ରକାର ଆବଶ୍ୟକତା ପୂରଣ ଲାଗି ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି। ସେହିପରି ମେଡିକାଲ କଲେଜଗୁଡ଼ିକର ଭିତ୍ତିଭୂମି ଏବଂ ସମ୍ପୃକ୍ତ ବିଭାଗରେ ଡାକ୍ତରୀ ଶିକ୍ଷକଙ୍କ ଉପଲବ୍ଧତାକୁ ଦୃଷ୍ଟିରେ ରଖି ମେଡିକାଲ କଲେଜଗୁଡ଼ିକରେ କାର୍ଡିଓଲୋଜି, ନିରୋଲୋଜି ଏବଂ ୟୁରୋଲୋଜି ଆଦି ବିଭାଗ ଖୋଲିବା ପାଇଁ ସରକାର ବିଚାର କରୁଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

# ମହାପ୍ରଭୁଙ୍କ ଖସାପଡ଼ା ନୀତି ସମ୍ପନ୍ନ



ପୁରୀ,୯।୩(ଅଜିତ୍ କୁମାର ମହାନ୍ତି)

ଚୈତ୍ର ଶୁକ୍ଳପକ୍ଷ ଷଷ୍ଠୀ ତିଥି ସୋମବାର ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଖସାପଡ଼ା ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ସେବକ ଦଇତାପତିମାନେ ଏହି ନୀତି ସମ୍ପନ୍ନ କରିଛନ୍ତି। ମହାପ୍ରଭୁଙ୍କ ଦ୍ୱିତୀୟ ଭୋଗମଣ୍ଡପ ସମ୍ପନ୍ନ ହେବା ପରେ ସନ୍ଧ୍ୟା ୬ଟା୧୫ରେ ନୀତି ଆରମ୍ଭ ହୋଇଥିଲା। ମହାପ୍ରଭୁଙ୍କ ଏହା ଗୁପ୍ତ ନୀତି ହୋଇଥିବାରୁ ଏହି ସମୟରେ ମହାପ୍ରଭୁଙ୍କ ଦର୍ଶନ ବନ୍ଦ ରହିଥିଲା। ଦଇତାପତି ଗୁପ୍ତନୀତି ସାରି ରାତି ୮ଟା ୪୫ରେ ଗର୍ଭ ଗୃହରୁ ବାହରିବା ପରେ ସିଂହାସନ ଧୂଆ ଯାଇ ମହାପ୍ରଭୁଙ୍କ ମହାସ୍ନାନ କରାଯାଇଥିଲା। ପରେ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତି ବଢ଼ିଥିଲା। ଶ୍ରୀବିଗ୍ରହଙ୍କ ଶ୍ରୀପୟର ସୁରକ୍ଷା ନିମନ୍ତେ ଏହି ନୀତି ଅନୁଷ୍ଠିତ ହୋଇଥାଏ।

# ଭୁବନେଶ୍ୱରରୁ କଟକ ଚିଠି ନେଲା ବାର୍ତ୍ତାବହ ପାରା

## ନ୍ୟାୟ ସଂହିତା ପ୍ରଦର୍ଶନୀ

ଭୁବନେଶ୍ୱର,୯।୩(ତ୍ରିନାଥ ମହାନ୍ତି)

ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ 'ନ୍ୟାୟ ସଂହିତା ପ୍ରଦର୍ଶନୀ'ରେ ସୋମବାର ଓଡ଼ିଶା ପୋଲିସ କପୋତ ସେବାର ପ୍ରଦର୍ଶନ କରାଯାଇଛି। ଭୁବନେଶ୍ୱରରୁ କଟକ ଅଭିମୁଖେ ଦୁଇଟି ଦଳରେ ୧୮ଟି ବେଲ୍‌ଜିୟମ ହୋମ୍‌ର ପାରାଙ୍କୁ ପଠାଯାଇଛି। ଏହି ପାରାମାନେ ନିଜ ଗୋଡ଼ରେ ବନ୍ଧାଯାଇଥିବା ଛୋଟ କ୍ୟାପ୍‌ସୁଲ ମାଧ୍ୟମରେ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ନେଇ ଆକାଶ ମାର୍ଗରେ ଗତି କରି ପୁରାତନ 'ପିଜନ ପୋଷ୍ଟ'ର ସ୍ମୃତି ଚାରଣ କରିଛନ୍ତି। ଏହି ବେଲ୍‌ଜିୟମ ହୋମ୍‌ର ପାରାଙ୍କ ଶାରୀରିକ ଗଠନ ସ୍ୱତନ୍ତ୍ର। ସେମାନଙ୍କ ଥଣ୍ଟରେ ଏକ ପ୍ରାକୃତିକ ଲୌହ ସଂରଚନା ଥାଏ, ଯାହା ପୃଥିବୀର ଚୁମ୍ବକୀୟ କ୍ଷେତ୍ରକୁ ଚିହ୍ନଟ କରିବାରେ ସାହାଯ୍ୟ କରିଥାଏ ଏବଂ ପ୍ରାକୃତିକ ଦିଗବାରେଣୀ ଯନ୍ତ୍ର ଭଳି କାମ କରେ। ଏହିଭଳି ସ୍ୱତନ୍ତ୍ର ଶାରୀରିକ ଗଠନ କାରଣରୁ ପାରାମାନେ ମାଇଲ୍ ମାଇଲ୍ ଦୂରରୁ ମଧ୍ୟ ସେମାନଙ୍କ ଲକ୍ଷ୍ୟସ୍ଥଳ ଠିକ୍ ଭାବେ ଖୋଜି ପାଇଥାନ୍ତି। ଓଡ଼ିଶା ପୋଲିସ ପକ୍ଷରୁ ଏହି ପରମ୍ପରାକୁ ୧୯୪୬ ମସିହାରେ ଆରମ୍ଭ କରାଯାଇଥିଲା। ଆମେରିକୀୟ ସେନାଙ୍କଠାରୁ ୨୦୦ ପାରା ଗ୍ରହଣ କରି ଆରମ୍ଭ କରିଥିଲେ। ପ୍ରଥମେ କୋରାପୁଟ ଜିଲାର ପାର୍ବତ୍ୟାଞ୍ଚଳରେ ପରୀକ୍ଷାମୂଳକ ଭାବେ ଏହି ଯୋଗାଯୋଗ ଆରମ୍ଭ ହୋଇଥିଲା, ଯାହା ପରବର୍ତ୍ତୀ ସମୟରେ ୭୦୦ରୁ ଅଧିକ ପାରାଙ୍କୁ ନେଇ ଏକ ବଡ଼ ନେଟୱର୍କରେ ପରିଣତ ହୋଇଥିଲା। ୧୯୮୨ର ବାଙ୍କୀ ବନ୍ୟା ଏବଂ ୧୯୯୯ର ମହାବାତ୍ୟା ସମୟରେ ଯେତେବେଳେ ଆଧୁନିକ ରେଡିଓ ଓ ଟେଲିଫୋନ ସେବା ବିଚ୍ଛିନ୍ନ ହୋଇଯାଇଥିଲା, ସେତେବେଳେ ଏହି 'ପାରା ଡାକ' ହିଁ ବାହ୍ୟ ଜଗତ ସହ ଯୋଗାଯୋଗର ଏକମାତ୍ର ମାଧ୍ୟମ ସାଜିଥିଲା।

ପ୍ରଦର୍ଶନୀରୁ ଜଣାଯାଇଛି, ୧୯୪୮ ଏପ୍ରିଲରେ ପଣ୍ଡିତ ଜବାହରଲାଲ ନେହେରୁ ସମ୍ବଲପୁରରୁ କଟକକୁ ଏକ ଚିଠି ପଠାଇଥିଲେ। ନେହେରୁଙ୍କ କାର୍ କଟକ ପହଞ୍ଚିବାକୁ ୭ ଘଣ୍ଟା ଲାଗିଥିବାବେଳେ ଏହି ଡେଣାଧାରୀ ଦୂତ ମାତ୍ର ୫ ଘଣ୍ଟାରେ ବାର୍ତ୍ତା ପହଞ୍ଚାଇ ଦେଇଥିଲେ। ଏହି ପାରାମାନେ ଘଣ୍ଟାପ୍ରତି ପ୍ରାୟ ୫୫ କିଲୋମିଟର ବେଗରେ ଉଡ଼ିପାରନ୍ତି। ଆଜିର ଇ-ମେଲ୍ ଯୁଗରେ ମଧ୍ୟ ଓଡ଼ିଶା ସରକାର ଏହି ୭୦ ବର୍ଷର ପରମ୍ପରାକୁ ଏକ ମଧୁର ପୁରାତନ ସ୍ମୃତି ଭାବେ ବଞ୍ଚାଇ ରଖିଛନ୍ତି। ବର୍ତ୍ତମାନ କଟକ ଏବଂ ଅନୁଗୋଳ ପୋଲିସ ପ୍ରଶିକ୍ଷଣ କେନ୍ଦ୍ରରେ ଏହି ପାରାଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଉଛି। ଷ୍ଟାଟିକ(ଏକମୁଖୀ), ବୁମେରାଙ୍ଗ(ଦୁଇମୁଖୀ) ଏବଂ ମୋବାଇଲ ସେବା ଭଳି ତିନୋଟି ଶ୍ରେଣୀରେ ଏହି ସେବା କାର୍ଯ୍ୟ କରୁଛି। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ସାହସିକତା ପାଇଁ ପଦକ ପାଇଥିବା ୩୨ ପାରା ଏବଂ ଓଡ଼ିଶାର ବିପତ୍ତି ସମୟରେ ସହାୟକ ହୋଇଥିବା ହଜାର ହଜାର ପାରାଙ୍କ ପ୍ରତି ପୋଲିସ ତରଫରୁ ଏହା ଏକ ଶ୍ରଦ୍ଧାଞ୍ଜଳି।



ପ୍ରଦର୍ଶନୀରେ ଭୁବନେଶ୍ୱରରୁ କଟକ ପଠାଯାଉଥିବା ବାର୍ତ୍ତାବହ ପାରା।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ପ୍ରଦୀପ୍ତ


@ ରଞ୍ଜନ


@ ଚୁନୁ


@ ସୌମ୍ୟକାନ୍ତ


@ ଉଦୟ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବି.ଏଡ୍ ନାମଲେଖା ପାଇଁ ଆଜି ଏନ୍‌ସିଇଟି ଆବେଦନର ଶେଷ ତାରିଖ

ଭୁବନେଶ୍ୱର,୯।୩
(ସୁଚିସ୍ମିତା ସାହୁ)

୪ ବର୍ଷିଆ ବି.ଏଡ୍‌ରେ ନାମଲେଖା ଲାଗି ପ୍ରବେଶିକା ପରୀକ୍ଷା ନ୍ୟାଶନାଲ କମନ୍ ଏଣ୍ଟ୍ରାନ୍ସ ଟେଷ୍ଟ(ଏନ୍‌ସିଇଟି)-୨୦୨୬ର ଆବେଦନ ମଙ୍ଗଳବାର ଶେଷ ହେଉଛି। ରାତି ୧୧ଟା ୫୦ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ନ୍ୟାଶନାଲ ଟେଷ୍ଟିଙ୍ଗ୍ ଏଜେନ୍ସିର ୱେବ୍‌ସାଇଟ exams.nta.nic.in/ncet/ରେ ଆବେଦନ କରିପାରିବେ। ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ରହିଥିବା ୫ଟି ବିଶ୍ୱବିଦ୍ୟାଳୟ ଓ ୮ଟି ସରକାରୀ ମହାବିଦ୍ୟାଳୟରେ ୪ ବର୍ଷିଆ ବି.ଏଡ୍ (ଇଣ୍ଟିଗ୍ରେଟେଡ୍ ଟିଚର ଏଜୁକେଶନ ପ୍ରୋଗ୍ରାମ) ପାଇଁ ସମୁଦାୟ ୧୩୦୦ଟି ସିଟ୍ ରହିଛି। ୨୦୨୬-୨୭ ଶିକ୍ଷାବର୍ଷରୁ ଏନ୍‌ସିଇଟି ମାଧ୍ୟମରେ ଏହି ପାଠ୍ୟକ୍ରମରେ ନାମ ଲେଖାହେବ। ଏହି ପ୍ରବେଶିକା ପରୀକ୍ଷା ଏପ୍ରିଲ ୧୭ରେ ଅନୁଷ୍ଠିତ ହେବ। ମାର୍କ ଆଧାରରେ ଏହି ସମସ୍ତ ସିଟ୍‌ରେ ଆଡ୍‌ମିଶନ ହେବ। ଏନ୍‌ସିଇଟି ଫଳାଫଳ ପ୍ରକାଶ ପାଇବା ପରେ ନିଜ ପର୍ସେଣ୍ଟାଇଲ ଆଧାରରେ ଯୋଗ୍ୟ ପ୍ରାର୍ଥୀମାନେ ସାମ୍ସ ପୋର୍ଟାଲ ମାଧ୍ୟମରେ ଆବେଦନ କରି ନିଜ ପସନ୍ଦର ଶିକ୍ଷା ଅନୁଷ୍ଠାନ ବାଛିପାରିବେ। ମେରିଟ୍ ତାଲିକା ଏନ୍‌ସିଇଟି ସ୍କୋର୍ ଆଧାରରେ ପ୍ରସ୍ତୁତ ହେବ। ପ୍ରକାଶଯୋଗ୍ୟ, +୨ ପରେ ଛାତ୍ରୀଛାତ୍ର ସିଧାସଳଖ ଇଣ୍ଟିଗ୍ରେଟେଡ୍ ଟିଚର ଏଜୁକେଶନ ପ୍ରୋଗ୍ରାମ ପାଠ୍ୟକ୍ରମ (୪ ବର୍ଷୀୟ ବି.ଏଡ୍ ପାଠ୍ୟକ୍ରମ)ରେ ନାମ ଲେଖାଇ ୪ ବର୍ଷରେ ସ୍ନାତକ ଓ ବି.ଏଡ୍ କୋର୍ସ ଶେଷ କରିପାରିବେ। ତେବେ ୨୦୨୬-୨୭ ଶିକ୍ଷବର୍ଷରେ ଦୁଇ ବର୍ଷୀୟା ବି.ଏଡ୍, ଏମ୍‌ଏଡ୍ ଓ ବିଏଡ୍‌ଏଡ୍ କୋର୍ସ ପାଇଁ ପ୍ରବେଶିକା ପରୀକ୍ଷା ପୂର୍ବପରି ଷ୍ଟେଟ୍ ସିଲେକ୍ସନ ବୋର୍ଡ (ଏସ୍‌ଏସ୍‌ବି) ଦ୍ୱାରା କରାଯିବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

**ଦିନ ଦ୍ୱିପ୍ରହରରେ ଝାମ୍ପିନେଲେ ୨ ଲକ୍ଷ ଟଙ୍କା**

ରାୟଗଡ଼ା,(ଆଶିଷ ରଞ୍ଜନ ପଣ୍ଡା): ଜଣେ ବ୍ୟକ୍ତି ବ୍ୟାଙ୍କକୁ ଟଙ୍କା ଡିପୋଜିଟ୍ କରିବାକୁ ଯିବା ସମୟରେ ଲୁଟେରାମାନେ ଦିନ ଦ୍ୱିପ୍ରହରରେ ତାଙ୍କଠାରୁ ୨ ଲକ୍ଷ ଟଙ୍କା ଝାମ୍ପି ନେଇଛନ୍ତି। ରାୟଗଡ଼ା ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ (ଏଡିବି) ନିକଟରେ ଏଭଳି ଲୁଟ୍ ଘଟିଛି। ସୋମବାର ଅପରାହ୍ନ ୧୧ ଟାରେ କପିଳାସ ରୋଡ଼ରେ ଥିବା ପାତ୍ର ଇଲେକ୍ଟ୍ରୋନିକ୍ସ ଶୋ'ରୁମର ଆକାଉଣ୍ଟାଣ୍ଟ ରଞ୍ଜିତ କୁମାର ଦଳାଇ ଷ୍ଟେଟ୍ ବ୍ୟାଙ୍କ ଏଡିବି ଶାଖାକୁ ଟଙ୍କା ଡିପୋଜିଟ କରିବାକୁ ଯାଉଥିବା ସମୟରେ ପଛ ପଟୁ ୨ ଜଣ ଦୁର୍ବୃତ୍ତ ଏକ ବାଇକ ଯୋଗେ ଆସି ଟଙ୍କା ବ୍ୟାଗ ଝାମ୍ପି ନେଇଥିଲେ।

# ପୁଣି କୋର୍ଟକୁ ବୋମା ଧମକ

**ରାଜ୍ୟର ବିଭିନ୍ନ କୋର୍ଟକୁ ଗତ କିଛି ସପ୍ତାହ ହେଲା ବାରମ୍ବାର ଇମେଲ୍ ଯୋଗେ ବୋମା ଧମକ ମିଳୁଛି। ଧମକ ମିଳିବା ପରେ ଅଦାଲତ ପରିସରରେ ସୁରକ୍ଷା ଦୃଷ୍ଟିରୁ ଯାଞ୍ଚ କରାଯାଉଛି। ହେଲେ ପରେ ତାହା ମିଥ୍ୟା ବୋଲି ଜଣାପଡୁଛି। ସୋମବାର ମଧ ପୁରୀ ବରଗଡ଼, ଭବାନୀପାଟଣା ଏବଂ କେନ୍ଦୁଝର କୋର୍ଟକୁ ଉଡ଼ାଇ ଦେବା ପାଇଁ ଧମକ ମିଳିଥିଲା। ଯାଞ୍ଚ ପରେ କୌଣସିଠାରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇ ନ ଥିଲେ ହେଁ ସମସ୍ତଙ୍କ ମନରେ ଭୟର ବାତାବରଣ ଦେଖିବାକୁ ମିଳିଥିଲା।**

## ପୁରୀ, ବରଗଡ଼, ଭବାନୀପାଟଣା, କେନ୍ଦୁଝର କୋର୍ଟରେ ଯାଞ୍ଚ କଡ଼ାକଡ଼ି

ପୁରୀ୯।୩(ଅଜିତ୍ କୁମାର ମହାନ୍ତି)

କିଛି ଦିନର ବ୍ୟବଧାନ ପରେ ପୁଣି ଥରେ ଅଜଣା ମେଲ୍ ଆଇଡିରୁ ପୁରୀ କୋର୍ଟକୁ ବୋମାରେ ଉଡ଼ାଇ ଦେବାକୁ ସୋମବାର ଧମକ ଆସିଥିଲା। ଧମକ ଆସିବା ପରେ କୋର୍ଟ ପରିସର ଓ ଆଖପାଖ ଅଞ୍ଚଳରେ ଏକ ଭୟର ବାତାବରଣ ଖେଳି ଯାଇଥିଲା। ପୋଲିସ ଖବର ପାଇ କୋର୍ଟ ପରିସରରେ ପହଞ୍ଚି ତଦନ୍ତ କରିବା ସହ ଅଜଣା ଇ-ମେଲ୍ ଆଇଡିକୁ ନେଇ ଅଧିକ ତର୍ଜମା ସହ କୋର୍ଟ ପରିସରରେ ସଶସ୍ତ୍ର ପୋଲିସ ଓ ବମ୍ ସ୍କ୍ୱାଡ୍ ପହଞ୍ଚି ସର୍ଚ୍ଚ ଆରମ୍ଭ କରିଥିଲା। ସର୍ଚ୍ଚ ପରେ କୋର୍ଟ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା। କିଏ ଏହି ମେଲ୍ ପଠାଇଛି, କାହିଁକି ପଠାଇଛି ଓ କାହା ଉଦ୍ଦେଶ୍ୟରେ ପଠାଇଛି ସେ ନେଇ ଖୋଳତାଡ଼ କରାଯାଇଥିଲା। କିନ୍ତୁ ସେମିତି କୌଣସି ଘଟଣା ଘଟି ନ ଥିବାବେଳେ କିଛି ବିସ୍ଫୋରକ ମଧ ଠାବ ହୋଇ ନ ଥିଲା। ଏ ନେଇ ପୁରୀ ଓକିଲ ସଂଘ ସମ୍ପାଦକ ଶରତ କୁମାର ରାୟଗୁରୁ କହିଛନ୍ତି, ଅଜଣା ମେଲ୍ ଆଇଡି କରି ଅଭିଯୁକ୍ତ ସୁରକ୍ଷା ବ୍ୟବସ୍ଥାକୁ ଚ୍ୟାଲେଞ୍ଜ ଦେଉଛନ୍ତି। ଲୋକଙ୍କ ମନରେ ଭୟ ସୃଷ୍ଟି କରିବା ପାଇଁ ଏପରି ମେଲ୍ କରାଯାଉଛି। ପୋଲିସ ମେଲ୍ କରୁଥିବା ବ୍ୟକ୍ତିଙ୍କୁ କାହିଁକି ଧରିପାରୁନି ବୋଲି ରାୟଗୁରୁ ପ୍ରଶ୍ନ କରିଛନ୍ତି। ଗତ ଫେବୃଆରୀ ୬ ତାରିଖରେ ଏହିଭଳି ଭାବେ ପୁରୀ କୋର୍ଟକୁ ବୋମାରେ ଉଡ଼ାଇ ଦେବାକୁ ଧମକପୂର୍ଣ୍ଣ ମେଲ୍ ଆସିଥିଲା। ପରେ ତାହା ମିଥ୍ୟା ବୋଲି ଜଣାପଡିଥିଲା।


ପୁରୀ କୋର୍ଟ ପରିସରରେ ଡଗ୍ ସ୍କ୍ୱାଡ୍ ଦ୍ୱାରା ଛାନ୍‌ଭିନ୍ ଚାଲିଛି।

ସେହିପରି ବରଗଡ଼ ସିଭିଲ କୋର୍ଟକୁ ୧୪ଟି ସିଆନାଇଡ୍ ଗ୍ୟାସ୍ ବୋମାରେ ବିସ୍ଫୋରଣ କରିବାକୁ ଇମେଲ ଯୋଗେ ଧମକ ମିଳିଥିଲା। ଏହାପରେ କୋର୍ଟରେ କାର୍ଯ୍ୟରତ ବିଚାରପତି, ବିଚାର ବିଭାଗୀୟ କର୍ମଚାରୀ ଏବଂ ଓକିଲମାନେ କୋର୍ଟ ବାହାରକୁ ଚାଲିଆସିଥିଲେ। ପୋଲିସ ସନ୍ଧାନୀ କୁକୁର ଏବଂ ବୋମା ନିଷ୍କ୍ରିୟକାରୀ ଟିମ୍ ଧରି କୋର୍ଟକୁ ପହଞ୍ଚିଥିଲା ଏବଂ କୋର୍ଟ ପରିସର ସବୁଆଡ଼େ ଯାଞ୍ଚ କରିଥିଲା। କିନ୍ତୁ କିଛି ମିଳି ନ ଥିଲା। ଗତ ୫ ସପ୍ତାହ ମଧ୍ୟରେ ଉକ୍ତ କୋର୍ଟକୁ ତୃତୀୟଥର ପାଇଁ ଏଭଳି ଧମକପୂର୍ଣ୍ଣ ମେଲ୍ ଆସିଛି। ଏହା ପୂର୍ବରୁ ଗତ ଫେବୃଆରୀ ୬ ଏବଂ ଚଳିତ ମାସ ୨ତାରିଖରେ ଏହି କୋର୍ଟକୁ ଅନୁରୂପ ଧମକ ଆସିଥିଲା। କଳାହାଣ୍ଡି ଜିଲା କୋର୍ଟକୁ ମଧ ଇ-ମେଲ୍ ମାଧ୍ୟମରେ କୋର୍ଟକୁ ବୋମା ପକାଇ ଉଡ଼ାଇଦେବାକୁ ଧମକ ମିଳିଥିଲା। ଜିଲା ଓ ଦୌରାଜଜ୍ କୋର୍ଟଙ୍କ ସରକାରୀ ଇ-ମେଲ୍‌କୁ ଏହି ଧମକପୂର୍ଣ୍ଣ ମେଲ୍ ଆସିଥିଲା। ଏହି ଖବର ଜଣାପଡିବା ପରେ କୋର୍ଟରେ ଟାଉନ ପୋଲିସ ସମେତ ବୋମା ନିଷ୍କ୍ରିୟକାରୀ ଦଳ ଓ ଡଗ୍ ସ୍କ୍ୱାଡ୍ ପହଞ୍ଚି ଛାନ୍‌ଭିନ୍ କରିଥିଲେ। ସୋମବାର ପୂର୍ବାହ୍ନରେ କୋର୍ଟ କାର୍ଯ୍ୟ ବନ୍ଦ ରହିଥିଲା। ଅପରାହ୍ନ ୨ଟା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା।

କେନ୍ଦୁଝର ଜିଲା ଦୌରାଜଜ୍‌ଙ୍କ କୋର୍ଟକୁ ମଧ ସୋମବାର ବୋମାରେ ଉଡ଼ାଇ ଦେବାକୁ ଇମେଲ୍ ଯୋଗେ ଧମକପୂର୍ଣ୍ଣ ମେଲ୍ ଆସିଥିଲା। ଟାଉନ ପୋଲିସ ସନ୍ଧାନୀ କୁକୁର ଓ ବୋମା ନିଷ୍କ୍ରିୟକାରୀ ଦଳ ସହ କୋର୍ଟ ପରିସରରେ ପହଞ୍ଚି ତନ୍ନତନ୍ନ କରି ଯାଞ୍ଚ କରିଥିଲା। ତେବେ ବୋମା ସମ୍ପର୍କରେ କିଛି ତଥ୍ୟ ମିଳି ପାରି ନାହିଁ। ଗତ ୩ ତାରିଖରେ ମଧ କେନ୍ଦୁଝର ଜିଲା ଦୌରାଜଜ୍‌ଙ୍କ କୋର୍ଟକୁ ଧମକ ମିଳିଥିଲା।

## ପରିଚୟ ଲୁଚାଇ ଏକାଧିକ ଯୁବତୀଙ୍କୁ ପ୍ରେମରେ ଫସାଉଥିଲେ

- ମୋବାଇଲ୍‌ରୁ ମିଳିଲା ବହୁ ଯୁବତୀଙ୍କ ସହ ଇର୍‌ଫାନଙ୍କ ଫଟୋ
- ବିବାହିତ ହୋଇ ବି ଯୁବତୀଙ୍କୁ ମିଛ କହୁଥିଲେ
- ରିମାଣ୍ଡରେ ଆଣିବା ପରେ ଅନେକ ଗୁମର ଖୋଲିବ: ପୋଲିସ



ଭୁବନେଶ୍ୱର,୯।୩(ତ୍ରିନାଥ ମହାନ୍ତି)

ପରିଚୟ ଲୁଚାଇ ହିନ୍ଦୁ ଯୁବତୀଙ୍କୁ ପ୍ରେମ ଜାଲରେ ଫସାଇ ଗିରଫ ହୋଇଥିବା ଇର୍‌ଫାନ ଅନ୍‌ସାରୀଙ୍କ ଗୁମର ଖୋଲିବାରେ ଲାଗିଛି। ତାଙ୍କ ଠାରୁ ଜବତ ହାଇଥିବା ଏକାଧିକ ଆଧାର କାର୍ଡ ଏବଂ ମୋବାଇଲ ଯାଞ୍ଚ କରିବା ପରେ ପୋଲିସ ଅନେକ ତଥ୍ୟ ପାଇଛି। ଇର୍‌ଫାନ କେବଳ ଭଦ୍ରକର ହିନ୍ଦୁ ଯୁବତୀଙ୍କୁ ନୁହେଁ ସେ ବିଭିନ୍ନ ରାଜ୍ୟର ଏକାଧିକ ହିନ୍ଦୁ ଯୁବତୀଙ୍କୁ ନିଜର ପ୍ରେମ ଜାଲରେ ଫସାଇ ଧର୍ମ ପରିବର୍ତ୍ତନ କରିଥିବା ପୋଲିସ ପ୍ରମାଣ ପାଇଛି। କାରଣ ତାଙ୍କ ମୋବାଇଲରୁ ଏକାଧିକ ଯୁବତୀଙ୍କ ସହ ଫଟୋ ଥିବା ଦେଖିବାକୁ ମିଳିଛି। ତେଣୁ ପୋଲିସ ଇର୍‌ଫାନଙ୍କ ଘରକୁ ଯାଇ ତାଙ୍କ ସମ୍ପର୍କରେ ଅଧିକ ଖୋଳତାଡ଼ କରିବ। ତାଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରାଗଲେ ଇର୍‌ଫାନଙ୍କ ସମ୍ପର୍କରେ ଅଧିକ ତଥ୍ୟ ମିଳିବ। ସେଥିପାଇଁ ତାଙ୍କୁ ୩ ଦିନିଆ ରିମାଣ୍ଡରେ ଆଣିବା ଲାଗି ପୋଲିସ ଆବେଦନ କରିବ ବୋଲି ସୂଚନା ମିଳିଛି।

ପ୍ରେମିକାଙ୍କ ନିକଟରେ ସେ ଜୟରାଜ ଶର୍ମା, କିନ୍ତୁ ତାଙ୍କର ଅସଲ ପରିଚୟ ଇର୍‌ଫାନ ଅନ୍‌ସାରୀ। ଘର କର୍ଣାଟକ ବିଦାର ଅଞ୍ଚଳରେ ହୋଇଥିବାବେଳେ ସେ ବିବାହିତ। ଭଦ୍ରକର ଜଣେ ଯୁବତୀଙ୍କୁ ପ୍ରେମ ଆଳରେ ଧର୍ମ ପରିବର୍ତ୍ତନ ସହ ଶହୀଦନଗର ଅଞ୍ଚଳର ଏକ ହୋଟେଲରେ ବଳାତ୍କାର ଏବଂ ଆକ୍ରମଣ କରିଥିଲେ। ଏୟାରହୋଷ୍ଟେସ ପାଠ୍ୟକ୍ରମ ପରେ ଚେନ୍ନାଇରେ ଏକ ହୋଟେଲରେ ଚାକିରି କରୁଥିଲେ ଯୁବତୀ ଜଣକ। ସେହି ହୋଟେଲକୁ ଯାଇଥିବାବେଳେ ଯୁବତୀଙ୍କ ସହ ଇର୍‌ଫାନଙ୍କ ପରିଚୟ ହୋଇଥିଲା। ସେତେବେଳେ ଇର୍‌ଫାନ ନିଜକୁ ଜୟରାଜ ଶର୍ମା କହି ପ୍ରଥମେ ବନ୍ଧୁତା ଓ ପରେ ସମ୍ପର୍କ ଗଢ଼ିଥିଲେ। କିଛିଦିନ ପରେ ସମ୍ପୃକ୍ତ ଯୁବତୀ ପୁରୀର ଏକ ହୋଟେଲରେ ନିଯୁକ୍ତି ପାଇ ଫେରି ଆସିଥିଲେ। ଅଭିଯୁକ୍ତ ଇର୍‌ଫାନ ବି ତାଙ୍କୁ ପିଛା କରି ଓଡ଼ିଶା ଆସିଥିଲେ। ଉଭୟେ ଶହୀଦନଗର ଅଞ୍ଚଳର ଏକ ହୋଟେଲକୁ ଯାଇଥିବାବେଳେ ରୁମ୍ ବୁକ୍ ସମୟରେ ଆଧାର କାର୍ଡ ଯାଞ୍ଚରୁ ଜୟରାଜଙ୍କ ପ୍ରକୃତ ପରିଚୟ ଇର୍‌ଫାନ ବୋଲି ଯୁବତୀ ଜଣକ ଜାଣିବାକୁ ପାଇଥିଲେ। ଏହାକୁ ନେଇ ବିବାଦ ଉପୁଜିବାରୁ ସମ୍ପୃକ୍ତ ଯୁବତୀଙ୍କୁ ଇର୍‌ଫାନ ଆକ୍ରମଣ କରିଥିଲେ। ଏପରି କି ଯୁବତୀଙ୍କୁ ଜୋର ଜବରଦସ୍ତ ଧର୍ମ ପରିବର୍ତ୍ତନ କରିବାକୁ ଇର୍‌ଫାନ୍ ବାଧ କରିଥିଲେ। ଏହା ପରେ ଯୁବତୀଜଣଙ୍କ ଥାନାରେ ଅଭିଯୋଗ କରିଥିଲେ। ପୂର୍ବରୁ ୨୦୨୪ ନଭେମ୍ବର ୮ରେ ରାଜଧାନୀରେ ସାମ୍ନାକୁ ଆସିଥିଲା ଆଉ ଏକ ଲଭ ଜିହାଦର ହେଟ୍ ଷ୍ଟୋରି। ମହିଳା ଥାନା ପୋଲିସ ୩୦ ବର୍ଷୀୟ ସମୀର ମନ୍‌ସୁର ନାମକ ଜଣେ କଶ୍ମୀର ଯୁବକଙ୍କୁ ଗିରଫ କରିଥିଲା। ମନ୍‌ସୁର ଜଗତ୍‌ସିଂହପୁର ଜିଲାର ଜଣେ ଯୁବତୀଙ୍କୁ ଫସାଇ ଫେରାର କରି ନେଇଯିବାକୁ ଉଦ୍ୟମ କରିଥିଲେ।

## ନକଲି ଜିନିଷ ବିକ୍ରି: ୟୁପି, ତାମିଲନାଡୁର ୬ ଗିରଫ

ଭଞ୍ଜନଗର,୯।୩(ବାବୁଲା ପ୍ରଧାନ)

ନକଲି ଜିନିଷ ବିକ୍ରି ବେଳେ ଗଞ୍ଜାମ ଜିଲା ତାରସିଂ ପୋଲିସ ସୋମବାର ଉତ୍ତର ପ୍ରଦେଶର ୬ ଜଣ ଯୁବକଙ୍କୁ ଗିରଫ କରି ଭଞ୍ଜନଗର କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ନାମଞ୍ଜୁର ପରେ ସମସ୍ତଙ୍କୁ ଜେଲ ପଠାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଉତ୍ତର ପ୍ରଦେଶର ସାମଲି ଜିଲା ଅନ୍ତର୍ଗତ ଇସ୍‌ଲାମପୁର ଘାସାଉଲି ଅଞ୍ଚଳର ଭାଜିଦ ବେଗ, ଶୋରେବ ବେଗ, ବାବର, ରସିଦ, ଆମୀର ଖାନ୍ ଓ ତାମିଲନାଡୁର ଜୋଲାରପେଟା ଥାନା ଅନ୍ତର୍ଗତ ପେରିୟାକମୋପେଟୁ ଅଞ୍ଚଳର ତଫିକ୍। ସେମାନଙ୍କଠାରୁ ଏକାଧିକ ମୋବାଇଲ ଫୋନ, ଗ୍ୟାସ୍ ଚୁଲା, ଏଲ୍‌ଇଡି ଟିଭି, ଘଣ୍ଟା, ଗାଡି ଆଦି ଜିନିଷ ଜବତ କରାଯାଇଛି। ଜବତ ହୋଇଥିବା ଜିନିଷ ନକଲି କିମ୍ବା ଚୋରା ସେନେଇ ତଦନ୍ତ ଜାରି ରହିଛି। ସେମାନେ ଏହାର ବିଲ୍ ଦେଖାଇ ନ ପାରିବାରୁ ଏନେଇ ଏକ ମାମଲା(ନଂ. ୬୯/୨୦୨୬) ରୁଜୁ କରାଯାଇଛି। ପୋଲିସ ଘଟଣାର ଅଧିକ ତଦନ୍ତ ଚଳାଇଛି। ଅଭିଯୁକ୍ତମାନେ ଭଞ୍ଜନଗର କେନାଲ ସାହିରେ ରହିବା ସହ ବୁଲିବୁଲି ନକଲି ଜିନିଷ ବିକ୍ରି କରୁଥିବା ଅଭିଯୋଗ ହୋଇଥିଲା।

## ଛୁରାମାଡ଼ରେ ଚାଲିଗଲା ଜୀବନ

ବରଗଡ଼,୯।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହରରେ ଆଇନଶୃଙ୍ଖଳା ପରିସ୍ଥିତି ଅଣାୟତ୍ତ ହୋଇପଡିଛି। ଏଠାରେ ବିଟ୍ ରାସ୍ତା ଉପରେ ଛୁରି, ଭୁଜାଲି ବୁଲୁଛି। ସୋମବାର ରାତି ପ୍ରାୟ ୯ଟାରେ ସ୍ଥାନୀୟ ସରକାରୀ ବସ୍‌ଷ୍ଟାଣ୍ଡ ସମ୍ମୁଖରେ ଛୁରାମାଡ଼ରେ ଜଣେ ବ୍ୟକ୍ତିଙ୍କ ଜୀବନ ଯାଇଛି। ଖବର ଲେଖାହେବା ବେଳକୁ ମୃତକଙ୍କ ସମ୍ପୂର୍ଣ୍ଣ ପରିଚୟ ମିଳିପାରିନାହିଁ। ସେ ସ୍ଥାନୀୟ ବରଗଡ଼ ପଞ୍ଚାୟତ କଲେଜ ନିକଟ ପଣ୍ଡରୀପଥର କୁଳିବନ୍ଧ ପଡ଼ା ଅଞ୍ଚଳର ବୋଲି ଅନୁମାନ କରାଯାଉଛି। ମୃତଦେହକୁ ବରଗଡ଼ ଡାକ୍ତରଖାନାର ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ହତ୍ୟାକାଣ୍ଡର କାରଣ ସ୍ପଷ୍ଟ ହୋଇନାହିଁ। ପୋଲିସ ଘଟଣାସ୍ଥଳରୁ ହତ୍ୟାକାଣ୍ଡରେ ବ୍ୟବହୃତ ଛୁରିକୁ ଜବତ ସହିତ ୨ଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିବା ସୂଚନା ମିଳିଛି।

ସୂଚନାନୁଯାୟୀ, ସରକାରୀ ବସ୍‌ଷ୍ଟାଣ୍ଡ ସମ୍ମୁଖ ଶୌଚାଳୟ ନିକଟରେ କୌଣସି କାରଣକୁ ନେଇ ଉକ୍ତ ବ୍ୟକ୍ତି ଏବଂ ଦୁର୍ବୃତ୍ତଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏହାପରେ ଦୁର୍ବୃତ୍ତମାନେ ଛୁରାମାଡ଼ କରିଥିଲେ। ଗୁରୁତର ଅବସ୍ଥାରେ ଆହତ ବ୍ୟକ୍ତିଙ୍କୁ ଉଦ୍ଧାର କରି ଡାକ୍ତରଖାନା ନିଆଯାଇଥିଲା ଏବଂ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରକାଶଥାଉକି, ଗତ କିଛିଦିନ ତଳେ ବରଗଡ଼ ଟାଉନ ଥାନା ସମ୍ମୁଖ ହାଟପଦାରେ ଭୁଜାଲି ଆକ୍ରମଣ ଯୋଗୁ ୨ଜଣଙ୍କ ଜୀବନ ଚାଲିଯାଇଥିବାବେଳେ ଶନିବାର ସ୍ପଷ୍ଟ ଦିବାଲୋକରେ ସହର ଉପକଣ୍ଠ ଘୁଲିପାଲି ଛକରେ ଜଣେ ଟ୍ରକ୍ ଚାଳକଙ୍କୁ ଛୁରାମାଡ଼ ହୋଇଥିଲା। ତେଣୁ ଏହା ଲୋକଙ୍କ ଆଖିରୁ ଲିଭି ନ ଥିବାବେଳେ ସହରର କେନ୍ଦ୍ରସ୍ଥଳୀରେ ପୁଣି ହତ୍ୟାକାଣ୍ଡ ସହରରେ ଆଇନଶୃଙ୍ଖଳା ବ୍ୟବସ୍ଥାକୁ ପଦାରେ ପକାଇ ଦେଇଛି।

# Business

## ପୂର୍ବତଟ ରେଳପଥ ଦେଇ ଗଡ଼ିବ ୨ ଅମୃତ ଭାରତ ଏକ୍ସପ୍ରେସ

ଭୁବନେଶ୍ୱର୯।୩(ଅନୁରାଧା ମହାରଣା)

ଭାରତୀୟ ରେଳପଥ ପକ୍ଷରୁ ପୂର୍ବତଟ ରେଳପଥର କ୍ଷେତ୍ରାଧିକାର ଦେଇ ଯିବାକୁଥିବା ୨ ନୂଆ ଅମୃତ ଭାରତ ଏକ୍ସପ୍ରେସ ଟ୍ରେନ ପ୍ରଚଳନ କରାଯାଇଛି। ଏହି ଟ୍ରେନଗୁଡ଼ିକ ଉତ୍ତର-ପୂର୍ବ ଭାରତ, ପୂର୍ବ ଭାରତ ଏବଂ ଦକ୍ଷିଣ ଭାରତର ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳଗୁଡ଼ିକୁ ସଂଯୋଗ କରିବ। କାମାକ୍ଷା ଚର୍ଲାପାଲ୍ଲି ସାପ୍ତାହିକ ଅମୃତ ଭାରତ ଏକ୍ସପ୍ରେସ ଭାରତର ଉତ୍ତର-ପୂର୍ବ ଏବଂ ଦକ୍ଷିଣ ଭାଗ ମଧ୍ୟରେ ସିଧାସଳଖ ରେଳ ସଂଯୋଗ ପ୍ରଦାନ କରିବ। ଯାତ୍ରା ସମୟରେ ଏହି ଟ୍ରେନ ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶର ଅନେକ ଜିଲା ଯଥା ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, ଖୋର୍ଦ୍ଧା, ଗଞ୍ଜାମ, ଶ୍ରୀକାକୁଲମ ଏବଂ ବିଶାଖାପାଟଣା ଦେଇ ଚଳାଚଳ କରିବ। ଏହା ଉତ୍ତର-ପୂର୍ବ ଏବଂ ଦକ୍ଷିଣ ଭାରତକୁ ଉନ୍ନତ ସଂଯୋଗ ପ୍ରଦାନ କରି ଓଡ଼ିଶା, ଆନ୍ଧ୍ରପ୍ରଦେଶ ଏବଂ ଆଖପାଖ ଅଞ୍ଚଳର ଯାତ୍ରୀମାନଙ୍କୁ ଉପକୃତ କରିବ। ଏହି ଟ୍ରେନଟି ପ୍ରତି ରବିବାର କାମାକ୍ଷାରୁ ଏବଂ ପ୍ରତି ବୁଧବାର ଚର୍ଲାପାଲ୍ଲିରୁ ପ୍ରସ୍ଥାନ କରିବ। ପୋତନୁର-ଧାନବାଦ ଅମୃତ ଭାରତ ସାପ୍ତାହିକ ଏକ୍ସପ୍ରେସ ତାମିଲନାଡୁର ପୋତନୁରକୁ ପୂର୍ବ ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ସହର ଧାନବାଦ ସହିତ ସଂଯୋଗ କରିବ।



ଟ୍ରେନଟି ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶର ଅନେକ ଜିଲା ଯଥା ବିଶାଖାପାଟଣା, ବିଜୟନଗରମ, ପାର୍ବତୀପୁରମ ମାନ୍ୟମ, ରାୟଗଡ଼ା, କଳାହାଣ୍ଡି, ବଲାଙ୍ଗୀର, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ ଜିଲା ଦେଇ ଚଳାଚଳ କରିବ, ଯାହା ଦକ୍ଷିଣ ଭାରତ ଏବଂ ପୂର୍ବ ଭାରତର କୋଇଲା ବେଲ୍ଟ ଅଞ୍ଚଳ ମଧ୍ୟରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କ ପାଇଁ ଉନ୍ନତ ରେଳ ସଂଯୋଗ ପ୍ରଦାନ କରିବ। ଏହି ଟ୍ରେନ ପ୍ରତି ଶନିବାର ପୋତନୁରରୁ ଏବଂ ପ୍ରତି ସୋମବାର ଧାନବାଦରୁ ଛାଡ଼ିବ। ଅମୃତ ଭାରତ ଏକ୍ସପ୍ରେସ ହେଉଛି ଏକ ଆଧୁନିକ ଏଲ୍‌ଏଚ୍‌ବି ରେକ ଟ୍ରେନ, ଯାହା ଉନ୍ନତ ପୁସ-ପୁଲ ପ୍ରଯୁକ୍ତିବିଦ୍ୟାରେ ସଜ୍ଜିତ, ଉନ୍ନତ ଗତି, ସୁଗମ କାର୍ଯ୍ୟ ଏବଂ ବର୍ଦ୍ଧିତ ଯାତ୍ରୀ ଆରାମ ପ୍ରଦାନ କରେ। ଏହି ଟ୍ରେନରେ ଏର୍ଗୋନୋମିକାଲି ଡିଜାଇନ ହୋଇଥିବା ବର୍ଥ, ମଡ୍ୟୁଲାର୍ ଶୌଚାଳୟ, ଏଲ୍‌ଇଡି ଆଲୋକୀକରଣ, ସିସିଟିଭି ନିରୀକ୍ଷଣ ଏବଂ ମୋବାଇଲ ଚାର୍ଜିଂ ଭଳି ସୁବିଧା ସମେତ ଆଧୁନିକ ଯାତ୍ରୀ ସୁବିଧା ପ୍ରଦାନ କରାଯାଇଛି। ଏହି ଟ୍ରେନଗୁଡ଼ିକର ପ୍ରଚଳନ ଓଡ଼ିଶା ଏବଂ ଆନ୍ଧ୍ର ପ୍ରଦେଶ ଅଞ୍ଚଳରେ ପର୍ଯ୍ୟଟନ, ତୀର୍ଥଯାତ୍ରା ଏବଂ ସ୍ଥାନୀୟ ଅର୍ଥନୀତିକୁ ପ୍ରୋତ୍ସାହିତ କରିବ ବୋଲି ଆଶା କରାଯାଉଛି।

## ଷ୍ଟାର୍ଟଅପ୍ ସଶକ୍ତ ହେଲେ ରାଜ୍ୟ ସମୃଦ୍ଧ ହେବ

- ୧୨ ଷ୍ଟାର୍ଟଅପ୍ ଉଦ୍ୟୋଗୀଙ୍କୁ ଆର୍ଥିକ ସହାୟତା
- ଓ-ହବ୍‌ରେ ଷ୍ଟାର୍ଟଅପ୍ ସମ୍ମିଳନୀ

ଭୁବନେଶ୍ୱର, ୯।୩(ଅନୁରାଧା ମହାରଣା)




ରାଜ୍ୟରେ ଷ୍ଟାର୍ଟଅପ୍ ଅଧିକ ସଶକ୍ତ ହେଲେ ରାଜ୍ୟ ସମୃଦ୍ଧି ଦିଗରେ ଆଗେଇପାରିବ । ତେଣୁ ଷ୍ଟାର୍ଟଅପ୍ ଆରମ୍ଭ କରିବା ପାଇଁ ଯୁବ ପିଢ଼ି ଆଗେଇ ଆସିବା ଦରକାର ବୋଲି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି। ସ୍ଥାନୀୟ ଓ-ହବ୍‌ଠାରେ ସୋମବାର ଅନୁଷ୍ଠିତ ଷ୍ଟାର୍ଟଅପ୍ ସମ୍ମିଳନୀରେ ଯୋଗ ଦେଇ ଯୁବ ଉଦ୍ୟୋଗୀଙ୍କୁ ମନ୍ତ୍ରୀ ମଲ୍ଲିକ ଏପରି କହିଛନ୍ତି। କାର୍ଯ୍ୟକ୍ରମରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର କମିଶନର ତଥା ଶାସନ ସଚିବ ରଶ୍ମିତା ପଣ୍ଡା ସ୍ୱାଗତ ଅଭିଭାଷଣରେ ବିଭାଗ ପକ୍ଷରୁ ଦିଆଯାଉଥିବା ବିଭିନ୍ନ ଆର୍ଥିକ ପ୍ରୋତ୍ସାହନ ସମ୍ପର୍କରେ ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ। ଏହି ସମ୍ମିଳନୀରେ ୧୨ ଜଣ ଯୁବ ଷ୍ଟାର୍ଟଅପ୍ ଉଦ୍ୟୋଗୀଙ୍କୁ ମନ୍ତ୍ରୀ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ। ଉତ୍ପାଦ ବିକାଶ ଏବଂ ମାର୍କେଟିଂ ସହାୟତା ବାବଦରେ ଡିରାକାଇ, ଇଗଲ ଏଆଇ, ଜୟଦେବ ନାଚୁରାଲ ଫୁଡ୍ସ, ଇକୋ ସାଥ ଗ୍ରୀନ ଇଣ୍ଡିଆ, ରେଟ୍ରୋଡ, ସେରଲକ ଷ୍ଟୁଡିଓ ଆର୍ଥିକ ପ୍ରୋତ୍ସାହନ ରାଶି ପାଇଥିବା ବେଳେ ଆବଶ୍ୟକତା ଆଧାରିତ ସହାୟତା ବାବଦରେ ଆଷ୍ଟ୍ରୋନେକ୍ସଟ ଟେକ୍ନୋଲୋଜିସ, ଟେଷ୍ଟ କ୍ୱେଷ୍ଟ ଇ-ଲର୍ନିଂ, ଏନସି ସ୍କୋୟାର୍ ଏଡ ଟେକ, ରେଟ୍ରିକ ଡିଜାଇନ୍ସ, ଡିଏମଏନ ଏଡଟେକ ଏବଂ ଟିଡିବି ରୁଟଲଞ୍ଚ ଷ୍ଟାର୍ଟ ଅପକୁ ଆର୍ଥିକ ଅନୁଦାନ ପ୍ରଦାନ କରାଯାଇଥିଲା। ଷ୍ଟାର୍ଟଅପ୍ ଓ ମୁଖ୍ୟ ପ୍ରଶାସନିକ ଅଧିକାରୀ ପ୍ରଫୁଲ୍ଲ କୁନ୍ତୁର ଧନ୍ୟବାଦ ଦେଇଥିଲେ । ଇଗଲ ଏଆଇ ଏବଂ ରେଟ୍ରିକ ଡିଜାଇନ୍ସ ସମ୍ମିଳନୀରେ ନିଜର ଅଭିଜ୍ଞତା ଓ ଅନୁଭୂତି ବାଣ୍ଟିଥିଲେ । ସୂଚନାଥାଉକି, ଓ-ଷ୍ଟାର୍ଟଅପ ପଲିସି ମାଧ୍ୟମରେ ଉଦ୍ୟୋଗୀଙ୍କୁ ସଶକ୍ତ କରିବା ପାଇଁ ଆର୍ଥିକ ସହାୟତା, ମେଣ୍ଟରଶିପ, ବିପଣନ, ନେଟୱର୍କିଂ ଆଦି ବିଭିନ୍ନ ସୁଯୋଗ ପ୍ରଦାନ କରାଯାଉଛି ।

## ମହିଳା ସିଏଙ୍କର ରାଷ୍ଟ୍ର ବିକାଶରେ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର୯।୩(ଅନୁରାଧା ମହାରଣା)

ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆ (ଆଇସିଏଆଇ)ର ଭୁବନେଶ୍ୱର ଶାଖାରେ ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଭୁବନେଶ୍ୱରସ୍ଥିତ ଆଇସିଏଆଇ ଭବନରେ 'ମହିଳା ସିଏଙ୍କର ରାଷ୍ଟ୍ର ବିକାଶରେ ଭୂମିକା' ଶୀର୍ଷକ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଗୀତା ଦାଶ, ଡିଏନ୍ ହୋମ୍‌ସ ପ୍ରାଇଭେଟ୍ ଲିମିଟେଡ୍‌ର ଡାଇରେକ୍ଟର ରତ୍ନମାଳା ସ୍ୱାଇଁ, ଅଭିନେତ୍ରୀ ଅନୁ ଚୌଧୁରୀ ଏବଂ ଉତ୍କଳ ହସ୍ପିଟାଲର ସିନିୟର ଗାଇନୋକୋଲୋଜିଷ୍ଟ ଓ ଇନଫର୍ଟିଲିଟି ସ୍ପେଶିଆଲିଷ୍ଟ ଡା.ଅଭିପ୍ସା ମିଶ୍ର ବିଶିଷ୍ଟ ଅତିଥି ଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ସିଏ ଗୌତମ ଲେଙ୍କା, ଉପାଧ୍ୟକ୍ଷ ସିଏ ପୃଥ୍ୱୀ ରଞ୍ଜନ ପାଢ଼ୀ ଓ ଛାତ୍ର ସଙ୍ଗଠନର ଅଧ୍ୟକ୍ଷ, ସଚିବ ଏବଂ କୋଷାଧ୍ୟକ୍ଷ ସିଏ ସୌମ୍ୟ ସୁନୀଲ ସାହୁ ଉପସ୍ଥିତ ଥିଲେ। ଏହି ଅବସରରେ ମହିଳା ସଦସ୍ୟମାନେ 'ସି ରୋଜ୍ ୱିଥ୍ କରେଜ୍, ସି ଷ୍ଟାଣ୍ଡ୍‌ସ ୱିଥ୍ ଇଣ୍ଟିଗ୍ରିଟି' ଶୀର୍ଷକ ବିଷୟ ଉପରେ ନିଜ ଚାର୍ଟାର୍ଡ୍ ଆକାଉଣ୍ଟାଣ୍ଟ ଜୀବନଯାତ୍ରାର ଅନୁଭବ ଓ ସଫଳତାକୁ ଆଧାର କରି ସଂକ୍ଷିପ୍ତ ଲେଖା ପ୍ରଦାନ କରିଥିଲେ। ୧୨ ମାର୍ଚ୍ଚ ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ଏକ ଚିତ୍ରକଳା ପ୍ରଦର୍ଶନୀ ମଧ କରାଯାଇଛି।



ଆଇସିଏଆଇ ଭବନରେ 'ମହିଳା ସିଏଙ୍କର ରାଷ୍ଟ୍ର ବିକାଶରେ ଭୂମିକା' ଶୀର୍ଷକ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅତିଥିମାନେ ଉପସ୍ଥିତ ଅଛନ୍ତି।

## ମହିଳା ଦିବସରେ ଟାଟା ପାୱାରର 'ନୂଆ ଆରମ୍ଭ'



ଭୁବନେଶ୍ୱର୯।୩(ଅନୁରାଧା ମହାରଣା)

ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସକମ୍‌ଗୁଡିକ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ 'ନୂଆ ଆରମ୍ଭ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୌଣସି କାରଣରୁ ନିଜ ବୃତ୍ତିଗତ ଜୀବନରୁ ବିରତି ନେଇଥିବା ମହିଳାମାନଙ୍କୁ ପୁଣିଥରେ କାର୍ଯ୍ୟକ୍ଷେତ୍ରକୁ ଫେରାଇ ଆଣିବା, ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଭରିବା ଏବଂ ଅଭିବୃଦ୍ଧି ପାଇଁ ସୁଯୋଗ ପ୍ରଦାନ କରିବା ପାଇଁ ଏହି କାର୍ଯ୍ୟକ୍ରମ କରାଯାଇଛି। ଦ୍ୱିତୀୟ ସଂସ୍କରଣରେ ଏହି ଅଭିଯାନ ମାଧ୍ୟମରେ, ଡିସକମ୍‌ଗୁଡିକ ପ୍ରତିଭାବାନ ମହିଳା ବୃତ୍ତିଧାରୀମାନଙ୍କ ପାଇଁ ସେମାନଙ୍କର ଦ୍ୱିତୀୟ କ୍ୟାରିୟର ଆରମ୍ଭ କରିବା ଏବଂ ଓଡ଼ିଶାର ବିଦ୍ୟୁତ୍ ବିତରଣ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବା ପାଇଁ ପଥ ସୃଷ୍ଟି କରୁଛି। ୪ ଡିସକମ୍‌ରେ ବିଭିନ୍ନ ଦାୟିତ୍ୱ ଓ ପେସାଗତ ପୃଷ୍ଠଭୂମିରୁ ସାତ ଜଣ ମହିଳା ବୃତ୍ତିଧାରୀଙ୍କୁ ନିଯୁକ୍ତି ଦିଆଯାଇଛି। କାର୍ଯ୍ୟକ୍ରମରେ ଦିଲ୍ଲୀର ଫାକଲ୍ଟି ଅଫ୍ ମ୍ୟାନେଜମେଣ୍ଟ ଷ୍ଟଡିଜ୍‌ର ପ୍ରଫେସର ତଥା ଟିପିଏନଓଡିଏଲ୍ ଏବଂ ଟିପିଡବ୍ଲ୍ୟୁଓଡିଏଲ୍‌ର ବୋର୍ଡ ନିର୍ଦ୍ଦେଶିକା ଡ. ମୋନିକା ସିଂଘାଣିଆ, ଟାଟା ପାୱାରର ଚିଫ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ବିଜନେସ ଗଜାନନ କାଲେ, ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ ସିଂହ ଏବଂ ଚିଫ୍ ବିଏଚ୍‌ଆର ଶ୍ୟାମ ସୁନ୍ଦର ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

## ବିଓଆଇ ପକ୍ଷରୁ ମେଗା ସମ୍ଝୋତା ଅଭିଯାନ

ଭୁବନେଶ୍ୱର୯।୩(ଅନୁରାଧା ମହାରଣା)

ବ୍ୟାଙ୍କ ଅଫ୍ ଇଣ୍ଡିଆ(ବିଓଆଇ) ପକ୍ଷରୁ ମାର୍ଚ୍ଚ ୧୬ରୁ ୨୦ ପର୍ଯ୍ୟନ୍ତ ସମସ୍ତ ଶାଖା/ ଜୋନ୍ ଏବଂ କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟଗୁଡ଼ିକରେ ଏକକାଳୀନ ସମାଧାନ (ଓଟିଏସ୍) ମାଧ୍ୟମରେ ଋଣଗ୍ରହୀତାଙ୍କ ଏନ୍‌ପିଏ ଋଣ ଆକାଉଣ୍ଟର ସମାଧାନ ପାଇଁ ମେଗା ସମ୍ଝୋତା ଅଭିଯାନ ଜାରି ରହିବ। ଏହି ସମ୍ଝୋତା ଅଭିଯାନ ସେହି ଏନ୍‌ପିଏ ଋଣଗ୍ରହୀତାମାନଙ୍କ ପାଇଁ ଉଦ୍ଦିଷ୍ଟ, ଯେଉଁମାନେ ବ୍ୟବସାୟରେ ଅସୁବିଧା/ ଚିକିତ୍ସାଜନିତ ସମସ୍ୟା କିମ୍ବା ଅନ୍ୟ କୌଣସି ଯଥାର୍ଥ କାରଣବଶତଃ ଠିକ୍ ସମୟରେ ଋଣ ପରିଶୋଧ କରିପାରି ନାହାନ୍ତି। ବ୍ୟାଙ୍କର କ୍ଷୁଦ୍ର ଓ ମଧ୍ୟମ ଆକାଉଣ୍ଟଧାରୀମାନଙ୍କ ଋଣ ସମାଧାନ ପାଇଁ ସ୍ୱତନ୍ତ୍ର ଓଟିଏସ୍ ଯୋଜନା ମାଧ୍ୟମରେ ଏନ୍‌ପିଏ ଆକାଉଣ୍ଟଧାରୀ ଋଣଗ୍ରହୀତାମାନଙ୍କୁ ରିହାତି ପ୍ରଦାନ କରାଯାଉଛି।

## ଏସ୍‌ବିଆଇ ପାଳିଲା ମହିଳା ଦିବସ



ଭୁବନେଶ୍ୱର୯।୩ (ଅନୁରାଧା ମହାରଣା)

ଭାରତୀୟ ଷ୍ଟେଟ ବ୍ୟାଙ୍କର କଟକ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ କଟକସ୍ଥିତ ଏକ ହୋଟେଲରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏସବିଆଇ ଭୁବନେଶର ମଣ୍ଡଳର ମହାପ୍ରବନ୍ଧକ ଡ. ବନ୍ଦନା ଅଗ୍ରୱାଲ ମୁଖ୍ୟ ଅତିଥି ଏବଂ ଡିଜିଏମ ପ୍ରଶାନ୍ତ କୁମାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ମହିଳାମାନେ ଭାଗ ନେଇଥିଲେ ଏବଂ ମହିଳାମାନେ ସ୍ୱାବଲମ୍ବୀ ଏବଂ ସଶକ୍ତ ହେବା ପାଇଁ ଏସବିଆଇ ଦ୍ୱାରା ଯୋଗାଯାଉଥିବା ବିଭିନ୍ନ ସେବା ବିଷୟରେ ଆଲୋକପାତ କରାଯାଇଥିଲା । ଏସ୍‌ସିବି ମେଡ଼ିକାଲ କଲେଜର ଡିନ୍ ତଥା ଅଧକ୍ଷା ଡା. ଲୁସି ଦାସ ଏବଂ ବିଶିଷ୍ଟ ସମାଜସେବୀ କବିତା ମହାପାତ୍ର ସେମାନଙ୍କର ଦୀର୍ଘ ଦିନର ଅନୁଭୂତି ବାଣ୍ଟିଥିବା ସହ ମହିଳାମାନଙ୍କର ଉନ୍ନତୀକରଣ ବିଷୟରେ ବର୍ଣ୍ଣନା କରିଥିଲେ। ଏସ୍‌ବିଆଇ କଟକର ଆଞ୍ଚଳିକ ପରିଚାଳକ ଚୌଧୁରୀ ଅଶ୍ୱିନ ଅନୁପମ ପ୍ରହରାଜ ମୁଖ୍ୟ ବକ୍ତା ଭାବେ ବ୍ୟାଙ୍କର ବିଭିନ୍ନ ମହିଳା ଉପଯୋଗୀ ଋଣ ଯୋଜନା ସମ୍ବନ୍ଧରେ ଆଲୋଚନା କରିଥିଲେ ।

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ରଗ୍‌ବୀ ୧୫ଏସ୍ ଚାମ୍ପିୟନଶିପ୍‌ରେ ସୋମବାର ଫ୍ୟୁଚର ହୋପ୍ ଓ ସର୍ଜେଣ୍ଟ ଇନ୍‌ଷ୍ଟିଚ୍ୟୁଟ ମଧ୍ୟରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମ୍ୟାଚ।

# ଆଥ୍‌ଲେଟ ଟ୍ୱିଙ୍କଲ ୪ ବର୍ଷ ବାସନ୍ଦ

ନୂଆଦିଲ୍ଲୀ, ୯।୩ (ପି.ଟି.)

ଡୋପ୍ ଟେଷ୍ଟରେ ଧରାପଡ଼ିଥିବା ଭାରତୀୟ ମିଡଲ ଡିଷ୍ଟାନ୍ସ ଧାବିକା ଟ୍ୱିଙ୍କଲ ଚୌଧାରୀ ନିଜକୁ ନିର୍ଦ୍ଦୋଷ ବୋଲି ପ୍ରମାଣ କରିବାରେ ସମର୍ଥ ହୋଇ ନାହାନ୍ତି। ଫଳରେ ଆଥ୍‌ଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍(ଏଆଇୟୁ) ଏହି ନ୍ୟାଶନାଲ ଗେମ୍ସ ସ୍ୱର୍ଣ୍ଣ ବିଜେତାଙ୍କୁ ୪ବର୍ଷ ବାସନ୍ଦ କରିଛି। ଡୋପ୍ ଟେଷ୍ଟବେଳେ ଯେଉଁ ସାମ୍ପଲର ପରୀକ୍ଷାରୁ ଫଳାଫଳ ପଜିଟିଭ ଆସିଥିଲା ତାହା ତାଙ୍କର ନୁହେଁ କିମ୍ବା ଏହା ସଂକ୍ରମଣ ଦ୍ୱାରା ହୋଇପାରିଥାଏ ବୋଲି ତାହା ସେ ପ୍ରମାଣ କରିପାରି ନ ଥିଲେ।

# ଫାଇନାଲରେ କଟକ 'ଏ' - ସୁନ୍ଦରଗଡ଼

## କଳାହାଣ୍ଡି କପ୍

କଟକ, ୯।୩ (କୁମାରଶ୍ରୀ)

କଳାହାଣ୍ଡି କପ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ କଟକ-ଏ ଓ ସୁନ୍ଦରଗଡ ମଧ୍ୟରେ ଅନୁଷ୍ଠିତ ହେବ। ଆସନ୍ତା ୧୧ରେ ବାରବାଟୀ ଷ୍ଟାଡିୟମରେ ଉଭୟ ଦଳ ଟାଇଟଲ ନିମନ୍ତେ ଲଢ଼େଇ କରିବେ। ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ସୋମବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ କଟକ-ଏ ୨୫୪ରନରେ ଅନୁଗୋଳକୁ ପରାସ୍ତ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା କଟକ-ଏ ୮ ଉଇକେଟରେ ୩୯୬ରନ ସଂଗ୍ରହ କରିଥିଲା। ବିପ୍ଳବ ସାମନ୍ତରାୟ ୧୭୫ ଏବଂ ରାମଚନ୍ଦ୍ର ବେହେରା ୧୩୦ରନର ଶତକୀୟ ଇନିଂସ ଖେଳିଥିଲେ। ଅନୁଗୋଳ ପକ୍ଷରୁ ମିଳନ ସାମଲ ଏବଂ ଆକାଶ ପ୍ରଧାନଙ୍କୁ ୩ଟି ଲେଖାଏ ଉଇକେଟ ମିଳିଥିଲା। ୩୯୭ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଅନୁଗୋଳ ୯ ଉଇକେଟ ବିନିମୟରେ ୧୪୨ରନ କରିବାକୁ ସକ୍ଷମ ହୋଇଥିଲା। ବିଜୟୀ ଦଳର ଶୁଭମ ନାୟକ ଏବଂ ସୁମିତ ଶର୍ମା ୨ଟି ଲେଖାଏ ଉଇକେଟ ଦଖଲ କରିଥିଲେ। ବିସ୍ଫୋରକ ଶତକୀୟ ଇନିଂସ ଖେଳିଥିବା ବିପ୍ଳବଙ୍କୁ ପ୍ଲେୟର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ବାରବାଟୀ ଷ୍ଟାଡିୟମରେ ଦ୍ୱିତୀୟ ସେମିଫାଇନାଲରେ ସୁନ୍ଦରଗଡ ଏବଂ ରାଉରକେଲା ମୁହାଁମୁହିଁ ହୋଇଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ସୁନ୍ଦରଗଡ ଗୋବିନ୍ଦ ପୋଦ୍ଦାରଙ୍କ ୧୧୧ରନ ସହାୟତାରେ ୭ ଉଇକେଟ ବିନିମୟରେ ୩୫୩ରନ କରିଥିଲା। ରାଉରକେଲାର ସ୍ୱପ୍ନ ଭୂୟାଁଙ୍କୁ ୩ଟି ଉଇକେଟ ମିଳିଥିଲା। ଜବାବରେ ରାଉରକେଲା ୨୩୫ରନରେ ଅଲଆଉଟ ହେବା ଯୋଗୁ ସୁନ୍ଦରଗଡ ଫାଇନାଲରେ ସ୍ଥାନ ସୁରକ୍ଷିତ କରିଥିଲା। ଶତକୀୟ ଇନିଂସ ଖେଳିବା ସହ ଦୁଇ ଉଇକେଟ ଦଖଲ କରିଥିବା ଗୋବିନ୍ଦ ପ୍ଲେୟର ଅଫ ଦି ମ୍ୟାଚ୍ ହୋଇଥିଲେ।



ବିପ୍ଳବ ସାମନ୍ତରାୟ



ରାମଚନ୍ଦ୍ର ବେହେରା



ଗୋବିନ୍ଦ ପୋଦ୍ଦାର

# ଦିଲ୍ଲୀ ହରିକେନ୍ସ, ଫ୍ୟୁଚର ହୋପ୍ ହାର୍ଲେକୁଇନ୍ସ ସେମିରେ

ଭୁବନେଶ୍ୱର, ୯।୩ (ବିଜୟ ରଣା)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ରଗ୍‌ବୀ ୧୫ଏସ୍ ଚାମ୍ପିୟନଶିପ୍ ଡିଭିଜନ-୧ର ୩ୟ ଦିବସରେ ଦିଲ୍ଲୀ ହରିକେନ୍ସ ଓ ଫ୍ୟୁଚର ହୋପ୍ ହାର୍ଲେକୁଇନ୍ସ ସେମାନଙ୍କ ମ୍ୟାଚରେ ସହଜ ବିଜୟ ସହ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରତିଯୋଗିତାର ୩ୟ କ୍ୱାର୍ଟରଫାଇନାଲରେ ହରିକେନ୍ସ ୪୮-୬ରେ ବାଙ୍ଗାଲୋର ରଗ୍‌ବୀ କ୍ଲବକୁ ହରାଇ ଦେଇଛି। ଚତୁର୍ଥ କ୍ୱାର୍ଟରଫାଇନାଲରେ ଫ୍ୟୁଚର ହୋପ୍ ହାର୍ଲେକୁଇନ୍ସ ୨୬-୦ରେ ସର୍ଜେଣ୍ଟ ଇନ୍‌ଷ୍ଟିଚ୍ୟୁଟକୁ ପରାସ୍ତ କରିଛନ୍ତି। ଏହି ଦୁଇ ଦଳ ବୁଧବାର ସେମିଫାଇନାଲରେ ଯଥାକ୍ରମେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ ରଗ୍‌ବୀ କ୍ଲବ ଏବଂ ବମ୍ବେ ଜିମ୍‌ଖାନା ରଗ୍‌ବୀ କ୍ଲବକୁ ଭେଟିବେ। ସୋମବାର ଖେଳାଯାଇଥିବା କ୍ଲାସିଫିକେଶନ ମଧ୍ୟରେ ଦିଲ୍ଲୀ ଲାୟନ୍ସ ଲଗ୍‌ବୀ କ୍ଲବ ୨୦୧୫ରେ ଓଡ଼ିଶା ରଗ୍‌ବୀ କ୍ଲବକୁ ହରାଇ ଟୁର୍ନାମେଣ୍ଟରେ ୯ମ ସ୍ଥାନ ଅଧିକାର କରିଛି। ମଙ୍ଗଳବାର ପ୍ରଥମ ମହିଳା ସେମିଫାଇନାଲ ଓଡ଼ିଶା ରଗ୍‌ବୀ କ୍ଲବ ବନାମ ସିସି ଆଣ୍ଡ୍ ଏଫ୍‌ସି ଏବଂ ଦ୍ୱିତୀୟ ସେମିଫାଇନାଲ ଦିଲ୍ଲୀ ହରିକେନ୍ସ ବନାମ ଫ୍ୟୁଚର ହୋପ୍ ହାର୍ଲେକୁଇନ୍ସ ମଧ୍ୟରେ ଅନୁଷ୍ଠିତ ହେବ। ସେହିପରି ପ୍ଲେଟ୍ କାଟେଗୋରୀରେ ଚଣ୍ଡିଗଡ଼ ୟୁନାଇଟେଡ୍ ବନାମ ରଗ୍‌ବୀ ୱାରିଅର୍ସ କେରଳ ମଧ୍ୟରେ ପରସ୍ପରକୁ ଭେଟିବେ। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଓଡ଼ିଶା ରଗ୍‌ବୀ ଫୁଟ୍‌ବଲ ଆସୋସିଏଶନର ସହଯୋଗ କ୍ରମେ ଇଣ୍ଡିଆନ ରଗ୍‌ବୀ ଫୁଟ୍‌ବଲ ୟୁନିୟନ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତା ଦେଶର ସବୁଠାରୁ ବଡ଼ ରଗ୍‌ବୀ କ୍ଲବ ଟୁର୍ନାମେଣ୍ଟ।

# 'ପରବର୍ତ୍ତୀ ଲକ୍ଷ୍ୟ ଅଲିମ୍ପିକ୍ ସ୍ୱର୍ଣ୍ଣ'

ନୂଆଦିଲ୍ଲୀ, ୯।୩

ଘରୋଇ ପରିବେଶରେ ଭାରତକୁ ଐତିହାସିକ ଟି୨୦ ବିଶ୍ୱକପ୍ ଜିତାଇବା ପରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ତାଙ୍କର ପରବର୍ତ୍ତୀ ବଡ଼ ଲକ୍ଷ୍ୟ ଘୋଷଣା କରିଛନ୍ତି। ଆମେରିକାର ଲସ୍‌ଏଞ୍ଜେଲ୍ସରେ ୨୦୨୮ରେ ହେବାକୁ ଥିବା ଗ୍ରୀଷ୍ମକାଳୀନ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିବା ତାଙ୍କର ପରବର୍ତ୍ତୀ ଟାର୍ଗେଟ ବୋଲି ସେ ପ୍ରକାଶ କରିଛନ୍ତି। ''ଏହି ବିଶ୍ୱକପ୍ ବିଜୟ ଖୁବ୍ ସ୍ୱତନ୍ତ୍ର। ଆମର ପରବର୍ତ୍ତୀ ଲକ୍ଷ୍ୟ ହେଉଛି ଅଲିମ୍ପିକ୍ସ। ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ସହ ସେହିବର୍ଷ ଅଷ୍ଟ୍ରେଲିଆରେ ହେବାକୁ ଥିବା ଟି୨୦ ବିଶ୍ୱକପ୍ ଜିତିବାକୁ ଆମେ ଲକ୍ଷ୍ୟ ରଖିଛୁ'' ବୋଲି ଅଧିନାୟକ ସୂର୍ଯ୍ୟକୁମାର ଖବରଦାତା ସମ୍ମିଳନୀରେ କହିଛନ୍ତି। ଏହା ବ୍ୟତୀତ ଦଳର ବିଜୟ ସମ୍ପର୍କରେ ସେ ପ୍ରକାଶ କରିଛନ୍ତି, ମୋ ମତରେ ୨୦୨୪ରେ ଆମର ଆଇସିସି ଟ୍ରଫିକୁ ନେଇ ଲାଗି ରହିଥିବା ମରୁଡ଼ି ଶେଷ ହେବା ପରେ ଆମେ ପଛକୁ ଫେରି ଚାହିଁ ନାହୁଁ।

# ଓଡ଼ିଶାକୁ ୧ ସ୍ୱର୍ଣ୍ଣ ସହ ୪ ପଦକ

## ଇଣ୍ଡିଆନ ଓପନ ଥ୍ରୋ ପ୍ରତିଯୋଗିତା

ଭୁବନେଶ୍ୱର, ୯।୩ (ତପନ ସ୍ୱାଇଁ)



ଓଁକାର ପ୍ରସାଦ ନନ୍ଦ



ଅଙ୍କିତା ମହାପାତ୍ର



ଦିବ୍ୟା ସାଣ୍ଡିଲ୍ୟ



କିଶୋର କୁମାର ଜେନା

ଆଥ୍‌ଲେଟିକ୍ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଆନୁକୂଲ୍ୟରେ ପଞ୍ଜାବର ପଟିଆଲାରେ ଅନୁଷ୍ଠିତ ୫ମ ଇଣ୍ଡିଆନ ଓପନ ଥ୍ରୋ ପ୍ରତିଯୋଗିତାରେ ଓଡ଼ିଶା ପ୍ରତିଯୋଗୀ ୧ ସ୍ୱର୍ଣ୍ଣ ସହ ମୋଟ ୪ ପଦକ ହାସଲ କରିଛନ୍ତି। ଏହା ମଧ୍ୟରେ ୨ ରୌପ୍ୟ ଓ ୧ ବ୍ରୋଞ୍ଜ ସାମିଲ। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଓଡ଼ିଶାରୁ ମୋଟ ୪ ଆଥ୍‌ଲେଟ ଭାଗ ନେଇଥିଲେ ଏବଂ ସମସ୍ତେ ପଦକ ହାସଲ କରି ରାଜ୍ୟକୁ ଗର୍ବିତ କରିଛନ୍ତି। ଓଁକାର ପ୍ରସାଦ ନନ୍ଦ ୨୦ ବର୍ଷରୁ କମ୍ ଶଟ୍‌ପୁଟ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେ ନିଜ ତୃତୀୟ ଉଦ୍ୟମରେ ୧୭.୮୫ ମିଟର ଥ୍ରୋ କରି ଏହି ସଫଳତା ପାଇଛନ୍ତି। ହରିୟାଣାର ହର୍ଷିତ ଗେହଲଟ (୧୭.୦୨) ରୌପ୍ୟ ଓ ଦିଲ୍ଲୀର ୟଶ୍ ଚିକ୍କାରା (୧୭.୦୧) ବ୍ରୋଞ୍ଜ ପଦକ ଜିତିଛନ୍ତି। ଦିବ୍ୟା ସାଣ୍ଡିଲ୍ୟ ମହିଳା ହାମର ଥ୍ରୋରେ ରୌପ୍ୟ ପଦକ ହାସଲ କରିଛନ୍ତି। ସେ ନିଜ ତୃତୀୟ ଉଦ୍ୟମରେ ୫୩.୩୧ ମିଟର ଥ୍ରୋ କରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଉତ୍ତର ପ୍ରଦେଶର ତାନ୍ୟା ଚୌଧାରୀ (୬୧.୦୯) ସ୍ୱର୍ଣ୍ଣ ଓ ରାଜସ୍ଥାନର ସୋନିୟା (୫୨.୨୯) ବ୍ରୋଞ୍ଜ ପଦକ ପାଇଛନ୍ତି। ସେହିପରି ଅଙ୍କିତା ମହାପାତ୍ର ୨୦ ବର୍ଷରୁ କମ୍ ମହିଳା ହାମର ଥ୍ରୋରେ ରୌପ୍ୟ ଜିତିଛନ୍ତି। ସେ ନିଜ ପ୍ରଥମ ଉଦ୍ୟମରେ ଥ୍ରୋ କରିଥିବା ୪୫.୪୯ ମିଟର ଶେଷ ପର୍ଯ୍ୟନ୍ତ ବଳବତ୍ତର ରହିଥିଲା। ହରିୟାଣାର ଖୁସୀ (୪୯.୪୫) ସ୍ୱର୍ଣ୍ଣ ଓ ଆନ୍ଧ୍ର ପ୍ରଦେଶର ଆୟେଶା ବାନୁ ମୋହମ (୪୫.୩୭) ବ୍ରୋଞ୍ଜ ପଦକ ପାଇଛନ୍ତି। ଓଡ଼ିଶାର ତାରକା ଜାଭେଲିନ ଥ୍ରୋୟର କିଶୋର କୁମାର ଜେନା ଏଠାରେ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ରହିଛନ୍ତି। ପୁରୁଷ ଜାଭେଲିନ୍ ଥ୍ରୋ ଇଭେଣ୍ଟରେ ସେ ନିଜ ୫ମ ଉଦ୍ୟମରେ ୭୪.୭୫ ମିଟର ଥ୍ରୋ କରି ତୃତୀୟ ସ୍ଥାନରେ ରହିଛନ୍ତି। ଆର୍ମି ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଶିବମ ଲୋହାକାରେ (୮୧.୦୮) ଓ ଏସ୍‌ଏସ୍‌ସିବିର ଆନନ୍ଦ ସିଂ (୭୬.୯୪) ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ଭାରତର ପ୍ରତିଭା ସମ୍ପନ୍ନ ଓ ପ୍ରତିଷ୍ଠିତ ଆଥଲେଟ୍‌ମାନେ ଶଟ୍‌ପୁଟ, ଡିସ୍‌କସ୍, ହାମର ଥ୍ରୋ ଓ ଜାଭେଲିନ୍ ଥ୍ରୋରେ ଭାଗ ନେଇଥିଲେ।

# ଓଡ଼ିଶା ଦଳ ଓଭରଅଲ୍ ଚାମ୍ପିୟନ

## ଖେଲୋ ଇଣ୍ଡିଆ ଅସ୍ମିତା ପେନ୍‌ଚାକ୍ ସିଲାଟ ଲିଗ୍



ଓଭରଅଲ୍ ଚାମ୍ପିୟନ ଓଡ଼ିଶା ଦଳର ପ୍ରତିଯୋଗୀମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

ଭୁବନେଶ୍ୱର, ୯।୩ (ତପନ ସ୍ୱାଇଁ)

ଝାରସୁଗୁଡ଼ା ମଙ୍ଗଳ ବଜାରସ୍ଥିତ ଅଡିଟୋରିଅମ୍ ସହ କ୍ରୀଡ଼ା ପ୍ରାଙ୍ଗଣରେ ଖେଲୋ ଇଣ୍ଡିଆ ଅସ୍ମିତା ପେନ୍‌ଚାକ ସିଲାଟ (ପୂର୍ବାଞ୍ଚଳ) ଲିଗ୍-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ଦଳ ୨୩ ସ୍ୱର୍ଣ୍ଣ, ୨୭ ରୌପ୍ୟ ଓ ୩୦ ବ୍ରୋଞ୍ଜ ପଦକ ସହିତ ମୋଟ ୮୦ଟି ପଦକ ହାସଲ କରି ଓଭରଅଲ୍ ଚାମ୍ପିୟନ ହୋଇଛି। ଏହି ପ୍ରତିଯୋଗିତା ଗତ ୭ ଓ ୮ ତାରିଖରେ ଓଡ଼ିଶା ପେନ୍‌ଚାକ ସିଲାଟ ସଂଘ ଦ୍ୱାରା ଭାରତୀୟ ପେନ୍‌ଚାକ ସିଲାଟ ଫେଡେରେଶନ୍, ଭାରତୀୟ କ୍ରୀଡ଼ା ପ୍ରାଧିକରଣ ଓ ଭାରତ ସରକାରଙ୍କ କ୍ରୀଡ଼ା ମନ୍ତ୍ରଣାଳୟ ମାର୍ଗଦର୍ଶନରେ ଅନୁଷ୍ଠିତ ହୋଇଥିଲା। ଏହି ଲିଗ୍‌ରେ ପୂର୍ବ ଭାରତର ୧୨ ରାଜ୍ୟରୁ ୬୦୦ରୁ ଅଧିକ ମହିଳା ଖେଳାଳି ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ସଶସ୍ତ୍ର ପୋଲିସ ଦ୍ୱିତୀୟ ବାଟାଲିଅନ୍, ଝାରସୁଗୁଡ଼ାର କମାଣ୍ଡାଣ୍ଟ ପ୍ରସାଦ ତମାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ସମ୍ବଲପୁରସ୍ଥିତ ଦିଲ୍ଲୀ ପବ୍ଲିକ୍ ସ୍କୁଲ୍‌ର ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ଲେଙ୍କା ମଧ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। ଓଡ଼ିଶା ପେନ୍‌ଚାକ ସିଲାଟ ସଂଘ ସଭାପତି ତାପସ କୁମାର ରାୟ ଚୌଧୁରୀ, ସାଧାରଣ ସମ୍ପାଦକ ପ୍ରେମ ସିଂ ଥାପା ଓ ଖଜାଞ୍ଚୀ ଭବାନୀ କୁମାରୀ ସାହୁଙ୍କ ସହ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଏଥିରେ ନାଗାଲାଣ୍ଡ ପ୍ରଥମ ରନର୍‌ଅପ୍ ଓ ଆସାମ ଦ୍ୱିତୀୟ ରନର୍‌ଅପ୍ ହୋଇଥିଲା।

# କର୍ଷ୍ଟେନ ଶ୍ରୀଲଙ୍କା କ୍ରିକେଟ ଦଳର ମୁଖ୍ୟ କୋଚ୍

କଲମ୍ବୋ, ୯।୩ (ପି.ଟି.)

ପୂର୍ବତନ ଭାରତ ବିଶ୍ୱକପ୍ ବିଜୟୀ କୋଚ୍ ଗ୍ୟାରୀ କର୍ଷ୍ଟେନଙ୍କୁ ସୋମବାର ଶ୍ରୀଲଙ୍କା କ୍ରିକେଟ ଦଳର ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ମିଳିଛି। ତାଙ୍କ ସହିତ ୨ ବର୍ଷ ପାଇଁ ଚୁକ୍ତି କରାଯାଇଛି। କର୍ଷ୍ଟେନ ହେଉଛନ୍ତି ଦକ୍ଷିଣ ଆଫ୍ରିକାର ପୂର୍ବତନ ଓପନର। ସଫଳ କୋଚ୍ ଭାବେ ତାଙ୍କର ବେଶ୍ ସୁନାମ ରହିଛି। ସେ ୨୦୨୮ ଏପ୍ରିଲ ୧୪ ପର୍ଯ୍ୟନ୍ତ ରହିବେ। ପ୍ରଥମତଃ ସେ ୨୦୨୭ ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ପାଇଁ ଶ୍ରୀଲଙ୍କା ଦଳର ପ୍ରସ୍ତୁତି କାର୍ଯ୍ୟ ଦେଖିବେ। ଆଇସିସିର ଏହି ଟୁର୍ନାମେଣ୍ଟକୁ ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଓ ନାମ୍ବିୟା ମିଳିତ ଭାବେ ଆୟୋଜନ କରୁଛନ୍ତି। ୨୦୦୮ରୁ ୨୦୧୧ ପର୍ଯ୍ୟନ୍ତ ଭାରତୀୟ କ୍ରିକେଟ ଦଳର ମୁଖ୍ୟକୋଚ୍ ଥିବା ତାଙ୍କ ତତ୍ତ୍ୱାବଧାନରେ ଭାରତ ୨୦୧୧ ବିଶ୍ୱକପ୍ ସଫଳତା ପାଇଥିଲା।


# Classified Everyday
0674-2580101, 9692975378



REAL ESTATE
SALE

ଭୁବନେଶ୍ୱର KEC College ନିକଟରେ ପାଚେରି ପ୍ଲଟ୍ ପଟାରୁ ବିକ୍ରିହେବ contact 9178660666 ଧ-୩୫୭୪

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1500sqft. ପ୍ଲଟ୍ 6,75,000/-ରେ ତୁରନ୍ତ ବିକ୍ରି ହେବ। 9776974912. D-22

**Plots/Apartment for sale, Bhubaneswar KIIT University Boundary, Road with Electricity available. 7978416795, 9937513595.** D-23




All types of physiotherapy and massage contact 9556924059 / 7656969134. D-3523

All types of physiotherapy and massage contact 9556924059 / 7656969134. D-3591

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LOST

By virtue of an affidavit sworn before the Notary Public, Malkangiri, I, Rama Madi, aged 50 yrs, S/o- Late Era Madi of village- Doraguda, P.O.- Gompakonda, P.S.- Kalimela, Dist.- Malkangiri, Odisha, I, lost my ROR vide Khata No. 56, under Mouza Doraguda anywhere from my house. I swear this affidavit is in order to produce in my favour for getting second copy of ROR of the above stated khata from the competent authority.
Sd./- Rama Madi
D-3589

## AFFIDAVIT

By virtue of an affidavit sworn before Executive Magistrate, Bhubaneswar, dated 09.10.25, Anupama Behera, Palasuni, Prachivihar, Siva Temple, Rasulgarh, Khorda, Odisha, 751010 declare that I have changed my name from old name Anupama Mohanty to new name Anupama Behera. Henceforth, I shall be known as new name Anupama Behera for all purposes. D-3590

I, Kumari Sunita Panda, D/o- Sibaram Panda, resident of H-103, Shree Mahodadhi Nilaya, Tamando, Bhubaneswar, Odisha, have changed my name to Monalisha Panda for all purposes.
D-3587

I, Mohammad Sabuddin, S/o- Mohammad Sabir, R/o. Near Odia UP School, Sunapali, Sambalpur, P.O.- Dhankauda, P.S.- Dhanupali, District.- Sambalpur, PIN- 768006 (Odisha) declare by this affidavit No.- 113, Dt. 25.02.26 that now onwards I shall be known as Muhammad Shahabuddin for all future purposes. D-3588

By virtue of an affidavit sworn before Notary Public, Rayagada, dated 07.03.2026 I, KUNI JAKAKA, Address: AT-REGEDA, P.O.-KUTULI, P.S./DIST.- Rayagada, PIN-765002 declare that I have changed the name of my son from VISHMA JAKAKA to DEBENDRA JAKAKA. Henceforth, he shall be known as DEBENDRA JAKAKA for all purposes.
KUNI JAKAKA
D-3583

By virtue of an affidavit sworn before Executive Magistrate cum Tahasildar, Bhandaripokhari, No.- 368, dated- 19.02.2026, I, Sanjay Kumar Nayak, S/o.- Gouranga Charan Nayak, Address: At-Neulia, P.O.- Manjuri, P.S.- Bhandaripokhari, Dist.- Bhadrak, Odisha, PIN- 756122 declare that I have changed the name of my son from Jigansu Nayay to Jijnasu Nayak. Henceforth, he shall be known as Jijnasu Nayak for all purposes.
Sanjay Kumar Nayak
D-3575

## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ



୰ହରପ୍ରିୟା ମହାନ୍ତି
ସ୍ୱାମୀ: ୰କ୍ଷୀରୋଦ ଚନ୍ଦ୍ର ମହାନ୍ତି
ଆଚାର୍ଯ୍ୟ ବିହାର, ଭୁବନେଶ୍ୱର
ଆବିର୍ଭାବ: ୧୪।୦୫।୧୯୪୩
ତିରୋଧାନ: ୨୮।୦୨।୨୦୨୬
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଳେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟପରାୟଣ ଓ ଉତ୍ସର୍ଗୀକୃତ ଜୀବନାଦର୍ଶ ଆମର ପାଥେୟ ହେଉ । ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ପୁତ୍ର- ଶିବ ମହାନ୍ତି, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୩୫୮୬

### ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ଶ୍ରୀମତୀ ପ୍ରତିମା ଦାଶ
ସ୍ୱାମୀ ସ୍ୱର୍ଗତ ପ୍ରଫୁଲ୍ଲ କୁମାର ଦାଶ
ଆବିର୍ଭାବ: ୦୨।୦୫।୧୯୪୦
ତିରୋଧାନ: ୨୮।୦୨।୨୦୨୬
ଦୀର୍ଘ ୮୬ବର୍ଷର କର୍ମମୟ ଜୀବନର ଅବସାନ
ବୋଉ,
ତୁମର ଅବର୍ତ୍ତମାନରେ ଆମ ପରିବାରର ସମସ୍ତଙ୍କ ହୃଦୟର ଶୂନ୍ୟସ୍ଥାନଟି ଚିରଦିନ ପାଇଁ ଅପୂରଣୀୟ ରହିଲା! ଦୀର୍ଘ ୮୬ ବର୍ଷର ତୁମ କର୍ମମୟ ଜୀବନରେ ସମସ୍ତଙ୍କ ମନରେ ଖୁସି ଦେବାପାଇଁ ତୁମର ଜନ୍ମ ହୋଇଥିଲା! ବାପାଙ୍କୁ ହରାଇବା ପରେ ଦୀର୍ଘ ୩୫ବର୍ଷର ତ୍ୟାଗ, ତୁମର ସ୍ନେହ, ଶ୍ରଦ୍ଧା, ଭଲପାଇବା, ଶୃଙ୍ଖଳିତ ଜୀବନ, ମାର୍ଗଦର୍ଶନ ଓ ଆଶୀର୍ବାଦ ଆମମାନଙ୍କ ପାଇଁ ଚିର ପାଥେୟ ଥିଲା ଓ ରହିବ! ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି କାମନା ପୂର୍ବକ ଭକ୍ତିପୂତ ପ୍ରାର୍ଥନା କରୁଛୁ!
ଶ୍ରଦ୍ଧାଞ୍ଜଳି ସହ ଶୋକସନ୍ତପ୍ତ ପରିବାରବର୍ଗ, ଚୂନଭାଟି, ଓ ଏମ୍ ପି ଛକ, କଟକ
ଧ-୩୫୮୫

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ନିମାଇଁ ଚରଣ ନାୟକ
ଗ୍ରାମ: ରାୟଗୁରୁ ବାସୁଦେବପୁର, ବାଳକାଟୀ, ଖୋର୍ଦ୍ଧା
ଆବିର୍ଭାବ: ୧୯୨୪
ତିରୋଧାନ: ୨୦୨୫
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ପୁତ୍ର: ଚକ୍ରଧର ନାୟକ, ବନ୍ଧୁ ଓ ପରିବାରବର୍ଗ
ଧ-୩୫୮୪

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

# ମତାନ୍ତରରୁ ମଧୁର ସମ୍ପର୍କ



**ଦା**ମ୍ପତ୍ୟରେ ପ୍ରେମର ଭାବକୁ ଅଧିକ ଦୃଢ଼ କରିବାକୁ ହେଲେ ଖାଲି ଯେ ମଧୁର କଥାବାର୍ତ୍ତା କରିବାକୁ ହୁଏ ତାହା ନୁହେଁ। ପରସ୍ପର ପାଦ ମିଳାଇ ଆଗକୁ ଯିବାବେଳେ କେବେ କେବେ ତ ଝୁଣ୍ଟିବାକୁ ହୁଏ। ତେଣୁ କଥାବାର୍ତ୍ତା ଭିତରେ ମତାନ୍ତର ମନାନ୍ତର ତ ସାଧାରଣ କଥା। ଆଉ ଏଥିପାଇଁ ପତ୍ନୀପତିଙ୍କ ଭିତରେ ଅନେକ ସମୟରେ କଥା କଟାକଟି ବି ହୁଏ। ଏକଥା କେହି ବି ଅସ୍ୱୀକାର କରିପାରିବେ ନାହିଁ। ହେଲେ ଏଥିପାଇଁ କେବେ ସମ୍ପର୍କ ଭାଙ୍ଗିଯାଏ ନାହିଁ, ବରଂ ଆହୁରି ଦୃଢ଼ ହୁଏ। ଏମିତିକି ମତାନ୍ତର ହେବା ପରେ ସମ୍ପର୍କ ଅଧିକ ନିବିଡ଼ ହୁଏ। ତେଣୁ ଦାମ୍ପତ୍ୟରେ ଏମିତି ଛୋଟମୋଟ କଳିଝଗଡ଼ାକୁ ସକାରାତ୍ମକ ଢଙ୍ଗରେ ନେବା ଦରକାର।

**ବୁଝାମଣା ଠିକ୍ କରେ:** ପତ୍ନୀପତିଙ୍କ ମଧ୍ୟରେ ସମ୍ପର୍କ ମଜଭୁତ କରିବାକୁ ହେଲେ ମତାନ୍ତରର ବି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଶୁଣିବାକୁ ହୁଏତ ଅଜବ ଲାଗିପାରେ, କିନ୍ତୁ ଏହାର ଅନେକ ସକାରାତ୍ମକ ପ୍ରଭାବ ବି ରହିଛି। କାରଣ ଉଭୟଙ୍କ ମଧ୍ୟରେ କୌଣସି ପ୍ରସଙ୍ଗରେ ମତାନ୍ତର ହେବା ପରେ ପରସ୍ପର ମନ ଭିତରେ ଥିବା ଥିବା ଦ୍ୱନ୍ଦ୍ୱ ସବୁ ବାହାରି ଆସେ। ଫଳରେ ଉଭୟ କ'ଣ ଚାହୁଁଛନ୍ତି ପରସ୍ପର ଜାଣି ପାରିଥାନ୍ତି। ଆଉ ଅନେକ ସମୟରେ ପ୍ରକୃତ ସତ୍ୟ ଘଟଣା ବି ସାମ୍ନାକୁ ଆସେ। ଏମିତି ଭାବରେ ଆକ୍ଷେପ ପ୍ରତି ଆକ୍ଷେପ ଭିତରେ ଅନେକ ସମସ୍ୟା ସମାଧାନର ରାସ୍ତା ବାହାରିଥାଏ। ତେଣୁ ପରସ୍ପର ଭିତରେ ବୁଝାମଣା ଠିକ୍ ହୋଇଯାଏ। ଆଉ ତା'ପରେ ସେମାନେ ପରସ୍ପର ପ୍ରତି ଥିବା ସବୁ ଅଭିଯୋଗକୁ ମଧ ଭୁଲିଯାନ୍ତି। ଫଳରେ ମାନ ଅଭିମାନ ସବୁ ଶେଷ ହୋଇଯିବା ପରେ ଭଲପାଇବା ବଢ଼ିଯାଇଥାଏ।

**ଅନୁତାପରୁ ପ୍ରେମ:** ପରସ୍ପର ମତାନ୍ତର ଭିତରେ ହୁଏତ ଅନେକ ସମୟରେ ଜଣଙ୍କର ଅନ୍ୟଜଣଙ୍କ ପ୍ରତି କଟୁକଥା ବି ବାହାରି ଆସେ। କିନ୍ତୁ କଥା ସମାଧାନ ହୋଇସାରିବା ପରେ ସେହି କଥା ଭାବି ଅନୁତାପ ହୁଏ। ମନର ଏହି ଅବସ୍ଥାରେ ସାଥୀଙ୍କ ପ୍ରତି ପ୍ରେମ ଭାବ ବଢ଼ିଯାଏ। ତେଣୁ ପରୋକ୍ଷରେ ହେଲେ ବି ଝଗଡ଼ା ହେବା ପରେ ସମ୍ପର୍କ ଦୃଢ଼ ହୋଇଥାଏ।

**ସକାରାତ୍ମକ ମନୋଭାବ:** କାହା ସହ ବି ଅଧିକ ଦିନ ରହିବା ଫଳରେ କେବେ କେବେ ମତଭେଦ ହେବା ତ ସ୍ୱାଭାବିକ କଥା। ଦୁଇଜଣଙ୍କର ଅନୁଭବ, ଚିନ୍ତାଧାରା ଓ ଦୃଷ୍ଟିକୋଣ ସବୁବେଳେ ସମାନ ହୋଇ ନ ପାରେ। ତେଣୁ କେବେ କେବେ କୌଣସି କଥାରେ ଯୁକ୍ତିତର୍କ ହୋଇଯାଏ। ତେବେ ପରସ୍ପରକୁ ଭଲ ପାଉଥିବା ଦମ୍ପତି କେହି ବି ଜାଣି ଜାଣି ଯୁକ୍ତିତର୍କ କରି ଅଶାନ୍ତି ସୃଷ୍ଟି କରିବାକୁ ଚାହିଁ ନ ଥାନ୍ତି। ମାତ୍ର ପରିସ୍ଥିତି ସେଭଳି ହେବା ଫଳରେ ଉଭୟେ ପରସ୍ପରକୁ ଆକ୍ଷେପ କରନ୍ତି। ହେଲେ କିଛି ସମୟ ଏଭଳି ପାଟିତୁଣ୍ଡ ହେବା ପରେ ସମସ୍ୟା ସମାଧାନ ହୋଇଯାଏ। ଆଉ ପରିସ୍ଥିତି ଶାନ୍ତହେବା ପରେ ମନ ବି ବଦଳିଯାଏ। ସାଥୀଙ୍କ ବିଷୟରେ ନୂଆ କଥା ଜାଣିବାକୁ ସମର୍ଥ ହୋଇପାରିବେ। ତାଙ୍କର କହିବା ଶୈଳୀ, ତାଙ୍କ ଭାବନା ଓ ମନ କଥା ବୁଝିବାର ସୁଯୋଗ ମିଳିପାରିବ। ଏସବୁ ପରେ କେତେକ ଦିଗକୁ ନେଇ ସଚେତନ ରହିବାକୁ ହେବ।



➔ମତାନ୍ତର ହେବା ଦାମ୍ପତ୍ୟର ଏକ ପ୍ରମୁଖ ଅଂଶ, ଏକଥାକୁ ଅସ୍ୱୀକାର କରିହେବନାହିଁ। ହେଲେ ଏହା ଏକ ନିର୍ଦ୍ଦିଷ୍ଟ ପରିସୀମା ଭିତରେ ରହିବା ଦରକାର। ଅନ୍ୟକୁ ଅତ୍ୟନ୍ତ ବାଧିବା ଭଳି କୌଣସି ବ୍ୟବହାର କରିବା ଠିକ୍ ନୁହେଁ।

➔ମନକୁ କ୍ରୋଧ ଆସିଲେ ବି ନିଜ ଉପରେ ନିୟନ୍ତ୍ରଣ ହରାନ୍ତୁ ନାହିଁ। ଆକ୍ଷେପ କରିବା ସମୟରେ ସେଭଳି ଶବ୍ଦ ପ୍ରୟୋଗ କରନ୍ତୁ ନାହିଁ ଯାହା ନିଜ ଚରିତ୍ରର ବିରୁଦ୍ଧାଚରଣ କରୁଥିବ। ତେଣୁ ଝଗଡ଼ା କରିବା ସମୟରେ ଖରାପ ଶବ୍ଦ ବ୍ୟବହାର କରନ୍ତୁ ନାହିଁ।

**ଦାମ୍ପତ୍ୟରେ ସବୁବେଳେ ଯେ ପ୍ରେମର ଫଲ୍‌ଗୁ ବହିବ ସେମିତି ନିର୍ଦ୍ଦିଷ୍ଟ ନ ଥାଏ। ବିଭିନ୍ନ ସମୟରେ ପରସ୍ପର ଭିତରେ ମତାନ୍ତର ବି ହୁଏ। ଆଉ ଏମିତି ଛୋଟ ମୋଟ କଥାରେ ଯୁକ୍ତିତର୍କ ଅନେକ ସମୟରେ ସମ୍ପର୍କକୁ ଆହୁରି ନିବିଡ଼ କରିଦିଏ..**



➔ସାଥୀଙ୍କ ଦୃଷ୍ଟିକୋଣ ପ୍ରତି ଧ୍ୟାନ ଦିଅନ୍ତୁ। ଯଦି କୌଣସି କଥାର ବିରୋଧ କରୁଛନ୍ତି ତେବେ କେବଳ ନିଜ କଥା ଭାବନ୍ତୁ ନାହିଁ। ସାଥୀଙ୍କ ଭାବନାକୁ ମଧ ବୁଝିବାକୁ ଚେଷ୍ଟା କରନ୍ତୁ।

➔ଯୁକ୍ତିତର୍କ ସମୟରେ ଖୋଲାମନରେ କଥା ଶୁଣନ୍ତୁ ଓ ଗ୍ରହଣ କରିବାର ମାନସିକତା ରଖନ୍ତୁ। କେବଳ ନିଜ କଥାକୁ ଯୁକ୍ତିଯୁକ୍ତ ପ୍ରମାଣ କରିବାକୁ ଗଲେ ସମ୍ପର୍କ ଖରାପ ହୋଇପାରେ। ତେଣୁ ପ୍ରକୃତ ଘଟଣାକୁ ବୁଝନ୍ତୁ ଓ ସାଥୀଙ୍କ କଥା ଗ୍ରହଣ କରନ୍ତୁ।

**ସଚେତନତା ବି ଜରୁରୀ:** ବାରମ୍ବାର ମତାନ୍ତର ହେବା ଫଳରେ ବେଳେବେଳେ ସମ୍ପର୍କ ଖରାପ ହେବାକୁ ଲାଗେ। ତେଣୁ ଏଭଳି ପରିସ୍ଥିତି ଯେପରି ନ ଆସିବ ସେଥିପ୍ରତି ସଚେତନ ରହିବାକୁ ହେବ। ଏଥିପାଇଁ କ'ଣ କରିବେ ଜାଣନ୍ତୁ ସେସମ୍ପର୍କରେ...

– କୌଣସି କଥାରେ ଯଦି ଝଗଡ଼ା ଅଧିକ ହୁଏ ତା'ହେଲେ ନିଜେ ପ୍ରଥମେ 'ସରି' କୁହନ୍ତୁ। ଏଇ ଛୋଟିଆ ଶବ୍ଦଟି କହିଲେ ଆପଣ ଛୋଟ ହୋଇଯିବେ ନାହିଁ , କିନ୍ତୁ ଅନେକ ସମସ୍ୟା ସମାଧାନ ହୋଇଯିବ। ନିଜ ଭୁଲ୍ ଗ୍ରହଣ ନ କଲେ ଝଗଡ଼ା ବଢ଼ି ଚାଲିଥିବ। ତେଣୁ ଭୁଲ୍ ସ୍ୱୀକାରକରି ଶାନ୍ତିପୂର୍ଣ୍ଣ ସମାଧାନ କରନ୍ତୁ।

– ଝଗଡ଼ା କମ୍ କରିବା ପାଇଁ ପରସ୍ପରକୁ ପ୍ରେମ ନିବେଦନ କରନ୍ତୁ। ଏପରି କିଛି ମଧୁର କଥା କହି ପରିବେଶକୁ ହାଲ୍‌କା କରନ୍ତୁ। ଝଗଡ଼ା ବନ୍ଦ କରିବାର ସବୁଠୁ ଭଲ ଉପାୟ ହେଉଛି ସାଥୀଙ୍କ କଥାକୁ ସମର୍ଥନ କରନ୍ତୁ ଓ ପ୍ରଶଂସା କରନ୍ତୁ।

– ଝଗଡ଼ା ଶେଷ କରିବାକୁ ହେଲେ ନିଜ ଭୁଲ୍ ସୁଧାରିବା ପାଇଁ ଚେଷ୍ଟା କରନ୍ତୁ ଓ ପରସ୍ପର ଏକାଠି ଅଧିକ ସମୟ କଟାନ୍ତୁ। କିଛି ସମୟ ପରେ ମନୋମାଳିନ୍ୟ ଦୂର ହୋଇଯିବ।

– ଝଗଡ଼ା କରିବା ପରେ ଯଦି ଅତ୍ୟଧିକ କ୍ରୋଧ ଆସୁଛି ତେବେ ପରସ୍ପରକୁ କିଛି ସମୟ ଦିଅନ୍ତୁ। ନିଜେ ଏକୁଟିଆ କିଛି ସମୟ ଏକାନ୍ତରେ ବସି ମନକୁ ଶାନ୍ତ କରିବାକୁ ଚେଷ୍ଟା କରନ୍ତୁ।

– ଧୈର୍ଯ୍ୟର ସହ ଶୁଣନ୍ତୁ। ଝଗଡ଼ା କମ୍ କରିବା ପାଇଁ ସାଥୀ କ'ଣ କହୁଛନ୍ତି ସେକଥା ଶୁଣି ବୁଝିବାକୁ ଚେଷ୍ଟା କରନ୍ତୁ।



## ପିଲାଙ୍କୁ ଦିଅନ୍ତୁ ଗାଇଡ୍‌ଲାଇନ

**କେ**ତେକ ଅଭିଭାବକ ଏପରି ଥାନ୍ତି ଯେଉଁମାନେ ପିଲାଙ୍କର ସବୁ କଥାକୁ ଗ୍ରହଣ କରି ସେହି ଅନୁସାରେ ସବୁ ଆବଶ୍ୟକତା ପୂରଣ କରିଦିଅନ୍ତି। ଏଭଳି କରି ସେମାନେ ପିଲାଙ୍କୁ ଅଧିକ ଭଲ ପାଉଛନ୍ତି ବୋଲି ଦର୍ଶାଇଥାନ୍ତି। ହେଲେ ଏ କ୍ଷେତ୍ରରେ ପିଲାମାନେ ଅନୁଶାସନ ଓ ଶୃଙ୍ଖଳାର ମୂଲ୍ୟ ବୁଝିପାରନ୍ତି ନାହିଁ। ଏହା ସହ ସେମାନେ ଭବିଷ୍ୟତରେ ଦାୟିତ୍ୱଶୂନ୍ୟ ହେବା ସହ ଭାବନାତ୍ମକ ସମ୍ପର୍କ ଠାରୁ ଦୂରେଇଯାନ୍ତି।

ପିଲାଙ୍କୁ ଦୁନିଆର ସବୁ ଖୁସି ଦେବାପାଇଁ ଚାହାନ୍ତି ଅଭିଭାବକ। ଏହି ଭାବନା ପାଇଁ ବେଳେବେଳେ ପିଲାମାନଙ୍କର ସବୁ ଜିଦ୍ ପୂରା କରିବାକୁ ଚେଷ୍ଟା କରନ୍ତି। କିନ୍ତୁ ଏହି ପଦକ୍ଷେପ ଫଳରେ ପିଲାଙ୍କ ଭବିଷ୍ୟତ ଓ ଚରିତ୍ର ଗଠନରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ।

ଅଭିଭାବକଙ୍କ ଏହି ନିଷ୍ପତ୍ତି ପିଲାଙ୍କୁ ଅଧିକ ସ୍ୱାଧୀନତା ଦେଇଥାଏ। ସେମାନଙ୍କର ସବୁ ଆବଶ୍ୟକତା ପୂରଣ ହୋଇଯିବା ଦ୍ୱାରା ସେମାନେ ଅନୁଶାସନର ଅର୍ଥ ବୁଝିପାରନ୍ତି ନାହିଁ। ତେଣୁ ସେମାନଙ୍କର ବ୍ୟକ୍ତିତ୍ୱ ଉପରେ ପ୍ରଭାବ ପଡ଼େ ଓ ସେମାନଙ୍କର ଭବିଷ୍ୟତ ବିକାଶରେ ବାଧା ସୃଷ୍ଟି ହୁଏ।
ମାଗିବା ମାତ୍ରେ ସବୁ ଜିନିଷ ମିଳିଯିବା ଫଳରେ ପିଲାମାନେ ପରିଶ୍ରମ, ଧୈର୍ଯ୍ୟ ଓ ସନ୍ତୁଷ୍ଟ ରହିବା ଭାବନାକୁ ବୁଝିପାରନ୍ତି ନାହିଁ। ତେଣୁ ଅଭିଭାବକମାନେ ପିଲାଙ୍କର ସବୁ ଆବଶ୍ୟକତା ସଙ୍ଗେ ସଙ୍ଗେ ପୂରା କରିବା ବଦଳରେ ନା କହିବା ମଧ୍ୟ ଦରକାର।
ପିଲାଙ୍କର ଆବଶ୍ୟକତା ପୂରା କରିବା ସହ ସେମାନଙ୍କୁ ଅନୁଶାସନ ମଧ୍ୟ ଶିଖାଇବା ଦରକାର।
ପିଲାଙ୍କୁ ସ୍ନେହ କରନ୍ତୁ ହେଲେ ଏକ ସୀମା ସ୍ଥିର କରନ୍ତୁ। କେତେବେଳେ କେଉଁ ସବୁ କାମ କରିବେ ସେନେଇ ପିଲାଙ୍କୁ ଗାଇଡ୍‌ଲାଇନ ଦିଅନ୍ତୁ।



## ଟ୍ରାଞ୍ଜିଶନାଲ ଫ୍ୟାଶନ

**ଏବେ ଅଧିକ ଗରମ ହେଉନାହିଁ କି ବେଶି ଥଣ୍ଡା ମଧ ଅନୁଭୂତ ହେଉ ନାହିଁ। ତେଣୁ ଏହି ସମୟରେ କିଭଳି ଫ୍ୟାଶନ ଆପଣାଇବେ ଜାଣନ୍ତୁ ସେସମ୍ପର୍କରେ...**

➤ଏଭଳି ପୋଷାକ ଚୟନ କରନ୍ତୁ ଯାହା ଉଭୟ ଷ୍ଟାଇଲିଶ୍ ଓ ଆରାମଦାୟକ ହୋଇପାରିବ। କାରଣ ଏହି ସମୟରେ ଶୀତ କମ୍ ଓ ଗରମ ମଧ କମ୍ ଅନୁଭୂତ ହେଉଛି। ତେଣୁ ସେହି ଅନୁସାରେ ଉପଯୁକ୍ତ ଫାବ୍ରିକ ଚୟନ କରନ୍ତୁ। ଏହି ଋତୁରେ ଟ୍ରାଞ୍ଜିଶନାଲ ଫ୍ୟାଶନ ଅଧିକ ଭଲ ଲାଗିବ।

➤ଏହି ଋତୁରେ ଲେୟରିଂ ସବୁଠାରୁ ଭଲ ବିକଳ୍ପ ହୋଇପାରିବ। ହାଲ୍‌କା ଟି-ଶାର୍ଟ ଓ ଟପ୍ ଉପରେ ଡେନିମ୍ ଜ୍ୟାକେଟ୍ , ଶ୍ରଗ ମଧ ପିନ୍ଧିପାରିବେ। ଏହା ଆପଣଙ୍କୁ ଅଧିକ ଷ୍ଟାଇଲିଶ୍ ଲୁକ୍ ଦେଇପାରିବ।

➤ପାଣିପାଗ ବଦଳୁଥିବାରୁ ଏହି ଋତୁରେ ଉଲେନ୍ ପୋଷାକ ପିନ୍ଧି ହେବନାହିଁ କିମ୍ବା ଅତ୍ୟଧିକ ପତଳା ପୋଷାକ ମଧ ପିନ୍ଧି ହେବନାହିଁ। ତେଣୁ କଟନ ବ୍ଲେଣ୍ଡ, ଲିନେନ୍ ଲାଇଟ୍ ନେଟ୍ ଫାବ୍ରିକ୍ ମଧ ଆପଣାଇପାରିବେ।



➤ଅତ୍ୟଧିକ ବ୍ରାଇଟ୍ କିମ୍ବା ଡାର୍କ କଲର ମଧ ଏହି ସମୟରେ ପିନ୍ଧିପାରିବେ ନାହିଁ। ତେଣୁ ସଫ୍ଟ ଓ ନ୍ୟୁଟଲ କଲର ଏହି ଋତୁରେ ଏକ ସୁନ୍ଦର ବିକଳ୍ପ ହୋଇପାରିବ। ଏହା ଏକ ଫ୍ରେଶ୍ ଓ ଏଲିଗାଣ୍ଟ ଲୁକ୍ ଦେଇପାରିବ।

➤ଜିନ୍ସର ଫ୍ୟାଶନ ସବୁ ସମୟରେ ରହିଛି। ତେଣୁ ଏହି ଋତୁରେ ବି ଆପଣ ଜିନ୍ସ ସହିତ ବିଭିନ୍ନ ଟି-ସାର୍ଟ ଓ କୁର୍ତ୍ତା ପିନ୍ଧିପାରିବେ।

➤ଫୁଲ୍ ସ୍ଲିଭ୍ ଓ ଥ୍ରୀ-ଫୋର୍ଥ ଆଉଟଫିଟ୍ ମଧ ଭଲ ଲାଗିବ।

## ଆଲୁ ପୁରି

ଖାଦ୍ୟରୁଚି

**ଆବଶ୍ୟକ ସାମଗ୍ରୀ:** ଅଟା ୨ କପ୍, ଆଲୁ ୨ରୁ ୩ଟି, ଗୋଲମରିଚ ୧ ଚାମଚ, ଧନିଆପତ୍ର ଅଳ୍ପ, ଆବଶ୍ୟକ ଅନୁସାରେ ଲୁଣ ଓ ତେଲ।

**ପ୍ରସ୍ତୁତି ପ୍ରଣାଳୀ**

ପ୍ରଥମେ ଆଳୁକୁ ସିଝାଇ ରଖନ୍ତୁ। ଏହାପରେ ଅଟା ସହ ସିଝା ଆଳୁ, ବ୍ଲାକ୍ ସଲ୍‌ଟ, ଗୋଲମରିଚ ଗୁଣ୍ଡ ଓ ଧନିଆପତ୍ର ମିଶାଇ ଚକଟି ଦିଅନ୍ତୁ। ଅଟା ଚକଟାକୁ ନରମକରି ଚକଟି ଦିଅନ୍ତୁ। ଏହା ପରେ ଛୋଟ ଛୋଟ ଗୁଳା କରି ରଖନ୍ତୁ। ପୁରି ଭଳି ଏହାକୁ ବେଲନ୍ତୁ। ତେବେ ଏହାକୁ ଅଧିକ ପତଳା କରନ୍ତୁ ନାହିଁ ବରଂ ଟିକେ ମୋଟା ରଖନ୍ତୁ। ଏବେ ତାୱା ଗରମକରି ଏହି ପୁରିକୁ ସେକି ଦିଅନ୍ତୁ। ପରଟା ସେକିବା ଭଳି ଏଥିରେ ତେଲ କିମ୍ବା ଘିଅ ପକାନ୍ତୁ। ଦୁଇପଟକୁ ହାଲ୍‌କା ଭାବରେ ସେକି ରଖନ୍ତୁ। ଆବଶ୍ୟକଠାରୁ ଅଧିକ ତେଲ ପକାନ୍ତୁ ନାହିଁ। ଦୁଇପଟକୁ ଭଲଭାବରେ ସେକି ଦିଅନ୍ତୁ। ଏହିପରି ଭାବରେ ସବୁ ପୁରିକୁ ହାଲ୍‌କା ତେଲ ଦେଇ ତାୱାରେ ସେକି ରଖନ୍ତୁ। ଯେକୌଣସି ଚଟଣି ସହ ଏହାକୁ ଗରମ ଗରମ ଖାଆନ୍ତୁ।



ସୌନ୍ଦର୍ଯ୍ୟ

## ଗ୍ଲୋଇଂ ସ୍କିନ୍ ପାଇଁ ଗୁଜୁରାତି

**ତ୍ୱଚାକୁ ସୁନ୍ଦର କରିବା ପାଇଁ ବିଭିନ୍ନ ପ୍ରକାର ଘରୋଇ ଉପଚାର ରହିଛି। ତେବେ ଆଜି ଆସନ୍ତୁ ଜାଣିବା ଗୁଜୁରାତି ବ୍ୟବହାରକରି କିପରିଭାବେ ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି କରାଯାଇପାରିବ...**

ଗୁଜୁରାତିରେ ଆଣ୍ଟି ଅକ୍ସିଡାଣ୍ଟ ଭରପୂର ମାତ୍ରାରେ ରହିଛି। ତେଣୁ ଏହା ତ୍ୱଚା ପାଇଁ ଅତ୍ୟନ୍ତ ଉପକାରୀ। ନିୟମିତ ଏହାର ବ୍ୟବହାରକଲେ ତ୍ୱଚାକୁ ପୋଷଣ ମିଳିବା ସହିତ ବ୍ରଣ ଓ ଟାନିଂ ଭଳି ବିଭିନ୍ନ ସମସ୍ୟା ଦୂର ହୋଇଥାଏ।

**ଗୁଜୁରାତି ଓ ଗୋଲାପ ଜଳ**

ଗୋଲାପ ଜଳ ସହ ଗୁଜୁରାତିର ଫେସ୍‌ପ୍ୟାକ୍ ତିଆରିକରି ମୁହଁରେ ଲଗାନ୍ତୁ। ଏଥିପାଇଁ ପ୍ରଥମେ ଗୁଜୁରାତି ମଞ୍ଜି ବାହାରକରି ଗୁଣ୍ଡ କରିନିଅନ୍ତୁ। ଏହାକୁ ଗୋଲାପ ଜଳରେ ମିଶାଇ ମୁହଁରେ ଲଗାନ୍ତୁ। ଏହି ପେଷ୍ଟକୁ ଆଦୌ ମସାଜ୍ କରନ୍ତୁ ନାହିଁ ଏବଂ ୧୦ ମିନିଟ୍ ପରେ ମୁହଁକୁ ଧୋଇ ଦିଅନ୍ତୁ କିମ୍ବା ଓଦା କପଡ଼ାରେ ପୋଛି ଦିଅନ୍ତୁ।

**ଗୁଜୁରାତି ଓ ମହୁ**

ତ୍ୱଚାରେ ବ୍ରଣ ସମସ୍ୟା କିମ୍ବା ଦାଗ ଥିଲେ ମହୁ ସହ ଗୁଜୁରାତି ଲଗାନ୍ତୁ। ଗୁଜୁରାତି ଗୁଣ୍ଡକୁ ମହୁ ସହିତ ଭଲଭାବେ ମିଶାଇ ମୁହଁରେ ଲଗାନ୍ତୁ। ୧୦ ମିନିଟ୍ ପରେ ମୁହଁକୁ ଧୋଇ ଦିଅନ୍ତୁ। ନିୟମିତ ଏହି ଉପାୟ ଆପଣାଇଲେ ତ୍ୱଚାର ଅନେକ ସମସ୍ୟା ଦୂର ହୋଇଥାଏ।



**ଗୁଜୁରାତି ଓ କ୍ଷୀର**

ଗୁଜୁରାତି ଗୁଣ୍ଡକୁ କ୍ଷୀର ସହ ମିଶାଇ ମୁହଁରେ ଲଗାନ୍ତୁ। ୧୫-୨୦ ମିନିଟ୍ ରଖିବା ପରେ ଧୀରେ ଧୀରେ ମସାଜ୍ କରି ଅଳ୍ପ ଉଷୁମ ପାଣିରେ ଧୋଇଦିଅନ୍ତୁ। ପ୍ରଥମେ ସପ୍ତାହକୁ ଥରେ ଓ ପରେ ଦୁଇ କିମ୍ବା ୩ଥର ଏହି ପ୍ୟାକ୍ ଲଗାଇପାରିବେ।






# ଟିମ୍ ଅଫ୍ ଦି ଟୁର୍ନାମେଣ୍ଟରେ ୪ ଭାରତୀୟ


ଯଶପ୍ରୀତ୍ ବୁମ୍‌ରା


ସଞ୍ଜୁ ସାମସନ


ଇଶାନ କିଶନ


ହାର୍ଦ୍ଦିକ ପାଣ୍ଡ୍ୟା

**ଟି୨୦ ବିଶ୍ୱକପ**

**ଅହମଦାବାଦ, ୯।୩**

ଆଇସିସି ଟି୨୦ ବିଶ୍ୱକପ ସଫଳତାର ସହ ସମ୍ପନ୍ନ ହୋଇଛି। ଫାଇନାଲରେ ନ୍ୟୁଜିଲାଣ୍ଡକୁ ହରାଇ ଭାରତ ଇତିହାସ ରଚିଛି। ବିଶ୍ୱର ପ୍ରଥମ ଦଳଭାବେ ଭାରତ ୩ ଥର ଏହି ଟୁର୍ନାମେଣ୍ଟ ଜିତିଛି। ପ୍ରତିଯୋଗିତା ପରେ ଅନ୍ତର୍ଜାତୀୟ କ୍ରିକେଟ କାଉନ୍ସିଲ ପକ୍ଷରୁ ଟିମ୍ ଅଫ୍ ଦି ଟୁନାମେଣ୍ଟ ଘୋଷିତ ହୋଇଛି। ଏଥିରେ ୪ ଭାରତୀୟ ସଞ୍ଜୁ ସାମସନ, ଯଶପ୍ରୀତ୍ ବୁମ୍‌ରା, ଇଶାନ କିଶନ ଓ ହାର୍ଦ୍ଦିକ ପାଣ୍ଡ୍ୟା ସ୍ଥାନ ପାଇଛନ୍ତି। ତେବେ ସାମସନ ଓ ବୁମ୍‌ରା ଚର୍ଚ୍ଚାର ଶୀର୍ଷରେ ରହିଛନ୍ତି। ଟୁର୍ନାମେଣ୍ଟ ଆରମ୍ଭରେ ସାମସନ ଚୂଡ଼ାନ୍ତ ଏକାଦଶ ଭାରତୀୟ ଦଳରେ ସ୍ଥାନ ପାଇ ନ ଥିଲେ। ତେବେ ସେ ମାତ୍ର ୫ ମ୍ୟାଚରେ ସୁଯୋଗ ପାଇ ୩୨୧ ରନ କରିବା ସହ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ପାଇଛନ୍ତି। ଭାରତପାଇଁ କ୍ୱାର୍ଟର ଫାଇନାଲର ରୂପ ନେଇଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ସୁପର-୮ ଏବଂ ସେମିଫାଇନାଲରେ ସେ ଇଂଲଣ୍ଡ ବିପକ୍ଷରେ ମ୍ୟାଚ ବିଜୟୀ ଇନିଂସ ଖେଳି ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ଫାଇନାଲରେ ମଧ୍ୟ ସେ ଚମତ୍କାର ବ୍ୟାଟିଂ କରି ୮୯ ରନ ସ୍କୋର କରିଥିଲେ। କିଶନ ଟୁର୍ନାମେଣ୍ଟରେ ୩୧୭ ରନ କରିଥିଲେ। ଯାହାକି ଚତୁର୍ଥ ସର୍ବାଧିକ। ଟପ୍ ଅର୍ଡରରେ ସେ ୧୯୩.୨୯ ଷ୍ଟ୍ରାଇକ୍ ହାରରେ ବ୍ୟାଟିଂ କରି ଭାରତର ବିଜୟ ପଥରେ ବଡ଼ ଯୋଗଦାନ ଦେଇଥିଲେ। ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ସେ ଷ୍ଟ୍ରୋକପୂର୍ଣ୍ଣ ୭୭ ରନ କରିଥିଲେ। ଫାଇନାଲରେ ସେ ଅର୍ଦ୍ଧଶତକ ମଧ୍ୟ ହାସଲ କରିଥିଲେ। ହାର୍ଦ୍ଦିକ ଉଭୟ ବ୍ୟାଟ୍ ଓ ବଲ୍‌ରେ ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଥିଲେ। ସେ ୨ଟି ଅର୍ଦ୍ଧଶତକ ହାସଲ କରିଥିବାବେଳେ ୯ଟି ଉଇକେଟ ନେଇଥିଲେ। ଫାଇନାଲରେ ବୁମ୍‌ରା ୪ଟି ଉଇକେଟ ନେବାସହ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେ ୮ ମ୍ୟାଚରୁ ୧୪ ଉଇକେଟ ନେଇଥିଲେ। ଯାହାକି ଟୁର୍ନାମେଣ୍ଟରେ ଯୁଗ୍ମ ସର୍ବାଧିକ। ଡେଥ୍ ଓଭରରେ ସେ ଅତି ଚମତ୍କାର ବୋଲିଂ କରିଥିଲେ।

ଟପ୍ ଅର୍ଡରରେ ପାକିସ୍ତାନର ଶାହିବଜାଦା ଫରହାନଙ୍କୁ ସ୍ଥାନ ଦିଆଯାଇଛି। ସେ ଟୁର୍ନାମେଣ୍ଟରେ ସର୍ବାଧିକ ସ୍କୋର (୩୮୩) ସ୍କୋର କରିଥିଲେ। ଦକ୍ଷିଣ ଆଫ୍ରିକାର ଏଡେନ ମାରକ୍ରମଙ୍କୁ ଦଳର ଅଧିନାୟକ କରାଯାଇଛି। ସେ ୩ଟି ଅର୍ଦ୍ଧଶତକ ସହ ୨୮୬ ରନ କରିଥିଲେ ଏବଂ ଦକ୍ଷିଣ ଆଫ୍ରିକାକୁ ସେମିଫାଇନାଲରେ ପହଞ୍ଚାଇଥିଲେ। ମାରକ୍ରମଙ୍କ ସାଥି ଖେଳାଳି ଲୁନ୍‌ଗି ଏନଗିଡି, ଇଂଲଣ୍ଡର ୱିଲ୍ ଜ୍ୟାକ୍ସ, ଆଡିଲ ରଶିଦ, ୱେଷ୍ଟଇଣ୍ଡିଜର ଜାସନ ହୋଲ୍ଡର, ଜିମ୍ବାୱେର ବ୍ଲେସିଂ ମୁଜାରବାନି ଏକାଦଶରେ ସ୍ଥାନ ପାଇଛନ୍ତି। ଆମେରିକାର ଶାଡ୍‌ଲେ ଭାନ ଶ୍ଟାଲ୍‌ୱିକ୍‌ଙ୍କୁ ୧୨ଶ ଖେଳାଳି ମନୋନୀତ କରାଯାଇଛି। ଇଆନ ବିଶପ, ନାତାଲି ଗେର୍ମାନୋସ, ଇଅନ ମୋର୍ଗାନ (ବ୍ରଡ୍‌କାଷ୍ଟର), ଗୌରବ ସକ୍ସେନା (ଆଇସିସି ପ୍ରତିନିଧି), ରେକ୍ସ କ୍ଲେମେଣ୍ଟିନ (ସ୍ପୋର୍ଟ୍ସ ଜର୍ନାଲିଷ୍ଟ)ଙ୍କୁ ନେଇ ଚୟନ କମିଟି ଏହି ଦଳ ଚୟନ କରିଛି। ଆଇସିସି ଦଳ: ଶାହିବଜାଦା ଫରହାନ, ସଞ୍ଜୁ ସାମସନ (ଉଇକେଟ କିପର), ଇଶାନ କିଶନ, ଏଡେନ ମାରକ୍ରମ (ଅଧିନାୟକ), ହାର୍ଦ୍ଦିକ ପାଣ୍ଡ୍ୟା, ୱିଲ୍ ଜ୍ୟାକ୍ସ, ଜାସନ ହୋଲ୍ଡର, ଯଶପ୍ରୀତ୍ ବୁମ୍‌ରା, ଲୁନ୍‌ଗି ଏନ୍‌ଗିଡି, ଆଡିଲ ରଶିଦ, ବ୍ଲେସିଂ ମୁଜାରବାନି। ଦ୍ୱାଦଶ ଖେଳାଳି: ଶାଡ୍‌ଲେ ଭାନ ଶ୍ଟାଲ୍‌ୱିକ୍।

## ଭାମ୍ବ୍ରି-ଗୋରାନସନ ପ୍ରି-କ୍ୱାର୍ଟରରେ

**ଇଣ୍ଡିଆନ ୱେଲ୍ସ (ୟୁଏସ୍‌ଏ), ୯।୩ (ପି.ଟି.)**

ଭାରତର ଟପ୍ ଡବଲ୍ସ ଖେଳାଳି ୟୁକି ଭାମ୍ବ୍ରି ଓ ତାଙ୍କ ସ୍ୱିଡିଶ ପାର୍ଟନର ଆନ୍ଦ୍ରେ ଗୋରାନସନ ସିଧାସଳଖ ଡେଭିଡ୍ ପେଲ୍ ଓ ଫେବ୍ରିସ ମାର୍ଟିନଙ୍କୁ ପରାସ୍ତ କରି ଏଠାରେ ଚାଲିଥିବା ଇଣ୍ଡିଆନ ୱେଲ୍ସ ମାଷ୍ଟର୍ସ ଟେନିସ ଟୁର୍ନାମେଣ୍ଟର ପ୍ରି-କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଇଣ୍ଡୋ-ସ୍ୱିଡିଶ ଯୋଡ଼ି ଓପନିଂ ରାଉଣ୍ଡରେ ଫ୍ରେଞ୍ଚ-ଡଚ୍ ଯୋଡ଼ିକୁ ୬-୧, ୬-୩ ସେଟ୍‌ରେ ହରାଇ ଦେଇଛନ୍ତି।

## ଆଜି ଭାରତ ଛାଡ଼ିବେ ୱେଷ୍ଟଇଣ୍ଡିଜ୍, ଦ. ଆଫ୍ରିକା ଦଳ

**କୋଲକାତା, ୯।୩(ପି.ଟି.)**

ଆମେରିକା, ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ କାରଣରୁ ମିଡିଲ ଇଷ୍ଟରେ ବିମାନ ଚଳାଚଳ ଉପରେ ଲଗାଯାଇଥିବା କଟକଣା ଯୋଗୁ ୱେଷ୍ଟଇଣ୍ଡିଜ୍ ଓ ଦକ୍ଷିଣ ଆଫ୍ରିକା କ୍ରିକେଟ ଦଳ ପ୍ରାୟ ଏକ ସପ୍ତାହ ହେଲା ଭାରତରେ ଫଶି ରହିଛନ୍ତି। ଉଭୟ ଦଳ ମଙ୍ଗଳବାର ସେମାନଙ୍କ ସ୍ୱଦେଶ ଫେରିବେ ବୋଲି ସୂଚନା ମିଳିଛି। ମିଳିଥିବା ସୂଚନା ମୁତାବକ, ୱେଷ୍ଟଇଣ୍ଡିଜ୍ କୋଚ୍ ଡାରେନ ସାମି ସୋମବାର ସିଙ୍ଗାପୋର ଦେଇ ସ୍ୱଦେଶ ଫେରିବେ ବୋଲି ଆଶା କରାଯାଉଛି। ତାଙ୍କ ଦଳର ଅନ୍ୟ ସଦସ୍ୟ ଏକ ଚାର୍ଟାର୍ଡ ଫ୍ଲାଇଟ୍ ଯୋଗେ ମଙ୍ଗଳବାର ସ୍ୱଦେଶ ଫେରିବେ। ଅନ୍ୟପକ୍ଷରେ କେଶବ ମହାରାଜ, ଜର୍ଜ ଲିଣ୍ଡେ, ଜାସନ ସ୍ମିଥ ପ୍ରମୁଖ ୩ ଦକ୍ଷିଣ ଆଫ୍ରିକୀୟ ଖେଳାଳି ଏକ ଦ୍ୱିପାକ୍ଷିକ ସିରିଜ୍ ଲାଗି ନ୍ୟୁଜିଲାଣ୍ଡ ଅଭିମୁଖେ ଯାତ୍ରା କରିଛନ୍ତି। ଆସନ୍ତା ୧୫ ତାରିଖରୁ ଦୁଇ ଦଳ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ଖେଳାଯିବ। ଉଲ୍ଲେଖଯୋଗ୍ୟ ଯେ, ୱେଷ୍ଟଇଣ୍ଡିଜ୍ ଦଳ ମାର୍ଚ୍ଚ ୧ ତାରିଖରେ ଭାରତଠାରୁ ସୁପର-୮ ପର୍ଯ୍ୟାୟରେ ଓ ଦକ୍ଷିଣ ଆଫ୍ରିକା ୪ ତାରିଖରେ ନ୍ୟୁଜିଲାଣ୍ଡଠାରୁ ସେମିଫାଇନାଲରେ ପରାସ୍ତ ହୋଇ ଟି୨୦ ବିଶ୍ୱକପ୍‌ରେ ଅଭିଯାନ ଶେଷ କରିବା ସତ୍ତ୍ୱେ କୋଲକାତାରେ ଫଶି ରହିଥିଲେ।

**ଏଏଫ୍‌ସି ମହିଳା ଏସିଆ କପ୍**

## ଭାରତ ଆଜି ଚାଇନିଜ ତାଇପେକୁ ଭେଟିବ

**ସିଡ୍‌ନୀ, ୯।୩ (ପି.ଟି.)**

ଭାରତୀୟ ମହିଳା ଫୁଟ୍‌ବଲ ଦଳ ଏଠାରେ ଚାଲିଥିବା ଏଏଫ୍‌ସି ମହିଳା ଏସିଆନ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଗ୍ରୁପ୍ 'ସି'ର ଏକ ମ୍ୟାଚରେ ଚାଇନିଜ ତାଇପେ ସହ ମୁକାବିଲା କରିବ। ଭାରତ ବର୍ତ୍ତମାନ ଗ୍ରୁପ୍ ଟେବୁଲରେ ସର୍ବନିମ୍ନ ଚତୁର୍ଥ ସ୍ଥାନରେ ରହିଛି। ଦଳ ପୂର୍ବରୁ ଭିଏତ୍‌ନାମ୍ (୧-୨) ଓ ଜାପାନ (୦-୧୧)ଠାରୁ ପରାଜିତ ହୋଇସାରିଛି। ଏହି ଦୁଇଟି ମ୍ୟାଚରୁ ସେ ଗୋଟିଏ ହେଲେ ପଏଣ୍ଟ ଅର୍ଜନ କରିପାରିନି। ଜାପାନ ୬ ପଏଣ୍ଟ ସହ ଗ୍ରୁପ୍ ଶୀର୍ଷରେ ରହିଥିବା ବେଳେ ଚାଇନିଜ ତାଇପେ ଓ ଭିଏତ୍‌ନାମ ପ୍ରତ୍ୟେକ ସମାନ ୩ ପଏଣ୍ଟ ସହ ଗ୍ରୁପ୍‌ରେ ଯଥାକ୍ରମେ ୨ୟ ଓ ୩ୟ ସ୍ଥାନରେ ରହିଛି। ଏହା ସତ୍ତ୍ୱେ 'ବ୍ଲୁ ଟାଇଗ୍ରେସ୍' ଦଳ ପାଇଁ କ୍ୱାର୍ଟରଫାଇନାଲରେ ପ୍ରବେଶ ଲାଗି ଏକ ସୁଯୋଗ ରହିଛି। ପ୍ରଥମତଃ ଦଳକୁ ଦୁଇ କିମ୍ବା ତା'ଠାରୁ ଅଧିକ ଗୋଲ ବ୍ୟବଧାନରେ ଚାଇନିଜ ତାଇପେକୁ ହରାଇବାକୁ ପଡ଼ିବ। ଦ୍ୱିତୀୟତଃ ଜାପାନ ମଙ୍ଗଳବାର ଭିଏତ୍‌ନାମକୁ ପରାସ୍ତ କରିବାକୁ ପଡ଼ିବ। ଏପରି କି ଗୋଟିଏ ଗୋଲ୍ ବ୍ୟବଧାନରେ ବିଜୟ ଲାଭ କଲେ ମଧ୍ୟ ଯଥେଷ୍ଟ ହେବ। ତେବେ ବାଂଲାଦେଶ ଓ ଉଜବେକିସ୍ତାନ ମ୍ୟାଚ ଡ୍ର' ଭାବେ ଶେଷ ହେବା ଉଚିତ। ଟୁର୍ନାମେଣ୍ଟର ନିୟମାନୁସାରେ ତିନୋଟି ଗ୍ରୁପରୁ ଶ୍ରେଷ୍ଠ ଦୁଇ ଦଳ କ୍ୱାର୍ଟରଫାଇନାଲ ଖେଳିବା ପାଇଁ ଯୋଗ୍ୟତା ଅର୍ଜନ କରିପାରିବେ। ଏହାଛଡ଼ା ତୃତୀୟ ସ୍ଥାନ ଅଧିକାର କରିଥିବା ଶ୍ରେଷ୍ଠ ଦୁଇ ଦଳ ମଧ୍ୟ କ୍ୱାର୍ଟରଫାଇନାଲରେ ପ୍ରବେଶ କରିବେ।

## ଶରିମଙ୍କ ୯ ବଲ୍‌ରେ ଅର୍ଦ୍ଧଶତକ

**ଟିଲୋ କପ୍**

**୯ ବଲ୍‌ରୁ ୯ ଛକା ମାରିଲେ ମହମ୍ମଦ ଶରିମ**

**ସେମିରେ କୋଲକାତା, ହାଇଦ୍ରାବାଦ**

**ବନ୍ତ, ୯।୩(ହରିନାରାୟଣ ମହାନ୍ତି)**

ଭଦ୍ରକ ଜିଲା ବନ୍ତ ବ୍ଲକର ଟିଲୋସ୍ଥିତ ହନୁମାନ ଜୀଉ ଷ୍ଟାଡିୟମ୍‌ରେ ଚାଲିଥିବା ଟିଲୋ କପ୍ ଟି୨୦ କ୍ରିକେଟ ଟୁର୍ନାମେଣ୍ଟରେ ସୋମବାର ମାତ୍ର ୯ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରି ଚର୍ଚ୍ଚାକୁ ଆସିଛନ୍ତି ନେସ୍କେଜ ହାଇଦ୍ରାବାଦର ମହମ୍ମଦ ଶରିମ। ସେ ନଏଡାର ଜେପି ସ୍ପୋର୍ଟ୍ସ ବିପକ୍ଷରେ ୯ବଲ୍‌ରୁ ୯ ଛକା ମାରି ଏହି ସଫଳତା ପାଇଛନ୍ତି।

କ୍ଲବ କ୍ରିକେଟରେ ଏହା ଘଟିଥିଲେ ମଧ୍ୟ ଶରିମଙ୍କ ଏହି ସଫଳତାକୁ ଯୁଗ୍ମ ଦ୍ରୁତତମ ବୋଲି ଆୟୋଜକଙ୍କ ପକ୍ଷରୁ ଦାବି କରାଯାଇଛି। ରେକର୍ଡ ଅନୁସାରେ ଅନ୍ତର୍ଜାତୀୟ କ୍ରିକେଟରେ ନେପାଳର ଦୀପେନ୍ଦ୍ର ସିଂ ଆଇରି ୨୦୨୩ରେ ଏସିଆନ ଗେମ୍ସରେ ମଙ୍ଗୋଲିଆ ବିପକ୍ଷ ମ୍ୟାଚ୍‌ରେ ୯ ବଲରେ ଅର୍ଦ୍ଧଶତକ ପୂରଣ କରିଥିଲେ। ସେ ଏହି ଇନିଂସରେ ୮ ଛକା ମାରିଥିଲେ।

ନେସ୍କେଜ ହାଇଦ୍ରାବାଦ ଓ ଜେ.ପି. ସ୍ପୋର୍ଟ୍ସ ନଏଡା ମଧ୍ୟରେ ଦିବସର ୨ୟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ହାଇଦ୍ରାବାଦ ୨୦ ଓଭରରେ ୭ ଉଇକେଟ ହରାଇ ୨୭୩ ରନ୍ କରିଥିଲା। ଦଳ ପକ୍ଷରୁ ମହମ୍ମଦ ଶରିମ ୧୮ ବଲ୍‌ରୁ ୮୦ ରନ ସ୍କୋର କରିଥିଲେ। ନିଶାନ୍ତ ଯାଦବ ୬୧ ଓ ରାହୁଲ ରାଜ୍ ୩୨ ରନ୍ କରିଥିଲେ। ଜବାବରେ ନଏଡା ୧୯.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୨୮ ରନ୍ କରି ହାରିଥିଲା। ଶରିମଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ହାଇଦ୍ରାବାଦ ଦଳ ସେମିଫାଇନାଲରେ ପ୍ରବେଶ କରିଛି। ତାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଛି। ଦିବସର ପ୍ରଥମ ମ୍ୟାଚରେ ଚଣ୍ଡିଗଡ଼ର ଲାଇଟର୍ନିଂ ଲିଜେଣ୍ଡକୁ ହରାଇ ଏ ଆଣ୍ଡ ଏସ୍ କୋଲକାତା ସେମିଫାଇନାଲରେ ପହଞ୍ଚିଛି। ଲାଇଟର୍ନିଂ ଲିଜେଣ୍ଡ ୨୦ ଓଭରରେ ୯ ଉଇକେଟ୍ ହରାଇ ୧୩୫ ରନ୍ କରିଥିଲା। କୋଲକାତା ୯.୧ ଓଭରରେ ୩ ଉଇକେଟ ହରାଇ ୧୪୧ ରନ୍ ସଂଗ୍ରହ କରି ନେଇଥିଲା। ଦଳ ପକ୍ଷରୁ ଦୀପାଂଶୁ ୪୮, ଅଲ୍‌ମାସ ସୌକତ ୩୭ ଓ ଋଷିକେଶ ତିୱାରୀ ୨୭ ରନ୍ କରିଥିଲେ। ପ୍ରତିପକ୍ଷ ଲାଇଟର୍ନିଂ ଲିଜେଣ୍ଡ ବୋଲର ଅଙ୍କିତ ନରୱାଲ ୩ ଓ ସାହିଲ ଚୋପ୍ରା ଗୋଟିଏ ଉଇକେଟ ନେଇଥିଲେ। ଦୀପାଂଶୁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଦିଆଯାଇଥିଲା।


ମହମ୍ମଦ ଶରିମ୍

## ଭାରତ-ସ୍କଟ୍‌ଲାଣ୍ଡ ମ୍ୟାଚ୍ ଡ୍ର

**ମହିଳା ହକି ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ**

**ହାଇଦ୍ରାବାଦ, ୯।୩ (ପି.ଟି.)**

ଚଳିତ ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ୍ ୨୦୨୬ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ପୁଲ୍ 'ବି'ରେ ଭାରତ ଓ ସ୍କଟ୍‌ଲାଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ୨-୨ରେ ଅମୀମାଂସିତ ଭାବେ ଶେଷ ହୋଇଛି। ଏହି ଫଳାଫଳ ପରେ ଉଭୟ ଦଳର ପଏଣ୍ଟ ସଂଖ୍ୟା ସମାନ ୪ ରହିଛି। ତେବେ ଗୋଲ୍ ବ୍ୟବଧାନ ଭିତ୍ତିରେ ଭାରତ ପୁଲ୍ ଟେବୁଲରେ ନମ୍ବର ୧ମ ସ୍ଥାନ ବଜାୟ ରଖିଛି। ଭାରତ ନବନୀତ କୌର (୧୮ତମ ମିନିଟ) ଓ ସୁନେଲିତା ଟପ୍ପୋ (୨୯ତମ)ଙ୍କ ଜରିଆରେ ଗୋଲ୍ ସ୍କୋର କରିଥିବା ବେଳେ ସ୍କଟଲାଣ୍ଡ ତରଫରୁ ହିଥର ମ୍ୟାକ୍‌ଇୱାନ (୬ଷ୍ଠ ମିନିଟ) ଓ ଫିଓନା ବର୍ନେଟ (୩୩ତମ) ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଭାରତ ପୂର୍ବରୁ ରବିବାର ଏହାର ପ୍ରଥମ ମ୍ୟାଚରେ ଉରୁଗୁଏକୁ ୪-୦ ଗୋଲ୍‌ରେ ପରାସ୍ତ କରିଥିଲା। ଭାରତ ବୁଧବାର ୱେଲ୍ସକୁ ଭେଟିବ।

## ଅଷ୍ଟ୍ରେଲିଆରେ ଶରଣାର୍ଥୀ ହେବା ଲାଗି ଇରାନ ମହିଳା ଫୁଟ୍‌ବଲରଙ୍କ ଆବେଦନ

**ପର୍ଥ, ୯।୩**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଅଷ୍ଟ୍ରେଲିଆକୁ ଇରାନର ଜାତୀୟ ମହିଳା ଫୁଟ୍‌ବଲ ଦଳର ସଦସ୍ୟାଙ୍କୁ ଆସାଇଲମ୍ ପ୍ରଦାନ କରିବାକୁ କହିଛନ୍ତି। ନହେଲେ ଇରାନ ଦଳକୁ ସ୍ୱଦେଶ ଫେରିବାକୁ ବାଧ୍ୟ କରାଗଲେ ସେମାନଙ୍କ ଜୀବନ ପ୍ରତି ବିପଦ ହୋଇପାରେ ବୋଲି ସେ ଚେତାବନୀ ଦେଇଛନ୍ତି। ଚଳିତ ଏଏଫ୍‌ସି ମହିଳା ଏସିଆନ କପ୍ ଟୁର୍ନାମେଣ୍ଟରେ ଇରାନ ଲଗାତର ୩ ପରାଜୟ ସହ ଅଭିଯାନ ଶେଷ କରିଛି। ହେଲେ ମଧ୍ୟପ୍ରାଚ୍ୟରେ ଦେଖାଦେଇଥିବା ଯୁଦ୍ଧ ପରିସ୍ଥିତି କାରଣରୁ ସେମାନେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିପାରୁ ନାହାନ୍ତି।

ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ ସୋସିଆଲରେ ଟ୍ରମ୍ପ ପୋଷ୍ଟ କରିଛନ୍ତି, ଇରାନର ଜାତୀୟ ମହିଳା ଫୁଟ୍‌ବଲ ଦଳକୁ ସ୍ୱଦେଶ ଫେରିବାକୁ ବାଧ୍ୟ କରାଯିବା ଅଷ୍ଟ୍ରେଲିଆର ଏକ ଭୟଙ୍କର ମାନବିକ ଭୁଲ। କାରଣ ସେଠାରେ ସେମାନଙ୍କ ଜୀବନ ପ୍ରତି ବିପଦ ରହିଛି। ଏହା କର ନାହିଁ। ଏହା ବଦଳରେ ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ସେମାନଙ୍କୁ ଆସାଇଲମ ଯୋଗାଇ ଦିଅନ୍ତୁ। ଯଦି ତୁମେ ଏହା କରିବ ନାହିଁ ତେବେ ଆମେରିକା ସେମାନଙ୍କୁ ନେଇଯିବ।

ଅନ୍ୟପକ୍ଷରେ ଇରାନ ମହିଳା ଦଳର ୫ ଖେଳାଳି ଟ୍ରେନିଂ କ୍ୟାମ୍ପ ଛାଡ଼ି ଅଷ୍ଟ୍ରେଲିଆରେ ସଫଳତାର ସହିତ ଶରଣାର୍ଥୀ ହେବା ପାଇଁ ଆବେଦନ କରିଥିବା ନେଇ ପ୍ରିନ୍ସ ରେଜା ପହଲାଭି କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ